# ଧରିତ୍ରୀ

DHARITRI

ସମ୍ବଲପୁର, ଶନିବାର, ଅଗଷ୍ଟ ୨୪/୨୦୧୯ (୧୬ ପୃଷ୍ଠା + ପିଲାଙ୍କ ଧରିତ୍ରୀ) Sambalpur, Saturday, August 24 / 2019 ★★

୧୫ଶ ଭାଗ ୨୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



### ପଦକ ନିଶ୍ଚିତ କଲେ ସାଇ ପ୍ରଣୀଥ୍

ଭାରତର ବି. ସାଇ ପ୍ରଣୀଥ୍ ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପଦକ ନିଶ୍ଚିତ କରିଛନ୍ତି।

୧୫ ୦୨

### 'ବାଲାକୋଟ-ଦି ଟ୍ରୁ ଷ୍ଟୋରି'ରେ ବିବେକ

ଅଭିନେତା ବିବେକ ଓବେରୟ ବାଲାକୋଟ ଏୟାରଷ୍ଟ୍ରାଇକ୍ ଉପରେ ନିର୍ମାଣ ହେବାକୁ ଯାଉଥିବା ଫିଲ୍ମରେ ଅଭିନୟ କରିବେ ।





ଶୁକ୍ରବାର ପୂର୍ବାହ୍ନରେ ପ୍ରବଳ ବର୍ଷା ଯୋଗୁ ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖ ରାସ୍ତା ଉପରେ ଅଣ୍ଟେ ଉଚ୍ଚର ପାଣି ।

## ପୁରୀର ବିକାଶ ପାଇଁ ୫୦୦ କୋଟି ଟଙ୍କା | ନିର୍ମାଣ ହେବ ଟ୍ରମ୍ପେଟ୍ ସେତୁ, ହ୍ରଦ

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ପୁରୀର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକଳ୍ପ ଯୋଜନା କରିଛନ୍ତି। ଏଥିନିମନ୍ତେ ୫୦୦କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ଏହି ଅର୍ଥରେ ରାଜ୍ୟର ପ୍ରଥମ ଆଧୁନିକ ଟ୍ରମ୍ପେଟ୍ ସେତୁ ନିର୍ମାଣ ହେବ। ତାହାର ନାମ ରହିବ 'ଶ୍ରୀ ସେତୁ'। ଏହା ମାଳତୀପାଟପୁରରୁ ଜଗନ୍ନାଥ ବଲ୍ଲଭ ମଠକୁ ସଂଯୋଗ କରିବ। ଏଥିପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଯାତ୍ରୀମାନେ ଏହି ସେତୁ ମାଧ୍ୟମରେ ଜଗନ୍ନାଥବଲ୍ଲଭ ମଠରେ ସିଧା ପହଞ୍ଚିପାରିବେ। ସେଠାରେ ବହୁତଳ ପାର୍କିଂ ବ୍ୟବସ୍ଥା କରାଯିବ। ଏହାସହିତ ଯାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯଥା ୧୦ ହଜାର ଲୋକଙ୍କ ଲାଗି ଧ୍ୟାନ କେନ୍ଦ୍ର ନିର୍ମାଣ ସାଙ୍ଗକୁ ଦୋକାନ ବଜାରର ବ୍ୟବସ୍ଥା କରାଯିବ। ଏଥିଲାଗି ୧୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ମୂଷା ନଦୀର ପୁନରୁଦ୍ଧାର କରାଯାଇ ଏହାକୁ ମଙ୍ଗଳା ନଦୀ ସହିତ ସଂଯୋଗ କରାଯିବ। ମୂଷା ନଦୀର ପରିବେଶରେ ଉନ୍ନତି ଅଣାଯିବ ଏବଂ ତାହାକୁ ରିଭରଫ୍ରଣ୍ଟ ପର୍ଯ୍ୟଟନ ଭାବେ ବିକାଶ କରାଯିବ। ଏଥିଲାଗି ୮୫ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ପୁରୀଠାରେ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨୮ ଏକର ଜମିରେ ଏକ ହ୍ରଦର ବିକାଶ କରାଯିବ। ଲୋକସେବା ଭବନଠାରେ ଶୁକ୍ରବାର



ଟ୍ରମ୍ପେଟ୍ ସେତୁର ନକ୍ସା

■ ମୂଷା ନଦୀରେ ରିଭରଫ୍ରଣ୍ଟ ପର୍ଯ୍ୟଟନ



**ପୁରୀବାସୀଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ**

ପୃଷ୍ଠା-୪

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ୫ କୋଟି ଟଙ୍କାରେ ଅଠରନଳାର ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ କରାଯିବ। ଏଥିପାଇଁ ଏଏସ୍‌ଆଇର ସହଯୋଗ ନିଆଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୁରୀକୁ ବିଶ୍ୱ ଐତିହ୍ୟନଗରୀ ଭାବରେ ଗଢ଼ିତୋଳିବା ପାଇଁ ସେଠାରେ ଭିତ୍ତିଭୂମିର ବିକାଶ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହାସହିତ ଶ୍ରୀମନ୍ଦିରର ନିରାପତ୍ତା ଅତ୍ୟନ୍ତ ଜରୁରୀ। ଶ୍ରୀମନ୍ଦିର ସୁରକ୍ଷା ସହିତ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ। ଶ୍ରୀମନ୍ଦିର ନିରାପତ୍ତା ଜୋନ୍ ମଧ୍ୟରେ ଆସୁଥିବା ମଠ, ଦୋକାନ, ଘର ହଟାଯିବ। ସରକାର ଦୋକାନ ପାଇଁ ଦୋକାନ ଓ ଘର ପାଇଁ ଘର ଯୋଗାଇଦେବା ସହିତ ଥଇଥାନ ପ୍ୟାକେଜ କାର୍ଯ୍ୟକାରୀ କରିବେ। ଯେଉଁ ମଠଗୁଡ଼ିକୁ ସ୍ଥାନାନ୍ତର କରାଯିବ ତାହାର କୀର୍ତ୍ତିଗୁଡ଼ିକର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ଜଗନ୍ନାଥଙ୍କ ନୀତି ସହିତ ମଠଗୁଡ଼ିକର ସ୍ୱତନ୍ତ୍ର ସମ୍ପର୍କ ରହିଛି। ତେଣୁ ମଠଗୁଡ଼ିକର କ୍ଷତି ନ ହେବା ଦିଗରେ ସରକାର ଯତ୍ନବାନ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁରୀରେ ଥିବା ତୀର୍ଥ ପୁଷ୍କରିଣୀ ଯଥା ଶ୍ୱେତଗଙ୍ଗା, ମାର୍କଣ୍ଡ, ନରେନ୍ଦ୍ର ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର କରାଯିବା ସହିତ ଐତିହ୍ୟସ୍ଥଳୀର ସଂରକ୍ଷଣ କରାଯିବ। ଏହିସବୁ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ପ୍ରକଳ୍ପ ଦାୟିତ୍ୱ ନେବ। ବୈଠକରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ।







ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

**ନିରୁତ୍ସାହିତ ବାବୁ**

**ଆଜିର ମନ୍ତବ୍ୟ**

" ଆମେରିକା ପକ୍ଷରୁ ଆଂଶିକ ଭାବେ ସୁରକ୍ଷା ବଳ ପ୍ରତ୍ୟାହାର କରାଗଲେ ଆଫଗାନିସ୍ତାନ ପ୍ରଭାବିତ ହେବନାହିଁ।

**-ଅଶ୍ରଫ୍ ଗନି, ଆଫଗାନିସ୍ତାନ ରାଷ୍ଟ୍ରପତି**

**କିଛି ତଥ୍ୟ**

ଚଳିତ ବର୍ଷ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ୯୭୫ ଲକ୍ଷ ହେକ୍ଟର ଜମିରେ ଖରିଫ ଚାଷ ହୋଇଛି। ଏହା ଗତ ବର୍ଷ ସମାନ ସମୟ ତୁଳନାରେ ପ୍ରାୟ ୨% କମ୍।

**-କୃଷି ମନ୍ତ୍ରଣାଳୟ**

■ ନୀତି ଆୟୋଗ ଉପାଧ୍ୟକ୍ଷଙ୍କ ବିସ୍ଫୋରକ ବୟାନ

# ଖରାପ ସ୍ଥିତିରେ ଭାରତୀୟ ଅର୍ଥନୀତି

ନୂଆଦିଲ୍ଲୀ,୨୩।୮

କେନ୍ଦ୍ର ସରକାରଙ୍କ ଥିଙ୍କ ଟ୍ୟାଙ୍କ କୁହାଯାଉଥିବା ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ଦେଶର ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ନେଇ ଗୁରୁବାର ବିସ୍ଫୋରକ ବୟାନ ଦେଇଛନ୍ତି। ଆର୍ଥିକ କ୍ଷେତ୍ରରେ ବର୍ତ୍ତମାନ ଦେଖାଦେଇଥିବା ସ୍ଥିତି ଉପରେ ମତବ୍ୟକ୍ତ କରି ସେ କହିଛନ୍ତି ଯେ, ଏଭଳି ଅବସ୍ଥା ଦୀର୍ଘ ୭୦ ବର୍ଷ ଭିତରେ ଦେଖାଯାଇ ନ ଥିଲା। ସମ୍ପୂର୍ଣ୍ଣ ସେକ୍ଟର ଦୋହଲିଯାଇଛି। କେହି କାହାକୁ ଭରସା କରିପାରୁନାହାନ୍ତି। ଏହାର ମୁକାବିଲା ଲାଗି ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ହେବ। ସରକାର ଅନେକଗୁଡ଼ିଏ ପଦକ୍ଷେପ ସମ୍ପର୍କରେ ବିଚାର କରୁଛନ୍ତି। ଅନ୍ୟପକ୍ଷରେ ଦେଶର ଅର୍ଥନୀତି ଅଭିବୃଦ୍ଧି ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ବିଭିନ୍ନ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ଏହାଦ୍ୱାରା ନଗଦ ସଙ୍କଟ ଦୂର ହେବା ସହିତ ଚାହିଦା ବୃଦ୍ଧି ପାଇବାକୁ ଯାଉଛି।

ଏକ କାର୍ଯ୍ୟକ୍ରମରେ ଯୋଗଦେଇ କୁମାର କହିଛନ୍ତି ଯେ, ଆର୍ଥିକ କ୍ଷେତ୍ରରେ ଜାରି ସଙ୍କଟର ପ୍ରଭାବ ଏବେ ଦେଶର ବିକାଶ ଉପରେ ପଡୁଥିବା ଲକ୍ଷ୍ୟ କରାଯାଇଛି। ଦୀର୍ଘ ୭୦ ବର୍ଷ ଭିତରେ ଆର୍ଥିକ ଅତ୍ୟନ୍ତ ଖରାପ ହୋଇଛି। ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା କର(ଜିଏସ୍‌ଟି) କାରଣରୁ ଆରମ୍ଭ ହୋଇଥିବା ନଗଦ ସଙ୍କଟ ଏବେ ଉତ୍କଟ ରୂପ ଧାରଣ କରିଛି। ତେବେ ଏବେ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ ପାଇଁ ସେ ପୂର୍ବର ଉପା ସରକାରଙ୍କୁ ଦାୟୀ କରିଛନ୍ତି। ୨୦୦୯-୧୪ ମଧ୍ୟରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଆଖିବୁଜା ଋଣ ବଣ୍ଟନ କରାଯିବା ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତାଙ୍କର କହିବାନୁଯାୟୀ, ଏହି ସମୟରେ ଦିଆଯାଇଥିବା ଋଣ ବ୍ୟାପକ ହାରରେ ଏନ୍‌ପିଏ(ଅନାଦାୟ ଋଣ) ହୋଇଯାଇଛି। ଫଳରେ ବ୍ୟାଙ୍କଗୁଡ଼ିକ ନୂଆ ଋଣ ଦେବାର କ୍ଷମତା ହରାଇଛନ୍ତି। ଅର୍ଥନୀତିକୁ ନେଇ ବିସ୍ଫୋରକ ବୟାନ ଦେବାର ଚବିଶ ଘଣ୍ଟା ନ ପୁରୁଣୁ ରାଜୀବ କୁମାର ନିଜ ବକ୍ତବ୍ୟରୁ ଓହରିଯାଇଛନ୍ତି। ଟୁଇଟ୍ ଜରିଆରେ ସଫେଇ ଦେଇ ସେ କହିଛନ୍ତି ଯେ, ତାଙ୍କ ବୟାନକୁ ମିଡିଆରେ ଭୁଲ୍ ଭାବେ ଉପସ୍ଥାପନ କରାଯାଇଛି।

**ସୀତାରାମନ୍‌ଙ୍କ ମାନ୍ଦାବସ୍ଥା ଦୂରେଇବା ଉଦ୍ୟମ**



ଖବରଦାତା ସମ୍ମିଳନୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ।

ଅନ୍ୟପକ୍ଷରେ ଦେଶର ଅର୍ଥନୀତିକୁ ମାନ୍ଦାବସ୍ଥାରୁ ବାହାର କରିବା ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଏକାଧିକ ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିବାଦ୍ୱାରା ଉଦ୍ୟୋଗ ଓ ବ୍ୟାଙ୍କିଙ୍ଗ ସିଷ୍ଟମରେ ଅଧିକ ନଗଦ ପ୍ରବେଶ ସମ୍ଭବ ହେବ। ଦେଶର ଆର୍ଥିକ ସ୍ଥିତି ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ସୀତାରାମନ୍ ଶୁକ୍ରବାର ଏଠାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ସାରା ବିଶ୍ୱ ଏବେ ମାନ୍ଦାବସ୍ଥାର ସାମ୍ନା କରୁଛି। ତେବେ ବିଶ୍ୱ ମୁକାବିଲାରେ ଭାରତର ଅର୍ଥନୀତି ଭଲ ସ୍ଥିତିରେ ରହିଛି। ବିଶ୍ୱରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ବୁଝିବାକୁ ହେବ। ଆର୍ଥିକ ସଂସ୍କାର ଏକ ନିରନ୍ତର ପ୍ରକ୍ରିୟା ଏବଂ ଦେଶରେ କ୍ରମାଗତ ଆର୍ଥିକ ସଂସ୍କାର ଧାରା ଜାରି ରହିଛି। ଭାରତର ଅର୍ଥନୀତି ଅନ୍ୟ ଦେଶ ତୁଳନାରେ ଅଧିକ ଉନ୍ନତ। ଏହି ଅବସରରେ ସେ କହିଛନ୍ତି ଯେ, ଏଣିକି ଟିକସ ନୋଟିସ କେନ୍ଦ୍ରୀୟ ସିଷ୍ଟମ ମାଧ୍ୟମରେ ଦିଆଯିବ ଏବଂ କାହାକୁ ହଇରାଣ କରାଯିବ ନାହିଁ। ଅକ୍ଟୋବର ପହିଲାରୁ ☞ପୃଷ୍ଠା-୪

**ପ୍ରମୁଖ ଘୋଷଣା**

- ■ ଶେୟାର ବଜାରରେ କ୍ୟାପିଟାଲ ଗେନ୍‌ରୁ ସରଚାର୍ଜ ହଟିଲା
- ■ ଷ୍ଟାର୍ଟଅପ୍ ଟ୍ୟାକ୍ସ ସମାଧାନ ପାଇଁ ସ୍ୱତନ୍ତ୍ର ସେଲ୍ ଗଠନ ହେବ
- ■ ଋଣ ଆବେଦନକୁ ଅନ୍‌ଲାଇନରେ ନଜର ରଖିହେବ
- ■ ଋଣ ଫେରସ୍ତ ହେବାର ୧୫ ଦିନ ଭିତରେ ବନ୍ଧକ କାଗଜପତ୍ର ଫେରସ୍ତ
- ■ ରେପୋ ରେଟ ସହ ସୁଧ ହାରକୁ ଯୋଡାଯିବ
- ■ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଦିଆଯିବ ୭୦ ହଜାର କୋଟି
- ■ ଡିମ୍ୟାଟ୍ ଆକାଉଣ୍ଟକୁ ଆଧାରଯୁକ୍ତ କେୱାଇସି
- ■ ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କିଣାଯାଇଥିବା ବିଏସ୍-୪ ଗାଡ଼ି ବୈଧ ହେବ
- ■ ଇଲେକ୍ଟ୍ରିକ ଓ ଇସିଭି ରେଜିଷ୍ଟ୍ରେଶନ ଜାରି ରହିବ
- ■ ୩୦ ଦିନ ଭିତରେ ଜିଏସ୍‌ଟି ରିଫଣ୍ଡ

■ ଏଫ୍‌ଏଟିଏଫ୍ ଏସିଆ-ପାସିଫିକ୍ ଗ୍ରୁପ୍‌ର ବଡ଼ କାର୍ଯ୍ୟାନୁଷ୍ଠାନ

## ପାକିସ୍ତାନ କଳାତାଲିକାଭୁକ୍ତ

ନୂଆଦିଲ୍ଲୀ,୨୩।୮

**ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ରୋକିବାରେ ବିଫଳ ହୋଇଛି ଇସ୍‌ଲାମାବାଦ**

ଆତଙ୍କବାଦ ଲାଗି ପାଣ୍ଠି ଯୋଗାଣକୁ ଲଗାମ ଲଗାଇବାରେ ବିଫଳ ହୋଇଥିବା ପାକିସ୍ତାନର ଅର୍ଥନୈତିକ ଭାଗ୍ୟାକାଶରେ ଘନକଳା ବାଦଲ ଘୋଟିଆସିଛି। ବିଶ୍ୱସ୍ତରୀୟ ଅର୍ଥନୈତିକ ନିରୀକ୍ଷଣକାରୀ ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ଏସିଆ ପାସିଫିକ୍ ଡିଭିଜନ୍ ଶୁକ୍ରବାର ପାକିସ୍ତାନକୁ କଳାତାଲିକାଭୁକ୍ତ କରିଛି। ଅକ୍ଟୋବର ସୁଦ୍ଧା ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ରୋକିବା ପାଇଁ ଏଫ୍‌ଏଟିଏଫ୍ ଇସ୍‌ଲାମାବାଦକୁ ଚେତାବନୀ ଦେଇଛି। ଫଳରେ ଇସ୍‌ଲାମାବାଦ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି।

୨୦୧୮ ଜୁନ୍‌ରୁ ଏଫ୍‌ଏଟିଏଫ୍‌ର ଧୂସର ତାଲିକା (ଗ୍ରେ ଲିଷ୍ଟ)ରେ ରହିଆସିଥିବା ପାକିସ୍ତାନକୁ ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ଓ ମନିଲଣ୍ଡରିଂ ରୋକିବା ଲାଗି ୧୫ ମାସିଆ ମହଲତ ଦିଆଯାଇଥିଲା। ଏଥିରେ ୨୭ଟି ବିନ୍ଦୁ ଉପରେ ପଦକ୍ଷେପ ନେବାକୁ ଏଫ୍‌ଏଟିଏଫ୍ ପକ୍ଷରୁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା। ପଦକ୍ଷେପ ନ ନେଲେ ପରିଣାମ ଭୋଗିବ ବୋଲି ପାକିସ୍ତାନକୁ ଚେତାବନୀ ମଧ୍ୟ ଦିଆଯାଇଥିଲା। ହେଲେ ଏହି କ୍ଷେତ୍ରରେ ୪୦ ମାପଦଣ୍ଡ ମଧ୍ୟରୁ ୩୨ଟିରେ ପାକିସ୍ତାନ ବିଫଳ ହୋଇଛି। ଫଳରେ ଏହି ସଂସ୍ଥାର ଏସିଆ-ପାସିଫିକ୍ ଗ୍ରୁପ୍ କଳାତାଲିକା (ଏନ୍‌ହାନ୍ସଡ୍ ବ୍ଲାକ୍ ଲିଷ୍ଟ)ରେ ସ୍ଥାନିତ କରିଛି। ଅଷ୍ଟ୍ରେଲିଆ ରାଜଧାନୀ କାନ୍‌ବେରାରେ ୨ ଦିନ ଧରି ଚାଲିଥିବା ବାର୍ଷିକ ସାଧାରଣ ବୈଠକରେ ଏନେଇ ୭ ଘଣ୍ଟା ଧରି ଆଲୋଚନା ହୋଇଥିଲା। ପାକିସ୍ତାନର ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟଙ୍କ ନେତୃତ୍ୱରେ ୧୦ ସଦସ୍ୟ ବିଶିଷ୍ଟ ପ୍ରତିନିଧି ଦଳ ଏଥିରୁ ବର୍ତ୍ତିଯିବା ପାଇଁ ଅନେକ ଉଦ୍ୟମ କରିଥିଲେ। ହେଲେ ଜାତିସଂଘ ପକ୍ଷରୁ ଘୋଷିତ ଆତଙ୍କବାଦୀଙ୍କ ବିରୋଧରେ ଇସ୍‌ଲାମାବାଦ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେନେଇ ସେମାନେ ୪୧ ସଦସ୍ୟ ବିଶିଷ୍ଟ ବିସ୍ତୃତ ବୈଠକରେ କୌଣସି ପ୍ରକାରେ ବୁଝାଇ ପାରି ନ ଥିଲେ। ଏହି ବଡ଼ କାର୍ଯ୍ୟାନୁଷ୍ଠାନ ପରେ ଅକ୍ଟୋବରରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ହେବାକୁ ଥିବା ଏଫ୍‌ଏଟିଏଫ୍‌ର ବିସ୍ତୃତ ବୈଠକରେ କଳାତାଲିକାଭୁକ୍ତ ହେବା ଚ୍ୟାଲେଞ୍ଜରୁ ମୁକୁଳିବା ପାକିସ୍ତାନ ପାଇଁ ଏବେ ସବୁଠୁ ବଡ଼ ଆହ୍ୱାନ ପାଲଟିଛି। ପାକିସ୍ତାନକୁ କଳାତାଲିକାଭୁକ୍ତ କରିବା ପାଇଁ ଭାରତ ପକ୍ଷରୁ ପୂର୍ବରୁ ଏଫ୍‌ଏଟିଏଫ୍‌କୁ ଅନୁରୋଧ କରାଯାଇଥିବାରୁ ସଦ୍ୟ ପଦକ୍ଷେପକୁ ନୂଆଦିଲ୍ଲୀର କୂଟନୈତିକ ବିଜୟ ବୋଲି କୁହାଯାଉଛି।

■ ଜାତୀୟ ରାଜପଥରେ ୩ ହାତୀ ମୃତ୍ୟୁ ଘଟଣା

## ବସ୍, ଟ୍ରକ ଡ୍ରାଇଭର କୋର୍ଟଚାଲାଣ

ଘଟଗାଁ, ୨୩।୮(ଡି.ଏନ.ଏ.)

**ଓଡ଼ିଶା ମୁଖ୍ୟ ବନ ସଂରକ୍ଷକଙ୍କ ପକ୍ଷରୁ ତଦନ୍ତ ଆରମ୍ଭ**

କେନ୍ଦୁଝର ଜିଲା ଘଟଗାଁ ବନାଞ୍ଚଳ ଅଧୀନ ୨୦ନମ୍ବର ଜାତୀୟ ରାଜପଥର କାଳିଯୋଡିଠାରେ ଗତ ୨୧ ତାରିଖ ବିଳମ୍ବିତ ରାତିରେ ସିରିଜ ସଡକ ଦୁର୍ଘଟଣା ଘଟି ବସ୍ ଓ ଟ୍ରକ ଧକ୍କାରେ ୩ଟି ହାତୀ ମୃତ୍ୟୁବରଣ କରିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ହାତୀ ମୃତ୍ୟୁ ଘଟଣାରେ ଐରାବତ ବସ୍‌ର ଡ୍ରାଇଭର ରବୀନ୍ଦ୍ର କୁମାର ମହାନ୍ତ ଏବଂ ଟ୍ରକ ଡ୍ରାଇଭର ବିକାଶ ନାଏକଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଓଡ଼ିଶା ମୁଖ୍ୟ ବନ ସଂରକ୍ଷକ ( ବନ୍ୟପ୍ରାଣୀ) ଅଜୟ ମହାପାତ୍ର ଘଟଗାଁ ଆସି ରାଉରକେଲାର ଆରପିଏଫ ଲିଙ୍ଗରାଜ ଓତା, କେନ୍ଦୁଝର ଡିଏଫଓ ସନ୍ତୋଷ କୁମାର ଯୋଶୀଙ୍କ ସହ ଦୁର୍ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସେମାନେ ତଦନ୍ତ ସାରି ଆନନ୍ଦପୁର ଆଡେ ଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ହାତୀଙ୍କ ସୁରକ୍ଷା ଲାଗି ବନାଞ୍ଚଳ ତରଫରୁ ଘଟଗାଁ, ଢେଙ୍କିକୋଟ ଓ ଦେଓବନ୍ଧ ଅଞ୍ଚଳ ସକାଶେ ୩ଟି ପୃଥକ୍ ଟିମ୍ ଗଠନ କରାଯାଇଛି। ହାତୀପଲ ଚଳାଚଳ କରୁଥିବା ଅଞ୍ଚଳ ବୁଲିବା ଲାଗି ସେମାନଙ୍କୁ ସ୍ୱତନ୍ତ୍ର ଯାନ ଯୋଗାଇ ଦିଆଯାଇଛି। ସେହିପରି ଆପ୍ ଓ ସାଟେଲାଇଟ୍ ମାଧ୍ୟମରେ ହାତୀଙ୍କ ଗତିବିଧି ନିରୀକ୍ଷଣ କରାଯାଉଥିଲା କି ନାହିଁ ତାହାକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଟ୍ରକ ଚଳାଚଳ ଉପରେ ଇତିମଧ୍ୟରେ ଯୋଡା ଖଣିମଣ୍ଡଳ କର୍ତ୍ତୃପକ୍ଷ ପ୍ରାଥମିକ ଭାବେ କଟକଣା ଜାରି କରିଥିବା ଜଣାପଡ଼ିଛି।

## ଡାକ୍ତରଖାନାରୁ ଚିକିତ୍ସାଧୀନ ବନ୍ଦୀ ଫେରାର

ବରଗଡ଼ ଅଫିସ,୨୩।୮

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ବିଚାରାଧୀନ ବନ୍ଦୀ ଗୁରୁବାର ବିଳମ୍ବିତ ରାତ୍ରିରେ ଫେରାର ହୋଇଯାଇଛନ୍ତି । ଫେରାର ବନ୍ଦୀ ଜଣକ ହେଲେ ବରପାଲିର ନକୁଳ ମାଝି । ପୋଲିସ ତାଙ୍କୁ ଖୋଜାଖୋଜି କରୁଛି । ମାତ୍ର ଖବର ଲେଖାହେବା ସୁଦ୍ଧା ତାଙ୍କର ପତ୍ତା ମିଳିପାରିନାହିଁ । ଜେଲ କର୍ମଚାରୀଙ୍କ ସୁରକ୍ଷା ବଳୟରେ ରହି ଚିକିତ୍ସାଧୀନ ଥିବାବେଳେ ହତ୍ୟା, ଗୁଳିକାଣ୍ଡ ଭଳି ଅପରାଧରେ ସମ୍ପୃକ୍ତ ଜଣେ ବିଚାରାଧୀନ ବନ୍ଦୀ ଫେରାର୍ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।



ଫେରାର ଥିବା ବିଚାରାଧୀନ ବନ୍ଦୀ ।

ଏହି ଘଟଣାରେ କାହା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇଛି କି ବୋଲି ବରଗଡ଼ ସବଜେଲ୍ ଅଧୀକ୍ଷକ ନୀଳିମା କୁଲୁଙ୍କୁ ପଚାରିବାରୁ ଘଟଣାକୁ ନେଇ ତଦନ୍ତ ଚାଲିଛି ଏବଂ ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

ପ୍ରକାଶ ଯେ, ଗୁରୁବାର ପୂର୍ବାହ୍ନରେ ନକୁଳଙ୍କ ସମେତ ଅନ୍ୟ କେତେକ ବନ୍ଦୀଙ୍କୁ ବିଚାରପତିଙ୍କ ସମ୍ମୁଖରେ ହାଜର କରିବା ପାଇଁ ସ୍ଥାନୀୟ ସବ୍‌ଜେଲରୁ କୋର୍ଟକୁ ନିଆଯାଇଥିଲା । ପୋଲିସ ସୁରକ୍ଷା ବଳୟରେ ନକୁଳ ରହିଥିଲେ ମଧ୍ୟ ଏକ ଧାରୁଆ ସାମଗ୍ରୀରେ ନିଜ ହାତ ଓ ଶରୀରର ଅନ୍ୟ କିଛି ଅଂଶକୁ କାଟି ଦେଇଥିଲେ। ଏହାପରେ ପୋଲିସ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲା। ଜେଲ କର୍ମଚାରୀଙ୍କ ସୁରକ୍ଷା ବଳୟରେ ସେ ସେଠାରେ ଚିକିତ୍ସାଧୀନ ଥିଲେ । ମାତ୍ର ବିଳମ୍ବିତ ରାତ୍ରିରେ ସମ୍ପୃକ୍ତ ଜେଲ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ନକୁଳ ଫେରାର ହୋଇ ଯାଇଥିଲେ। ଏ ନେଇ ସ୍ଥାନୀୟ ଟାଉନ ଥାନାକୁ ସୂଚନା ଦେବା ପରେ ପୋଲିସ ଫେରାର ଅଭିଯୁକ୍ତଙ୍କୁ ଖୋଜାଖୋଜି କରୁଛି । ସୂଚନାଯୋଗ୍ୟ, ଗତ ଜୁନ ୯ତାରିଖରେ ଜମୁର୍ଡ଼ା ଗ୍ରାମରେ ସଂଘଟିତ ଗୁଳିକାଣ୍ଡ ଓ ହତ୍ୟା, ଜୁନ ୨ତାରିଖରେ ବରପାଲିରେ ମହଦା ସରପଞ୍ଚଙ୍କୁ ପିସ୍ତଲ ଦେଖାଇ ଧମକ ଦେବା ମାମଲାରେ ଅଭିଯୁକ୍ତ ଭାବେ ନକୁଳ ଗିରଫ ହୋଇ ବିଚାରାଧୀନ ବନ୍ଦୀ ଭାବେ ଥିଲେ ।







23.08.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 63 | 110 | 120 |
| CTC | 63 | 110 | 120 |
| DKL | 63 | 110 | 120 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 63 | 110 | 120 |
| BHM | 642 | 109 | 119 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers



ସୁପରଷ୍ଟାର ଆମିର ଖାନ୍‌ଙ୍କ କନ୍ୟା ଇରା ଖାନ୍ 'ୟୁରିପାଇଡ୍ସ ମିଡିଆ' ଶୀର୍ଷକ ଥିଏଟର ପ୍ରଡକ୍ସନରେ ପ୍ରଥମକରି ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ଏକ ଦୁଃଖାନ୍ତ ଗ୍ରୀକ୍ କାହାଣୀ ଉପରେ ପ୍ରସ୍ତୁତ ହେଉଥିବା ଏହି ପ୍ଲେ ଦେଶର କେତେକ ବଛାବଛା ସହରରେ ପ୍ରଦର୍ଶିତ ହେବ।

# ପ୍ରିୟଙ୍କା ବ୍ୟକ୍ତିଗତ ମତ ଦେଇପାରିବେ: ଜାତିସଂଘ



**ଜତିସଂଘ:** ୟୁନିସେଫ୍ ଗୁଡୱିଲ୍ ଆମ୍ବାସାଡର (ସଦିଚ୍ଛାମୂଳକ ରାଷ୍ଟ୍ରଦୂତ)ଭାବେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କର ବ୍ୟକ୍ତିଗତ ମତ ଦେବା ଅଧିକାର ରହିଛି ବୋଲି ଜାତିସଂଘ ମୁଖପାତ୍ର ପ୍ରକାଶ କରିଛନ୍ତି। ପ୍ରିୟଙ୍କା ଭାରତୀୟ ବାୟୁସେନାକୁ ଉତ୍ସାହିତ କରିବାଭଳି ଏକ ଟୁଇଟ୍ କରିବା ପରେ ପାକିସ୍ତାନ ପକ୍ଷରୁ ତାଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା। ତାଙ୍କୁ ଉପରୋକ୍ତ ପଦରୁ ହଟାଇଦେବା ପାଇଁ ଜାତିସଂଘରେ ଆବେଦନ କରାଯାଇଥିଲା। ୟୁନିସେଫ୍‌ର ଗୁଡୱିଲ୍ ଆମ୍ବାସାଡରମାନେ ସେମାନଙ୍କ ବ୍ୟକ୍ତିଗତ ଦକ୍ଷତା ବଳରେ ନିଜ ଦେଶର ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗ ଉପରେ ମତ ଦେବାର ଅଧିକାର ସେମାନଙ୍କର ରହିଛି ବୋଲି ଜାତିସଂଘର ମହା ସଚିବ ଆଣ୍ଟୋନିଓ ଗୁଟେରେସଙ୍କ ମୁଖପାତ୍ର ଷ୍ଟିଫାନେ ଡୁଜାରିକ୍ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି ସେମାନଙ୍କର ବ୍ୟକ୍ତିଗତ ମତ ୟୁନିସେଫ୍ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। କିନ୍ତୁ ସେମାନେ ୟୁନିସେଫ୍ ତରଫରୁ କହୁଥିବାବେଳେ ଉକ୍ତ ସଂସ୍ଥାର ପ୍ରମାଣଭିତ୍ତିକ ପକ୍ଷପାତହୀନ ସ୍ଥିତି ଉପରେ ପ୍ରାଧାନ୍ୟ ଦେବା ଉଚିତ। ପ୍ରିୟଙ୍କା ଫେବୃୟାରୀ ୨୬ରେ 'ଜୟ ହିନ୍ଦ୍ #ଇଣ୍ଡିଆନ୍ ଆର୍ମଡ ଫୋର୍ସେସ୍' ଭଳି ଏକ ବିବୃତି ଲେଖି ଏହା ଉପରେ ଭାରତୀୟ ପତାକା ଓ ନମସ୍ତେ ଲେଖି ଟୁଇଟ୍ କରିଥିଲେ। ତାଙ୍କର ଏହି ଟୁଇଟ୍ ପାଇଁ ତାଙ୍କୁ ଜାତିସଂଘର ଆମ୍ବାସାଡର ପଦରୁ ହଟାଇଦେବା ପାଇଁ ହଜାର ହଜାର ଦସ୍ତଖତ ସମ୍ବଳିତ ପତ୍ର ଅନଲାଇନ୍ ଯୋଗେ ଆବେଦନ କରାଯାଇଥିଲା। ଭାରତୀୟ ସଶସ୍ତ୍ର ସେନାକୁ ସମର୍ଥନ କରି ଟୁଇଟ କରିବା ଅଭିଯୋଗରେ ପାକିସ୍ତାନର ମାନବିକ ଅଧିକାର ମନ୍ତ୍ରୀ ଶିରୀନ ମଜାରୀ ଚଳିତ ସପ୍ତାହରେ ଜାତିସଂଘକୁ ଏକ ପତ୍ର ଲେଖି ଉକ୍ତ ପଦବୀରୁ ପ୍ରିୟଙ୍କାକୁ ହଟାଇଦେବା ପାଇଁ ଅନୁରୋଧ କରିଥିଲେ। ପ୍ରିୟଙ୍କା ଏଭଳି ଟୁଇଟ କରି ପାକିସ୍ତାନ ବିରୋଧରେ ଯୁଦ୍ଧକୁ ଉସୁକାଉଛନ୍ତି ବୋଲି ଶିରୀନ ଅଭିଯୋଗ କରିଛନ୍ତି।

ଇତିହାସର ଆଇନାରେ

## ଅଗଷ୍ଟ ୨୪ର ପ୍ରମୁଖ ଘଟଣା

୧୯୪୯ ଅଗଷ୍ଟ ୨୪ରେ ନର୍ଥ ଆଟଲାଣ୍ଟିକ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ଚୁକ୍ତି କାର୍ଯ୍ୟକାରୀ ହୋଇଥିଲା। ଏହାକୁ ମଧ ଉତ୍ତର ଆଟଲାଣ୍ଟିକ ମେଣ୍ଟ କୁହାଯାଏ।

୨୦୦୪ ଅଗଷ୍ଟ ୨୪ରେ ମସ୍କୋ ନିକଟବର୍ତ୍ତୀ ଡୋମୋଡେଡୋଭୋରୁ ଦୁଇଟି ବିମାନ ଉଡାଣ କରିବାପରେ ଏଗୁଡିକରେ ବିସ୍ଫୋରଣ ଘଟିବାରୁ ୮୯ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଚେଚ୍‌ନିଆର ଦୁଇଜଣ ଆତ୍ମଘାତୀ ଏହି ବିସ୍ଫୋରଣ ଘଟାଇଥିଲେ।

# 'ବାଲାକୋଟ-ଦି ଟ୍ରୁ ଷ୍ଟୋରି'ରେ ବିବେକ



**ମୁମ୍ବାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାୟୋପିକ୍ ପରେ ଅଭିନେତା ବିବେକ ଓବେରୟ ବାଲାକୋଟ ଏୟାରଷ୍ଟ୍ରାଇକ୍ ଉପରେ ନିର୍ମାଣ ହେବାକୁ ଯାଉଥିବା ଫିଲ୍ମରେ ଅଭିନୟ କରିବେ। ବାଲାକୋଟର ଆତଙ୍କବାଦୀ ଶିବିର ଉପରେ ଭାରତୀୟ ବାୟୁସେନାର ଆକାଶମାର୍ଗରୁ ଆକ୍ରମଣ ଭଳି ଏକ ସତ୍ୟକାହାଣୀ ଆଧାରିତ ଫିଲ୍ମ ନିର୍ମାଣ ପାଇଁ ବିବେକ ପ୍ରସ୍ତୁତ ଥିବା କହିଛନ୍ତି।

'ବାଲାକୋଟ-ଦି ଟ୍ରୁ ଷ୍ଟୋରି' ଶୀର୍ଷକ ଏହି ଫିଲ୍ମ ହିନ୍ଦୀ, ତାମିଲ ଓ ତେଲୁଗୁ ଭାଷାରେ ନିର୍ମାଣ ହେବାକୁ ଯାଉଛି। ଏହି ତ୍ରିଭାଷୀ ଫିଲ୍ମରେ ଭାରତୀୟ ବାୟୁସେନାର ବାସ୍ତବ ତଥ୍ୟ, ସାହସିକତା, ବଳିଷ୍ଠ ରାଜନୈତିକ ଇଚ୍ଛାଶକ୍ତି ସମେତ ରଣକୌଶଳ ଯୋଜନା ଆଦି ପ୍ରଦର୍ଶିତ ହେବ ବୋଲି ଫିଲ୍ମ ନିର୍ମାତା ଏକ ବିବୃତିରେ ପ୍ରକାଶ କରିଛନ୍ତି। ଏଥିରେ ମଧ ବୀର ଯବାନ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ଅପୂର୍ବ ସାହସିକତାର କାହାଣୀ ସ୍ଥାନ ପାଇବ। ବର୍ଥମାନ ଉଡାଉଥିବା ବାୟୁସେନା ବିମାନକୁ ପାକିସ୍ତାନୀ ସେନା ଆକ୍ରମଣ କରି ତଳକୁ ଖସାଇଦେବା ପରେ ସେ ଆକାଶଛତା ଯୋଗେ ପାକିସ୍ତାନ ମାଟିରେ ଓହ୍ଲାଇଥିଲେ। ଶତ୍ରୁସେନା ତାଙ୍କୁ ଧରିନେଇ ୩ଦିନ ନିଜ କବ୍‌ଜାରେ ରଖିଥିଲେ। ସେହି ସମୟରେ ତାଙ୍କ ପ୍ରତି କିପରି ବ୍ୟବହାର ପ୍ରଦର୍ଶନ କରାଯାଇଥିଲା ତାହା ମଧ ଉକ୍ତ କାହାଣୀରେ ସ୍ଥାନ ପାଇବ। ଏ ସମ୍ପର୍କରେ ଓବେରୟ କହନ୍ତି, 'ଅଭିନନ୍ଦନଙ୍କ ସଫଳତାରେ ପ୍ରତ୍ୟେକ ଭାରତୀୟ ଗର୍ବିତ। ଆମ ସଶସ୍ତ୍ର ସେନା ବାସ୍ତବରେ କେତେ ଦକ୍ଷ ତାହାକୁ ପ୍ରଚାର ପ୍ରସାର କରିବା ଜଣେ ଭାରତୀୟ, ଦେଶପ୍ରେମୀ ଏବଂ ଫିଲ୍ମ ଭ୍ରାତୃତ୍ୱ ସଦସ୍ୟ ଭାବେ ଏହା ମୋର କର୍ତ୍ତବ୍ୟ।'

ଏହି ଫିଲ୍ମ ନିର୍ମାଣ ପାଇଁ ବାସ୍ତବ ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କ ସହାୟତା ନିଆଯିବ ବୋଲି ନିର୍ମାତା ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଫେବୃୟାରୀରେ ପୁଲୱାମାଠାରେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ନିହତ ହେବା ପରେ ଭାରତୀୟ ବାୟୁସେନା ଏହାର କଡା ଜବାବ ଦେବାକୁ ଯାଇ ବାଲାକୋଟସ୍ଥିତ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଶିବିର ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲା। ବାଲାକୋଟ ଉପରେ ଆକାଶମାର୍ଗରୁ ଆକ୍ରମଣ ଭାରତୀୟ ବାୟୁସେନାର ଅନ୍ୟତମ ଯୋଜନାବଦ୍ଧ ବିଷୟ ଥିଲା ବୋଲି ଓବେରୟ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମର ଶୁଟିଂ ଜମ୍ମୁ-କଶ୍ମୀର, ଦିଲ୍ଲୀ ଓ ଆଗ୍ରାରେ ହେବ। ଚଳିତ ବର୍ଷ ଶେଷସୁଦ୍ଧା ଏହା ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେବା ସମ୍ଭାବନା ଅଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ବର୍ଷା ହେବାର ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୧ | ୨୪.୦ |
| ଚାନ୍ଦବାଲି | ୩୨.୨ | ୨୪.୨ |
| କଟକ | ୨୯.୪ | ୨୪.୦ |
| ପାରାଦ୍ୱୀପ | ୩୧.୬ | ୨୫.୨ |
| ଭୁବନେଶ୍ୱର | ୩୦.୦ | ୨୫.୮ |
| ଗୋପାଳପୁର | ୩୩.୦ | ୨୭.୩ |
| ପୁରୀ | ୩୧.୪ | ୨୫.୦ |
| ଅନୁଗୋଳ | ୩୦.୧ | ୨୧.୦ |
| ବାରିପଦା | --- | ୨୪.୪ |
| ଝାରସୁଗୁଡ଼ା | ୩୧.୬ | ୨୫.୨ |
| କେନ୍ଦୁଝର | ୨୭.୯ | ୨୪.୩ |
| ସମ୍ବଲପୁର | ୩୩.୩ | ୨୫.୫ |
| ସୁନ୍ଦରଗଡ଼ | ୨୯.୦ | ୨୨.୦ |
| ହୀରାକୁଦ | ୩୦.୪ | ୨୬.୫ |
| ତାଲଚେର | ୩୨.୧ | ୨୩.୩ |
| ଭବାନୀପାଟଣା | ୩୨.୫ | ୨୫.୦ |
| ବଲାଙ୍ଗୀର | ୩୧.୫ | ୨୫.୫ |
| କୋରାପୁଟ | ୨୯.୬ | ୨୦.୨ |
| ଫୁଲବାଣୀ | ୨୮.୦ | ୨୨.୩ |
| ଟିଟିଲାଗଡ଼ | --- | ୨୨.୦ |
| ମାଲକାନଗିରି | ୨୭.୦ | ୧୮.୦ |
| ସୋନପୁର | ୩୨.୮ | ୨୨.୪ |
| ଦାରିଙ୍ଗିବାଡ଼ି | ୨୯.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍






# ଆଜିଠାରୁ ଭୁବନେଶ୍ୱର-ଜୁନାଗଡ଼ ସ୍ୱତନ୍ତ୍ର ଟ୍ରେନ

■ ଅଣସଂରକ୍ଷିତ ଟିକଟରେ ରହିବ ଓଡ଼ିଆ ଭାଷା

■ ଉଦ୍‌ଘାଟନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

କଳାହାଣ୍ଡିବାସୀଙ୍କ ପାଇଁ ଖୁସି ଖବର। ଭୁବନେଶ୍ୱରରୁ ଜୁନାଗଡ଼ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବେ ଚାଲିବ ଟ୍ରେନ୍। ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ଏକ୍ସପ୍ରେସ (ନଂ.୧୮୪୩୭-୧୮୪୩୮) ଶନିବାରଠାରୁ ଯାତ୍ରା ଆରମ୍ଭ କରିବ। ପୂର୍ବରୁ ହୀରାଖଣ୍ଡ ଏକ୍ସପ୍ରେସ ସହ ଯୋଡ଼ି ହୋଇ ଜୁନାଗଡ଼ ଯାଉଥିଲା ଟ୍ରେନ୍। ପ୍ରଥମେ ଟ୍ରେନ୍‌ଟି ରାୟଗଡା ପର୍ଯ୍ୟନ୍ତ ଯିବାପରେ ସେଠାରୁ ଅଲଗା ହୋଇ ଆଉଏକ ଇଞ୍ଜିନ ସହ ଜୁନାଗଡ ଯାତ୍ରା କରୁଥିଲା। ହେଲେ ଏଣିକି ସ୍ୱତନ୍ତ୍ର ଟ୍ରେନ୍ ସେବା ମିଳିବ। ଶନିବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଟ୍ରେନ୍‌କୁ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିବେ। ଏହାପରେ ଅପରାହ୍ନ ୪ଟା ୩୦ରେ ପ୍ରଥମେ ଟ୍ରେନ୍‌ଟି ଜୁନାଗଡ଼ଠାରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ।

ତେବେ ଟ୍ରେନ୍‌ଟି ପ୍ରତିଦିନ ଭୁବନେଶ୍ୱରରୁ ରାତି ୧୦ଟା ୩୫ରେ ବାହାରି ପରଦିନଦିନ ୧୧ଟା ୩୦ରେ ଜୁନାଗଡ଼ରେ ପହଞ୍ଚିବ। ସେହିପରି ଜୁନାଗଡ଼ ରୋଡ୍‌ରୁ ଅପରାହ୍ନ ୪ଟା ୩୦ରେ ଯାତ୍ରା ଆରମ୍ଭ କରି ପରଦିନ ସକାଳ ୬ଟା ୩୦ରେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଏଥିରେ ମୋଟ ୧୮ କୋଚ ରହିବ। ଏଥିମଧ୍ୟରୁ ଏସ୍‌ଏଲ୍‌ଆର୍ ବଗି ୨, ସାଧାରଣ ଦ୍ୱିତୀୟ ଶ୍ରେଣୀ ୫, ଦ୍ୱିତୀୟ ଶ୍ରେଣୀ ଏସି ୧, ତୃତୀୟ ଶ୍ରେଣୀ ଏସି ୩, ଯୁଗ୍ମ ଭାବେ ଦ୍ୱିତୀୟ ଶ୍ରେଣୀ ଏସି ଓ ତୃତୀୟ ଶ୍ରେଣୀ ଏସି ମିଶି ଗୋଟିଏ ବଗି ସହ ୭ ଶୟନଯାନ ରହିବ। ପୂର୍ବଭଳି ଏହି ଟ୍ରେନ୍‌ରେ କିନ୍ତୁ ପ୍ୟାଣ୍ଟ୍ରି କାର ରହିବ ନାହିଁ।

ଅନ୍ୟପକ୍ଷରେ ଶନିବାରଠାରୁ ଅଣସଂରକ୍ଷିତ ଟିକଟରେ ଓଡ଼ିଶା ଭାଷା ରହିବ। ରାଜ୍ୟର ସମସ୍ତ ଷ୍ଟେଶନରେ ଏହା ଉପଲବ୍ଧ ହେବ। ପୂର୍ବରୁ ଏହି ଟିକଟରେ କେବଳ ଇଂଲିଶ ଓ ହିନ୍ଦୀ ଭାଷାରେ ବିବରଣୀ ରହୁଥିଲା। ଏଣିକି ଏହି ଦୁଇ ଭାଷା ସହ ଓଡ଼ିଆ ରହିବାର ବ୍ୟବସ୍ଥା ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି କ'ଣ କେଉଁଠି

**ଲୋଇସିଂହା**

■ଚଳିତ ବର୍ଷର ମାଟ୍ରିକ ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ସଭା, ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ, ପୂର୍ବାହ୍ନ ୯ଟା।

**ବିଜେପୁର**

■ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା, ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସକାଳ ୮ଟା ।

**ସୁବର୍ଣ୍ଣପୁର**

■ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ ସକାଶେ ପଣ୍ଡିତ ମହାସଭା, ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଅପରାହ୍ନ ୪ଟା ।

**ସମ୍ବଲପୁର**

■ସମ୍ବଲପୁରୀ ପୁସ୍ତକ ହଜ୍ ହଜିଆର୍ ଦୁଇ ଭାଗ ଉନ୍ମୋଚନ, ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ପୂର୍ବାହ୍ନ ୧୦ଟା ।

■ଶ୍ରୀକୃଷ୍ଣ ଜନ୍ମ ଉପଲକ୍ଷେ ନନ୍ଦ ଉତ୍ସବ, ସାକ୍ଷୀପଡା ରାଧାମଦନ ଗୋପାଳ ମନ୍ଦିର, ପୂର୍ବାହ୍ନ ୧୦ଟା ।

■ଜାତୀୟ ଦଳଗତ ସଙ୍ଗୀତ ପ୍ରତିଯୋଗିତା, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ପୂର୍ବାହ୍ନ ସାଢ଼େ ୧୦ଟା ।

■ସମୁଦ୍ର ମନ୍ଥନ ଓ ବାମନ ଅବତାର ଶୀର୍ଷକ ପ୍ରବଚନ, ବସ୍ତି ମାରୱାଡି ପଞ୍ଚାୟତ ଧର୍ମଶାଳା, ଅପରାହ୍ନ ୩ଟା।

■ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ ବୈଠକ, ଝାଡୁଆପଡା ବ୍ରହ୍ମପୁରା ମନ୍ଦିର, ଅପରାହ୍ନ ସାଢ଼େ ୪ଟା।

**ବଲାଙ୍ଗୀର**

■ୱାନ୍ ଷ୍ଟପ୍ ସେଣ୍ଟର (ସଖୀ)ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ଭୀମଭୋଇ ମେଡିକାଲ କଲେଜ ହସପିଟାଲ, ଅପରାହ୍ନ ୪ଟା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ୫-ଟି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

## ସେପ୍ଟେମ୍ବର ୧୫ ଡେଡ୍ ଲାଇନ ରଖିଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ରାଜ୍ୟବାସୀଙ୍କୁ ସ୍ୱଚ୍ଛ ଏବଂ ଉତ୍ତମ ଶାସନ ଦେବା ପାଇଁ ୫-ଟି(ଟ୍ରାନ୍ସପରେନ୍ସି, ଟିମ୍‌ୱାର୍କ, ଟେକ୍ନୋଲୋଜି, ଟାଇମ୍ ଆଣ୍ଡ ଟ୍ରାନ୍ସଫରମେଶନ)କୁ କଡାକଡି ଲାଗୁ କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ଏହାକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ୨୦୨୦ ଅଗଷ୍ଟ ୧୫ ସୁଦ୍ଧା ସମସ୍ତ ସରକାରୀ ସେବା ଅନ୍‌ଲାଇନ କିମ୍ବା ସାଧାରଣ ସେବା କେନ୍ଦ୍ର ଜରିଆରେ କରାଯିବ। ଏପରି କି କେତେକ ସେବା ଲୋକଙ୍କ ପାଖରେ ପହଞ୍ଚାଇ ଦିଆଯିବ। ଏଥିସହିତ କର୍ମଚାରୀମାନଙ୍କ କର୍ଯ୍ୟଦକ୍ଷତା ଆଧାରରେ ଜାନୁୟାରୀ ୧ ତାରିଖ ସୁଦ୍ଧା ପଦୋନ୍ନତି ବ୍ୟବସ୍ଥା କରାଯିବ। ୫-ଟି କାର୍ଯ୍ୟଦକ୍ଷତା ପାଇଁ ବିଭାଗଗୁଡ଼ିକୁ ୨୦ ପ୍ରତିଶତ ଅତିରିକ୍ତ ଯୋଗ୍ୟତା ଭାବେ ବିବେଚନା କରାଯିବ।

ମୁଖ୍ୟମନ୍ତ୍ରୀ ଇତିମଧ୍ୟରେ 'ମୋ ସରକାର' ଯୋଜନା ଘୋଷଣା କରିଛନ୍ତି। ଲୋକଙ୍କ ଦ୍ୱାରକୁ ସରକାରୀ ଯୋଜନା ନେବା ପାଇଁ ଏଥିରେ ଗୁରୁତ୍ୱ ଦିଆଯିବ। ଏ ଦିଗରେ କି ଅଗ୍ରଗତି ହୋଇଛି ସେ ନେଇ ଆସନ୍ତା ୩୧ ତାରିଖରେ ଖାରବେଳ ଭବନଠାରେ ସଚିବସ୍ତରୀୟ ବୈଠକ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି।

# ଆଇଆର୍‌ସିଟିସିକୁ ମିଳିଲା ସମ୍ପୂର୍ଣ୍ଣ ସଂରକ୍ଷିତ ଟ୍ରେନ୍ ଟିକଟ ବ୍ୟବସ୍ଥା

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

ସଂରକ୍ଷିତ ଟ୍ରେନ୍ ଟିକଟ ବ୍ୟବସ୍ଥାକୁ ସହଜ କରିବା ଲାଗି ରେଲ୍‌ୱେ ପକ୍ଷରୁ ନୂଆ ନିଷ୍ପତ୍ତି ହୋଇଛି। ଇଣ୍ଡିଆନ ରେଲ୍‌ୱେ କ୍ୟାଟେରିଂ ଆଣ୍ଡ ଟୁରିଜିମ୍ କର୍ପୋରେଶନ (ଆଇଆର୍‌ସିଟିସି)କୁ ସଂରକ୍ଷିତ ଟ୍ରେନ୍ ଟିକଟ ବ୍ୟବସ୍ଥାର ସମ୍ପୂର୍ଣ୍ଣ କ୍ଷମତା ମିଳିଛି। ଏଥିସହ ଏହି ବ୍ୟବସ୍ଥାକୁ ରେଲ୍‌ୱେ ଆଇଟି ଶାଖାରୁ ଅଲଗା କରାଯାଇଛି। ସେହିପରି ଆଇଆର୍‌ସିଟିସି କେତେକ ନିର୍ଦ୍ଦିଷ୍ଟ ରୁଟ୍‌ରେ ରେଳଭଡ଼ା ଧାର୍ଯ୍ୟ କରିପାରିବ। ମଙ୍ଗଳବାର ରେଲ୍‌ୱେ ବୋର୍ଡ ପକ୍ଷରୁ ଏନେଇ ଏକ ଅର୍ଡର ପାରିତ ହେବା ସହ ଏନେଇ ଆଇଟି ଶାଖା ପକ୍ଷରୁ ଆଇଆର୍‌ସିଟିସିକୁ ରିପୋର୍ଟ କରିବାକୁ କୁହାଯାଇଛି।

ପୂର୍ବରୁ ଆଇଆରସିଟିସିକୁ କେବଳ ଅନ୍‌ଲାଇନ ଟିକଟ ବ୍ୟବସ୍ଥା ଓ କ୍ୟାଟେରିଙ୍ଗ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଏବେ ଟିକଟ ସଂରକ୍ଷଣ ବ୍ୟବସ୍ଥା ମିଳିଥିବାବେଳେ ଏଥିପାଇଁ ୯୦ଦିନ ଭିତରେ ଯୋଜନା ପ୍ରସ୍ତୁତ କରିବା ଲାଗି ରେଲ୍‌ୱେ ଆଇଟି ଶାଖା 'ସେଣ୍ଟର ଅଫ୍ ରେଲୱେ ଇନଫରମେଶନ ସିଷ୍ଟମ'କୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ନୂଆ ଟିକଟ ସଫ୍ଟୱେରରେ କାମ କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ଏକ ମିନିଟ୍‌ରେ ୨୪ ହଜାର ଟିକଟ କଟାଯାଇପାରୁଛି। ଏହାକୁ ଆହୁରି ବଢ଼ାଇବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ ନିଷ୍ପତ୍ତି ନିଆଯାଇଥିବା ଉକ୍ତ ଅର୍ଡରରେ ଉଲ୍ଲେଖ ରହିଛି। ଏଥିପାଇଁ ପରାମର୍ଶଦାତା ନିଯୁକ୍ତ କରି ବର୍ତ୍ତମାନ ଉପୁଜୁଥିବା ସମସ୍ୟାକୁ ବିଶ୍ଳେଷଣ କରିବାକୁ ଆଇଆର୍‌ସିଟିସିକୁ କୁହାଯାଇଛି। ତା'ସହ ସେମାନଙ୍କୁ ନୂଆ ଆଇଆର୍‌ସିଟିସି ପ୍ରଶାସନ ଅଧୀନରେ ନୂଆ ଯୋଜନା ପ୍ରସ୍ତୁତ କରି ବର୍ତ୍ତମାନର କୌଶଳ ବଦଳାଇବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଆଇଆର୍‌ସିଟିସିକୁ ରେଲ୍‌ୱେ ପକ୍ଷରୁ ଦୁଇଟି ତେଜସ ଏକ୍ସପ୍ରେସର ପରିଚାଳନା ଦାୟିତ୍ୱ ଦେଇଛି। ଏହି ଦୁଇ ବିଳାସପୂର୍ଣ୍ଣ ଟ୍ରେନ ନୂଆଦିଲ୍ଲୀ-ଲକ୍ଷ୍ନୌ ଓ ମୁମ୍ବାଇ-ଅହମ୍ମଦାବାଦ ମଧ୍ୟରେ ପାଇଲଟ ପ୍ରୋଜେକ୍ଟ ଭାବେ ଚଳାଚଳ କରିବ। ଏବେ ଏହି ଦୁଇ ଟ୍ରେନର ଭଡ଼ା ଆଇଆର୍‌ସିଟିସି ଧାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଛି।

# ଉପକୂଳ, ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ସମ୍ଭାବନା

■ ୨୭ ଯାଏ ହାଲକା ବର୍ଷା

■ ୨୮ରେ ଲଘୁଚାପ

■ ଦୁଇଘଣ୍ଟାରେ ରାଜଧାନୀ ଜଳାର୍ଣ୍ଣବ

■ ସ୍ୱାଭାବିକ ରହିଛି ମୌସୁମୀ ବର୍ଷା

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ଢେଙ୍କାନାଳ, ଯାଜପୁର, କଟକ, ଜଗତସିଂହପୁର, ପୁରୀ, ସୁନ୍ଦରଗଡ ଏବଂ ସମ୍ବଲପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ କେନ୍ଦ୍ରାପଡା, ମୟୂରଭଞ୍ଜ, ବାଲେଶ୍ୱର, ଅନୁଗୋଳ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲାକାନଗିରି, ଝାରସୁଗୁଡା ଏବଂ ଦେବଗଡ ଜିଲର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୭ ତାରିଖ ଯାଏ ଘୂର୍ଣ୍ଣିବଳୟ ଯୋଗୁ କାଁ ଭାଁ ବର୍ଷା ଲାଗି ରହିବ। ତେବେ ଆସନ୍ତା ୨୮ ତାରିଖ ବେଳକୁ ଓଡିଶା ଉପକୂଳରେ ଆଉ ଏକ ଲଘୁଚାପ ହେବାର ସମ୍ଭାବନା ରହିଛି।

ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି। ଚାନ୍ଦବାଲିରେ ସର୍ବାଧିକ ୫୭.୨ ପ୍ରତିଶତ ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୫୪,ସମ୍ବଲପୁର ୪୭, ଝାରସୁଗୁଡା ୨୪, ପୁରୀ ୧୭, ଗୋପାଳପୁର ୧୬.୩, ବାରିପଦା ୧୯, କେନ୍ଦୁଝର ୧୪.୫ ଏବଂ ତାଳଚେରରେ ୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଶୁକ୍ରବାର ରାଜଧାନୀ ଭୁବନେଶ୍ୱରେ ସକାଳ ୯ଟାରୁ ୧୨ଟା ଯାଏ ପ୍ରବଳ ବର୍ଷା ହୋଇଥିଲା। ଏଥିଯୋଗୁ ସହରର ବିଭିନ୍ନ ଅଞ୍ଚଳରେ ପାଣି ଲହଡି ମାରିଥିଲା। ଜଳ ନିଷ୍କାସନ ଡ୍ରେନ ଗୁଡିକୁ ଅବରୋଧ କରାଯିବାରୁ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ନୁଆପଲ୍ଲୀ ଇସ୍କନ ମନ୍ଦିର ନିକଟରେ ବନ୍ୟା ଜଳ ନିଷ୍କାସନ ହୋଇ ନ ପାରିବାରୁ ଦୀର୍ଘ ସମୟ ଧରି ପାଣି ଜମା ହୋଇ ରହିଥିଲା। ଫଳରେ ଯିବା ଆସିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ସେହିପରି ବେହେରା ସାହି, ଶାସ୍ତ୍ରୀ ନଗର, ଆଚାର୍ଯ୍ୟ ବିହାର, ସତ୍ୟ ବିହାର, ମଞ୍ଚେଶ୍ୱର, ସମେଇ ଗାଡିଆ, କଟକ-ପୁରୀ ରୋଡ ଓ ଅନ୍ୟାନ୍ୟ ଖାଲୁଆ ଅଞ୍ଚଳରେ ପାଣି ଜମି ରହିଥିଲା। ରାଜ୍ୟରେ ଜୁନ ପହିଲାରୁ ଅଗଷ୍ଟ ୨୩ ତାରିଖ ମଧ୍ୟରେ ମୌସୁମୀ ବର୍ଷା ସ୍ୱାଭାବିକ ରହିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଏହି ସମୟରେ ୮୪୭.୩ ମିଲିମିଟର ହେବା ସ୍ଥାନରେ ହୋଇଛି ୮୧୨ ମିଲିମିଟର। ଏହା ସତ୍ତ୍ୱେ ଦେବଗଡ ଜିଲାରେ ୩୩ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ଅନୁଗୋଳ ୨୫, ବାଲେଶ୍ୱର ୩୨ ଏବଂ ଗଜପତି ୨୯ ପ୍ରତିଶତ କମ ବର୍ଷା ହୋଇଛି।









ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଦିବ୍ୟାଂଶା
ପରିବାରବର୍ଗ


ଦିବ୍ୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୀବାସୀଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ପାଇଁ ୫୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିବା ପରେ ଏକ ବାର୍ତ୍ତା ସହରବାସୀଙ୍କ ପାଇଁ ଦେଇଛନ୍ତି। ସେ ଜୟ ଜଗନ୍ନାଥରୁ ଆରମ୍ଭ କରି କହିଛନ୍ତି, ଜଗନ୍ନାଥଙ୍କୁ ସ୍ମରଣ କରି କାର୍ଯ୍ୟ ଆରମ୍ଭ କଲେ ଶୁଭ ହୋଇଥାଏ। ଏହା ଓଡ଼ିଆ ଜାତିର ବିଶ୍ୱାସ। ପୁରୀ ହେଉଛି ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର। ମହାପ୍ରଭୁ ହେଉଛନ୍ତି ସମସ୍ତଙ୍କ ଆତ୍ମା। ଶହ ଶହ ବର୍ଷ ଧରି ମହାପ୍ରଭୁ ପାତାଳି ହୋଇ ରହିଥିଲେ। ବହୁ ବର୍ଷ ପବିତ୍ର ରଥଯାତ୍ରା ମଧ୍ୟ ବନ୍ଦ ହୋଇଯାଇଥିଲା। କିନ୍ତୁ ଓଡ଼ିଆ ଜାତିକୁ ତା'ର ଆତ୍ମା ମହାପ୍ରଭୁ ଜଗନ୍ନାଥଙ୍କଠାରୁ କେହି ଅଲଗା କରିପାରିନାହିଁ। ବିଶର ମହାନ୍ତିଙ୍କ ତ୍ୟାଗ ଏ ଜାତି କେବେହେଲେ ଭୁଲିନାହିଁ। ବର୍ତ୍ତମାନ ସାରା ବିଶ୍ୱ ପାଇଁ ଆତଙ୍କବାଦ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଆତଙ୍କବାଦର ଧର୍ମ ନାହିଁ। ବିଭିନ୍ନ ଧର୍ମ ଅନୁଷ୍ଠାନଗୁଡିକୁ ସେମାନେ ଟାର୍ଗେଟ କରୁଛନ୍ତି। ସେଥିଲାଗି ଶ୍ରୀମନ୍ଦିର ନିରାପତ୍ତା ପାଇଁ ଆସିଥିବା ସୁପାରିସକୁ କାର୍ଯ୍ୟକାରୀ କରିବା ନିତାନ୍ତ ଜରୁରୀ। ଏହାଦ୍ୱାରା କେତେକ ପରିବାର ପ୍ରଭାବିତ ହୋଇପାରନ୍ତି। ମାତ୍ର ଶ୍ରୀମନ୍ଦିର ନିରାପତ୍ତା ସକାଶେ ଏହି ତ୍ୟାଗ ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତ ପିଢିଙ୍କ ଲାଗି ଶ୍ରୀମନ୍ଦିର ସୁରକ୍ଷା ରଖିବା ନିତାନ୍ତ ଜରୁରୀ। ଏହା ଜଗନ୍ନାଥଙ୍କ ସେବା ଭାବି ସହଯୋଗ କରନ୍ତୁ। ଏହି ତ୍ୟାଗକୁ ସବୁବେଳେ ଓଡ଼ିଆ ଜାତି ମନେରଖିବ। ସ୍ଥାନାନ୍ତରିତ ପ୍ରକ୍ରିୟାରେ ଯେଉଁମାନଙ୍କ ଘର କିମ୍ବା ଦୋକାନ ଉଚ୍ଛେଦ ହେବ ସେମାନଙ୍କୁ ଠିକ୍ ଭାବରେ ଥଇଥାନ କରାଯିବ। ସେହିପରି ସିକ୍ୟୁରିଟି ଜୋନ୍ ମଧ୍ୟରେ ଆସୁଥିବା ମଠଗୁଡିକୁ ପୁଣିଥରେ ଗଢ଼ିବାରେ ରାଜ୍ୟ ସରକାର ପୂରା ସହଯୋଗ କରିବେ। ପ୍ରଥମ ପର୍ଯ୍ୟାୟରେ ଏଥିଲାଗି ୧୦୦ କୋଟି ଟଙ୍କା ରଖାଯାଇଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବାତ୍ୟା ଫନୀର ମାସେ ପରେ ପୁରୀ ଯାଇଥିଲି। ସେତେବେଳେ ମହାପ୍ରଭୁଙ୍କ ପବିତ୍ର ଧାମ ପୁରୀର ଅବସ୍ଥା ଦେଖି ବହୁତ କଷ୍ଟ ଲାଗିଥିଲା। ସେହିଦିନଠାରୁ ପୁରୀକୁ ବିଶ୍ୱ ଐତିହ୍ୟସ୍ଥଳୀ ଭାବେ ଗଢିବା ଲାଗି ସଂକଳ୍ପ ନେଇଥିଲି। ନିକଟରେ ପୁରୀର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ୨୬୫ କୋଟି ଟଙ୍କା ମଞ୍ଜୁର କରିଥିଲେ। ଶୁକ୍ରବାର ପୁଣିଥରେ ୫୦୦କୋଟି ଟଙ୍କା ମଞ୍ଜୁର କରାଯାଇଛି। ପୁରୀରେ ରାଜ୍ୟର ପ୍ରଥମ ଟ୍ରମ୍ପେଟ୍ ବ୍ରିଜ ତିଆରି ହେବ। ଜଗନ୍ନାଥ ଓଡ଼ିଶାର ସବୁଠାରୁ ବଡ ପରିଚୟ। ପୁରୀଧାମର ଗରିମା ବୃଦ୍ଧି ଦିଗରେ ହେଉଥିବା ଉଦ୍ୟମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଚାହିଁବା ସହ ସମସ୍ତଙ୍କ ଆଶୀର୍ବାଦ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବା କାରଣରୁ କାମଗୁଡ଼ିକ ଅଟକିବ ନାହିଁ। ସହକର୍ମୀ କିମ୍ବା ବନ୍ଧୁମାନଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ନିଜ ଲୋକଙ୍କ ପକ୍ଷପାତିତାକୁ ଦେଖି ବ୍ୟସ୍ତ ହେବେ।

**ବୃଷ** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟର ଗତି ମନ୍ଥର ହେବ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବାର ଆଶଙ୍କା ରହିଛି । ପରିବାରରେ ଭୁଲ୍ ବୁଝାମଣାରୁ ମନୋମାଳିନ୍ୟ ଘଟିପାରେ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** ଆଲୋଚନା ପରିସରରେ ସତର୍କତାର ସହ କଥାବାର୍ତ୍ତା ନ କଲେ ଅପଦସ୍ଥ ହୋଇପାରନ୍ତି। ସାୟାହ୍ନେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଅର୍ଥାଭାବ କେତେକ କାମକୁ ଅଟକାଇ ଦେଇପାରେ। ଆଜିର ଯାତ୍ରା ସମୟରେ କୌଣସି ଅଜଣା ବନ୍ଧୁଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ମଉଜିଆ କଥା କହି ଅନ୍ୟକୁ ଆପଣାର କରିବେ, ଯାହାକି କାମ ହାସଲରେ ସାହାଯ୍ୟ କରିବ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ । ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ, କିନ୍ତୁ ରାଜନୈତିକ ସ୍ଥିତି ସରଗରମ ରହିବ ।

**ସିଂହ** ଅଧିକାଂଶ ସମୟ ଆର୍ଥିକ ଅନଟନ, ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ପୁନଶ୍ଚ କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଦୀର୍ଘ ସମୟ ଅତିକ୍ରାନ୍ତ ପରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ମାନସିକ ସ୍ଥିତି ଭଲ ନ ଥିବା କାରଣରୁ ସବୁ ପ୍ରକାର ସୁବିଧା ଥାଇ ମଧ୍ୟ ଅଶାନ୍ତ ରହିବେ। ଅଧିକାଂଶ ସମୟରେ ଅପୂରଣୀୟ ଆଶା ମନରେ ନିରାଶା ଭାବ ସୃଷ୍ଟି କରିବ। ଅବଶ୍ୟ କେତେକ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗରୁ ଉତ୍ସାହିତ ହେବେ। ଗୃହସଜ୍ଜାରେ ମନୋନିବେଶ କରିବେ ଓ ପଡ଼ୋଶୀଙ୍କ ନିକଟରୁ ସାହାଯ୍ୟ ମଧ୍ୟ ପାଇବେ।

**ତୁଳା** ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଦିନ ଗୋଟାଏ ପରେ ଏକପ୍ରକାର ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହେବେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ବିଭିନ୍ନ ପ୍ରକାର ପାରିବାରିକ ସମସ୍ୟା ବିଷୟ ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ଆକସ୍ମିକ ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଧାର କରଜ କରି ଚଳାଇନେବେ। କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଆଜି ଦିନଟିରେ ପ୍ରତିଟି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ସଭାସମିତି, ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଲୋଚନା ଅବକାଶରେ କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଅଫିସ୍ କାମରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ।

**ମକର** ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନିଯୋଗ କରିବା ପାଇଁ ଚେଷ୍ଟା କରି ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ହଠାତ୍ ବନ୍ଧୁମାନଙ୍କ ଅନୁରୋଧକ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। ଜମିଜମା ବିବାଦର ସମାଧାନ ହେବା ସମ୍ଭାବନା ରହିଛି।

**କୁମ୍ଭ** ଆତ୍ମୀୟମାନଙ୍କ ସହଯୋଗରେ ସହଜ ଓ ସୁବିଧାରେ ଆଜିର କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅନ୍ୟମାନଙ୍କର ପ୍ରତିବନ୍ଧକ ଯୁକ୍ତ କାମ ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ପରିବାରରେ ପୁତ୍ରକନ୍ୟା ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** ଈର୍ଷାପରାୟଣ ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ନିର୍ମାଣ ଓ ପରିବହନରେ ସଫଳତା ହାସଲ କରିବେ ଓ ଜମା ଧନ ବୃଦ୍ଧି ପାଇବ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର କାର୍ଯ୍ୟକଳାପ ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ଶନିବାର, ବୈଷ୍ଣବ ସମ୍ମତ ଜନ୍ମାଷ୍ଟମୀ, ଶ୍ରୀମନ୍ଦିରରେ ନନ୍ଦୋତ୍ସବ, ବିଜୁଳିକନ୍ୟା ପୂଜା, ଅଗଷ୍ଟ ୨୪ ତାରିଖ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୪୬ମି. ଗତେ ଘ୧।୨୭ମି. ମଧ୍ୟେ, ଘ୨।୫୯ମି. ଗତେ ଘ୪।୩୬ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୧ମି. ଗତେ ଘ୮।୨୮ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୮।୪୦ମି. ଗତେ ଘ୧୦।୧୫ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଖରାପ ସ୍ଥିତିରେ ...

କେନ୍ଦ୍ରୀୟ ସିଷ୍ଟମ ଜରିଆରେ ନୋଟିସ ପଠାଯିବ। ଶେୟାର ଓ ମ୍ୟୁଚୁଆଲ ଫଣ୍ଡରେ ଲାଗୁ ହୋଇଥିବା ଲଙ୍ଗ ଟର୍ମ ଏବଂ ସର୍ଟ ଟର୍ମ କ୍ୟାପିଟାଲ ଗେନ୍ସ ଉପରେ ଅତିରିକ୍ତ ସରଚାର୍ଜକୁ ପ୍ରତ୍ୟାହାର କରାଯିବ। ଏହାସହ ଏଥିରୁ ମିଳୁଥିବା ଲାଭକୁ ଟିକସମୁକ୍ତ କରାଯାଇଛି। ସେହିପରି ଫରେନ ପୋର୍ଟଫୋଲିଓ ଇନ୍‌ଭେଷ୍ଟମେଣ୍ଟ(ଏଫ୍‌ପିଆଇ) ଉପରେ ଲାଗୁଥିବା ସରଚାର୍ଜ ପ୍ରତ୍ୟାହାର ହେବ। ଫଳରେ ବଜେଟ ପୂର୍ବ ସ୍ଥିତି ପୁଣି କାଏମ ରହିବ। କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍‌ଆର)କୁ ଏଣିକି ଆପରାଧିକ ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି। ତ୍ରୁଟିବିଚ୍ୟୁତି ପାଇଁ କେବଳ ସିଭିଲ ମାମଲା କରାଯିବ। ସୀତାରାମନ୍ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୭୦ ହଜାର କୋଟି ଟଙ୍କା ପ୍ରଦାନ କରାଯିବ। ଫଳରେ ସେମାନେ ସହଜରେ ଋଣ ଦେଇ ପାରିବେ। ବ୍ୟାଙ୍କଗୁଡ଼ିକର ସୁଧ ହାରକୁ ଆର୍‌ବିଆଇ ଦ୍ୱାରା ଘୋଷଣା ହେଉଥିବା ରେପୋ ରେଟ ସହ ଯୋଡାଯିବ। ଏହାଦ୍ୱାରା ସମସ୍ତ ପ୍ରକାର ଋଣ ଶସ୍ତା ହେବ। ଷ୍ଟାର୍ଟଅପ୍ ଟିକସର ସମାଧାନ ଲାଗି ସ୍ୱତନ୍ତ୍ର ସେଲ୍ ଗଠନ କରାଯିବ। ଋଣ ଆବେଦନଗୁଡ଼ିକୁ ଏଣିକି ଅନ୍‌ଲାଇନରେ ଦେଖିହେବ। ଋଣ ଫେରସ୍ତ ହେବା ୧୫ ଦିନ ଭିତରେ ସମସ୍ତ ବନ୍ଧକ କାଗଜପତ୍ର ଗ୍ରାହକଙ୍କୁ ଫେରାଇବାକୁ ହେବ। ଡିମ୍ୟାଟ୍ ଆକାଉଣ୍ଟ ଲାଗି ଆଧାରଯୁକ୍ତ କେୱାଇସି ବ୍ୟବସ୍ଥା ଲାଗୁ ହେବ। ଅଟୋ ସେକ୍ଟର ପାଇଁ ପ୍ରୋତ୍ସାହନ ଘୋଷଣା କରି ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଏଣିକି ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କିଣାଯାଇଥିବା ବିଏସ୍-୪ ଗାଡ଼ିକୁ ସରକାର ମାନ୍ୟତା ପ୍ରଦାନ କରିବେ। ଏହା ପଞ୍ଜୀକରଣ ଅବଧି ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଇଲେକ୍ଟ୍ରି ଓ ଇଣ୍ଟରନାଲ କମ୍ବଶନ ଭେହିକିଲ(ଇସିଭି)ର ରେଜିଷ୍ଟ୍ରେଶନ ଜାରି ରହିବ। ୱାନ୍ ଟାଇମ ରେଜିଷ୍ଟ୍ରେଶନ ଫିଜ୍‌କୁ ଜୁନ୍ ୨୦୨୦ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ବକେୟା ଜିଏସ୍‌ଟି ରିଫଣ୍ଡକୁ ୩୦ ଦିନ ଭିତରେ ପ୍ରଦାନ କରାଯିବ। ଷ୍ଟାର୍ଟଅପ୍‌ଙ୍କ ଠାରୁ ଆଞ୍ଜେଲ ଟିକସ ଆଦାୟ କରାଯିବ ନାହିଁ। ପୁରୁଣା ଗାଡ଼ି ବାଦ୍ ଦେବା ନେଇ ସରକାର ଖୁବଶୀଘ୍ର ଏକ ନୀତି ଘୋଷଣା କରିବେ। ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ଗାଡ଼ି ଉପରେ ୧୫% ଅତିରିକ୍ତ ଡେପ୍ରିସିଏଶନକୁ ସରକାର ଅନୁମତି ଦେଇଛନ୍ତି।

# ପ୍ରତିମାସ ୨୩ରେ ଛତୁଆ ମିଶ୍ରଣ, ୧ରେ ବଣ୍ଟନ

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ରାଜ୍ୟର ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ, ଗର୍ଭବତୀ ମହିଳା ଏବଂ ପ୍ରସୂତିଙ୍କ ଅତିରିକ୍ତ ପୁଷ୍ଟି ସାଧନ ପାଇଁ ଛତୁଆ ଯୋଗାଣ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଏବଂ ଉତ୍କୃଷ୍ଟ ମାନ ବଜାୟ ରଖିବା ପାଇଁ କେତେକ ନୂଆ ନିଷ୍ପତ୍ତି ହୋଇଛି। ପ୍ରତି ମାସର ୨୩ ତାରିଖକୁ ଛତୁଆ ମିଶ୍ରଣ ଦିନ ଭାବେ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସାରା ରାଜ୍ୟର ୩୩୮ ଆଇସିଡିଏସ୍ ପ୍ରକଳ୍ପ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଛତୁଆ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପୂର୍ବରୁ ଜାରି କରାଯାଇଥିବା ସଂଶୋଧିତ ଗାଇଡ୍‌ଲାଇନ୍ ଅନୁଯାୟୀ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ସିଡିପିଓ କିମ୍ବା ମିଶନଶକ୍ତିର ପ୍ରୋଗ୍ରାମ ଅଧିକାରୀଙ୍କ ଉପସ୍ଥିତିରେ ନିର୍ଦ୍ଧାରିତ ପରିମାଣର ସାମଗ୍ରୀ ମିଶ୍ରଣ କରି ଛତୁଆ ପ୍ରସ୍ତୁତ କରାଯାଇଛି। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ ପ୍ରତି ଜିଲାରେ ଚାଲିଥିବା ମିଶ୍ରଣ ପ୍ରକ୍ରିୟାରେ ସାମଗ୍ରୀର ମାନ, ଛତୁଆ ପ୍ରସ୍ତୁତି କେନ୍ଦ୍ରର ଭିତ୍ତିଭୂମି, ସ୍ୱଚ୍ଛତା, ବ୍ୟବହୃତ ଯନ୍ତ୍ର ସାମଗ୍ରୀର ଗୁଣବତ୍ତା, ପ୍ୟାକେଜିଂ ଆଦିକୁ ନିରୀକ୍ଷଣ ଏବଂ ତଦାରଖ କରାଯାଉଛି। କେନ୍ଦୁଝର ଜିଲାରେ ଜିଲାପାଳ ଉପସ୍ଥିତ ରହି ଏହି ଛତୁଆ ମିଶ୍ରଣ କାର୍ଯ୍ୟର ତଦାରଖ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଛତୁଆ ପ୍ରସ୍ତୁତି ପାଇଁ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୧ ବର୍ଷିଆ ଚୁକ୍ତିରେ ଚୟନ କରାଯାଇ ଛତୁଆ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି। ଗହମ, ବାଦାମ, ବୁଟ ଏବଂ ଚିନିର ମିଶ୍ରଣରେ ପ୍ରସ୍ତୁତ ଛତୁଆକୁ ୬ ମାସରୁ ୩ ବର୍ଷ ବୟସର ଶିଶୁ, ଗର୍ଭବତୀ, ପ୍ରସୂତି ଏବଂ ୩ରୁ ୬ ବର୍ଷର ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ଶୁଖିଲା ଖାଦ୍ୟ ଭାବେ ଯୋଗାଇ ଦିଆଯାଉଛି। ଏଣିକି ପ୍ରତିମାସ ୧ତାରିଖରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ମାତୃ କମିଟି ଓ ଯାଞ୍ଚ କମିଟି ଉପସ୍ଥିତିରେ ଛତୁଆ ବଣ୍ଟନ କରାଯିବ। ନିର୍ଦ୍ଧାରିତ ୨୩ ତାରିଖ ଛୁଟିଦିନ ହୋଇଥିଲେ ମଧ ସେହିଦିନ ହିଁ ଛତୁଆ ମିଶ୍ରଣ କରାଯିବ। ଶୁକ୍ରବାର ସାରା ରାଜ୍ୟରେ ଜନ୍ମାଷ୍ଟମୀ ପାଇଁ ସରକାରୀ ଛୁଟି ରହିଥିବାବେଳେ ଛତୁଆ ମିଶ୍ରଣ କରାଯାଇଛି। ଏହାଦ୍ୱାରା ଛତୁଆ ଯୋଗାଣ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଆସିବା ସହ ଉନ୍ନତମାନ ବଜାୟ ରଖିହେବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଆଶାବ୍ୟକ୍ତ କରିଛନ୍ତି। ଏହି ପ୍ରକ୍ରିୟା ସହ ଜଡ଼ିତ ସମସ୍ତ ଅଧିକାରୀ ଗାଇଡ୍‌ଲାଇନ୍‌ର ଅନୁପାଳନ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି।


# classifieds Everyday
0674-2580101, 2549302



**SALE**

4800 sft gharabari plot with house for sale at Pokhariput, Bhubaneswar. Contact Deepak: 9937329999. D-66287

Own sthitiban residential 1200 sqft. plot for sale. 9937816565, 9937568585. D-13942

Bhubaneswar Sundarpada Xavier backside sqft.135/- Gangapada 1200sqft. 36,00,000/- spot possession. 9348232008, 9938841730. D-66760

Booking 2BHK simplex 1500sqft. land 27,40,000/- Tankapani Road Sai Temple, Simplex BJEM-(2) 1200sqft. land 15,80,000/- 7735738102. D-13984

2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999. D-66282

2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617. D-13932

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66764

2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617. D-13934

ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740. D-67355

A best residential plot with gharabari/compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363. D-66944

Flats for sale at DHPL Crystal Raghunathpur Contact 9937059891, 8908292617. D-13933

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

ଭୁବନେଶ୍ୱର Tamando Kendriyavihar ଠାରେ 30ft yellowzone plot କିଣନ୍ତୁ ଏବଂ ପିପିଲିରେ sqft-380/-ରେ plot କିଣନ୍ତୁ। 9348767829. D-66765

Flat for sale of 3BHK flat at Patrapada (walkable distance from N.H), Bhubaneswar. Contact: 9861882233, 9437231479. D-14004

Private plot sale near DN Regalia Mall, Patrapada, Bhubaneswar. 899/-sqft. 9437335686, 7008487006. D-14019

Corner plot (5,200 sqft. approx., sthitiban status) with newly constructed three storied building with compound wall having two separate entry for vehicles on both sides. Suitable for Residence, Guest House, Holiday Home, Bank etc. Address: Jagannath Colony, near Railway Phatak, Puri-Konark Road, Puri- 752002 (Odisha) Approx. 2.5 km from Gundicha Mandir. Approx. roof area in Sqft.: 1st floor (1,500) + 2nd floor (1,500) + 3rd floor (500) + outhouse (540)= 4,040 Contact details: 9835532641, rajeshkrsarangi@gmail.com D-63781



Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980

Built your Residential & Commercial Project with best quality material @ 1349/- onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777. D-14018

**PURCHASE**

Wanted A 10 or 15 HP Generator. Contact: 7809525452, 8249851363. D-66947



6000 sqft open commercial land for rent at Khandagiri. 9437100949. D-66946

2BHK for rent at Chintamaniswar on 2nd floor @ Rs. 9000/- Phone: 0674314256, 9337712909. D-13943

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651. D-66763



Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

Experience full body massage with us (expert). Call: 7377048581, 06742597822. D-67359

**AFFIDAVIT**

By virtue of an affidavit before the Court of The Executive Magistrate, Angul I do hereby declare that I, Om Prakash Nimbal 47 S/o- Sadhu Ram, Permanent Address: 130 Bhanpur, Kaithal, Haryana- 136027, Present Address: Qtr. No. CD-5/6 (2nd floor) D Type Jindal Nagar, Angul, Odisha- 759111 and Om Prakash is same person. My actual name is Om Prakash Nimbal in all purposes. D-14010

By virtue of affidavit before Executive Magistrate, Daringbadi, I changed my surname from Sethi to Pati. Henceforth, I will be known as Bijayalaxmi Pati for all purposes. D-14017

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ୍ ଟ୪୨୦/-ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**PUBLIC NOTICE**

ମୁଁ ଲକ୍ଷ୍ମୀପ୍ରିୟା ଶତପଥୀ, ସ୍ୱାମୀ- ସ୍ୱର୍ଗତ ଶଙ୍କର୍ଷଣ ଶତପଥୀ, ପୁଅ- ସନ୍ତୋଷ କୁମାର ଶତପଥୀ, ଝିଅ- ସରିତା ଦାଶ, ସୁଜାତା ତ୍ରିପାଠୀ, ସୁନିତା ଶତପଥୀ। ନିମ୍ନଲିଖିତ ପ୍ଲଟଗୁଡିକ ମୋ ଶ୍ୱଶୁର ସ୍ୱର୍ଗତ ଜଗନ୍ନାଥ ଶତପଥୀଙ୍କ ନାମରେ ଅଛି। ଆମ୍ଭେମାନେ ସେସବୁ ପ୍ଲଟର ଅଂଶୀଦାର ଅଟୁ। କିନ୍ତୁ ଆମ୍ଭର ଅନ୍ୟ ଅଂଶୀଦାରମାନେ ଆମ୍ଭଙ୍କୁ ନ ଜଣାଇ ଚକ୍ରାନ୍ତ କରି ସେସବୁ ପ୍ଲଟକୁ ବିକ୍ରି କରିବାକୁ ବସିଛନ୍ତି। ଯଦି କୌଣସି ବ୍ୟକ୍ତି ବା ବିଲ୍‌ଡର୍ସ ସଂସ୍ଥା ଏହାକୁ ଖରିଦ୍ କରନ୍ତି, ଭବିଷ୍ୟତରେ ଆମ୍ଭେମାନେ ଦାୟୀ ରହିବୁ ନାହିଁ। ସ୍ୱର୍ଗତ ଜଗନ୍ନାଥ ଶତପଥୀ, ମୌଜା- ଗୌତମ ନଗର, ୟୁନିଟ୍-୨୮
ସାବକ ଖାତା ନଂ. ୨୨୧, ପ୍ଲଟ ନଂ.୨୩୬୫/୪୪୫୩
ସାବକ ଖାତା ନଂ. ୨୨୭, ପ୍ଲଟ ନଂ. ୨୩୬୫, ୨୩୬୮
ହାଲ୍ ଖାତା ନଂ. ୪୯, ପ୍ଲଟ ନଂ. ୨୨୩୬, ୨୨୪୫, ୨୨୩୫, ୨୨୪୭, ୨୨୪୯ ଧ-୧୪୦୨୧

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ଦିବ୍ୟାଂଶୀ ପ୍ରିୟଦର୍ଶିନୀ
ଢୁବୁଢୁବା, ସାକ୍ଷୀଗୋପାଳ
ତୁମର ପ୍ରଥମ ଜନ୍ମବାର୍ଷିକ ଅବସରରେ ଶୁଭେଚ୍ଛା ଓ ଶୁଭକାମନା।
ଶୁଭେଚ୍ଛା ସହ
ଜେଜେବାପା, ଜେଜେ ମା', ଦାଦା, ଖୁଡ଼ୀ, ବାପା, ବୋଉ, କୁଲିଆ ନାନୀ, ମାମୁଁ, ଅଜା, ଆଇ, ମାଉସୀ ଓ ପରିବାରବର୍ଗ।
ଧ-୬୭୬୦୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକ।
- ରାମକୃଷ୍ଣ ପରମହଂସ





ରାଜ୍ୟ କ୍ଷୁଦ୍ର ଶିଳ୍ପ ନିଗମ (ଓଏସ୍‌ଆଇସି)ର ଅଧକ୍ଷ ଭାବେ ଚିନ୍ମୟ ସାହୁ ଅଗଷ୍ଟ ୨୧ରେ ଦାୟିତ୍ୱ ଗ୍ରହଣ କରିବା ପରେ ଶୁକ୍ରବାର ଧରିତ୍ରୀ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନରେ ଆସି ସମ୍ପାଦକ ତଥାଗତ ସତପଥୀଙ୍କୁ ଭେଟିଛନ୍ତି।

# ଅକ୍ଟୋବର ୨ରୁ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

- ତଦାରଖ କରିବ ୭ ଜଣିଆ କମିଟି
- ୩୦ ଜିଲା ପାଇଁ ନିଯୁକ୍ତ ହେଲେ ପର୍ଯ୍ୟବେକ୍ଷକ
- ସଞ୍ଜୟ, ଚନ୍ଦ୍ର ସାରଥୀ, ନଳିନୀଙ୍କୁ ୨ ଜିଲାର ଦାୟିତ୍ୱ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ଆସନ୍ତା ଅକ୍ଟୋବର ୨ ତାରିଖରୁ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ୭ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟିର ସଦସ୍ୟମାନେ ହେଲେ ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର(ଆବାହକ), ପ୍ରମିଳା ମଲ୍ଲିକ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ କେଶରୀ ଦେବ, ପ୍ରଦୀପ ପାଣିଗ୍ରାହୀ ଏବଂ ପ୍ରଣବ ପ୍ରକାଶ ଦାଶ। ଏଥିସହିତ ଦଳର ସଭାପତି ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ସଞ୍ଜୟ କୁମାର ଦାସବର୍ମାଙ୍କୁ ନବରଙ୍ଗପୁର ଓ ରାୟଗଡା ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଚନ୍ଦ୍ର ସାରଥୀ ବେହେରା କୋରାପୁଟ ଓ ମାଲକାନଗିରି, ନବ କିଶୋର ଦାସ କଳାହାଣ୍ଡି, ପ୍ରଫୁଲ୍ଲ ମଲ୍ଲିକ ବରଗଡ, ସୁଶାନ୍ତ ସିଂ ବଲାଙ୍ଗୀର, ମହେଶ୍ୱର ମହାନ୍ତି ଗଞ୍ଜାମ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ଗଜପତି, ବିକ୍ରମ କେଶରୀ ଆରୁଖ କନ୍ଧମାଳ, ବିଜୟ ନାୟକ ଢେଙ୍କାନାଳ, କୃତ୍ତିବାସ ପାତ୍ର ବୌଦ୍ଧ, ନିରଞ୍ଜନ ପୂଜାରୀ ଅନୁଗୋଳ, ନଳିନୀକାନ୍ତ ପ୍ରଧାନ ସମ୍ବଲପୁର ଓ ଦେବଗଡ, ପ୍ରୀତିରଞ୍ଜନ ଘଡାଇ ସୁନ୍ଦରଗଡ, ଦିବ୍ୟ ଶଙ୍କର ମିଶ୍ର କେନ୍ଦୁଝର, ପ୍ରଣବ ପ୍ରକାଶ ଦାସ ମୟୂରଭଞ୍ଜ, ପ୍ରତାପ ଜେନା ବାଲେଶ୍ୱର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭଦ୍ରକ, ପ୍ରମିଳା ମଲ୍ଲିକ କେନ୍ଦ୍ରାପଡା, ଦେବାଶିଷ ସାମନ୍ତରାୟ ଜଗତ୍‌ସିଂହପୁର, ପ୍ରଦୀପ ଅମାତ ପୁରୀ, ପ୍ରସନ୍ନ ଆଚାର୍ଯ୍ୟ ଖୋର୍ଦ୍ଧା, ସୌଭାଗ୍ୟ ନାୟକ ନୂଆପଡା, ଉଷା ଦେବୀ କଟକ, ଅଶୋକ ଚନ୍ଦ୍ର ପଣ୍ଡା ଯାଜପୁର, ଅମର ଶତପଥୀ ନୟାଗଡ, ପଦ୍ମନାଭ ବେହେରା ଝାରସୁଗୁଡା ଏବଂ ହାଜି ମହମ୍ମଦ ଆୟୁବ ଖାଁଙ୍କୁ ସୁବର୍ଣ୍ଣପୁର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।

■ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ପାଇପ ଯୋଗେ ପ୍ରାକୃତିକ ଗ୍ୟାସ୍ ଯୋଗାଣର ଶୁଭାରମ୍ଭ

# ଝାଡ଼ଖଣ୍ଡବାସୀଙ୍କ ଗ୍ୟାସ୍ ପାଇବାର ସ୍ୱପ୍ନ ପୂରଣ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ଝାଡଖଣ୍ଡରେ ପିଏନ୍‌ଜି ଏବଂ ସିଏନ୍‌ଜି ଗ୍ୟାସ ପାଇବାକୁ ଥିବା ଲୋକଙ୍କ ସ୍ୱପ୍ନ ପୂରଣ ହୋଇଛି। ଝାଡଖଣ୍ଡର ରାଞ୍ଚିଠାରେ ଶୁକ୍ରବାର ଅନୁଷ୍ଠିତ ପିଏମ୍ ଉର୍ଜା ଗଙ୍ଗା ପ୍ରକଳ୍ପ ଅଧୀନରେ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ୍ ଯୋଗାଣର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସ୍ୱଚ୍ଛ ଇନ୍ଧନ ଯୋଗାଇବାରେ ଏହି ପାଇପ ଲାଇନ୍ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେବ ଏବଂ ପୂର୍ବ ଭାରତର ବିକାଶରେ ସହାୟକ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣରେ ପୂର୍ବ ଭାରତ ବିକାଶ ବିନା ଭାରତର ବିକାଶ ଅସମ୍ଭବ। ଏହା ସୁନିଶ୍ଚିତ କରୁଛି ବୋଲି ସେ କହିଛନ୍ତି ।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ରାଞ୍ଚିରେ ୩ ହଜାର ଘରକୁ ପାଇପ ଜରିଆରେ ଗ୍ୟାସ୍ ପହଞ୍ଚିଛି ଏବଂ ଖୁବଶୀଘ୍ର ଅଧିକରୁ ଅଧିକ ଘରକୁ ପାଇପଲାଇନ ଜରିଆରେ ଗ୍ୟାସ୍ ପହଞ୍ଚାଯିବ। ଆଗାମୀ ଦିନରେ ୪ ହଜାର ୫୦୦ କୋଟି ଟଙ୍କା ବ୍ୟୟରେ ଝାଡଖଣ୍ଡର ୧୩ ଜିଲାରେ ପାଇପଲାଇନ ଜରିଆରେ ଗ୍ୟାସ ପହଞ୍ଚିବ। ସେହିଭଳି ଝାଡଖଣ୍ଡରେ ୨୫୦ ସିଏନ୍‌ଜି ଷ୍ଟେସନ୍ ଆରମ୍ଭ ହେବ ବୋଲି ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି। ଦେଶରେ ୧୬ ହଜାର ୫୦୦ କିମିରୁ ଅଧିକ ଗ୍ୟାସ୍ ପାଇପଲାଇନ ନେଟୱର୍କ ରହିଛି । ଉର୍ଜା ଗଙ୍ଗାର ବିସ୍ତାର ପୂର୍ବ ଭାରତର ବିହାର, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଓଡିଶା ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟ ପର୍ଯ୍ୟନ୍ତ ହେବ । ୧୩ ହଜାର କୋଟି ଟଙ୍କା ପୁଞ୍ଜି ନିବେଶ କରି ୨୬୫୦ କିମିର ଗ୍ୟାସ୍ ଗ୍ରୀଡ୍ ନେଟୱର୍କ ପ୍ରସ୍ତୁତ କରାଯିବ । ସେଥିରୁ ୫୭୦ କିମିର ନେଟୱର୍କ ଝାଡଖଣ୍ଡର ଭିନ୍ନ ଭିନ୍ନ ଜିଲାକୁ ଗତି କରିବ । ପ୍ରାକୃତିକ ପାଇପ୍ ଲାଇନ ଗ୍ୟାସ ମାଧ୍ୟମରେ ସ୍ୱଚ୍ଛ ଇନ୍ଧନ ଯୋଗାଣ ଫଳରେ ଝାଡଖଣ୍ଡବାସୀ ଲାଭବାନ ହୋଇପାରିବେ । ଏହି ପରିବେଶ ସହଯୋଗୀ ଇନ୍ଧନ ରାଞ୍ଚିରେ ଗ୍ୟାସ ଆଧାରିତ ଉଦ୍ୟୋଗ ସମୂହ ନିର୍ମାଣ କରିବାରେ ସାହାଯ୍ୟ କରିବା ସହ ଯୁବକଙ୍କୁ ରୋଜଗାର ମିଳିବ ଏବଂ ପରିବେଶ ପ୍ରଦୂଷଣକୁ ହ୍ରାସ କରିବ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ନେତୃତ୍ୱରେ ଝାଡଖଣ୍ଡର ବିକାଶରେ ଏକ ନୂଆ ସକାଳର ଆରମ୍ଭ ହେବ। ଦେଶର ଶିଳ୍ପ ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ରାଜ୍ୟକୁ ଇଞ୍ଜିନଭାବେ ପ୍ରତିଷ୍ଠା କରିବା ନେଇ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏଭଳି କାର୍ଯ୍ୟକ୍ରମ ପାଇଁ ଝାଡଖଣ୍ଡ ଏବଂ ରାଞ୍ଚିର ଲୋକଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ସିଜିଡି ନେଟୱର୍କର ପ୍ରସାର ଲୋକଙ୍କ ଜୀବନଶୈଳୀରେ ଅଭୂତପୂର୍ବ ପରିବର୍ତ୍ତନ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ଏବଂ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ଝାଡ଼ଖଣ୍ଡରେ ଲୋକଙ୍କୁ ପାଇପ୍ ଯୋଗେ ସିଏନ୍‌ଜି ଏବଂ ପିଏନ୍‌ଜି ଯୋଗାଇବା ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲା କଲେଜ ଶିକ୍ଷକ ସଂଘ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ନିଖିଳ ଓଡ଼ିଶା ବେସରକାରୀ ରାଜ୍ୟ ଦରମାପ୍ରାପ୍ତ ଅଧାପକ ସଂଘର ଏକ ପ୍ରତିନିଧିମଣ୍ଡଳୀ ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କୁ ଭେଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ଅଧାପକ ଓ କର୍ମଚାରୀଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଦାବିଗୁଡ଼ିକ ପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯୋଗ୍ୟ ଅଧାପକଙ୍କୁ ୟୁଜିସି ଦରମା ପ୍ରଦାନ, ପ୍ଲେସ୍‌ମେଣ୍ଟ ରୁଲ୍ ୨୦୧୪ରେ ଥିବା ତ୍ରୁଟି ସଂଶୋଧନ କରି ୨୭ବର୍ଷ ବଦଳରେ ୧୮ବର୍ଷରେ ପ୍ରାଧାପକ ପଦକୁ ପଦନ୍ନୋତି, ଅବସର ବୟସସୀମା ୬୦ରୁ ୬୨ବର୍ଷକୁ ବୃଦ୍ଧି ଆଦି ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତିଯୁକ୍ତ ଦାବିଗୁଡ଼ିକ ପୂରଣ ଦିଗରେ ଉଚ୍ଚଶିକ୍ଷା ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ସଂଘ ପକ୍ଷରୁ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ମନ୍ତ୍ରୀ ଦାବିଗୁଡ଼ିକ ଶୁଣିବା ସହିତ ସମାଧାନ ପାଇଁ କିଛିଦିନ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିବା ସଂଘର ରାଜ୍ୟ ଆବାହକ ଡ. କମଳ ପ୍ରସାଦ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।















> ଗୋଟିଏ ମାତ୍ର ଗୁଣବାନ ଓ ବିଦ୍ୱାନ ପୁତ୍ର ହଜାରେ ଗୁଣହୀନ ଓ ନିଷ୍କର୍ମା ପୁତ୍ରମାନଙ୍କଠାରୁ ଶ୍ରେୟସ୍କର।
> - ଚାଣକ୍ୟ






ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସୌରଭ



ଅଭିଳାଷ



ଦେବଦତ୍ତ



ବିକାଶ



ଆନସେଲ



ଆକାଶ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ବ୍ରହ୍ମପୁର-ସମ୍ବଲପୁର ପାଇଁ ନୂଆ ରେଳପଥ ନିର୍ମାଣ ହେବ

- ରେଲୱେ ବୋର୍ଡର ଅନୁମୋଦନ
- ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ସୂଚନା
- ଜଗନ୍ନାଥପୁରରୁ ରେଢ଼ାଖୋଲ ୨୪୦ କି.ମି.ଦୈର୍ଘ୍ୟ

**ବ୍ରହ୍ମପୁର ଅଫିସ,୨୩।୮**

ବହୁ ପ୍ରତୀକ୍ଷିତ ବ୍ରହ୍ମପୁର-ସମ୍ବଲପୁର ନୂଆ ରେଳପଥ ନିର୍ମାଣ ପାଇଁ ଭାରତୀୟ ରେଲୱେ ବୋର୍ଡ ମଞ୍ଜୁର କରିଛନ୍ତି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଶୁକ୍ରବାର ଧରିତ୍ରୀକୁ ଏହି ସୂଚନା ଦେଇଛନ୍ତି। ଏଥିପାଇଁ ଭଞ୍ଜନଗର ଓକିଲ ସଂଘର ନିରନ୍ତର ପ୍ରୟାସକୁ ସାହୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହାର ସର୍ଭେ ବହୁ ବର୍ଷ ତଳୁ ହୋଇଥିଲେ ମଧ୍ୟ ସଂଶୋଧନ ପାଇଁ କେତେକ ଅଞ୍ଚଳରେ ପୁଣି ସର୍ଭେ କରାଯିବ ଏବଂ ନିର୍ମାଣ ସୁନିଶ୍ଚିତ ହୋଇଥିବା ସେ ଦର୍ଶାଇଛନ୍ତି ।

ସୂଚନାଯୋଗ୍ୟ, ୧୯୭୭ ଲୋକ ସଭା ନିର୍ବାଚନରେ ତତ୍କାଳୀନ ଜାତୀୟ ଯୁବ କଂଗ୍ରେସ ସଭାପତି ରାମଚନ୍ଦ୍ର ରଥ ଗଞ୍ଜାମ ଜିଲା ଆସିକା ଆସନରୁ ନିର୍ବାଚିତ ହୋଇଥିଲେ। ନୂଆ ରେଳପଥ ନିମନ୍ତେ ସେ ଉଦ୍ୟମ କରି ଏହାର ସର୍ଭେ କାର୍ଯ୍ୟ ପାଇଁ ପଦକ୍ଷେପ ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରଥ ୧୯୮୦ ଓ ୧୯୯୧ ନିର୍ବାଚନରେ ମଧ୍ୟ ଆସିକା ଏମ୍‌ପି ହୋଇଥିଲେ। ଦୀର୍ଘ ୪୦ ବର୍ଷ ପରେ ବି ଏହି ରେଳପଥ କେବଳ ସର୍ଭେରେ ଅଟକି ଯାଇଥିଲା। ଭଞ୍ଜନଗର ଓକିଲ ସଂଘ ଏହି ପ୍ରସଙ୍ଗ ଉତ୍ଥାନ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ତୀବ୍ର ସ୍ୱର ଉଠାଇ ଥିଲା। ବିଭିନ୍ନ ସ୍ଥାନର ଓକିଲ ସଂଘକୁ ଏକାଠି କରାଇ ଦାବି ହାସଲର ପଦକ୍ଷେପ ନେଇଥିଲା। ସଂଘ ପକ୍ଷରୁ ବ୍ରହ୍ମପୁର, ଆସିକା ଓ ଫୁଲବାଣୀ ଏମ୍‌ପିଙ୍କୁ ମଧ୍ୟ ଅନୁରୋଧ କରାଯାଇଥିଲା। ଫଳରେ ଏହି ଯୋଜନା ସାକାର ହେବାକୁ ଯାଉଛି। ବ୍ରହ୍ମପୁର-ସମ୍ବଲପୁର ସମେତ ସର୍ଭେ କାର୍ଯ୍ୟ ସରିଥିବା ଗୋପାଳପୁର-ରାୟଗଡ଼ା ନୂଆ ରେଳପଥ ନିର୍ମାଣ ଲାଗି ରେଳମନ୍ତ୍ରୀଙ୍କୁ ଦାବି କରାଯାଇଥିବା ଚନ୍ଦ୍ରଶେଖର ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ବ୍ରହ୍ମପୁର ନିକଟ ଜଗନ୍ନାଥପୁରଠାରୁ ସମ୍ବଲପୁର ନିକଟ ରେଢ଼ାଖୋଲ ପର୍ଯ୍ୟନ୍ତ ୨୪୦ କି.ମି. ଦୈର୍ଘ୍ୟ ଏହି ରେଳ ଲାଇନ ପାଇଁ ୭୩୪.୯୨ ହେକ୍ଟର ଚାଷଜମି ଏବଂ ୩୨୪.୬୩ ହେକ୍ଟର ଜଙ୍ଗଲ ଜମି ଆବଶ୍ୟକ। ଅପରପକ୍ଷରେ ୨୦୦୯ରେ ବ୍ୟୟ ଅଟକଳ ୨୧୯୬.୪୫ କୋଟି ଟଙ୍କା ହିସାବ କରାଯାଇଥିଲା। ତେବେ ଆଗାମୀ ଦିନରେ ସଂଶୋଧିତ ଅଟକଳ ଯଥେଷ୍ଟ ବଢ଼ିବାର ସମ୍ଭାବନା ରହିଛି। ନିର୍ମାଣ କାର୍ଯ୍ୟ ଜଗନ୍ନାଥପୁରରୁ ଆରମ୍ଭ ହୋଇ କୁକୁଡ଼ାଖଣ୍ଡି, ହିଞ୍ଜିଳିକାଟୁ, ଆସିକା, ଭଞ୍ଜନଗର ଓ ମୁଜାଗଡ଼ ଦେଇ ଫୁଲବାଣୀ ଓ ସେଠାରୁ ବୌଦ୍ଧ ଦେଇ ରେଢ଼ାଖୋଲ ପର୍ଯ୍ୟନ୍ତ ହେବ। ଫଳରେ ରେଳପଥ ନ ଥିବା ଉପରୋକ୍ତ ଅଞ୍ଚଳବାସୀ ଉପକୃତ ହେବେ ଏବଂ ଅନେକ ଆଦିବାସୀ ଅଧ୍ୟୁଷିତ ବାସିନ୍ଦା ରେଳ ସୁବିଧା ପାଇବେ। ଜମି ଅଧିଗ୍ରହଣରେ ରାଜ୍ୟ ସରକାରଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ।

# ଫସିଥିବା ଜାହାଜଠାରୁ ଖସିଚାଲିଛି କଣ୍ଟେନର



## ମୁହାଣ ନିକଟକୁ ଯାଇ ଚିଲିକା ଅବରୋଧ କରିବା ଆଶଙ୍କା

**କୃଷ୍ଣପ୍ରସାଦ,୨୩।୮(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାଜହଂସ ବଙ୍ଗୋପସାଗର କୂଳରେ ଗତ ୯ ତାରିଖରୁ ଫସିରହିଛି ଏକ ବିରାଟ ପଣ୍ୟବାହୀ ଜାହାଜ। ମାଲେସିଆରୁ ଭାଇଜାଗ ଯାଉଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଜାହାଜଟି ଅଚଳ ହୋଇ ଏଠାରେ ଲାଗିଛି । ହେଲେ ଜାହାଜର କଣ୍ଟେନର (ଜିନ ହଓା ୪୨) ଜାହାଜଠାରୁ ଦେଢ କିଲୋମିଟର ଦୂରକୁ ଖସିଯାଇଛି। ଏହି ବିରାଟ କଣ୍ଟେନରକୁ ଅଟକାଇବା ପାଇଁ ଏକ ବଡ ଗଛରେ ଦଉଡି ସାହାଯ୍ୟରେ ବନ୍ଧାଯାଇଥିଲା। ହେଲେ କଣ୍ଟେନର ଟାଣିହୋଇ ବନ୍ଧାଯାଇଥିବା ଗଛ ଉପାଡି ନେଇଛି। ବର୍ତ୍ତମାନ ଏହା ଆୟତ୍ତ ବାହାରକୁ ଚାଲିଯାଇଥିବାରୁ କଣ୍ଟେନରଟି ଆଉ ୨କି.ମି. ଦୂର ମୁହାଣ ନିକଟକୁ ଯାଇ ଚିଲିକାକୁ ଅବରୋଧ କରିବା ଆଶଙ୍କା ଦେଖାଦେଇଛି। ତେଣେ ଜାହାଜରେ ଥିବା ତେଲ ବି ନିଷ୍କାସନ ହୋଇନାହିଁ। ଏ ନେଇ ଘଟଣାସ୍ଥଳରେ ସଜାଗ ଥିବା ପୋଲିସ ହାବିଲଦାର ସଫିକ ମହମ୍ମଦ କହନ୍ତି, ଆଉ ୨ଦିନ ମଧ୍ୟରେ ଜାହାଜରୁ ତେଲ ବାହାର କରାଯିବ ବୋଲି ଆମେ ଶୁଣିବାକୁ ପାଉଛୁ। ଖିରିସାହି ଗ୍ରାମ ତରଫରୁ ଜାହାଜକୁ ପ୍ରତିଦିନ ପାଳିକରି ୧୦ ଜଣ ଲେଖାଏ ୨୪ ଘଣ୍ଟା ଜଗିରହୁଛନ୍ତି। ଜଗିଥିବା ପୁନିଆ ବେହେରା କୁହନ୍ତି, ଆମେ ପ୍ରତିଦିନ ୧୦ ଜଣ ଜଗିରହିଛୁ। ଜାହାଜ ମାଲିକ କହିଛନ୍ତି ସେ ଜଣ ପ୍ରତି ଦିନକୁ ୫୦୦ ଟଙ୍କା ମଜୁରି ଦେବେ । ସେହିଭଳି ଫସିଥିବା ନାବିକମାନଙ୍କୁ ଖିରିସାହି ଗ୍ରାମବାସୀ ଆଶ୍ରୟ ଦେବା ସହ ଖାଇବା ବ୍ୟବସ୍ଥା କରୁଥିବା କହିଛନ୍ତି ମାଗୁଣି ବେହେରା, କାଳୁ ବେହେରା, ଗଣେଶ ବେହେରା, ମାୟାଧର ବେହେରା ପ୍ରମୁଖ ଗ୍ରାମବାସୀ। ଜାହାଜ ଦେଖିବାକୁ ପରିବାର ସହ ଆସିଥିବା ଗଞ୍ଜାମ ଜିଲା ଛତ୍ରପୁରର ପ୍ରଶାନ୍ତ କୁମାର ଚୌଧୁରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜାହାଜର ବର୍ତ୍ତମାନ ସ୍ଥିତି ଯାହା କୂଳରୁ ଟାଣି ନ ନେଲେ ଓଲଟିପଡିବ। ଏହାଦ୍ୱାରା ଜାହାଜରେ ଥିବା ବ୍ୟାପକ ପରିମାଣ ତେଲମିଶି ଜୈବ ବିବିଧତା ନଷ୍ଟ ହେବ, ଚିଲିକା ର ବିଭିନ୍ନ ପ୍ରକାର ଗୁଳ୍ମ, ମାଛ ଆଦି ଜୀବ ପ୍ରତି ବିପଦ ସୃଷ୍ଟି କରିବ। ତେଣୁ ସରକାର ଏଥିପ୍ରତି ସଜାଗ ହେବା ଦରକାର।

# ରାସ୍ତାରେ ପ୍ରସବ କଲେ ମହିଳା

- ପ୍ରାଥମିକ ଚିକିତ୍ସା କଲେ ଜୁନିୟର ଡାକ୍ତର
- ଆମ୍ବୁଲାନ୍ସରେ ଆଣି ଡାକ୍ତରଖାନାରେ ଛାଡିଲେ

**ବ୍ରହ୍ମପୁର ଅଫିସ,୨୩।୮**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୋର୍ଟପେଟା ଛକ ରାସ୍ତାରେ ଶୁକ୍ରବାର ଜଣେ ମହିଳା ଏକ ଶିଶୁ କନ୍ୟା ପ୍ରସବ କରିଛନ୍ତି। ସଂପୃକ୍ତା ମହିଳା ହେଲେ ଜରଡ଼ା ଥାନା ଅନ୍ତର୍ଗତ ସାମନ୍ତିଆପଲ୍ଲୀର କେ. ପାର୍ବତୀ (୨୫) । ଏବେ ଉଭୟେ ମା' ଓ ଶିଶୁ ସୁସ୍ଥ ଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ପାର୍ବତୀ ଗର୍ଭ ଯନ୍ତ୍ରଣା ଅନୁଭବ କରିଥିଲେ। ସେ ଓ ତାଙ୍କ ସ୍ୱାମୀ କେ.ହରିକୃଷ୍ଣ ନିଜ ୪ ବର୍ଷର ଶିଶୁକୁ ଧରି ବସ୍‌ରେ ଆସି ବ୍ରହ୍ମପୁର କୋର୍ଟପେଟା ଛକରେ ଓହ୍ଲାଇଥିଲେ। ସେଠାରେ ସ୍ତ୍ରୀ ଓ ପୁଅକୁ ଛିଡାକରି ହରିକୃଷ୍ଣ ନିକଟରେ ଥିବା ଏକ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ରିପୋର୍ଟ ଆଣିବାକୁ ଯାଇଥିଲେ। ମହିଳା ଜଣଙ୍କ ଠିଆ ହୋଇଥିବା ବେଳେ ଭୀଷଣ ଗର୍ଭ ଯନ୍ତ୍ରଣା ହୋଇଥିଲା । ଫଳରେ ସେ ତଳେ ବସି ପଡିଥିଲେ। ଏହି ସମୟରେ ସ୍ମୃତି ରଞ୍ଜନ ପଟ୍ଟନାୟକ ନାମକ ଜଣେ ଜୁନିୟର ଡାକ୍ତର ମଣିଷପଣିଆର ପରିଚୟ ଦେଖାଇଥିଲେ । ସେ ହସ୍ପିଟାଲ ଯାଉଥିବା ବେଳେ ରାସ୍ତା କଡରେ ଜଣେ ମହିଳା ଗର୍ଭଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖି ସେଠାରେ ଅଟକିଥିଲେ। ପ୍ରସୂତିଙ୍କୁ ରାସ୍ତାରେ ପ୍ରାଥମିକ ଚିକିତ୍ସା ଦେଇଥିଲେ। ସେଠାରେ ହିଁ ପାର୍ବତୀ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ନିକଟରେ ଠିଆ ହୋଇଥିବା ମହିଳାମାନେ ସେଠାରେ ରୁଣ୍ଡ ହୋଇ ମହିଳାଙ୍କ ଚାରିପଟେ ଲୁଗା ଗୁଡ଼ାଇ ଜଗି ରହିଥିଲେ। ପରେ ସ୍ଥାନୀୟ କେତେଜଣ ସାମାଜିକ କର୍ମୀ ଆମ୍ବୁଲାନ୍ସରେ ମା'ଏବଂ ନବଜାତକକୁ ଏମ୍‌କେସିଜି ମେଡିକାଲ ପଠାଇଥିଲେ। ଡାକ୍ତର ସ୍ମୃତି ରଞ୍ଜନ ବି ଆମ୍ବୁଲାନ୍ସରେ ମେଡିକାଲ ଆସି ପାର୍ବତୀଙ୍କୁ ସ୍ତ୍ରୀ ଓ ପ୍ରସୂତି ବିଭାଗ ଲେବର ରୁମ୍‌ରେ ଭର୍ତ୍ତି କରିଥିଲେ। ଏବେ ମା ଏବଂ ଶିଶୁ କନ୍ୟାର ସ୍ୱାସ୍ଥ୍ୟ ଠିକ୍ ଥିବା ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ଚରଣ ପଣ୍ଡା ସୂଚନା ଦେଇଛନ୍ତି।



ମେଡିକାଲରେ ମା ଓ ଶିଶୁ ।

## ଜିଲା ଟିପି ରାଉରକେଲା



# ଅଚଳ ନ୍ୟାୟିକ ବ୍ୟବସ୍ଥା

ଜଣେ ଉପଖଣ୍ଡସ୍ତରୀୟ ବିଚାରପତି (ଏସ୍‌ଡିଜେଏମ୍)ଙ୍କ ବଦଳି ଦାବିରେ ରାଉରକେଲା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ମାସେ ପୂରିଲାଣି। ତଥାପି ସମାଧାନ ବାଟ ଫିଟୁନି। ନ୍ୟାୟମୂର୍ତ୍ତି ଭାବେ ସମ୍ମାନ ପ୍ରଦାନ କରାଯାଉଥିବା ସମ୍ପୃକ୍ତ ବିଚାରପତି ନିଜ ପଦମର୍ଯ୍ୟାଦା ଉଲ୍ଲଂଘନ କରିଥିବା ଓକିଲ ସଂଘ ଅଭିଯୋଗ କରୁଛି। ଜଣେ ଅସାଧୁ ବ୍ୟକ୍ତିଙ୍କୁ ସେ ଜାମିନ ପ୍ରଦାନ କରି ଆଇନ ବ୍ୟବସ୍ଥାକୁ ସାଧାରଣରେ ନିନ୍ଦିତ କରିଥିବା କୁହାଯାଇଛି। ଏହି ଘଟଣା ନେଇ ସଂଘ ହାଇକୋର୍ଟ ବିଚାରପତି, ରାଜ୍ୟ ଆଇନମନ୍ତ୍ରୀ, ସୁନ୍ଦରଗଡ଼ ଜିଲାପାଳ ଓ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛି। ଏସ୍‌ଡିଜେଏମ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ଅଡ଼ି ବସିଛି। ଏଣେ ବ୍ୟବସ୍ଥା କହୁଛି ବିଳମ୍ବିତ ନ୍ୟାୟ ବାସ୍ତବ ନ୍ୟାୟ ନୁହେଁ। ଆନ୍ଦୋଳନକୁ ମାସେ ପୂରିଲାଣି। ନ୍ୟାୟିକ ବ୍ୟବସ୍ଥାରୁ ସୁଫଳ ପାଇବାକୁ ଆଶାୟୀଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲାଣି। ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜାମିନ ପାଇଁ ଅପେକ୍ଷାରେ ରହିଥିବା ବନ୍ଦୀଙ୍କ ଆଖିରୁ ନିଦ ହଜିଲାଣି। କେବେ ଖୋଲିବ ବିଚାରାଳୟ, ମିଳିବ ଜାମିନ ଓ ନ୍ୟାୟ ପାଇବେ ଶତାଧିକ ଜେଲ୍ ଅନ୍ତେବାସୀ। ଏମିତି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ଆଇନଜୀବୀଙ୍କ ଏଭଳି ଦୀର୍ଘ ଆନ୍ଦୋଳନ କେବଳ ଆମ ରାଜ୍ୟ ନୁହେଁ ବରଂ ଦେଶବାସୀଙ୍କ ପାଇଁ ଏକ ବିଲକ୍ଷଣ ବୋଲି କୁହାଯାଉଛି। ଏହି ଆନ୍ଦୋଳନ ଯୋଗୁ ପାନପୋଷ ଉପଖଣ୍ଡର ରାଉରକେଲା ସହର ସମେତ ଲାଠିକଟା, ବିଶ୍ରା, ନୂଆଗାଁ, କୁଆଁରମୁଣ୍ଡା ଓ ବୀରମିତ୍ରପୁର ଆଦି ଅଞ୍ଚଳବାସୀ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛନ୍ତି। ସିଭିଲ, କ୍ରିମିନାଲ ଓ ଜମିଜମା ବିବାଦ ଆଦି ଯାବତୀୟ ସମସ୍ୟା ନେଇ ନ୍ୟାୟ ପାଇବା ଆଶାରେ ଲୋକେ ମାସାଧିକ ହେବ ଚାହିଁ ବସିଛନ୍ତି। ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ମଧ୍ୟ ହେଉଛି। ହେଲେ କୋର୍ଟ ଦୁଆର ମାଡ଼ିବସି ବାଟ ଓଗାଳିଛନ୍ତି ଆଇନଜୀବୀ। ଏମାନଙ୍କ ଦାବି ନ୍ୟାୟ ପ୍ରଦାନରେ ସ୍ୱଚ୍ଛତା ରହୁ। ଆଇନ ଉପରୁ ଲୋକଙ୍କ ଆସ୍ଥା ନ ତୁଟୁ। ବେଆଇନ ଭାବେ ଜାମିନ ପ୍ରଦାନ କରିଥିବା ଏସ୍‌ଡିଜେଏମ୍ ବଦଳନ୍ତୁ। ତେବେ ଯାଇ ପରିସ୍ଥିତି ସ୍ୱାଭାବିକ ହେବ। ଏମିତି ଅବସ୍ଥାରେ ମଝିରେ ଘାଣ୍ଟି ହେଉଛନ୍ତି ନ୍ୟାୟ ପାଇବାକୁ ଅପେକ୍ଷାରତ ଅଭିଯୁକ୍ତ। ସରକାର କହୁଛନ୍ତି ପ୍ରତି କ୍ଷେତ୍ରରେ ଲୋକେ ତ୍ୱରିତ ନ୍ୟାୟ ପାଇବେ। ଆବଶ୍ୟକ ସ୍ଥଳେ ବିଭାଗୀୟ ଅଧିକାରୀ ସହର ଛାଡ଼ି ଗାଁରେ ପହଞ୍ଚିବେ। ଲୋକଙ୍କ ମୁହଁରୁ ସମସ୍ୟା ଶୁଣି ତତ୍କାଳ ସମାଧାନ କରିବେ। ହେଲେ ରାଉରକେଲା ଭଳି ସ୍ମାର୍ଟ ସିଟି, ମହାନଗର ଓ ଆଦିବାସୀ ବହୁଳ ଜିଲାବାସୀ ଦୀର୍ଘ ମାସେ ପରେ ବି ନ୍ୟାୟିକ ବ୍ୟବସ୍ଥାରୁ ବଞ୍ଚିତ ହୋଇଛନ୍ତି। ଜଣେ ଏସ୍‌ଡିଜେଏମ୍‌ଙ୍କ ପାଇଁ ସମ୍ପୂର୍ଣ୍ଣ ଆଇନ ବ୍ୟବସ୍ଥା ଅଚଳ ହୋଇ ପଡ଼ିଛି। ଆଇନଜୀବୀ ନା ସରକାର, କାହା ଜିଦ୍‌ରେ ନ୍ୟାୟ ଆଜି ବିଡ଼ମ୍ବିତ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟ ହୋଇଛି। ସରକାର ଯଦି ଲୋକଙ୍କୁ ତତ୍କାଳ ସେବା ପ୍ରଦାନ କରିବାକୁ ଆନ୍ତରିକତା ସହ କାମ କରୁଥାନ୍ତେ ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ତୁଚ୍ଛ କରି ଆଖିବୁଜି ବସି ନ ଥାନ୍ତେ ବୋଲି ମତ ପ୍ରକାଶ ପାଉଛି।

**– ବସନ୍ତ କୁମାର ଧଳ**

**GOVERNMENT OF ODISHA**
**FOOD SUPPLIES & CONSUMER WELFARE DEPARTMENT**
**ADVERTISEMENT**

In continuation of this Department's advertisement published on 10th July 2019 for appointment to the post of whole time Chairperson (one) and Members (two) in the **'Odisha State Food Commission'**, set up by Government of Odisha under the provisions of the **National Food Security Act (NFSA), 2013**, the last date of receipt of application from eligible candidates is **further extended up to 30th August 2019, by 1 PM.**

For complete information on qualifications, eligibility criteria, application form and other details, the applicants are requested to visit and download the same from the Department's website **www.foododisha.in** under '***Notification***' link.

**Joint Secretary**

Government of Odisha
Higher Education Department
e-Admission under SAMS

**Vacant Seat Admission in Degree Colleges for the Session 2019-20**

No.34-N :- Applications are invited from the students for e-Admission (Phase-II) against the vacant seats in all Degree, Autonomous & Sastri Colleges including Self Financing Colleges of the State under project Student Academic Management System (SAMS) for the session 2019-20.

Procedure

1. An interested candidate can apply online through the website **www.samsodisha.gov.in / dheodisha.gov.in** against the vacant seat available in the subject.
2. At first, a candidate needs to check **College-Subject-Category wise vacancy seats.**
3. If candidate has already generated the username and password during Phase-I, then there is no need to create another username and password for Phase-II. The existing username & password can be used for applying the online application.
4. CAF and Admission fee will be completely collected through online. No offline payment option will be available. Application fee amount is Rs.275/- for General Category and Rs.175/- for SC&ST Category candidates during Phase-II (No fees from PwD & Transgender candidates).
5. The candidate has to pay the complete admission fee online once again during Phase-II admission. The final settlement will be done only after completion of total admission period of the session 2019-20.
6. Candidate's passed out examination details and bank information details must be same in Phase-I & Phase-II CAF to get back the differential amount. If there will be any deviation in this information, candidate shall not get back the differential amount i.e. Phase-I and Phase-II admission fees.
7. Merit list will be prepared centrally through SAMS Software & available in Website & College e-Space **www.dheodisha.gov.in / www.samsodisha.gov.in.**
8. All the points mentioned in Common Prospectus 2019 and letters issued for the session 2019- 20 will remain same except the above points.
**(NOTE: In the Common Prospectus (CP) for Degree Colleges in the point No-5: Reservation categories for Ex-Serviceman [ESM], Serving Defense Personnel [SDP], Children of Martyrs [CoM], "all stream" mentioned in the first line be read as "each Course". For details, refer College Prospectus available in the dhe website i.e.** www.dheodisha.gov.in / www.samsodisha.gov.in.

| Sl# | Items | Timeline |
|---|---|---|
| 1 | Availability of the Online Common Application Form (CAF) in the H.E. Department website **www.samsodisha.gov.in/ www.dheodisha.gov.in** | 26-Aug-2019 (11:00AM) |
| 2 | Last date for applying online CAF through **www.samsodisha.gov.in/ www.dheodisha.gov.in** | 31-Aug-2019 (11:59 PM) |
| 3 | Last date of submitting printout copy of online CAF at any SAMS Resource Center (SRC) College. | 04-Sep-2019 (05:00 PM) |
| 4 | Last date of Online CAF validation by SRCs in e-Space | 06-Sept-2019 (05:00 PM) |
| 5 | Publication of Phase-II merit list | 10-Sept-2019 (11:00 AM) |
| 6 | Online deposit of admission fees by login to SAMS [Student] account and admission | 10th & 12th Sept-2019 (05:00 PM) |
| 7 | Online admission updation of students selected in Phase-II | 13-Sept-2019 (05:00 PM) |

For more details please contact
e-Admission Helpdesk @ (Toll Free) Number 155335, 1800-345-6770

**11001/11/0013/1920** **Sd./- Officer-in-Charge, PTC**



❝ ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ଲୁଟ୍

**ସମ୍ବଲପୁର,୨୩।୮(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଲିଟିମୁଣ୍ଡା-ଡଙ୍ଗରପଡା ଗାଁ ରାସ୍ତାରେ ଭାରତ ମାଇକ୍ରୋ ଫାଇନାନ୍ସର ଜଣେ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । କଲେକ୍ସନ ଏଜେଣ୍ଟ ଭାବେ କାମ କରୁଥିବା ବୌଦ୍ଧ ଜିଲା କଣ୍ଟାମାଳର ରାଜା କୁମାର ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ୧୧୪/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ବୁଧବାର ଅପରାହ୍ନରେ ରାଜା ଟଙ୍କା ନେଇ ସମ୍ବଲପୁର ଆସୁଥିଲେ । ୨ ଜଣ ଦୁର୍ବୃତ୍ତ ବାଇକରେ ଆସି ମାଡପିଟ କରି ତାଙ୍କଠାରୁ ୬୧ ହଜାର ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଥିଲେ ବୋଲି ଅଭିଯୋଗ କରିଛନ୍ତି।

### ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

**ସମ୍ବଲପୁର,୨୩।୮(ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲି ପୋଲିସ ଚୋରି ସମାଗ୍ରୀ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ରାଣୀବନ୍ଧପଡାର କିଶନ ସୁନା । ତାଙ୍କ ନିକଟରୁ ୬ ଟି ଫ୍ୟାନ, ପାଣି ମୋଟର ପ୍ରଭୃତି ସାମଗ୍ରୀ ଜବତ ହୋଇଛି । ଏ ନେଇ ଥାନରେ ଏକ ମାମଲା ରୁଜୁ ହୋଇଛି । ବରେଇପାଲିର କିସାନ ଓରାମଙ୍କ ଦୋକାନରୁ ୨୧ ତାରିଖ ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା।

### କଫ ସିରପ୍ ସହ ୨ ଗିରଫ

**ସମ୍ବଲପୁର,୨୩।୮(ବ୍ୟୁରୋ):** ସମ୍ବଲପୁର ଟାଉନଥାନା ପୋଲିସ କଫ ସିରପ୍ ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ସାହୁ କଲୋନୀର ସୁଭଦ୍ରା ବେହେରା ଓ ପ୍ରୀତି ଭୋଇ । ଅଭିଯୁକ୍ତ ବ୍ୟବହାର କରୁଥିବା ସ୍କୁଟି (ନଂ ଓଆର୧୫-୦୭୯୬), ୨୭୦୦ ଟଙ୍କା ଓ କଫ ସିରଫ ଜବତ ହୋଇଛି । ଏ ନେଇ ଥାନରେ ଏକ ମାମଲା ରୁଜୁ ହୋଇଛି।

### ଝାରସୁଗୁଡ଼ା ଥାନାରୁ ଅଭିଯୁକ୍ତ ଚମ୍ପଟ

**ଝାରସୁଗୁଡ଼ା ଅଫିସ / ଲଖନପୁର, ୨୩।୮ (ଡି.ଏନ୍.ଏ.):** ଚୋରି ଅଭିଯୋଗରେ ଝାରସୁଗୁଡ଼ା ଥାନାରେ ଅଟକ ଥିବା ଜଣେ ଅଭିଯୁକ୍ତ ଗୁରୁବାର ବିଳମ୍ବିତ ରାତିରେ ପୋଲିସକୁ ଚକମା ଦେଇ ଥାନାରୁ ଚମ୍ପଟ ମାରିଛନ୍ତି। ସେ ହେଲେ ସୁନ୍ଦରଗଡ଼ ଜିଲା ପତରାପାଲି ଗ୍ରାମର ସାଗିର ଶେଖ। ସାଗିର ଗୁରୁବାର ରାତିରେ ଝାରସୁଗୁଡ଼ା ମଙ୍ଗଳବଜାର ହଟିଲପଡ଼ାର ଜଣେ ବ୍ୟକ୍ତିଙ୍କ ଘରେ ଚୋରି କରିବା ଉଦ୍ଦେଶ୍ୟରେ ପଶିଥିଲେ। ସେ ଘରର ଆସବାବପତ୍ର ଏଣେତେଣେ ଖୋଜୁଥିବାବେଳେ ପରିବାର ଲୋକେ ଉଠିପଡ଼ି ତାଙ୍କୁ କାବୁ କରିନେଇଥିଲେ। ପରେ ପଡ଼ାବାସୀ ଏକଜୁଟ ହୋଇ ସାଗିରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଗିରଙ୍କୁ ଥାନାକୁ ଆଣିଥିଲା। ହେଲେ କିଛି ସମୟ ପରେ ସାଗିର କୌଶଳ କ୍ରମେ ଥାନାରୁ ଫେରାର ହୋଇଯାଇଛନ୍ତି। ଏନେଇ ଆଇଆଇସି ସାବିତ୍ରୀ ବଳ କହିଛନ୍ତି, ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ଡାକ୍ତରୀ ପରୀକ୍ଷା ପାଇଁ ତାଙ୍କୁ ଡାକ୍ତରଖାନା ନିଆଯାଉଥିବାବେଳେ ସେ ଥାନା ସମ୍ମୁଖରୁ ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିବା ବଳ କହିଛନ୍ତି।

### ଲଇମୁରାରେ ହାତୀ ଉପଦ୍ରବ, ବନ ବିଭାଗ ନୀରବ

**ଦେବଗଡ଼,୨୩।୮(ଡି.ଏନ.ଏ.):** କିଛି ଦିନ ହେଲା ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଲଇମୁରା, ଝାରମୁଣ୍ଡା, କଦଳିପାଳ ଅଞ୍ଚଳର ବିଭିନ୍ନ ଗ୍ରାମରେ ଏକ ହାତୀପଲ ଉପଦ୍ରବ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ହାତୀ ୫ଟି ଘର ଭାଙ୍ଗି ଥିବାବେଳେ ଧାନଓ ପନିପରିବା ଚାଷ ନଷ୍ଟ କରିଦେଇଥିବା ଜଣାପଡିଛି। ଘଟଣା ସଂକ୍ରାନ୍ତରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ...ରାଧାକୃଷ୍ଣ ବେଶରେ କୁନି ପିଲା...





ସମ୍ବଲପୁର ସହଯୋଗନଗରସ୍ଥିତ ହମ୍ପି ଡମ୍ପି ସ୍କୁଲ ପରିସରରେ ଆୟୋଜିତ ରାଧାକୃଷ୍ଣ ବେଶ ପ୍ରତିଯୋଗିତା (ବାମ)। ଭୀମଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ କାହ୍ନୁ ତୁ ଫେରିଆ କାର୍ଯ୍ୟକ୍ରମ (ମଝି)। ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ।




ଜମନକିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଆୟୋଜିତ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ର (ବାମ)। ରେଢାଖୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇଛନ୍ତି।





ଦେବଗଡ଼ରେ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି (ବାମ)। ରେଙ୍ଗାଲି ଯୁଗାନ୍ତର କିଡଜ୍ ସ୍କୁଲର ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ (ମଝି)। ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

## କୁଟିଆ ମଦ ବିକ୍ରିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

- ଥାନାରେ ଦୁଇଟି ପୃଥକ ମାମଲା
- ଗୋଟିଏ ଗୋଷ୍ଠୀ ଏସ୍‌ପିଙ୍କ ଦ୍ୱାରସ୍ଥ

**ରେଙ୍ଗାଲି, ୨୩।୮ (ଡି.ଏନ.ଏ.)**

ସମ୍ବଲପୁର ଜିଲା କତରବଗା ଥାନା ଅନ୍ତର୍ଗତ ଥପାପାଲି ଗ୍ରାମରେ କୁଟିଆ ମଦ ବିକ୍ରିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଦୁଇ ଗୋଷ୍ଠୀ ଥାନାରେ ଏତଲା ଦେଇଛନ୍ତି। ଗୋଟିଏ ଗୋଷ୍ଠୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛି।

ଗତ ୨୧ ତାରିଖ ସନ୍ଧ୍ୟାରେ ଥପାପାଲି ଗ୍ରାମର ରାଜୁ ମୁଣ୍ଡା (୩୦) ଦେଶୀ ମଦ ବିକ୍ରି କରୁଥିବା ବେଳେ ସେହି ଗ୍ରାମର ସୁଜିତ ବନଛୋର ଏବଂ ଫଗୁ ବନଛୋର କାହିଁକି ମଦ ବିକ୍ରି କରୁଛୁ ମଦ ଦ୍ୱାରା ଗାଁର ଅନେକ ଲୋକ ବର୍ବାଦ ହେଲେଣି ବୋଲି କହି ରାଜୁଙ୍କୁ ମଦ ବିକ୍ରି କରିବାକୁ ବାରଣ କରିଥିଲେ । ଏଥିରେ ରାଜୁ ରାଗି ଯାଇ ସୁଜିତ ଓ ପଗୁଙ୍କୁ ଗାଳିଗୁଲଜ କରିବା ସହ ଲୁହାଛଡରେ ମାଡ ମାରି ଥିଲେ। ଏପରିକି ଗୁଣ୍ଡା ଲଗାଇ ସେମାନଙ୍କ ପରିବାରକୁ ବରବାଦ କରିଦେବାକୁ ଧମକ ଦେଇଥିଲେ । ଏହାକୁ ନେଇ ସୁଜିତ କତରବଗା ଥାନାରେ ଏକ ଏତଲା ଦେଇଥିଲେ । ସେହିପରି ରାଜୁ ମଧ କତରବଗା ଥାନାରେ ଏକ ଏତଲା ଦେଇଛନ୍ତି । ରାଜୁଙ୍କ ଏତଲା ମୁତାବକ ସେ ମଦ ବିକ୍ରି କରୁଥିବା ବେଳେ ସୁଜିତ ଏବଂ ଫଗୁ ତାଙ୍କୁ ଆକ୍ରଣ କରିଥିଲେ । କତରବଗା ପୋଲିସ ଉଭୟ ଗୋଷ୍ଠୀର ଅଭିଯୋଗକୁ ଆଧାର କରି ଦୁଇଟି ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି । ଏହି ଘଟଣାକୁ ନେଇ ସୁଜିତ ଏବଂ ଫଗୁ ଶୁକ୍ରବାର ସମ୍ବଲପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ।



ଆକ୍ରମଣ ପରେ ଥାନାରେ ଅଭିଯୋଗ କରିଥିବା ଗୋଟିଏ ପକ୍ଷ।

## ୧୧ ହଜାର ଟଙ୍କା ଜରିମାନା ଆଦାୟ
## ଟ୍ରାଫିକ ନିୟମ ପାଳିବାକୁ ସଚେତନ କଲେ ଛାତ୍ରୀଛାତ୍ର

**ରେଢାଖୋଲ,୨୩।୮(ଡି.ଏନ.ଏ.)**

ରେଢାଖୋଲ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଶୁକ୍ରବାର ଏକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମହିଳା ମହାବିଦ୍ୟାଳୟ ଓ ଭୀମ ଭୋଇ କଲେଜ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ସିଭିଲକୋର୍ଟ ସମ୍ମୁଖରୁ ବାହାରି ସହର ପରିକ୍ରମା କରି ବସଷ୍ଟାଣ୍ଡ ଭୀମ ଭୋଇ ଛକ ପର୍ଯ୍ୟନ୍ତ ଆସିଥିଲେ। ସବ୍‌ଜଜ୍ ଅପୂର୍ବା ଚୌଧୁରୀ, ଉପଜିଲାପାଳ ବିଶିକେସନ ଦେହୁରୀ, ଏସଡିପି ଓ ହାଡିବନ୍ଧୁ ସ୍ୱାଇଁ, ତହସିଲଦାର ରୁବି ବେହେରା, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ଯୋଗାଣ ଅଧିକାରୀ ବିଘ୍ନରାଜ ମହାପାତ୍ର ପ୍ରମୁଖ ଛାତ୍ରୀଛାତ୍ରଙ୍କ ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବସଷ୍ଟାଣ୍ଡରେ ଛାତ୍ରୀଛାତ୍ର ଜନସାଧାରଣଙ୍କୁ ଟ୍ରାଫିକ ନିୟମ ପାଳନ କରିବାକୁ ସଚେତନ କରିଥିଲେ। ଏହି ଅବସରରେ ପୋଲିସ ପକ୍ଷରୁ ହେଲମେଟ ଚେକିଂ କରାଯାଇଥିଲା। ବିନା ହେଲମେଟରେ ବାଇକ୍ ଚଳାଉଥିବା ଯାତ୍ରୀଙ୍କଠାରୁ ୧୧ହଜାର ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଥିଲା।



ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଟ୍ରାଫିକ ସଚେତନତା ରାଲି।

## ବଜ୍ରପାତରେ ୩ ଗୁରୁତର

**ଦେବଗଡ଼,୨୩।୮(ଡି.ଏନ.ଏ.)**

ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳରେ ଶୁକ୍ରବାର ବଜ୍ରପାତ ଘଟି ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଆମ୍ବଗାଁର ନୂଆଁଦେଇ ପେଣ୍ଟେଇ(୫୫), ପଞ୍ଚାନନ ନୀଳାଦ୍ରି ଏବଂ ଖଜୁରୀଖମଣ ଗ୍ରାମର ବାସନ୍ତୀ ସାହୁ(୪୫)। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ନୂଆଁଦେଇଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ରାସ୍ତା ତିଆରିକଲେ ସ୍କୁଲ ପିଲା

**ସମ୍ବଲପୁର,୨୩।୮(ବ୍ୟୁରୋ)**

ଯୁଯୁମୁରା ବ୍ଲକ୍ ଘେନୁପାଲିରେ ଶୁକ୍ରବାର ସ୍କୁଲ ଛାତ୍ରମାନେ ଗାଁ ଲୋକଙ୍କୁ ରାସ୍ତା ମରାମତି କାମରେ ସହଯୋଗ କରିଛନ୍ତି। ପ୍ରାୟ ୨୦ ଜଣ ପିଲା ଉତ୍ସାହରେ ଶ୍ରମଦାନ କରି ରାସ୍ତା ମରାମତିରେ ସହଯୋଗ କରିଥିଲେ। ଏହି ରାସ୍ତା ଦେଇ ପାଠ ପଢିବାକୁ ଯାଉଥିବାରୁ ଅସୁବିଧା ହେଉଛି। ତେଣୁ ଶୁକ୍ରବାର ଜନ୍ମାଷ୍ଟମୀ ପାଇଁ ସ୍କୁଲ ଛୁଟି ଥିବାରୁ ଗାଁ ଲୋକଙ୍କୁ ସହଯୋଗ ପାଇଁ ସୁଯୋଗ ମିଳିଛି ବୋଲି ସେମାନେ କହିଥିଲେ। ତେବେ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ବର୍ଷ ବର୍ଷ ଧରି ପ୍ରଶାସନ ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଉଛି। ବତବର୍ଷ ଅଗଷ୍ଟରେ ରାସ୍ତାରୋକୋ କରିବାରୁ ଜିଲାପାଳ, ବିଧାୟକ ରୋହିତ ପୂଜାରୀ, ବିଡିଓ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ ପହଞ୍ଚି ଗ୍ରାମରେ ସଭା କରିଥିଲେ । ୨ ମାସ ଭିତରେ ରାସ୍ତା କାମ ଆରମ୍ଭ ହୋଇଯିବ ବୋଲି କହିଥିଲେ। ସଙ୍ଗେ ସଙ୍ଗେ ଅସ୍ଥାୟୀ ଭାବେ ପଥରଗୁଣ୍ଡ ପକାଇ ରାସ୍ତାର ମରାମତି କରାଯାଇଥିଲା। ଏହା ପରେ ମଧ ଗ୍ରାମବାସୀ ରାସ୍ତା ନିର୍ମାଣକୁ ନେଇ ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ। ହେଲେ କିଛି ଲାଭ ହୋଇ ନ ଥିଲା। ସୂଚନାଯୋଗ୍ୟ ଯୁଯୁମୁରା ବ୍ଲକ ଘେନୁପାଲି-ସେମେଲଟିକ୍ରା ଗ୍ରାମ୍ୟ ରାସ୍ତା ଦେଇ ପାନୁପଡା, ସାନସାହି ଗ୍ରାମବାସୀ ନିର୍ଭର କରଛନ୍ତି । ସ୍କୁଲ କଲେଜ ପିଲାଙ୍କ ସହ ୩ ହଜାର ଲୋକେ ଏହି ରାସ୍ତାର କଦର୍ଯ୍ୟ ଅବସ୍ଥାର ଯୋଗୁ ହଇରାଣ ହେଉଛନ୍ତି। ଗାଡିମୋଟର ଯିବା ଆସିବା କଷ୍ଟକର ହୋଇପଡୁଛି। ଆମ୍ବୁଲାନ୍ସ ମଧ ଆସି ପାରୁନାହିଁ।



ରାସ୍ତାକାମରେ ପିଲା ସହଯୋଗ କରୁଛନ୍ତି।

## ଦିନ ଦ୍ୱିପ୍ରହରରେ ଘର ତାଲା ଭାଙ୍ଗି ଚୋରି

**ଦେବଗଡ଼,୨୩।୮(ଡି.ଏନ.ଏ.)**

ଦେବଗଡ଼ ସହର ପଣ୍ଡାସାହି ନ୍ୟୁ କଲୋନୀରେ ରହୁଥିବା ଅଧ୍ୟାପକ ନରେନ୍ଦ୍ର କୁମାର ଶତପଥୀଙ୍କ ଭଡା ଘରୁ ଶୁକ୍ରବାର ମଧ୍ୟାହ୍ନରେ ଚୋରି ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଅଧ୍ୟାପକ ଶତପଥୀ ଏବଂ ତାଙ୍କ ସ୍ତ୍ରୀ ନମିତା କୌଣସି ସାମଗ୍ରୀ କିଣିବା ପାଇଁ ଦେବଗଡ଼ ବଜାରକୁ ଯାଇଥିଲେ। ସେମାନେ ଘରକୁ ଆସି ମୁଖ୍ୟ ଫାଟକ ତାଲା ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଘର ଭିତରକୁ ଯାଇ ଦେଖିଲା ବେଳକୁ ଘରେ ଥିବା ୨ଟି ଆଲମିରା ଭଙ୍ଗା ହୋଇ ନଗଦ ୭ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଅଧ୍ୟାପକ ଶତପଥୀ ଦେବଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦିନ ଦ୍ୱିପ୍ରହରରେ ଘର ତାଲା ଭାଙ୍ଗି ଚୋରି ହେବା ଘଟଣା ପୋଲିସର କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି।

## ବଳିଦାନ ଦିବସ ପାଳିତ

**ଦେବଗଡ଼,୨୩।୮(ଡି.ଏନ.ଏ.)**

ପବିତ୍ର ଜନ୍ମାଷ୍ଟମୀ ଅବସରରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ତଥା ଧର୍ମରକ୍ଷା ଦିବସ ସ୍ଥାନୀୟ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ରଞ୍ଜନ ବିଶ୍ୱାଳ ଯୋଗଦେଇ ସ୍ୱାମିଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମିତ୍ରଭାନୁ ମହାପାତ୍ର ସ୍ୱାମିଜୀଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ପ୍ରାନ୍ତ ଧର୍ମଜାଗରଣ ପ୍ରମୁଖ ଶୁଭ୍ରାଂଶୁ ଗୁରୁ, ନଗର ସଂଘ ଚାଳକ ଅଜୟ ମିଶ୍ର, ନଗର କାର୍ଯ୍ୟବାହ ରାଜେଶ ଦାଶ, ଜିଲା କାର୍ଯ୍ୟବାହ ପ୍ରଦ୍ୟୁମ୍ନ ମିଶ୍ର, ଜିଲା ପ୍ରଚାର ପ୍ରମୁଖ ଅନ୍ତ ଦାଶ, ପୂର୍ବତନ ଅଧକ୍ଷ ଭୋଳେଶ୍ୱର ସାହୁ, ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ଭୁକ୍ତା, ସାରଙ୍ଗ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଦେବଗଡ଼ ସଂସ୍କୃତି ଭବନରେ ଆୟୋଜିତ ବଳିଦାନ ଦିବସରେ ଉପସ୍ଥିତ ସ୍ୱୟଂସେବକମାନେ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

-ଆବ୍ରାହମ୍ ଲିଙ୍କନ

## ସଂକ୍ଷେପରେ

### ସାକ୍ଷୀପଡା କ୍ୟାଥୋଲିକ୍ ଚର୍ଚ୍ଚରେ ସଦ୍‌ଭାବନା ଦିବସ

ସମ୍ବଲପୁର, ୨୩।୮ (ବ୍ୟୁରୋ)
ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସାକ୍ଷୀପଡା କ୍ୟାଥେଲିକ ଚର୍ଚ୍ଚ ପରିସରରେ ସଦ୍‌ଭାବନା ଦିବସ ଅନୁଷ୍ଠିତ ହୋଇଯାଇଛି । ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ମାରିଆନୁସ ବିଲୁଙ୍ଗଙ୍କ ପରିଚାଳନାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଇନ୍ଦୁ ଭୂଷଣ ମହାପାତ୍ର, ବିଜୟ ସାହୁ, ଶେଖ ସୁଫିଆନ୍ ଉଲ୍ଲା ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଅନୁରାଗ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ

ସମ୍ବଲପୁର, ୨୩।୮ (ବ୍ୟୁରୋ)
ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ରାମକଳୀ ଦେବୀ ଉଚ୍ଚତର ମାଧ୍ୟମିକ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ଡ. ମୀନକେତନ ପାଠିଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ଡ. ସୁଶାନ୍ତ କୁମାର ସିଂ ସ୍ୱାଗତ ଭାଷଣ ଦେଇଥିଲେ । ଅଧାପିକା ପ୍ରଭାତି ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡ. କାମଦେବ ସାହୁ ମୁଖ୍ୟବକ୍ତା, ଡ. ସନ୍ତୋଷ କୁମାର ଦାସ ଓ ଅଶୋକ କୁମାର ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ମାର୍ଗ ଉପରେ ଆଲୋକପାତ କରିଥିଲେ । ଅଧାପକ ବିଶ୍ୱପତି ବେହେରା, ଅଧାପକ ସୁନୀଲ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ପ୍ରସନ୍ନ କୁମାର ସରକାର ଧନ୍ୟବାଦ ଅର୍ପଣ କରିଥିଲେ।

### ଶାରୀରିକ ଶିକ୍ଷା ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

ସମ୍ବଲପୁର, ୨୩।୮ (ବ୍ୟୁରୋ)- ବୁଢ଼ାରଜା ସରକାରୀ ହାଇସ୍କୁଲ ପରିସରରେ ସମ୍ବଲପୁର ଶାରୀରିକ ଶିକ୍ଷ ସଂଘ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । କୁଟୁରାଚୁଆଁ ସରକାରୀ ହାଇସ୍କୁଲ ପ୍ରବୀଣ କୁମାର ପଟେଲଙ୍କ ଅଧକ୍ଷତାରେ ସଭା ହୋଇଥିଲା । ଜିଲାର ବିଭିନ୍ନ ଅଞ୍ଚଳରୁ ଶାରୀରିକ ଶିକ୍ଷକମାନେ ଯୋଗଦେଇ ନିଜସ୍ୱ ମତ ଓ ସମସ୍ୟା ଉପସ୍ଥାପନ କରିଥିଲେ । ଏହାପରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଜଗବନ୍ଧୁ ବେହେରା ସଭାପତି, ନରେନ୍ଦ୍ର କୁମାର ଦେହୁରୀ ଉପସଭାପତି, ସତ୍ୟରଞ୍ଜନ ପଣ୍ଡା ସମ୍ପାଦକ, ଲକ୍ଷ୍ମଣ କୁମାର ନାଥ ଯୁଗ୍ମ ସମ୍ପାଦକ, ନାରାୟଣ ପଧାନଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି। ବିଶେଶ୍ୱର କାଲୋ, ସୌମେନ୍ଦ୍ର କୁମାର ଦାଶ, ହିମାଂଶୁ ପଟେଲ, ମିତ୍ରଭାନୁ ନାୟକ, ପୃଥ୍ୱିନାଥ ସୁଧାଂଶୁ, ପ୍ରଦୀପ କୁମାର ସାହୁ, ସୁକାନ୍ତ ପଧାନ, ପ୍ରଦୀପ ପଟେଲ ସଂଘ ପ୍ରତିନିଧି ଭାବେ ରହିଛନ୍ତି। ସାହେବ ଖମାରୀ, ବିଦ୍ୟୁତବାଳା ଦାସ ଓ କିଶୋର ପଣ୍ଡା ଉଦଦେଷ୍ଟା କମିଟି ସଭ୍ୟ ଭାବେ ରହିଛନ୍ତି।

### ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲା କାର୍ଯ୍ୟକାରିଣୀ କମିଟି ବୈଠକ

ସମ୍ବଲପୁର, ୨୩।୮ (ବ୍ୟୁରୋ)- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲା କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଫାର୍ମ ରୋଡଠାରେ ଅନୁଷ୍ଠିତ ହୋଇଯାଇଛି । ବୁଦ୍ଧଦେବ ବିଶ୍ୱାଳଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂଦେଓ ଯୋଗ ଦେଇଥିଲେ । ରାଜ୍ୟ ଓ କେନ୍ଦ୍ରର ଶ୍ରମିକ ମାରଣ ନୀତି, ଜନସମସ୍ୟା ପ୍ରତି ସରକାରଙ୍କ ଅଣଦେଖା, ଶାସନ କ୍ଷମତାର ଦୁରୁପଯୋଗ ଉପରେ ଆଲୋକପାତ କରାଯାଇଥିଲା। ବିଦ୍ୟୁତ ବିଭାଗ ଶ୍ରମିକଙ୍କ ପ୍ରତି ସରକାର ଅଣଦେଖା କରୁଛନ୍ତି । ନିର୍ମାଣ ଶ୍ରମିକମାନଙ୍କ ପ୍ରାପ୍ୟ ଦେବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି । ଏହାଦ୍ୱାରା ଶ୍ରମିକ ଅଶାନ୍ତି ବଢ଼ିବାରେ ଲାଗିଛି । ଜିଲାର ବିଭିନ୍ନ ରାସ୍ତା ଘାଟ, ନାଳ ନର୍ଦ୍ଦମା ଗୁଡିକ ଶୋଚନୀୟ ହୋଇଛି ବୋଲି କର୍ମକର୍ତ୍ତା ମତ ପ୍ରକାଶ କରିଥିଲେ । ରବୀନ୍ଦ୍ର ମହାନ୍ତି, ସରୋଜିନୀ ଆଚାର୍ଯ୍ୟ, ନିରୋଦ ସିଂଦେଓ, ଅରୁଣ ଖୁଣ୍ଟିଆ ଆଲୋଚନାରେ ଭାଗ ନେଇଥିଲେ । ଜିଲା ସମ୍ପାଦକ ନଟୁ ଗୋପାଳ ସୂଚନା ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ ।

# ଛାତ୍ର ସଂସଦ ନିର୍ବାଚନ ବନ୍ଦ ଏକ ଷଡ଼ଯନ୍ତ୍ର

ସମ୍ବଲପୁର, ୨୩।୮ (ବ୍ୟୁରୋ)



ଶୁକ୍ରବାର ଜିଏମୟୁ ଫାଟକ ସମ୍ମୁଖରେ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

- ଜିଏମ୍‌ୟୁ ଫାଟକରେ ଏବିଭିପିର ବିକ୍ଷୋଭ
- ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବିରୋଧରେ ନାରାବାଜି
- ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି

ଚଳିତ ବର୍ଷ କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ମଧ୍ୟ ହେବ ନାହିଁ ବୋଲି ରାଜ୍ୟ ସରକାର ସ୍ଥିର କରିଛନ୍ତି । ହେଲେ ଏହାକୁ ବିରୋଧ ଓ ପ୍ରତିବାଦ କରି ଶୁକ୍ରବାର ରାଜ୍ୟ ସରକାର ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବିରୋଧରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ୟୁନିଟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଏମୟୁ ଫାଟକ ସମ୍ମୁଖରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ବିରୋଧରେ ପରିଷଦ ନାରାବାଜି କରିଥିଲା। ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବା ଏକ ଷଡଯନ୍ତ୍ର। ଏହା ଦ୍ୱାରା କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଅଧିକାରକୁ ରାଜ୍ୟ ସରକାର ଜାଣିଶୁଣି ଚପାଇ ଦେଉଛନ୍ତି । ରାଜ୍ୟ ଓ ଦେଶରେ ବରିଷ୍ଠ ରାଜନେତା ହେବାକୁ ହେଲେ କଲେଜ ସ୍ତରରୁ ନିର୍ବାଚନର ସମ୍ମୁଖିନ ହେବାକୁ ପଡିଥାଏ । ପରବର୍ତ୍ତୀ ସମୟରେ ଛାତ୍ରନେତାମାନେ ରାଜନେତା ଭାବେ ପ୍ରତିଷ୍ଠା ଲାଭ କରିଥାନ୍ତି ବୋଲି ଆନ୍ଦୋଳନକାରୀ ଯୁକ୍ତି ବାଢିଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ସେମାନେ ଗର୍ଜି ଥିଲେ। ଛନ୍ଦାଚରଣ ଦଳପଦ, ରାଜନ ବିଶ୍ୱାଳ, ସୌମ୍ୟରଞ୍ଜନ ବଡପଣ୍ଡା, ଜିତୁରାଜ ଚାନ୍ଦ, ନିଖିଳ ଅଗ୍ରୱାଲ, ରାଜଗୋପାଳ ଚୌଧୁରୀ, ଚନ୍ଦନ ମୁଦୁଲି, ଶ୍ୱେତାଂଶୁ ଶେଖର ବରେଇ, ଜଗମୋହନ ନାୟକ, ଅମୂଲ୍ୟ ତାଣ୍ଡିଆ, ରୁଦ୍ରେଶ ନାଥ, ପୁଷ୍ପକାନ୍ତ ସାହୁ, ସୁଗମ ମିଶ୍ର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ଲୋକେ ଗୋଡାଇବାରୁ ଭୟରେ ଚେତା ବୁଡିଗଲା

ବାମରା, ୨୩।୮ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ରେଳ ଷ୍ଟେଶନରେ ବୁଲୁଥିବା ଜଣେ ୪୫ ବର୍ଷର ବ୍ୟକ୍ତିଙ୍କୁ ସ୍ଥାନୀୟ ଯୁବକମାନେ ପଚରାଉଚରା କରିବାରୁ ସେଠାରୁ ସେ ଦୌଡି ଦୌଡି ପଳାଇ ଯାଇ ହଟହଟା ହୋଇଛନ୍ତି। ଷ୍ଟେସନ୍‌ରେ ସେ ବୁଲୁଥିଲାବେଳେ ଲୋକେ ସନ୍ଦେହରେ ତାଙ୍କୁ ଗୋଡାଇ ଥିଲେ। ହେଲେ ସେ ନିକଟସ୍ଥ ଡିଏଫଓ ଅଫିସ ଭିତରକୁ ଡେଇଁ ପଶି ଯାଇଥିଲେ। ଲୋକେ ଏ ନେଇ ଗୋବିନ୍ଦପୁର ଥାନାକୁ ଜଣାଇବାରୁ ପୋଲିସ ପହଞ୍ଚିଥିଲା। ଚେତାଶୂନ୍ୟ ହୋଇ ପଡିଥିବା ଏହି ଯୁବକଙ୍କୁ ପୋଲିସ ସ୍ଥାନୀୟ ଡାକ୍ତରଖାନା ନେବା ପରେ ସେଠାରେ ତାଙ୍କ ଚେତା ଫେରିଥିଲା। ସୁନ୍ଦରଗଡ଼ ଜିଲା ଧୁରୁଆଡିହି ଥାନା ଅଧୀନ ତେଲିମାଲ (ମଝାପଡା)ରେ ତାଙ୍କ ଘର ଓ ନାଁ ଆଲବର୍ଟ ବୁଡ ବୋଲି ସେ ପୋଲିସକୁ ପରିଚୟ ଦେଇଥିଲେ। ତେବେ ଲୋକେ ଗୋଡାଇବାରୁ ସେ ଭୟଭୀତ ହୋଇ ବେହୋସ ହେବାର ନାଟକ କରିଥିଲେ ବୋଲି ପୋଲିସକୁ କହିଛନ୍ତି। ଯାହାବି ହେଉ ପୋଲିସ ଶେଷରେ ତାଙ୍କୁ ତାଙ୍କ ଘରେ ନେଇ ଛାଡିଛି।

## ବାଂଲାଦେଶୀ ଅନୁପ୍ରବେଶ ବଢୁଛି
# ଧର୍ମାନ୍ତରୀକରଣରେ ସରକାର ନୀରବ

ସମ୍ବଲପୁର, ୨୩।୮ (ବ୍ୟୁରୋ)




ଶୁକ୍ରବାର ସମ୍ବଲପୁରରେ ଭିଏଚପି କେନ୍ଦ୍ରୀୟ ସଂଗଠନ ମହାମନ୍ତ୍ରୀ ବିନାୟକ ରାଓ ଦେଶପାଣ୍ଡେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ଜିଲା ପ୍ରଶାସନ ପାଖରେ କୌଣସି ତଥ୍ୟ ରହୁନାହିଁ । ଅପରପକ୍ଷେ ସମ୍ବଲପୁର ସହର ସମେତ ଜିଲାର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଧର୍ମାନ୍ତିକରଣ ହେଉଛି । ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପାଖରେ ଅଭିଯୋଗ କଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରା ଯାଉନି। ଏଣୁ ହିନ୍ଦୁ ଧର୍ମ ପ୍ରତି ବିପଦ ରହିଛି। ସ୍ୱର୍ଗତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଧର୍ମ ପରିବର୍ତ୍ତନ ଦିଗରେ ସ୍ୱର ଉତ୍ତୋଳନ କରିଥିଲେ । କିନ୍ତୁ ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଶୁକ୍ରବାର ସମ୍ବଲପୁର ଭିଏସ୍‌ଏସ୍ ମାର୍ଗସ୍ଥିତ ଏକ ହୋଟେଲର ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସଂଗଠନ ମହାମନ୍ତ୍ରୀ ବିନାୟକ ରାଓ ଦେଶପାଣ୍ଡେ ଏହା କହିଛନ୍ତି । ଜାମ୍ମୁକାଶ୍ମୀରରେ ୩୭୦ ଧାରା ଓ ୩୫ (ଏ) ଧାରା ଉଚ୍ଛେଦ କରିବାକୁ ପୂର୍ବରୁ ବିଶ୍ୱ ହିନ୍ଦୁ ପରିଷଦ ଦାବି କରି ଆସୁଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଶେଷରେ ଉଚ୍ଛେଦ କରିଛନ୍ତି। ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଅପରପକ୍ଷେ ଅଯୋଧ୍ୟା ରାମମନ୍ଦିର ନିର୍ମାଣ ପ୍ରସଙ୍ଗ ସୁପ୍ରିମ କୋର୍ଟରେ ବିଚାରାଧୀନ ଚାଲିଛି । ଖୁବ ଶୀଘ୍ର ରାୟ ପ୍ରକାଶ ପାଇବ। ହିନ୍ଦୁ ଧର୍ମ ସପକ୍ଷରେ ଯିବ ବୋଲି ଆଶା ଅଛି। ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣ କରାଯିବ । ୧୦ ବର୍ଷ ତଳେ ଦେଶରେ ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟିଆନ୍‌ଙ୍କ ସଂଖ୍ୟା ଯେତିକି ଥିଲା, ତାହା ବର୍ତ୍ତମାନ ଅସନ୍ତୁଳନ ହୋଇଛି । ହିନ୍ଦୁ ଧର୍ମାବଲମ୍ବୀଙ୍କ ତୁଳନାରେ ଅନ୍ୟମାନଙ୍କ ସଂଖ୍ୟା ଅନେକ ଗୁଣ ବଢ଼ିଛି । ଏହା ଦେଶ ପାଇଁ ବିପଦ। କେନ୍ଦ୍ର ସରକାର ଅସନ୍ତୁଳ ଜନସଂଖ୍ୟା ରୋକିବା ଦିଗରେ ଯତ୍ନଶୀଳ ହେବା ସମୟ ଆସିଛି ବୋଲି ଦେଶପାଣ୍ଡେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ବିଶ୍ୱ ହିନ୍ଦୁ ପରିଷଦ ସଭାପତି ସୁଶୀଲ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରାନ୍ତ ସହସମ୍ପାଦକ ରାଜୀବ କୁମାର ଶତପଥୀ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋ- ସୁରକ୍ଷା ପ୍ରମୁଖ ବିଜୟ ସାହୁ, ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ

ସମ୍ବଲପୁର, ୨୩।୮ (ବ୍ୟୁରୋ)

ବିଶ୍ୱ ହିନ୍ଦୁ ପରିଷଦର ୫୫ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ରାତିରେ କ୍ଷେତରାଜପୁରସ୍ଥିତ ଅଗ୍ରସନ ଭବନଠାରେ ପାଳିତ ହୋଇଯାଇଛି । ବିଶ୍ୱ ହିନ୍ଦୁ ପରିଷଦ ଜିଲା ସମ୍ପାଦକ ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀଙ୍କ ପରିଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ସଂଗଠନ ମହାମନ୍ତ୍ରୀ ବିନାୟକ ରାଓ ଦେଶପାଣ୍ଡେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପବିତ୍ର ଜନ୍ମାଷ୍ଟମୀ, ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସଭାପତି ସୁଶୀଲ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପଶ୍ଚିମ ପ୍ରାନ୍ତ ଯୁଗ୍ମ ସମ୍ପାଦକ ରାଜୀବ ଶତପଥି ସୂଚନା ଓ ନଗର ସଭାପତି ଶରତ କୁମାର ଅତିଥି ସ୍ୱାଗତ କରିଥିଲେ। ବଜରଙ୍ଗ ଦଳ ପଶ୍ଚିମପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲାପରିଷଦ ସଭାପତି ରାଧେଶ୍ୟାମ ବାରିକ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ସହାୟତା



ସମ୍ବଲପୁର ଜିଲା ବୁରୋମାଳ ଗ୍ରାମର ନରୋତ୍ତମ ପ୍ରଧାନଙ୍କୁ କ୍ଷତିପୂରଣ ଦିଆଯାଉଛି।

ସମ୍ବଲପୁର, ୨୩।୮ (ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବୁରୋମାଲ ଗ୍ରାମର ନରୋତ୍ତମ ପ୍ରଧାନଙ୍କୁ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଜିଲା ପରିଷଦ ସଭ୍ୟ ବିଭୂତି ଭୂଷଣ ପ୍ରଧାନ, ସରପଞ୍ଚ ସାବିତ୍ରୀ ମିର୍ଦ୍ଧା, ପଡିଆବାହାଲ ରେଞ୍ଜର ସୁରେଶ ପ୍ରଧାନ, ଫରେଷ୍ଟର ପ୍ରମୋଦ ମିଶ୍ର ଉପସ୍ଥିତ ଥିଲେ। ନରୋତ୍ତମଙ୍କୁ ପୂର୍ବରୁ ୪୦ ହଜାର ଟଙ୍କା ଦିଆ ଯାଇଥିଲା। ବାକି ୩ ଲକ୍ଷ ୬୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି। ଗତବର୍ଷ ଡିସେମ୍ବରରେ ନରୋତ୍ତମଙ୍କ ମା’ ପାର୍ବତୀଙ୍କୁ ହାତୀ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଯୋଗଦେଲେ ଡିଆଇଜି ହିମାଂଶୁ ଲାଲ

ସମ୍ବଲପୁର, ୨୩।୮ (ବ୍ୟୁରୋ)



ଉତ୍ତରରଞ୍ଚଳ ପୋଲିସ ଡିଆଇଜି ଭାବେ ହିମାଂଶୁ ଲାଲ ଶୁକ୍ରବାର ଯୋଗଛନ୍ତି । ଡିଆଇଜି ସତ୍ୟବ୍ରତ୍ୟ ଭୋଇଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଯୋଗଦାନ ପରେ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ସମ୍ବଲପୁର ଉତ୍ତରାଞ୍ଚଳ ଡିଭିଜନରେ ମାଓବାଦୀ ପ୍ରବଣ ଅଞ୍ଚଳ ରହିଛି। ଏଣୁ ସେମାନଙ୍କୁ ଦମନ କରାଯିବ। ସେହିପରି ଅପରାଧୀଙ୍କ ପ୍ରତି କଠୋର ଓ ସାଧାରଣ ଲୋକଙ୍କ ସହ ସୁସମ୍ପର୍କ ରଖାଯିବ। କୌଣସି ଅପରାଧୀଙ୍କୁ ପ୍ରଶୟ ଦିଆଯିବ ନାହିଁ। ପୂର୍ବ ଡିଆଇଜି ଭୋଇଙ୍କ ସମୟରେ ଅପରାଧ ନିୟନ୍ତ୍ରଣରେ ରହିଛି। ତାହାକୁ ବଜାୟ ରଖିବାକୁ ଚେଷ୍ଟା କରାଯିବ । ସରକାର ଘୋଷଣା କରିଥିବା ୫ଟି ଉପରେ ଗୁରୁତ୍ୱ ଦିଆଯାଇ କାମ କରାଯିବ । ପୋଲିସ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା କର୍ତ୍ତବ୍ୟ। ତେଣୁ ସମସ୍ତଙ୍କୁ ନ୍ୟାୟ ଦେବାରେ ପୋଲିସ ଅବହେଳା କରିବ ନାହିଁ । ଏଥିପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଙ୍ଗରେ ନେଇ କାମ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଦକ୍ଷିଣାଞ୍ଚଳ ଡିଆଇଜି(ବ୍ରହ୍ମପୁର) ବଦଳି ହୋଇଥିବାବେଳେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଥିବା ହିମାଂଶୁ ଲାଲଙ୍କୁ ଉତ୍ତରାଞ୍ଚଳ(ସମ୍ବଲପୁର) ଡିଆଇଜି ଭାବେ ବଦଳି ହୋଇଛି।

## ସତର୍କ ରହିବାକୁ ଭିସୁଟ ୱାର୍ଡେନ୍‌ମାନଙ୍କୁ ନିର୍ଦ୍ଦେଶ

ସମ୍ବଲପୁର, ୨୩।୮ (ବ୍ୟୁରୋ)

ବୁର୍ଲା ଭିସୁଟରେ ର୍ୟାଗିଂ ହୋଇଥିବା ନେଇ ଭିଡିଓ ଭାଇରାଲ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କର୍ତ୍ତୃପକ୍ଷ ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି। ଆଗକୁ ଯେଭଳି ଏପରି ଘଟଣା ନ ଘଟେ ସେ ଦିଗରେ ସତର୍କ ରହିବାକୁ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରସରରେ ଥିବା ସମସ୍ତ ହଷ୍ଟେଲର ୱାଡେନ୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାରଠାରୁ ଛାତ୍ରୀଛାତ୍ରଙ୍କୁ ର୍ୟାଗିଂ ନ କରିବା ଉପରେ ସଚେତନ କରାଯିବ। ଆଣ୍ଟି ର୍ୟାଗିଂ ସ୍କ୍ୱାର୍ଡକୁ ମଧ୍ୟ ସ୍ୱତନ୍ତ୍ର ଭାବେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଘଟଣାରେ କୁଳପତି ଅଟଳ ଚୌଧୁରୀ ଶୃଙ୍ଖଳା କମିଟି, ଡିନ୍ ସଦସ୍ୟ, ୱାର୍ଡେନ ଓ କଲେଜ ଅଧିକାରୀଙ୍କୁ ନେଇ ଏକ ଜରୁରୀ ବୈଠକ କରିଛନ୍ତି। ର୍ୟାଗିଂ କରିଥିବା ଛାତ୍ରମାନଙ୍କ ମଧ୍ୟରୁ ୧୦ଜଣଙ୍କୁ ବର୍ଷେ ଲାଗି ପରୀକ୍ଷାରୁ ବାଦ ଦିଆଯାଇଛି। ନିଜ ପକ୍ଷରୁ ଦୋଷ ସ୍ୱୀକାର କରିଥିବା ୫୨ ଜଣ ଛାତ୍ରଙ୍କୁ ୨ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି।

## ମହିଳା ସଶକ୍ତୀକରଣ କ୍ଷେତ୍ରରେ ବନ ବିଭାଗର ପ୍ରୟାସ
# ରୋଜଗାର ବୃଦ୍ଧି ସୁଗମ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର, ୨୩।୮ (ବ୍ୟୁରୋ)

ମହିଳା ସଶକ୍ତୀକରଣ କରି ରୋଜଗାରକ୍ଷମ କରାଇବା ପାଇଁ ସରକାରଙ୍କ ସମସ୍ତ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ବନ ବିଭାଗ ପକ୍ଷରୁ ମଧ୍ୟ ପ୍ରୟାସ ଆରମ୍ଭ କରାଯାଉଛି। ଏହି ଅବସରରେ ଏସ୍‌ଏଚ୍‌ଜି ମହିଳା ତଥା ବନସୁରକ୍ଷା ସମିତିରେ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କ ପାଇଁ ନୂତନ କୋଠା ଲୋକାର୍ପିତ କରାଯାଇଛି। ଓଡିଶା ବନ୍ୟାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ -୨ ସମ୍ବଲପୁର ବନଖଣ୍ଡ ଅଧୀନରେ ପଡିଆବାହାଲ ରେଞ୍ଜ ଅଢାପଡା ଓ ସଦରରେଞ୍ଜ ଭୀମଖୋଜ ଗ୍ରାମରେ ଏହା ନିର୍ମିତ ହୋଇଛି। ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଡିଏଫଓ ଡ. ସଞ୍ଜିତ କୁମାର କହିଛନ୍ତି ଯେ, ଗ୍ରାମର ମହିଳାମାନେ ଏହି କୋଠାକୁ ବ୍ୟବହାର କରି ବୈଠକ ଓ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ କରି ପାରିବେ। ବିଧାୟକ ପୂଜାରୀ କହିଥିଲେ ଯେ, ଜଙ୍ଗଲ ନିକଟରେ ବସବାସ କରୁଥିବା ଗ୍ରାମବାସୀଙ୍କ ଅନେକ ସମସ୍ୟା ରହୁଛି। ବନ ବିଭାଗ ଅଧୀନରେ ରାସ୍ତା ଥିବାରୁ ରାସ୍ତା ନିର୍ମାଣ କରାଯାଉ ନାହିଁ । ତେଣୁ ବନ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁ। ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ ଓ ଧନ ଜୀବନ ନଷ୍ଟ ହେଉଛି। ତେଣୁ କ୍ଷତିପୂରଣ ଟଙ୍କା ବୃଦ୍ଧି କରାଯାଉ। ଜଙ୍ଗଲ ସୁରକ୍ଷା ଦିଗରେ ବନ ବିଭାଗର ଯେତିକି ଦାୟିତ୍ୱ ଅଛି ସେତିକି ଗ୍ରାମବାସୀଙ୍କ ମଧ୍ୟ ରହିଛି । ତେଣୁ ସମସ୍ତଙ୍କୁ ଗଛ ଲଗାଇବା ସହ ଜଙ୍ଗଲକୁ ସୁରକ୍ଷା ଦେବାକୁ ବିଧାୟକ କହିଥିଲେ । ଅବସରପ୍ରାପ୍ତ ଡେପୁଟି କଞ୍ଜରଭେଟର ପଙ୍କଜ କୁମାର ପଣ୍ଡା, ଆଇଏଫଏସ ଲଳିତ କୁମାର ପାତ୍ର, ସଦର ରେଞ୍ଜ ଜୀବନ ଜୀବିକା ସଂଯୋଜକ ବିଭୂତି ଭୂଷଣ ହୋତା, ତୁଷାରକାନ୍ତ ପାଣିଗ୍ରାହୀ, ଦେବାଶିଷ ଦାସ, ଶହସ୍ରାଂଶୁ ରଥ, ଗିତା ସାହୁ, ପଡିଆବାହାଲ ରେଞ୍ଜର ସୁରେଶ ମିର୍ଦ୍ଧା ପ୍ରମୁଖଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।



ସମ୍ବଲପୁର ଜିଲା ଅଢାପଡାରେ ଏସ୍‌ଏଚ୍‌ଜି ମହିଳା ଓ ବନସୁରକ୍ଷା ସମିତିର ସଦସ୍ୟମାନଙ୍କ ପାଇଁ ନିର୍ମିତ କୋଠାକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

## ଓଲଟିଲା ଯାତ୍ରୀବାହୀ ବସ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ରେଢାଖୋଲ, ୨୩।୮ (ଡି.ଏନ.ଏ.)

ରେଢାଖୋଲରୁ ୧୨କି.ମି. ଦୂର କୁଟାସିହାଁ ଗାଁ ନିକଟରେ ଶୁକ୍ରବାର ଅପରାହ୍ନ ୫ଟାରେ ଏସ. କୁମାର (ଓଆର-୧୫-ଇ-୦୭୨୭) ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଓଲଟି ପଡିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ବସ୍‌ଟି ଅନୁଗୋଳରୁ ସମ୍ବଲପୁର ଫେରୁଥିଲା। ହେଲେ ଭାରସାମ୍ୟ ହରାଇବାରୁ ରାସ୍ତା କଡକୁ ଓଲଟି ପଡିଥିଲା। ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ରେଢାଖୋଲ ଥାନା ଅଧୀନ ସାଲେସିଂର ଦୁଃଖୀଶ୍ୟାମ ମେହେର(୨୫), ଦେହୁରିସାହିର ବିଶ୍ୱଜିତା ସାହୁ (୪୫), ସିମିଳିପାଳର ଅଞ୍ଜଳି ପ୍ରଧାନ (୩୫), ଅଜିତ ମହାନନ୍ଦିଆ (୩୫) ଓ ସୁବାସ ମଲ୍ଲିକ (୪୫) ଆହତ ହୋଇଥିଲେ। ଏମାନଙ୍କୁ ରେଢାଖୋଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି।



"କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ଏହାର ସମାଧାନ କରିବା ଆବଶ୍ୟକ। ଏଥିରେ ତୃତୀୟ ପକ୍ଷ ହସ୍ତକ୍ଷେପ କରି ସମ୍ପୃକ୍ତ ଅଞ୍ଚଳରେ ହିଂସାକୁ ଉସୁକାଇବା ଅନୁଚିତ।

-ଇମାନ୍ୱେଲ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି

## ସଂକ୍ଷେପରେ

### ପାକ୍ ସେନା ଗୁଳିରେ ଯବାନ ଶହୀଦ



ରାଜୀବ ଥାପ୍ପା

**ଜମ୍ମୁ,୨୩।୮(ପି.ଟି.):** ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା ନିକଟ ରାଜୌରୀ ଜିଲାରେ ଜଣେ ଭାରତୀୟ ଯବାନ ପାକିସ୍ତାନୀ ସେନା ଗୁଳିମାଡ଼ରେ ଶୁକ୍ରବାର ଶହୀଦ ହୋଇଛନ୍ତି। ଗତ ସପ୍ତାହକ ମଧ୍ୟରେ ସୀମାରେ ୩ ଯବାନଙ୍କୁ ମିଶାଇ ୪ ଜଣ ପାକ୍ ସେନା ଗୁଳିରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଶୁକ୍ରବାର ଶହୀଦ ହୋଇଥିବା ଯବାନ ରାଜୀବ ଥାପ୍ପା(୩୪) ଜଣେ ସାହସୀ ଯୋଦ୍ଧା ଥିଲେ ବୋଲି ପ୍ରତିରକ୍ଷା ବିଭାଗର ମୁଖପାତ୍ର ଲ୍ୟୁଟନାଣ୍ଟ କଲୋନେଲ୍ ଦେବେନ୍ଦ୍ର ଆନନ୍ଦ ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗର ଜଲପାଇଗୁଡ଼ିସ୍ଥିତ ମେଟ୍‌ପାରା ଗ୍ରାମରେ ତାଙ୍କ ଘର। ପାକିସ୍ତାନୀ ସେନା ନିୟନ୍ତ୍ରଣ ରେଖା ନିକଟରେ ଅସ୍ତ୍ରବିରତି ଉଲ୍ଲଂଘନ ଜାରି ରଖିଥିବାବେଳେ ନୌସେରା ସେକ୍ଟରରେ ଭାରତୀୟ ସେନା ଏହାର କଡ଼ା ଜବାବ୍ ଦେଇଛି।

### ଶପଥ ନେଲେ ମନମୋହନ ସିଂ



**ନୂଆଦିଲ୍ଲୀ,୨୩।୮(ପି.ଟି.):** ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଷଷ୍ଠଥର ଲାଗି ଶୁକ୍ରବାର ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ତାଙ୍କୁ ଶପଥପାଠ କରାଇଛନ୍ତି। ଏହି ଅବସରରେ କଂଗ୍ରେସ ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଗୃହର ନେତା ଥାୱର ଚାନ୍ଦ ଗେହଲଟ୍, ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ,ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଉପ ମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଉପସ୍ଥିତ ଥିଲେ। ତାଙ୍କ ବିରୋଧରେ ଭାଜପା ପ୍ରାର୍ଥୀ ନ ଦେବାରୁ ନିର୍ଦ୍ୱନ୍ଦ୍ୱରେ ମନମୋହନ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି।

### ପାକ୍ ରେଳମନ୍ତ୍ରୀଙ୍କୁ ଲଣ୍ଡନରେ ଅଣ୍ଡାମାଡ଼



**ଇସ୍‌ଲାମାବାଦ,୨୩।୮(ଆଇଏଏନ୍ଏସ୍):** ପାକିସ୍ତାନ ରେଳମନ୍ତ୍ରୀ ତଥା ଆୱାମୀ ମୁସ୍‌ଲିମ୍ ଲିଗ୍ (ଏଏମ୍ଏଲ୍) ଅଧ୍ୟକ୍ଷ ଶେଖ୍ ରଶିଦ୍ ଅହମ୍ମଦଙ୍କୁ ମଙ୍ଗଳବାର ଲଣ୍ଡନରେ ଅଣ୍ଡାମାଡ଼ ହୋଇଛି। ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ଦୁଇଜଣ ନେତା ତାଙ୍କୁ ଅଣ୍ଡାମାଡ଼ କରିବା ସହ ମୁଥ ମାରିଥିଲେ। ପିପିପି ନେତା ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ବିରୋଧରେ ଅଶାଳୀନ ଭାଷା ବ୍ୟବହାର କରିବା ପ୍ରତିବାଦରେ ସେମାନେ ଏପରି କରିଥିବା କୁହାଯାଉଛି।

# ପଶିଛନ୍ତି ୬ ଲଶ୍କର ଆତଙ୍କବାଦୀ

## ତାମିଲନାଡୁ, କେରଳରେ ହାଇଆଲର୍ଟ ଜାରି

**ଚେନ୍ନାଇ/ଥିରୁଭାନନ୍ତପୁରମ, ୨୩।୮(ପି.ଟି./ଆଇଏଏନ୍ଏସ୍)**

ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍ଇଟି) ଟାର୍ଗେଟରେ ଭାରତ। ୬ ଲଶ୍କର ଆତଙ୍କବାଦୀ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ କରିବା ପାଇଁ ସମୁଦ୍ରପଥରେ ଅନୁପ୍ରବେଶ କରିସାରିଛନ୍ତି। ସେମାନେ ଶ୍ରୀଲଙ୍କା ଦେଇ ତାମିଲନାଡୁରେ ପଶିଛନ୍ତି। ଏପରି କି ସେମାନେ କେରଳରେ ମଧ୍ୟ ଥାଇପାରନ୍ତି ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ଦୁଇ ରାଜ୍ୟରେ ହାଇଆଲର୍ଟ ଜାରି କରାଯାଇଛି।

ମିଳିଥିବା ସୂଚନାନୁସାରେ ୬ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ପାକିସ୍ତାନୀ ଓ ଅନ୍ୟ ୫ ଜଣ ଶ୍ରୀଲଙ୍କାର ତାମିଲ ମୁସ୍‌ଲିମ୍। ପାକିସ୍ତାନୀ ଆତଙ୍କବାଦୀଙ୍କ ନାମ ଇଲିୟାସ୍ ଅନ୍‌ୱର । ଏହି ୬ ଜଣ ଶ୍ରୀଲଙ୍କାରୁ ଜଳପଥରେ ତାମିଲନାଡୁକୁ ଆସିଛନ୍ତି। ସେମାନେ କପାଳରେ ତିଳକ ମାରି ହିନ୍ଦୁ ବେଶ ଧରିଛନ୍ତି। ଏହି ବିଷୟ ଜଣାପଡ଼ିବା ପରେ ତାମିଲନାଡୁ ଓ କେରଳର ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ବିମାନବନ୍ଦର, ଶପିଙ୍ଗ୍ ମଲ୍, ମନ୍ଦିର ଓ ଅନ୍ୟ ସମସ୍ତ ସର୍ବସାଧାରଣ ତଥା ଜନଗହଳିପୂର୍ଣ୍ଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦୁଇ ରାଜ୍ୟର ସୀମାକୁ ସିଲ୍ କରିଦିଆଯାଇଛି। ଯାନବାହନଗୁଡ଼ିକ ଯାଞ୍ଚ କରାଯାଉଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ସର୍ବାଧିକ ସତର୍କତା ଅବଲମ୍ବନ କରାଯାଉଛି। ଆକ୍ରମଣ ଏଡ଼ାଇବା ପାଇଁ 'ଷ୍ଟର୍ମ ଅପରେଶନ୍' ଜାରି ରହିଛି ବୋଲି ଚେନ୍ନାଇ ପୋଲିସ କମିଶନର ଏ.କେ. ବିଶ୍ୱନାଥନ୍ ସୂଚନା ଦେଇଛନ୍ତି। ସେହିପରି କୋଏମ୍ବାଟୁରରେ ୧୦ଟି କୁଇକ୍ ରେସ୍‌ପନ୍ସ ଟିମ୍ ଗଠନ କରାଯାଇଥିବା ସହରର ପୋଲିସ କମିଶନର ସୁମିତ ଶରନ୍ କହିଛନ୍ତି। କେରଳ ପୋଲିସ ମହାନିର୍ଦ୍ଦେଶକ ଲୋକନାଥ ବେହେରା ସତର୍କ ରହିବା ପାଇଁ ସମସ୍ତ ଜିଲାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର ସନ୍ଦିଗ୍ଧ ଗତିବିଧି ପରିଲକ୍ଷିତ ହେଲେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେବା ପାଇଁ ୧୧୨ କିମ୍ବା ୦୪୭୧୨୭୨୨୫୦୦ ନମ୍ବରକୁ ଫୋନ୍ କରିବା ପାଇଁ ସେ କହିଛନ୍ତି। ଏହାସହ ସେନା, ନୌସେନା ଓ ବାୟୁସେନାକୁ ମଧ୍ୟ ଆଲର୍ଟ କରାଯାଇଛି। ପ୍ରକାଶ ଯେ, ଗତ ଏପ୍ରିଲରେ ଶ୍ରୀଲଙ୍କାରେ ଇଷ୍ଟର ସଣ୍ଡେ ଆକ୍ରମଣରେ ୨୫୯ ନିହତ ହୋଇଥିବାବେଳେ ବହୁସଂଖ୍ୟକ ଲୋକ ଆହତ ହୋଇଥିଲେ। ୧୯୯୮ରେ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡ଼୍‌ଭାନୀ କୋଏମ୍ବାଟୁର ଗସ୍ତ କରିଥିବାବେଳେ ସିରିଏଲ୍ ବ୍ଲାଷ୍ଟରେ ସହର ଥରିଉଠିଥିଲା। ଏହି ଆକ୍ରମଣରେ ୫୮ ନିହତ ଓ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।



କୋଏମ୍ବାଟୁରରେ ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି।

**ଗୋଇନ୍ଦା ସୂଚନା**

- ଶ୍ରୀଲଙ୍କାରୁ ସମୁଦ୍ର ପଥରେ ପ୍ରବେଶ କରିଛନ୍ତି
- ୬ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ପାକିସ୍ତାନୀ
- ତାମିଲନାଡୁ ଓ କେରଳ ସୀମା ସିଲ୍
- ତିନି ସେନାକୁ ସତର୍କ କରାଯାଇଛି

## ଦଳାଚକଟାରେ ୫ ମୃତ



### ୨୭ ଆହତ

**କୋଲକାତା,୨୩।୮(ପି.ଟି.)**

ପଶ୍ଚିମବଙ୍ଗର ୨୪ ଉତ୍ତର ପ୍ରଗଣାସ୍ଥିତ କାଚୁଆ ଅଞ୍ଚଳରେ ଥିବା ଲୋକନାଥ ମନ୍ଦିରରେ ଦଳାଚକଟା ଘଟିବାରୁ ୫ ଭକ୍ତଙ୍କ ପ୍ରାଣହାନି ଘଟିଥିବାବେଳେ ୨୭ ଆହତ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ଜନ୍ମାଷ୍ଟମୀ ଥିବାରୁ ସେଠାରେ ପ୍ରବଳ ଭକ୍ତ ସମାଗମ ହୋଇଥିଲା। ପ୍ରବଳ ବର୍ଷାରୁ ମନ୍ଦିରର ଏକ ପାଚେରି ଭାଙ୍ଗିଯିବା ଫଳରେ ଆତଙ୍କିତ ହୋଇ ଭକ୍ତମାନେ ଏଣେତେଣେ ଦୌଡ଼ିବା ଆରମ୍ଭ କରିଥିଲେ। ଫଳରେ ଦଳାଚକଟା ଘଟି ଭକ୍ତମାନେ ମୃତାହତ ହୋଇଥିଲେ।

ଘଟଣାଟି ଅପରାହ୍ନ ୨ଟା ୧୫ରେ ଘଟିଥିଲା। ପ୍ରତିବର୍ଷ ଭଳି ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଅଷ୍ଟାଦଶ ଶତାବ୍ଦୀର ବେଙ୍ଗଲୀ ସନ୍ଥ ବାବା ଲୋକନାଥ ବ୍ରହ୍ମଚାରୀଙ୍କ ଜୟନ୍ତୀ ଅବସରରେ ପଶ୍ଚିମବଙ୍ଗ ଓ ବାଂଲାଦେଶରୁ ଏଠାକୁ ବହୁ ଭକ୍ତଙ୍କ ସୁଅ ଛୁଟିଥାଏ। ଏଭଳି ଅଘଟଣା ଘଟିବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନ୍ୟାଶନାଲ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଯାଇ ଚିକିତ୍ସିତ ହେଉଥିବା ଶ୍ରଦ୍ଧାଳୁଙ୍କୁ ଭେଟିଥିଲେ। ବରସାତ୍ ହସ୍ପିଟାଲ, ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଶ୍ରଦ୍ଧାଳୁଙ୍କୁ ଭେଟିବା ଲାଗି ବରିଷ୍ଠ ମନ୍ତ୍ରୀମାନେ ଯାଇଥିବା ଜଣାପଡ଼ିଛି। ଗୁରୁତର ଥିବା ୧୦ ଜଣଙ୍କୁ କୋଲକାତା ନିଆଯାଇଥିବା ପ୍ରକାଶ। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା, ଗୁରୁତରଙ୍କ ଚିକିତ୍ସା ଲାଗି ୧ ଲକ୍ଷ ଟଙ୍କା ଓ ସାମାନ୍ୟ ଆହତଙ୍କ ଲାଗି ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବରିଷ୍ଠ ପୋଲିସ ଅଧିକାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଜଣାପଡ଼ିଛି। ପ୍ରଦେଶ ଭାଜପା ମୁଖ୍ୟ ଦିଲୀପ ଘୋଷ ଏନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏତେ ମାତ୍ରାରେ ତୀର୍ଥଯାତ୍ରୀଙ୍କ ସମାଗମ ହେଉଥିବାବେଳେ ସେମାନଙ୍କ ଲାଗି ରାଜ୍ୟ ସରକାର ଭିତ୍ତିଭୂମି ଓ ସୁରକ୍ଷା ବ୍ୟବସ୍ଥା ନକରିବା ଦୁଃଖଦାୟକ ବୋଲି ସେ ପ୍ରକାଶ କରିଛନ୍ତି।

■ କଶ୍ମୀରକୁ ନେଇ କ୍ଷେତ୍ରୀୟ ଉତ୍ତେଜନା ହ୍ରାସ ପାଇଁ ଯୋଜନା

## ମୋଦିଙ୍କ ମୁହଁରୁ ଶୁଣିବାକୁ ଚାହାନ୍ତି ଟ୍ରମ୍ପ୍

**ନ୍ୟୁୟର୍କ,୨୩।୮**

କେନ୍ଦ୍ର ସରକାରଙ୍କ ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତି ପରେ ଭାରତ-ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ହ୍ରାସ କରିବା ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି। ସେହିପରି ଆଗକୁ କ'ଣ ଯୋଜନା ରହିଛି ସେନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁହଁରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁଣିବାକୁ ଚାହାନ୍ତି। ଏନେଇ ଶୁକ୍ରବାର ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନକାରୀ ଅନୁଚ୍ଛେଦ ୩୭୦ ହଟାଇ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇଥିବା ନିକଟରେ ଟ୍ରମ୍ପ୍ କହିଥିଲେ। ଏହା ସହ ସେ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ପାଇଁ ମଧ୍ୟ ଏକାଧିକ ଥର ପ୍ରସ୍ତାବ ଦେଇସାରିଲେଣି। ଫ୍ରାନ୍ସରେ ହେବାକୁ ଥିବା ଜି୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପ୍ ପରସ୍ପରକୁ ଭେଟିବେ। ଏହି ଅବସରରେ କ୍ଷେତ୍ରୀୟ ଉତ୍ତେଜନା ହ୍ରାସ ଦିଗରେ ଭାରତର ପଦକ୍ଷେପ ଓ ଯୋଜନା ସମ୍ପର୍କରେ ମୋଦିଙ୍କଠାରୁ ରାଷ୍ଟ୍ରପତି ଶୁଣିବା ଲାଗି ଆଗ୍ରହୀ ବୋଲି ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କଶ୍ମୀର ସ୍ଥିତି ଉପରେ ଟ୍ରମ୍ପ୍ କଡ଼ା ନଜର ରଖିଥିବା ସେ କହିଛନ୍ତି।



## ଚାଇନା, ପାକିସ୍ତାନକୁ ଜାତିସଂଘର ଭର୍ତ୍ସନା

**ଜାତିସଂଘ,୨୩।୮(ପି.ଟି.)**

ଚାଇନା ଓ ପାକିସ୍ତାନକୁ ଜାତିସଂଘ ପକ୍ଷରୁ ପୁଣି ଏକ ଶକ୍ତ ଝଟ୍‌କା ଲାଗିଛି। ଏହି ଦୁଇ ପରମ ମିତ୍ର ରାଷ୍ଟ୍ରରେ ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଥିବାରୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି) ବୈଠକରେ କଡ଼ା ଭର୍ତ୍ସନା କରାଯାଇଛି। ୟୁଏନ୍ଏସ୍‌ସିର ଅଗଷ୍ଟ ମାସ ପାଇଁ ଅଧ୍ୟକ୍ଷ ଥିବା ପୋଲାଣ୍ଡ ପକ୍ଷରୁ ଅରିଆ-ଫର୍ମୁଲା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ 'ସଶସ୍ତ୍ର ସଂଘର୍ଷରେ ଧାର୍ମିକ ସଂଖ୍ୟାଲଘୁ ବ୍ୟକ୍ତିଙ୍କ ସୁରକ୍ଷା ଓ ନିରାପତ୍ତାକୁ ସୁଦୃଢ଼ କରିବା' ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

## ତିନି ତଲାକ୍ ଆଇନର ବୈଧତା ପରଖିବେ ସୁପ୍ରିମକୋର୍ଟ

### କେନ୍ଦ୍ରକୁ ନୋଟିସ

**ନୂଆଦିଲ୍ଲୀ,୨୩।୮(ପି.ଟି.)**

ନୂଆ ତିନି ତଲାକ୍ ଆଇନର ବୈଧତା ଯାଞ୍ଚ କରିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ରାଜି ହୋଇଛନ୍ତି। ମୁସଲମାନ ମହିଳା ବିବାହ ସୁରକ୍ଷା ଆଇନ, ୨୦୧୯ରେ ତତ୍କାଳ ତିନି ତଲାକ୍‌କୁ ବେଆଇନ କରାଯିବା ସହ ଏଥିପାଇଁ ୩ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା କରାଯାଇଛି। ଜଷ୍ଟିସ୍ ଏନ୍.ଭି. ରମାନା, ଅଜୟ ରସ୍ତୋଗୀଙ୍କ ଖଣ୍ଡପୀଠ ଏନେଇ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଉକ୍ତ ଆଇନକୁ ଅସାମ୍ବିଧାନିକ ଘୋଷଣା କରିବା ଲାଗି ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଖଣ୍ଡପୀଠ ଏହାର ଅନୁଧ୍ୟାନ କରିବେ ବୋଲି ବରିଷ୍ଠ ଆଇନଜୀବୀ ସଲମାନ ଖୁର୍ସିଦଙ୍କୁ ଜଣାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ କୋର୍ଟରେ ହାଜର ହୋଇ ଖୁର୍ସିଦ କହିଥିଲେ, ତିନି ତଲାକ୍‌କୁ ଦଣ୍ଡନୀୟ ଅପରାଧ କରିବା ସହ ୩ ବର୍ଷ ଜେଲ୍‌ଦଣ୍ଡ ବ୍ୟବସ୍ଥା କରାଯିବାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରାଯିବା ଆବଶ୍ୟକ।

# ଜଳୁଛି ଆମାଜନ ଜଙ୍ଗଲ

**ହୁମାଇଟା,୨୩।୮**

ବିଶ୍ୱର ଫୁସ୍‌ଫୁସ୍ କୁହାଯାଉଥିବା ସର୍ବବୃହତ ବିଷୁବ ମଣ୍ଡଳୀୟ ଜଙ୍ଗଲ ଆମାଜନର ବହୁ ଅଞ୍ଚଳ ହୁ ହୁ ହୋଇ ଜଳୁଛି। ପୃଥିବୀକୁ ୨୦ ପ୍ରତିଶତ ଅମ୍ଳଜାନ ଯୋଗାଉଥିବା ଏହି ଚିରହରିତ ଜଙ୍ଗଲର ସୁରକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହା ଉପରେ ଜରୁରୀ ଆଲୋଚନା ପାଇଁ ବିଶ୍ୱର ବିଶିଷ୍ଟ ନେତାମାନେ ଆହ୍ୱାନ ଦେଇଛନ୍ତି। ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଚିନ୍ତାବ୍ୟକ୍ତ କରିଛନ୍ତି।

୫୫ ଲକ୍ଷ ବର୍ଗ କିଲୋମିଟର ବ୍ୟାପୀ ଏହି ଜଙ୍ଗଲରେ ଚଳିତ ବର୍ଷ ୭୨,୮୪୩ଟି ସ୍ଥାନରେ ନିଆଁ ଲାଗିଛି, ଯାହା କି ସମ୍ପୂର୍ଣ୍ଣ ଜଙ୍ଗଲର ଅର୍ଦ୍ଧାଧିକ ଅଞ୍ଚଳ। ଜାତୀୟ ମହାକାଶ ଗବେଷଣା ଅନୁଷ୍ଠାନର ଉପଗ୍ରହ ତଥ୍ୟ ଅନୁଯାୟୀ ପୂର୍ବବର୍ଷ ତୁଳନାରେ ଏହି ଅଗ୍ନିକାଣ୍ଡ ୮୫ ପ୍ରତିଶତ ଅଧିକ। ଜଳବାୟୁ ପରିବର୍ତ୍ତନ ବିରୋଧରେ ସାରା ବିଶ୍ୱ ସଂଘର୍ଷ କରୁଥିବାବେଳେ ଆମାଜନ ନିଆଁ ଏହାକୁ ବଡ଼ ଝଟକା ଦେଇଥିବା ବୈଜ୍ଞାନିକମାନେ ସତର୍କ କରାଇଦେଇଛନ୍ତି।

ବ୍ରାଜିଲର ଆମାଜନ ଜଙ୍ଗଲରେ ନିଆଁ ଏକ ଅନ୍ତର୍ଜାତୀୟ ସମସ୍ୟା। ଚଳିତ ସପ୍ତାହରେ ଫ୍ରାନ୍ସରେ ଅନୁଷ୍ଠିତ ହେବାକୁଥିବା ଜି୭ ସମିଟ୍‌ରେ ଏହା ଉପରେ ଆଲୋଚନା କରିବାକୁ ଜର୍ମାନ ଚାନ୍‌ସେଲର ଆଞ୍ଜେଲା ମର୍କେଲ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଆହ୍ୱାନ ଦେଇଛନ୍ତି। 'ଆମ ଘର ଜଳୁଛି' ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି। ଏହା ବ୍ରାଜିଲ୍ ରାଷ୍ଟ୍ରପତି ଜୈର୍ ବୋଲସୋନାରୋଙ୍କ ନୀତିର ଅଂଶବିଶେଷ ବୋଲି ପରିବେଶ ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି। ଆତ୍ମହତ୍ୟା ପଥରେ ଥିବା ବ୍ରାଜିଲକୁ ରକ୍ଷା କରିବା ଜରୁରୀ ବୋଲି ସେମାନେ ମତ ଦେଇଛନ୍ତି। ବିଶ୍ୱର ବୃହତ କାର୍ବନ ଭଣ୍ଡାର ଆମାଜନ ବିଶ୍ୱ ତାପ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଏଥିରେ ୩ ନିୟୁତ ପ୍ରକାରର ଉଦ୍ଭିଦ ଓ ପ୍ରାଣୀଙ୍କ ସମେତ ୧୦ ଲକ୍ଷ ଆଦିମ ଅଧିବାସୀ ବସବାସ କରୁଛନ୍ତି। ନିଆଁ ଲିଭାଇବା ଦିଗରେ ତୁରନ୍ତ ପଦକ୍ଷେପ ନେବା ଦାବିରେ ବ୍ରାଜିଲର ବିଭିନ୍ନ ସହରରେ ପରିବେଶ ସୁରକ୍ଷା ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଚାଷବାସ ପାଇଁ ଜମି ପ୍ରସ୍ତୁତ କରିବା ନିମନ୍ତେ ବେଆଇନ ଭାବେ ଜଙ୍ଗଲରେ ନିଆଁ ଲଗାଇଦିଆଯାଉଥିବା କୁହାଯାଉଛି। ସମ୍ପତ୍ତି ଆହରଣ ଲାଗି କେତେକ ଜଙ୍ଗଲରେ ନିଆଁ ଲଗାଉଥିବା କହୁଥିବାବେଳେ ମାଂସ ଶିଳ୍ପ ଅଗ୍ନିକାଣ୍ଡର ଅନ୍ୟତମ କାରଣ ବୋଲି କେତେକ ଅଭିଯୋଗ କରିଛନ୍ତି।



- ଜରୁରୀ ବିତର୍କ ଲାଗି ଜି୭କୁ ମର୍କେଲ, ମାକ୍ରଁଙ୍କ ଆହ୍ୱାନ
- ଚିନ୍ତାବ୍ୟକ୍ତ କଲେ ଜାତିସଂଘ ମହାସଚିବ
- ପୃଥିବୀକୁ ୨୦ ପ୍ରତିଶତ ଅମ୍ଳଜାନ ଯୋଗାଏ ଏହି ଚିରହରିତ ଜଙ୍ଗଲ

## 'ନୂଆ ଭାରତରେ ଦୁର୍ନୀତିର ସ୍ଥାନ ନାହିଁ'

**ପ୍ୟାରିସ୍,୨୩।୮:** ନୂଆ ଭାରତରେ ଦୁର୍ନୀତି, ବଂଶବାଦ, ସରକାରୀ ଅର୍ଥ ହରିଲୁଟ୍ ଏବଂ ଆତଙ୍କବାଦକୁ ଯେଉଁଭଳି ଦମନ କରାଯାଇଛି, ପୂର୍ବରୁ ସେଭଳି କେବେ ହୋଇ ନ ଥିଲା ବୋଲି ଫ୍ରାନ୍ସରେ ପ୍ରବାସୀ ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନୂଆ ଭାରତ ଗଠନ ପାଇଁ ଦେଶବାସୀ ତାଙ୍କୁ ଦ୍ୱିତୀୟ ଥର ସରକାର ଗଢ଼ିବା ନିମନ୍ତେ ବିପୁଳ ଭୋଟରେ ନିର୍ବାଚିତ କରାଇଛନ୍ତି। ଜୀବନଧାରଣକୁ ସହଜ କରିବା ସହ ବ୍ୟବସାୟର ସରଳୀକରଣ ଉପରେ ତାଙ୍କ ସରକାର ସର୍ବାଧିକ ଧ୍ୟାନ ଦେଉଥିବା ମୋଦି ସୂଚନା ଦେଇଛନ୍ତି।

ପ୍ୟାରିସସ୍ଥିତ ୟୁନେସ୍କୋ ମୁଖ୍ୟାଳୟରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ତାଙ୍କ ପାଇଁ ଦେଶ ଆଗକୁ ବଢୁନାହିଁ, ଦେଶବାସୀ ଭୋଟ ମାଧ୍ୟମରେ ଦେଇଥିବା ସ୍ୱୀକୃତି ହିଁ ଏହାକୁ ଆଗକୁ ବଢ଼ାଇବାରେ ସକ୍ଷମ ହୋଇଛି। ସ୍ପଷ୍ଟ ନୀତି ଓ ଠିକ୍ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ଦ୍ୱିତୀୟ ପାଳିର ସରକାର ୭୩ ଦିନ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତରେ ଅସ୍ଥାୟୀର ସ୍ଥାନ ନାହିଁ। ଏକ ଅସ୍ଥାୟୀ ବ୍ୟବସ୍ଥା ଉଚ୍ଛେଦ କରିବାକୁ ୭୦ ବର୍ଷ ଲାଗିଗଲା। ଯେତେଶୀଘ୍ର ସମ୍ଭବ ଲକ୍ଷ୍ୟ ପୂରଣ ଦିଗରେ ସରକାର ଆଗେଇ ଚାଲିବେ।



ପ୍ୟାରିସ୍‌ର ୟୁନେସ୍କୋ ମୁଖ୍ୟାଳୟରେ ଉଦ୍‌ବୋଧନ ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ୫ ରାଷ୍ଟ୍ରକୁ ଚିଦାମ୍ବରମଙ୍କ କମ୍ପାନୀର ବିବରଣୀ ମାଗିଲା ସିବିଆଇ

**ନୂଆଦିଲ୍ଲୀ,୨୩।୮**

ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ଓ ତାଙ୍କ ପୁଅ କାର୍ତ୍ତି ଚିଦାମ୍ବରମ୍ ମାଲିକାନାରେ ଥିବା ବିଭିନ୍ନ ସେଲ୍ କମ୍ପାନୀ ଓ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ବିବରଣୀ ଦେବାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୫ଟି ଦେଶକୁ ଅନୁରୋଧ କରିଛି। ସିବିଆଇ ଏଥିପାଇଁ ବ୍ରିଟେନ, ସ୍ୱିଜରଲାଣ୍ଡ, ବରମୁଡା, ମରିସସ୍ ଏବଂ ସିଙ୍ଗାପୁରକୁ ପତ୍ର ଲେଖିଥିବା ଜଣାପଡିଛି। ଆଇଏନ୍ଏକ୍ସ ମିଡିଆରେ ୩୦୫ କୋଟି ଟଙ୍କା ବିଦେଶୀ ପୁଞ୍ଜିନିବେଶକୁ ମଞ୍ଜୁରୀ ଦେବାରେ ଅନିୟମିତତାକୁ ନେଇ ତତ୍କାଳୀନ ଅର୍ଥମନ୍ତ୍ରୀ ଚିଦାମ୍ବରମଙ୍କୁ ବୁଧବାର ରାତିରେ ସିବିଆଇ ଗିରଫ କରିଥିଲା। ଏହି ମାମଲାରେ ମନିଲଣ୍ଡରିଂକୁ ନେଇ ତାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ତଦନ୍ତ ଜାରି ରଖିଛି।

## ଏୟାରସେଲ୍-ମାକ୍ସିସ ମାମଲାରେ ୩ ଯାଏ ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୩।୮(ପି.ଟି.)**

ଏୟାରସେଲ୍-ମାକ୍ସିସ୍ ମାମଲାରେ ଦିଲ୍ଲୀର ଏକ ଅଦାଲତ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ଓ ତାଙ୍କ ପୁଅ କାର୍ତ୍ତିଙ୍କୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଗିରଫଦାରିରୁ ସୁରକ୍ଷା ଦେଇଛନ୍ତି। ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏହି ମାମଲା ଦାଏର ହୋଇଥିଲା। ସେମାନଙ୍କ ଆଗୁଆ ଜାମିନ ଆବେଦନ ଉପରେ ଅଦାଲତ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ରାୟ ସଂରକ୍ଷିତ ରଖିଛନ୍ତି। ତେବେ ଆଇଏନ୍ଏକ୍ସ ମିଡିଆ ମାମଲାରେ ଉଭୟ ବାପ-ପୁଅଙ୍କ ବିରୋଧରେ ସୁପ୍ରିମକୋର୍ଟରେ ମାମଲାର ବିଚାର ଚାଲିଥିବାରୁ ଏୟାରସେଲ୍-ମାକ୍ସିସ ମାମଲା ସ୍ଥଗିତ ରଖିବା ଲାଗି ସିବିଆଇ ଏବଂ ଇଡି ପକ୍ଷରୁ ଆବେଦନ କରାଯାଇଥିଲେ ହେଁ ଅଦାଲତ ତାହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ବାରମ୍ବାର ମାମଲାକୁ ସ୍ଥଗିତ ରଖିବା ଲାଗି ତଦନ୍ତକାରୀ ସଂସ୍ଥା ଅନୁରୋଧ କରୁଥିବାରୁ ସ୍ୱତନ୍ତ୍ର ବିଚାରପତି ଓ.ପି. ସାଇନି ଏହାକୁ ଦୃଢ଼ ବିରୋଧ କରିଥିଲେ। ପରେ ସ୍ୱତନ୍ତ୍ର ଅଦାଲତ ଚିଦାମ୍ବରମଙ୍କ ଜାମିନ ଆବେଦନ ଉପରେ ରାୟକୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ।



## ୨୬ ପର୍ଯ୍ୟନ୍ତ ଚିଦାମ୍ବରମଙ୍କୁ ଗିରଫ କରିପାରିବନି ଇଡି

**ନୂଆଦିଲ୍ଲୀ,୨୩।୮(ପି.ଟି.)**

### ଆଇଏନ୍ଏକ୍ସ ମିଡିଆ ମାମଲା

ଆଇଏନ୍ଏକ୍ସ ମିଡିଆ ଦୁର୍ନୀତି ମନିଲଣ୍ଡରିଂ ମାମଲାରେ ସୁପ୍ରିମକୋର୍ଟ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମଙ୍କୁ ଗିରଫରୁ ସୁରକ୍ଷା ଦେଇଛନ୍ତି। ୨୬ ତାରିଖରେ ମାମଲାର ଶୁଣାଣି ଥିବାରୁ ସେ ପର୍ଯ୍ୟନ୍ତ ତାଙ୍କୁ ଇଡି ଗିରଫ କରିପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଶୁକ୍ରବାର କହିଛନ୍ତି। ତେବେ ସେ ସିବିଆଇ ହେପାଜତରେ ରହିବେ। କାରଣ ତାଙ୍କୁ ଜେରା ପାଇଁ ସୋମବାର ପର୍ଯ୍ୟନ୍ତ ସିବିଆଇ ହାଜତକୁ ପଠାଇ ଦିଆଯାଇଥିବାବେଳେ, ଏହା ଉପରେ ସର୍ବୋଚ୍ଚ ଅଦାଲତ ହସ୍ତକ୍ଷେପ କରିନାହାନ୍ତି। ଉଭୟ ଇଡି ଓ ସିବିଆଇ ଦାଖଲ କରିଥିବା ମାମଲାର ଶୁଣାଣି ୨୬ରେ ହେବ ବୋଲି ଜଷ୍ଟିସ୍ ଆର୍. ଭାନୁମତୀ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଆଇଏନ୍ଏକ୍ସ ମିଡିଆ ମାମଲାରେ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମଙ୍କୁ ଆଗୁଆ ଜାମିନ ଦେବାକୁ ମନା କରିଦେବା ପରେ ତାଙ୍କୁ ସିବିଆଇ ଓ ଇଡି ଗିରଫ କରିବାକୁ ଉଦ୍ୟମ କରିଥିଲେ ହେଁ ସେ ଫେରାର ହୋଇଯାଇଥିଲେ। ବୁଧବାର ରାତିରେ ସେ ଏଆଇସିସି କାର୍ଯ୍ୟାଳୟରେ ଆବିର୍ଭାବ ହୋଇ ଏକ ଖବରଦାତା ସମ୍ମିଳନୀରେ ନିଜକୁ ନିର୍ଦ୍ଦୋଷ କହିବା ପରେ ସିବିଆଇ ଟିମ୍ ତାଙ୍କ ବାସଭବନକୁ ଯାଇ ତାଙ୍କୁ ଗିରଫ କରିଥିଲା। ଗୁରୁବାର ତାଙ୍କୁ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବା ପରେ ସିବିଆଇ ୪ ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରୁଛି।





❝ ଚାଉଳର ସୁରକ୍ଷା ପାଇଁ ସାରା ଦେଶରେ ଏକ ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଛି। ରାଜ୍ୟ ସରକାରଗୁଡ଼ିକ ସହ ଆଲୋଚନା କରିବା ପରେ ଏ ସଂକ୍ରାନ୍ତରେ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବା।
– ରାମବିଳାସ ପାଶ୍ୱାନ, କେନ୍ଦ୍ର ଖାଉଟି ଏବଂ ଖାଦ୍ୟ ବ୍ୟାପାର ମନ୍ତ୍ରୀ



❝ ଆପୋଲୋ ମ୍ୟୁନିକ ହେଲ୍‌ଥର ୫୧.୨% ଅଂଶଧନ କିଣିବାକୁ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ ଅନୁମତି ପ୍ରଦାନ କରିଛନ୍ତି। ଏହି ପ୍ରକ୍ରିୟାକୁ ଦୁଇଟି ପର୍ଯ୍ୟାୟରେ ଶେଷ କରାଯିବ।
– ଦୀପକ ପାରେଖ, ଏଚ୍‌ଡିଏଫ୍‌ସି ଅଧ୍ୟକ୍ଷ

## ସଂକ୍ଷେପରେ

### ନରେଶ ଗୋୟଲଙ୍କ ଘରେ ଇଡି ଚଢ଼ାଉ

**ନୂଆଦିଲ୍ଲୀ,୨୩-୮:** ବିଦେଶୀ ବିନିମୟ ଆଇନ(ଫେମା) ଉଲ୍ଲଂଘନ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶୁକ୍ରବାର ଜେଟ୍ ଏୟାରୱେଜ ପ୍ରତିଷ୍ଠାତା ନରେଶ ଗୋୟଲଙ୍କ ବାସଭବନ ସମେତ ଏକାଧିକ ସ୍ଥାନରେ ଚଢ଼ାଉ କରିଛି। ଜଣେ ଅଧିକାରୀଙ୍କ କହିବାନୁଯାୟୀ, ଫେମା ଆଇନ ଅଧୀନରେ ଗୋୟଲଙ୍କ ମୁମ୍ବାଇ ଓ ଦିଲ୍ଲୀସ୍ଥିତ ଘର ଓ ଅଫିସ ଆଦିରେ ଖାନ୍‌ତଲାସି କରାଯାଇଥିଲା। ଆଇନ ଉଲ୍ଲଂଘନ ନେଇ ଅଧିକ ପ୍ରମାଣ ଯୋଗାଡ କରିବା ଏହାର ଉଦ୍ଦେଶ୍ୟ ଥିଲା। ସୂଚନାଥାଉ କି, ଜେଟ୍ ଏୟାରୱେଜରେ ନଗଦ ସଙ୍କଟ ଦେଖାଦେବା ପରେ ଗୋୟଲ କମ୍ପାନୀରୁ ବାହାରି ଯାଇଛନ୍ତି। ଜେଟ୍‌ରେ ନିବେଶ କରିଥିବା ଏୟାରଲାଇନ୍ କମ୍ପାନୀ ଏଟିହାଦ ଏୟାରୱେଜ ସହ କମ୍ପାନୀର ନିବେଶ ସଂକ୍ରାନ୍ତରେ ଫେମା ଆଇନ ଉଲ୍ଲଂଘନ ହୋଇଥିବା କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପ୍ରମାଣ ପାଇଛି।

### ଏଫଡି ସୁଧ ହାର କମାଇଲା ଏସ୍‌ବିଆଇ

**ନୂଆଦିଲ୍ଲୀ,୨୩-୮:** ଦେଶର ସର୍ବବୃହତ୍ ବ୍ୟାଙ୍କ ଏସ୍‌ବିଆଇ ଏଫଡି ଉପରେ ସୁଧ ହାର ହ୍ରାସ ଘୋଷଣା କରିଛି। ଏଣିକି ସମସ୍ତ ପ୍ରକାର ଏଫ୍‌ଡି ଉପରେ ସୁଧ ହାର କମିବ। ଏହା ଉଭୟ ବଲ୍କ ଓ ରିଟେଲ ଜମା ଉପରେ ଆସନ୍ତା ୨୬ରୁ ଲାଗୁ ହେବ। ବଲ୍କ ଜମା ଉପରେ ସୁଧ ହାର ୦.୩ରୁ ୦.୭% ଏବଂ ରିଟେଲ ଜମା ଉପରେ ୦.୧ରୁ ୦.୫% ହ୍ରାସ ପାଇବ ବୋଲି କୁହାଯାଇଛି। ତେବେ ସଞ୍ଚୟ ଜମା ଉପରେ ସୁଧ ହାର ଅପରିବର୍ତ୍ତିତ ରଖାଯାଇଛି। ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ଉପରେ ସୁଧ ହାର ୩% ଏବଂ ତହିଁରୁ ଉର୍ଦ୍ଧ୍ୱ ହେଲେ ୩.୫% ସୁଧ ମିଳିବା ଜାରି ରହିବ। ମେ' ପହିଲାରୁ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସଞ୍ଚୟ ଜମା ଉପରେ ସୁଧହାରକୁ ରେପୋ ରେଟ ସହ ଯୋଡି ଦିଆଯିବ ବୋଲି ବ୍ୟାଙ୍କ ପୂର୍ବରୁ ଘୋଷଣା କରିସାରିଥିଲା। ଆର୍‌ବିଆଇ ପକ୍ଷରୁ ରେପୋ ରେଟ ହ୍ରାସ କରାଯିବା ପରେ ଏସ୍‌ବିଆଇ ସଞ୍ଚୟ ଖାତାରେ ୨.୭୫% ସୁଧ ମିଳିଥା'ନ୍ତା, କିନ୍ତୁ ବ୍ୟାଙ୍କ ଏବେ ମଧ୍ୟ ଅଧିକ ସୁଧ ଦେଉଛି।

### ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ଗ୍ରାହକ ସମ୍ମିଳନୀ

**ଭୁବନେଶ୍ୱର, ୨୩-୮:** ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଗ୍ରାହକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ମଣ୍ଡଳମୁଖ୍ୟ ତୌଫିକ ଆଲାମ ଏଥିରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ଅଭିବୃଦ୍ଧି ନେଇ ସେ ଗ୍ରାହକଙ୍କୁ ଅବଗତ କରାଇଥିଲେ। ଗ୍ରାହକଙ୍କ ସହ ପ୍ରତ୍ୟକ୍ଷ ବାର୍ତ୍ତାଳାପ କରିବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସହାୟକ ମହାପ୍ରବନ୍ଧକ ଦିଲ୍ଲୀପ ପଟ୍ଟନାୟକ ଶୃଙ୍ଖଳିତ ଆର୍ଥିକ କାରବାର ଉପରେ ସୂଚନା ଦେଇଥିଲେ। ଏଥିରେ ସହାୟକ ମହାପ୍ରବନ୍ଧକ କେ.ଏସ୍. ରାମକ୍ରିଷ୍ଣା, ମୁଖ୍ୟ ପ୍ରବନ୍ଧକ ସୁଭାଷ ଶତପଥୀ ଏବଂ ବିଭିନ୍ନ ଶାଖାର ଗ୍ରାହକ ଯୋଗ ଦେଇଥିଲେ।

## ଶସ୍ତା ହେବ ଅଟୋ, ଗୃହ ଋଣ

# ବ୍ୟାଙ୍କଗୁଡ଼ିକୁ ମିଳିବ ୭୦ ହଜାର କୋଟି

**ନୂଆଦିଲ୍ଲୀ,୨୩-୮**

କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୭୦ ହଜାର କୋଟି ଟଙ୍କା ପ୍ରଦାନ କରିବେ। ବ୍ୟାଙ୍କର ପୁଞ୍ଜି ଉପଲବ୍ଧତା ବୃଦ୍ଧି ସହ ଋଣ ପ୍ରଦାନ କ୍ଷମତାକୁ ବଢ଼ାଇବା ଉଦ୍ଦେଶ୍ୟରେ ସରକାର ଏହି ପଦକ୍ଷେପ ନେବାକୁ ଯାଉଛନ୍ତି। ସରକାରଙ୍କ ଏହି ପଦକ୍ଷେପ ଯୋଗୁ ବ୍ୟାଙ୍କଗୁଡ଼ିକ ଅଧିକ ମାତ୍ରାରେ ଋଣ ପ୍ରଦାନ କରିପାରିବେ। ଏହାଦ୍ୱାରା ବ୍ୟାଙ୍କିଙ୍ଗ ଫାଇାନାନ୍ସିଆଲ ସିଷ୍ଟମରେ ୫ ଲକ୍ଷ କୋଟି ଟଙ୍କା ପ୍ରବେଶ କରିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଲାଗି ବିଭିନ୍ନ ପଦକ୍ଷେପ ଘୋଷଣା କରି କହିଛନ୍ତି।

ସେ କହିଛନ୍ତି ଯେ, ଆଗାମୀ ଦିନରେ ସମସ୍ତ ପ୍ରକାର ଋଣ ଶସ୍ତା ହୋଇଯିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ସମସ୍ତ ବ୍ୟାଙ୍କ ଏଣିକି ଆର୍‌ବିଆଇର ରେପୋ ରେଟ ସହ ନିଜର ସୁଧ ହାରକୁ ଯୋଡିବେ। ଫଳରେ ଆଜି ଯାଏ ଚାଲିଆସୁଥିବା ମାର୍ଜିନାଲ କଷ୍ଟ ଅଫ୍ ଲେଣ୍ଡିଂ ରେଟ୍ (ଏମ୍‌ସିଏଲ୍‌ଆର୍) ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରତ୍ୟାହାର ହୋଇଯିବ। ଏହାଦ୍ୱାରା ଅଟୋ ଓ ଗୃହ ଋଣ ସମେତ ସମସ୍ତ ପ୍ରକାର ଋଣ ଉପରେ ଇଏମ୍‌ଆଇ (ଇକ୍ୟୁଏଟେଡ ମନ୍ଥଲୀ ଇନ୍‌ଷ୍ଟଲମେଣ୍ଟ) କମିଯିବ। ଏଠାରେ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ସୀତାରାମନ୍ କହିଛନ୍ତି ଯେ, ଅଦ୍ୟାବଧି ଏମ୍‌ସିଏଲ୍‌ଆର୍ ଭିତ୍ତିରେ ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧ ହାର ସ୍ଥିର କରୁଥିଲେ। ଆର୍‌ବିଆଇ ଦ୍ୱାରା ରେପୋ ରେଟ ହ୍ରାସର



ଫାଇଦା ଗ୍ରାହକଙ୍କୁ ମିଳୁ ନ ଥିଲା। ଏହାକୁ ନେଇ ବ୍ୟାଙ୍କମୁଖ୍ୟମାନଙ୍କ ସହ ଅର୍ଥ ମନ୍ତ୍ରଣାଳୟର ବୈଠକ ହୋଇଥିଲା। ସେମାନେ ସମସ୍ତ ପ୍ରକାର ଋଣକୁ ରେପୋ ରେଟ ସହ ଯୋଡିବାକୁ ରାଜି ହୋଇଯାଇଥିଲେ। ଆଗାମୀ ଦିନରେ ସମସ୍ତ ବ୍ୟାଙ୍କ ରେପୋ ରେଟ୍ ସହ ସୁଧ ହାରକୁ ଯୋଡି ଦେବେ ବୋଲି ସେ କହିଛନ୍ତି।

### ୧୫ ଦିନରେ କ୍ଲୋଜର ରିପୋର୍ଟ

ଅର୍ଥମନ୍ତ୍ରୀ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକ ଋଣ ଦେୟ ପ୍ରଦାନ ବନ୍ଦ ହେବାର ୧୫ ଦିନ ମଧ୍ୟରେ କ୍ଲୋଜର ରିପୋର୍ଟ ଦେବାକୁ ହେବ। ଏହାଦ୍ୱାରା ଗ୍ରାହକଙ୍କୁ ଅସୁବିଧାରୁ ମୁକ୍ତି ମିଳିବ। ଏଣିକି ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସିକୁ ଋଣ ପାଇବା ଲାଗି ଆବେଦନ କରିଥିବା ଗ୍ରାହକ ନିଜ ଆବେଦନକୁ ଅନ୍‌ଲାଇନରେ ଟ୍ରାକ୍ କରିପାରିବେ ବୋଲି ସେ କହିଛନ୍ତି।

### କ୍ରେଡିଟ ଲିମିଟ ବଢ଼ାଯିବ

ଚାହିଦା ବୃଦ୍ଧି ଲାଗି ଅର୍ଥମନ୍ତ୍ରୀ ସୀତାରାମନ୍ ଘର, ଗାଡ଼ି ଓ ଘରୋଇ ସାମଗ୍ରୀ କିଣିବା ଲାଗି ଫାଇନାନ୍ସ କମ୍ପାନୀଙ୍କୁ କ୍ରେଡିଟ ଲିମିଟ ବଢ଼ାଇବାକୁ ନେଇ ଘୋଷଣା କରିଛନ୍ତି। ଏଥିସହିତ ସେ ହାଉସିଂ ଫାଇନାନ୍ସ କର୍ପୋରେଶନ୍ସକୁ ୨୦ ହଜାର କୋଟି ଟଙ୍କା ପୁଞ୍ଜି ଦେବାକୁ ଘୋଷଣା କରିଛନ୍ତି।

### ସିଏସ୍‌ଆର ଉଲ୍ଲଂଘନ ଆପରାଧିକ ହେବନି

ଅର୍ଥମନ୍ତ୍ରୀ ସୀତାରାମନ୍ କହିଛନ୍ତି ଯେ, କର୍ପୋରେଟ ସାମାଜିକ ଦାୟିତ୍ୱ(ସିଏସ୍‌ଆର୍) ଉଲ୍ଲଂଘନ ହେବା କ୍ଷେତ୍ରରେ ଆପରାଧିକ ମକଦ୍ଦମା କରାଯିବ ନାହିଁ। ସେ କହିଛନ୍ତି ଯେ, ଏଣିକି ଏହାକୁ ଆପରାଧିକ ଭାବେ ଗ୍ରହଣ କରାଯିବ ନାହିଁ। ବଜେଟରେ ଏ ସମ୍ପର୍କରେ ଘୋଷଣା କରାଯିବା ପରେ ଉଦ୍ୟୋଗ ଜଗତ ଏହା ଉପରେ ଚିନ୍ତାବ୍ୟକ୍ତ କରିଥିଲେ ଏବଂ ଏହାକୁ ପ୍ରତ୍ୟାହାର କରିବା ଲାଗି ଅର୍ଥମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିଲେ।

# ତେଲ କମ୍ପାନୀଙ୍କ ୫ ହଜାର କୋଟି ବାକି ରଖିଛି ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ, ୨୩-୮**

- ୬ ବିମାନ ବନ୍ଦରରେ ଇନ୍ଧନ ଯୋଗାଣ ବନ୍ଦ କଲେ କମ୍ପାନୀ
- ଆଠମାସ ଧରି ତେଲ ବକେୟା ପୈଠ କରିନି



ଏୟାର ଇଣ୍ଡିଆ ଉପରେ ୩ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକର ୫ ହଜାର କୋଟି ଟଙ୍କା ବାକି ରହିଛି। ଗତ ଆଠ ମାସ ଧରି ଏହି ବିମାନ କମ୍ପାନୀ ଇନ୍ଧନ ବିଲ୍ ପ୍ରଦାନ କରି ନାହିଁ ବୋଲି ଇଣ୍ଡିଆନ ଅଏଲ କର୍ପୋରେଶନ(ଆଇଓସି) ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି ଆଇଓସି, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ଭଳି କମ୍ପାନୀ ଗୁରୁବାର ଅପରାହ୍ଣରୁ ଏୟାର ଇଣ୍ଡିଆକୁ ବିମାନ ଇନ୍ଧନ(ଏଟିଏଫ୍) ଯୋଗାଣ ବନ୍ଦ କରିଛନ୍ତି। ଦେଶର କୋଚି, ପୁଣେ, ପାଟନା, ରାଞ୍ଚି ଏବଂ ଭାଇଜାଗ ଭଳି ଏୟାରପୋର୍ଟରେ କମ୍ପାନୀଗୁଡିକ ଏୟାର ଇଣ୍ଡିଆକୁ ଏଟିଏଫ ଯୋଗାଣରୁ ବିରତ ରହିଛନ୍ତି। ଉକ୍ତ ବିମାନ କମ୍ପାନୀ ଉପରେ ବୃହତ୍ ପରିମାଣର ଅର୍ଥ ବାକି ରହିବା ଯୋଗୁ ବାଧହୋଇ ମିଳିତ ଭାବେ ଏଭଳି ନିଷ୍ପତ୍ତି ନିଆଯାଇଥିବା କମ୍ପାନୀଗୁଡିକ ପକ୍ଷରୁ କୁହାଯାଇଛି। ବକେୟା ଅର୍ଥ ପୈଠ ନ ହେଲେ ଅଗଷ୍ଟ ୨୨ଠାରୁ ଇନ୍ଧନ ଯୋଗାଣ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିବା ଏକ ଚିଠି ଯୋଗେ ଏୟାର ଇଣ୍ଡିଆ ପରିଚାଳନା ବୋର୍ଡକୁ ଜଣାଇ ଦିଆଯାଇଛି। ଏହି ୬ ବିମାନ ବନ୍ଦରରେ ଦୈନିକ ଭିତ୍ତିରେ ଏୟାର ଇଣ୍ଡିଆକୁ ୨୫୦ କିଲୋ ଲିଟର ଏଟିଏଫ୍ ଆବଶ୍ୟକତା ହୋଇଥାଏ। ପୂର୍ବରୁ ବକେୟା ଲାଗି ତୈଳ କମ୍ପାନୀଗୁଡିକ ବିଭିନ୍ନ ସମୟରେ ଏୟାର ଇଣ୍ଡିଆକୁ ନୋଟିସ ଜାରି କରିଛନ୍ତି। ଅର୍ଥ ପୈଠ ହୋଇଯାଉଥିବାରୁ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇ ନ ଥିବା ବେଳେ ଚଳିତ ଥର ବାରମ୍ବାର କମ୍ପାନୀକୁ ଏ ନେଇ ଜଣାଇବା ପରେ କୌଣସି ସମାଧାନ ଧାରା ବାହାରି ନ ଥିଲା। ବିମାନ ମାତ୍ର ୬୦ କୋଟି ଟଙ୍କା ଦେବ ବୋଲି କହିଥିଲା ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଫଳରେ ତେଲ କମ୍ପାନୀମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଯେଉଁ ବିମାନ ବନ୍ଦରଗୁଡିକରେ ଇନ୍ଧନ ଯୋଗାଣ ହେଉ ନାହିଁ ଅନ୍ୟ ବିମାନ ବନ୍ଦରରୁ ତେଲ ଭରାଯାଉଥିବା ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି।

## ଅଭିବୃଦ୍ଧି ଅନୁମାନ କମାଇଲା ମୁଡିଜ୍

**ନୂଆଦିଲ୍ଲୀ,୨୩-୮**

ବିଶ୍ୱ ରେଟିଂ ଏଜେନ୍ସି ମୁଡିଜ୍ ମାନ୍ଦାବସ୍ଥା ଭିତରେ ଦେଶର ଆର୍ଥିକ ବିକାଶ ହାର ଅନୁମାନକୁ ହ୍ରାସ କରିଛି। ଏଜେନ୍ସି ପକ୍ଷରୁ ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ଜିଡିପି ଅନୁମାନରେ ଭାରି ହ୍ରାସ ଦର୍ଶାଇଛି। ୨୦୧୯ ଆର୍ଥିକ ବର୍ଷରେ ଭାରତ ଜିଡିପି ହାର ୬.୮%ରୁ ୬.୨%କୁ କମାଇଛି। ସେହିପରି ଆର୍ଥିକ ବର୍ଷ ୨୦୨୦ରେ ଜିଡିପି ହାର ୭.୩% ରହିବ ବୋଲି ପୂର୍ବରୁ ଅନୁମାନ କରିଥିବା ବେଳେ ଏବେ ଏହାକୁ ୬.୭%କୁ କମାଇ ଦେଇଛି। ଏଜେନ୍ସି ପକ୍ଷରୁ କୁହାଯାଇଛି, ବିଶ୍ୱରେ ଏବେ ମାନ୍ଦାବସ୍ଥାର ପରିବେଶ ଯୋଗୁ ଏସିଆର ଦେଶଗୁଡ଼ିକରେ ପ୍ରଭାବ ପଡୁଛି। ଏହାଦ୍ୱାରା ନିବେଶ ବାତାବରଣ ମଧ୍ୟ ପ୍ରଭାବିତ ହୋଇଛି। ମାନ୍ଦାବସ୍ଥା ପ୍ରଭାବରେ ଭାରତ ଅର୍ଥନୀତି ବର୍ତ୍ତମାନ ୫ମରୁ ୭ମକୁ ଖସିଯାଇଥିବା ବିଶ୍ୱବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି। ମାନ୍ଦାବସ୍ଥା କାରଣରୁ ଦେଶରେ ଏବେ ଅଟୋମୋବାଇଲ ପରେ ଏକାଧିକ ସେକ୍ଟର ପ୍ରଭାବିତ ହୋଇଛି। ବହୁ ସଂଖ୍ୟାରେ କର୍ମଚାରୀ ଛଟେଇ ହେବାରେ ଲାଗିଛି। ଅନେକ ଅଟୋମୋବାଇଲ କମ୍ପାନୀ ଅସ୍ଥାୟୀ ଭାବେ ଉତ୍ପାଦନ ମଧ୍ୟ ବନ୍ଦ କରିସାରିଲେଣି।

## ବଜାରରେ ଉପସ୍ଥିତି ଦୃଢ଼ କରୁଛି ଡୁରିଆନ

**ମୁମ୍ବାଇ, ୨୩-୮**

- ୨ ନୂଆ ଷ୍ଟୋର ଯୋଡିଲା
- ଅଫିସ, ହୋମ ଫର୍ନିଚରରେ ନୂଆ ଅଫରିଂ

Durian SINCE 1985

ହୋମ ଏବଂ ଅଫିସ ଫର୍ନିଚର ବର୍ଗରେ ପ୍ରଡକ୍ଟ ଯୋଗାଣ କରୁଥିବା ପ୍ରମୁଖ ବ୍ରାଣ୍ଡ ଡୁରିଆନ ଘରୋଇ ବଜାରରେ ଏହାର ଉପସ୍ଥିତିକୁ ଦୃଢ କରୁଛି। ଆଗକୁ ପାର୍ବଣ ଆସୁଥିବା ବେଳେ କମ୍ପାନୀ ଏହାର ରିଟେଲ ଶୃଙ୍ଖଳାକୁ ବଢାଇବା ନେଇ ବିଭିନ୍ନ ପଦକ୍ଷେପ ନେଉଛି। କମ୍ପାନୀ ବାଙ୍ଗାଲୋରରେ ନୂଆ ରିଟେଲ ଷ୍ଟୋର ଡୁରିଆନ ହାଉସ ଖୋଲିଥିବା ବେଳେ ଫରିଦାବାଦରେ ନୂଆ ଷ୍ଟୋର ଖୋଲିଛି। ଗ୍ରାହକଙ୍କୁ ବିଶ୍ୱସ୍ତରୀୟ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ କମ୍ପାନୀ ଏହାର ଉଦ୍ୟମ ଜାରି ରଖିଥିବା କହିଛି। ବାଙ୍ଗାଲୋରର ଜେପି ନଗରଠାରେ ସ୍ଥାପନ ହୋଇଥିବା ୩ ମହଲା ବିଶିଷ୍ଟ ଷ୍ଟୋରରେ ଗ୍ରାହକ କମ୍ପାନୀର ବିସ୍ତୃତ ରେଞ୍ଜର ପ୍ରଡକ୍ଟ ଲାଭ କରିପାରିବେ। ଏଠାରେ କମ୍ପାନୀର ବେଷ୍ଟ ସେଲିଂ ସୋଫା, ଉଡେନ ବେଡ, ରିକ୍ଲିନର, ଲଙ୍ଗର ଚେୟାର, ଟେବୁଲ ଏବଂ ଡାଇନିଂ ରହିଛି। ଏହାବାଦ ନୂଆ ଅଫିସ ଏବଂ ହୋମ ଫର୍ନିଚର ମଧ୍ୟ ସଂଯୋଗ କରାଯାଉଛି। ୨ ନୂଆ ଷ୍ଟୋର ଦ୍ୱାରା କମ୍ପାନୀର ମୋଟ ଷ୍ଟୋର ସଂଖ୍ୟା ୩୯ ଛୁଇଁଛି।

## ବ୍ୟାଙ୍କ ଅଫ୍ ବରୋଦାର ପରାମର୍ଶ ବୈଠକ




**ଭୁବନେଶ୍ୱର, ୨୩-୮**

ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାଖାଗୁଡିକର ଦକ୍ଷତା ସମୀକ୍ଷା କରାଯିବା ସହ ଆଗାମୀ ଦିନର କୌଶଳ ସମ୍ପର୍କରେ ଏଥିରେ ମତାମତ ଗ୍ରହଣ କରାଯାଇଛି। ଅର୍ଥନୀତିକୁ ଗତିଶୀଳ କରାଇବା ଦିଗରେ ବ୍ୟାଙ୍କଗୁଡିକର ଭୂମିକା ନେଇ ମତ ପ୍ରକାଶ ପାଇଛି। ବୈଠକକୁ ବ୍ୟାଙ୍କର ଉପମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଏସ୍. ନନ୍ଦ ଉଦଘାଟନ କରିଥିଲେ। ଉପକ୍ଷେତ୍ରୀୟ ମୁଖ୍ୟ ଭାରତ ଭୂଷଣ, ହରିଶ ସିହ୍ନା ଏବଂ କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟ ପ୍ରବନ୍ଧକ ଉମେଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

## ହିରୋ ଇଲେକ୍ଟ୍ରିକର ୨ ନୂଆ ଇ-ସ୍କୁଟର

**ନୂଆଦିଲ୍ଲୀ, ୨୩ -୮**

ହିରୋ ଇଲେକ୍ଟ୍ରିକ ପକ୍ଷରୁ ୨ ନୂଆ ଇ- ସ୍କୁଟର ଅପ୍ଟିମା ଇଆର୍ ଏବଂ ନିକ୍ସ ଇଆର୍ ବଜାରକୁ ଆସିଛି। ଏହି ଯାନ କ୍ରୟ ଉପରେ ସରକାରଙ୍କ ଫେମ୍ ୨ ଅନ୍ତର୍ଗତ ବିଭିନ୍ନ ସୁବିଧା ସୁଯୋଗ ମିଳିବ। କମ୍ପାନୀ ଏହାର ନେଟୱର୍କକୁ ବଢାଇବା ଲାଗି ବାଙ୍ଗାଲୋରରେ ନୂଆ କରି ଏକ କାର୍ଯ୍ୟାଳୟ ସ୍ଥାପନ କରିଛି। ୨୦୨୦ ସୁଦ୍ଧା ୧୦୦୦ ଟଚ୍ ପଏଣ୍ଟରେ ଏହାର ପ୍ରଡକ୍ଟ ଉପଲବ୍ଧ କରାଇବାକୁ କମ୍ପାନୀ ଯୋଜନା ରଖିଛି।


OFFICE OF THE NOTIFIED AREA COUNCIL, BALLIGUDA, KANDHAMAL
E-mail Id: eonacballiguda@yahoo.in

No. 1398 Date: 22.08.19

**TENDER CALL NOTICE**

Sealed tenders are invited from the registered firms/ Entrepreneurs/ Authorized Dealers/ Authorized Distributors/ Private Companies in two bid systems towards **"Supply & Installation of 2 Nos. of Overhead Sinage (Gantry/Welcome Board) at NAC, Balliguda"** as per specification given in DTCN to the Office of the NAC, Balliguda, so as to reach before the undersigned by 5.00 PM on dated 10.09.2019 through Speed Post/ Regd. Post/ Courier/ By Hand, which will be opened at 11.00 AM on dt. 11.09.2019 in the office of the NAC, Balliguda in the presence of available bidders or their authorized representatives. Detailed Tender Call Notice is available at NAC office from 10 AM of 22.08.2019 till 4.00 PM on dated 10.09.2019 in Govt. working days.
The authority reserves the right to cancel any or all tenders without assigning any reason thereof.

**Sd./- Executive Officer, NAC, Balliguda**



**ପାରାଦ୍ୱୀପ ପୌରପରିଷଦ, ପାରାଦ୍ୱୀପ**

ଏତଦ୍ୱାରା ପାରାଦ୍ୱୀପ ପୌରପରିଷଦ ଅଧୀନରେ ବସବାସ କରୁଥିବା ହିତାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା.୨୪।୦୮।୨୦୧୯ ରିଖରେ ପାରାଦ୍ୱୀପ "ବାହ୍ୟ ଶୌଚମୁକ୍ତ ଅଞ୍ଚଳ (+) (ODF+) ରୂପେ ଘୋଷଣା କରାଯିବା ପାଇଁ ସ୍ଥିରୀକୃତ କରାଯାଇଅଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସ୍ୱଚ୍ଛ ଭାରତ ମିଶନ (SBM) ଯୋଜନାରେ ସହରାଞ୍ଚଳର ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ନିମନ୍ତେ ଚଳିତ ୨୦୧୪ ଠାରୁ ୨୦୧୯ ଆଜି ପର୍ଯ୍ୟନ୍ତ ପାରାଦ୍ୱୀପ ପୌରପରିଷଦ ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମ କରିଅଛି ଓ ପ୍ରତି ଅଞ୍ଚଳରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟ ଓ ସର୍ବସାଧାରଣ ଶୌଚାଳୟକୁ ସ୍ୱୟଂ ସହାୟକ ଗୋଷ୍ଠୀଦ୍ୱାରା ପରିଚାଳିତ ଓ ରକ୍ଷଣା ବେକ୍ଷଣ କରୁଅଛି। ଏହି ବାବଦରେ ପରିଷ୍କାର ପରିଚ୍ଛନ୍ନତା ଓ "ବାହ୍ୟ ଶୌଚ ମୁକ୍ତ ଅଞ୍ଚଳ (+)" (ODF+) ଘୋଷଣା ବାବଦରେ ଯଦି କିଛି ଆପତ୍ତି ଓ ଅଭିଯୋଗ ଥାଏ, ଆସନ୍ତା ତା.୨୦।୦୮।୨୦୧୯ମଧ୍ୟରେ ପାରାଦ୍ୱୀପ ପୌରପରିଷଦର SBM Cell ରେ ଲିଖିତ ଭାବରେ ଜଣାଇବେ।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ**
**ପାରାଦ୍ୱୀପ ପୌରପରିଷଦ**



**GOVERNMENT COLLEGE OF ENGINEERING, KEONJHAR**
(A Constituent College of BPUT, Odisha)
At : Jamunalia, P.O. : Old Town, Dist : Keonjhar, Pin - 758002 (Odisha)
Tel : [illegible] (O), Website : www.gcekjr.ac.in, Mail Id : [illegible]

No. 1264 Date : 23.08.2019

**NOTICE INVITING TENDER**

Sealed Tenders are hereby invited in two bid system (i.e. Technical & Financial) for the work of "Tender for Comprehensive work for Cleaning & Disposal of Garbage at GCE, Keonjhar Campus (BLOCK-I, II, III & IV, Workshop and surroundings of all Blocks") at GCE, Keonjhar from contractors working in Institutes, Govt Depts, Semi-Govt Organizations, Private organizations Institutional Campuses having successfully carried out the above mentioned works in a single contract during last 2 years need to apply with proof of fulfilling the above conditions. The tenderers are required to produce proof of fulfilling these conditions along with the copy of valid licence under the contract labour Act (Regulation & Abolition) 1970, service tax, PAN No / TIN No, GST No. (Registered under Govt Department) EPF, ESI etc.
For details refer college website www.gcekjr.ac.in Sd/- Principal


# ମାରୁତି ସୁଜୁକି ଆଣିଲା ନୂଆ ଏକ୍ସଏଲ୍୬

**ଭୁବନେଶ୍ୱର, ୨୩-୮(ବ୍ୟୁରୋ)**

ମାରୁତି ସୁଜୁକି ପକ୍ଷରୁ ନୂଆ ଏକ୍ସଏଲ୍୬ ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ରାଜଭବନ ରୋଡ ସ୍ଥିତ ନେକ୍ସା ଶୋ'ରୁମରେ ଏହାର ବଜାର ପ୍ରବେଶ ହୋଇଛି। ନାରାୟଣୀ ମୋଟର୍ସ ଏମ୍‌ଡି ପୁରୁଷୋତ୍ତମ ବୁଧରାଜା, ଡାଇରେକ୍ଟର ମନୀଷା ବୁଧରାଜା, ନେକ୍ସାର ଆଞ୍ଚଳିକ ପ୍ରବନ୍ଧକ ବିକ୍ରମ ଶତପଥୀ, ଶୋ'ରୁମର ଜିଏମ୍ ଶ୍ରୀଧର ପେଡି ଏବଂ ଓଡ଼ିଆ ଅଭିନେତ୍ରୀ ସିନେମା ଅର୍ଚ୍ଚିତା ସାହୁ ଏହାର ଉନ୍ମୋଚନ କରିଥିଲେ। ସେହିଭଳି ସ୍ଥାନୀୟ ପାହାଳସ୍ଥିତ ଟ୍ୱିନସିଟି ନେକ୍ସା ଶୋ'ରୁମ୍‌ରେ ଯାନଟିକୁ ସ୍କାଏ ଅଟୋମୋବାଇଲ ସିଇଓ ଅଭିନାଶ ସିଂଘାଣିଆ, ବିଏମ୍ ଅମିତ ଶର୍ମା ଏବଂ କ୍ୱାଲିଟି ମ୍ୟାନେଜର ଧରିତ୍ରୀ ସାମଲ ପ୍ରମୁଖ ବଜାର ପ୍ରବେଶ କରାଇଥିଲେ। ମଡେଲଟିରେ ଲକ୍ସ୍ୟୁରୀ, ଲେଦର କ୍ୟାପଟେନ ସିଟ୍, ଅଲ୍ ବ୍ଲାକ ଇଣ୍ଟେରିୟର ରହିଛି। ସେହିଭଳି ଏଥିରେ ଏକ୍ସକ୍ଲୁସିଭ ୬ ସିଟ୍, ବିଏସ୍-୬ ଅନୁପାଳନ ଯୁକ୍ତ କେ-



ଟ୍ୱିନସିଟି ନେକ୍ସା ଶୋରୁମରେ ନୂଆ ଯାନକୁ ବଜାର ପ୍ରବେଶ କରାଯାଉଛି।



ନେକ୍ସା ରାଜଭବନ ରୋଡ୍ (ନାରାୟଣୀ ମୋଟର୍ସ)ଠାରେ ମାରୁତି ସୁଜୁକିର ନୂଆ ମଡେଲ୍ ଏକ୍ସଏଲ୍୬ର ଉନ୍ମୋଚନ।

### ଯାନର ପ୍ରମୁଖ ବୈଶିଷ୍ଟ୍ୟ

- ବିଏସ୍-୬ ଅନୁପାଳକ ଇଞ୍ଜିନ, ଏକ୍ସକ୍ଲୁସିଭ ୬ ସିଟ
- କେ-୧୫ ପେଟ୍ରୋଲ ଇଞ୍ଜିନ
- ପ୍ରୋଗ୍ରେସିଭ ସ୍ମାର୍ଟ ହାଇବ୍ରିଡ ଟେକ୍ନୋଲୋଜି
- ସ୍ପୋର୍ଟି ଫିଚର
- ଆକର୍ଷଣୀୟ ଇଣ୍ଟେରିୟର

୧୫ ପେଟ୍ରୋଲ ଇଞ୍ଜିନ, ମାରୁତି ସୁଜୁକିର ପ୍ରୋଗ୍ରେସିଭ ସ୍ମାର୍ଟ ହାଇବ୍ରିଡ ଟେକ୍ନୋଲୋଜିକୁ ସ୍ଥାନିତ କରାଯାଇଛି। ସ୍ପୋର୍ଟି ଫିଚର ଚାହୁଁଥିବା ଗ୍ରାହକଙ୍କୁ ଧ୍ୟାନରେ ରଖି ନୂଆ ଯାନଟିକୁ ପ୍ରସ୍ତୁତ କରାଯାଇଛି। ଏହାବାଦ ଲାଇଫଷ୍ଟାଇଲ, ଉଚ୍ଚତମ କମ୍ଫର୍ଟ, ସ୍ପେଶ ଏବଂ ପରଫରମାନ୍ସ , ଅଲ୍ ହ୍ୱାଇଟ କ୍ୱାର୍ଡ ଏଲ୍‌ଇଡି ହେଡ ଲ୍ୟାମ୍ପ ଏହାର ଶୋଭା ବଢାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଆକର୍ଷଣୀୟ ଇଣ୍ଟେରିୟର, ସ୍ମାର୍ଟ ପ୍ଲେ ଷ୍ଟୁଡିଓ, ସ୍ମାର୍ଟଫୋନ କନେକ୍ଟିଭିଟି, କ୍ରୁଜ କଣ୍ଟ୍ରୋଲ ଭଳି ବୈଶିଷ୍ଟ୍ୟ ରହିଛି। ପେଟ୍ରୋଲ ଇଞ୍ଜିନରେ ଏହା ଆସୁଥିବା ବେଳେ ବଜାର ଦର ୯.୮୦ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ମାଇଲେଜ ଏବଂ ଲକ୍ସ୍ୟୁରି ଦୃଷ୍ଟିକୋଣରୁ ଏହା ଗ୍ରାହକଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ନେକ୍ସା ଆର୍‌ଏମ୍ ଶତପଥୀ କହିଛନ୍ତି। ନୂଆ ଯାନଟିର ଉନ୍ନତ ବିକ୍ରି ନେଇ ଆଶାବାଦୀ ଥିବା ନାରାୟଣୀ ମୋଟର୍ସ ଏମ୍‌ଡି ପୁରୋଷତ୍ତମ ବୁଧରାଜା କହିଛନ୍ତି।



ଚଳିତ ବିଶ୍ୱଚାମ୍ପିୟନଶିପ୍‌ର ମିଆ ବ୍ଲିଚ୍‌ଫିଲ୍ଡ ବିପକ୍ଷ କ୍ୱାର୍ଟରଫାଇନାଲରେ ଅମ୍ପାୟରଙ୍କ ତ୍ରୁଟି ଯୋଗୁ ମୋତେ ଦୁଇଟି ମ୍ୟାଚ ପଏଣ୍ଟ ହରାଇବାକୁ ପଡ଼ିଛି ।
–ସାଇନା ନେହ୍ୱାଲ, ବ୍ୟାଡ୍‌ମିଣ୍ଟନ ଖେଳାଳି



ଟୋକିଓରେ ଅନୁଷ୍ଠିତ ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ମୋ ନେତୃତ୍ୱରେ ଭାରତୀୟ ହକି ଦଳର ସଫଳତାକୁ ନେଇ ମୁଁ ଗର୍ବ ଅନୁଭବ କରୁଛି ।
–ହରମନପ୍ରୀତ ସିଂ, ଡ୍ରାଗ୍ ଫ୍ଲିକର

## ସଂକ୍ଷେପରେ

### ଟ୍ରମ୍ପ୍‌ଙ୍କୁ ଭେଟିଲେ ଗାଭାସ୍କର



ନୂଆଦିଲ୍ଲୀ,୨୩।୮(ପିଟି): କିମ୍ବଦନ୍ତୀ ଭାରତୀୟ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିଛନ୍ତି। ଗାଭାସ୍କର ଏକ ଚ୍ୟାରିଟି ଫାଉଣ୍ଡେଶନ ପାଇଁ ଅର୍ଥ ଯୋଗାଡ଼ କରିବା ଲାଗି ନ୍ୟୁୟର୍କ ଗସ୍ତ କରିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ନ୍ୟୁ ୟର୍କସ୍ଥିତ ବେଡମିନଷ୍ଟର ଗଲ୍ଫ କୋର୍ସଠାରେ ଟ୍ରମ୍ପ୍‌ଙ୍କୁ ଭେଟିଛନ୍ତି। ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଦିନିକିଆ ସିରିଜ୍ ଶେଷ ହେବା ପରେ ଏବଂ ଟେଷ୍ଟ ସିରିଜ୍ ପୂର୍ବରୁ ସମୟ ବାହାର କରି ଆମେରିକା ଗସ୍ତ କରିଥିଲେ। ସେଠାରେ ହାର୍ଟ ଟୁ ହାର୍ଟ ଫାଉଣ୍ଡେଶନ (ଏଚ୍‌୨ଏଚ୍) ପ୍ରତି ସଚେତନତା ସୃଷ୍ଟି କରିବା ଲାଗି ଉଦ୍ୟମ କରିଥିଲେ। ନବି ମୁମ୍ବାଇସ୍ଥିତ ସତ୍ୟସାଇ ସଞ୍ଜିବନୀ ମେଡିକାଲ ଜନ୍ମଜାତ ହୃଦୟ ସମସ୍ୟାର ମାଗଣା ଅସ୍ତ୍ରୋପଚାର କରୁଛି। ଆଇକନିକ ବ୍ୟାଟ୍ସମ୍ୟାନ ନ୍ୟୁ ଜର୍ସି ଓ ଆଟଲାଣ୍ଟାଠାରେ ବହୁ ଇଭେଣ୍ଟରେ ଯୋଗଦେଇଥିଲେ। ଗାଭାସ୍କର ଚଳିତ ଟେଷ୍ଟ ସିରିଜ୍‌ରେ କମେଣ୍ଟ୍ରି କରୁଛନ୍ତି। ସିରିଜ୍‌ର ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ପରେ ସେ ଆମେରିକା ଫେରି ସିଲିକନ ଭ୍ୟାଲି, ସିଟଲ, ଲୌସଭିଲେଠାରେ ଆଉ କିଛି ଇଭେଣ୍ଟରେ ଯୋଗଦେବେ। ଏହାପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍‌ରେ କମେଣ୍ଟ୍ରି ପାଇଁ ସେ ସ୍ୱଦେଶ ଫେରିବେ। ଉଲ୍ଲେଖଥାଉ କି, ଲୌସଭିଲେଠାରେ ଗାଭାସ୍କରଙ୍କ ନାମରେ କ୍ରିକେଟ ଷ୍ଟାଡିୟମ ରହିଛି।

### ୟୁଏସ୍ ଓପନ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡରେ ନାଗାଲ

ନ୍ୟୁୟର୍କ,୨୩।୮(ପିଟି): ଭାରତୀୟ ଟେନିସ ଖେଳାଳି ସୁମିତ ନାଗାଲ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଖେଳିବାର ନିକଟତର ହୋଇଛନ୍ତି। ୟୁଏସ୍ ଓପନ ଟୁର୍ଣ୍ଣାମେଣ୍ଟର କ୍ୱାଲିଫାୟର୍ସରେ ନାଗାଲ ଦ୍ୱିତୀୟ ବାଧା ଅତିକ୍ରମ କରିବାରେ ସଫଳ ହୋଇଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୯୦ ତମ ସ୍ଥାନରେ ଥିବା ଭାରତୀୟ ଖେଳାଳି ୭-୫, ୭-୬(୭/୦) ସେଟ୍‌ରେ କାନାଡାର ପିଟର ପୋଲାନ୍ସକିଙ୍କୁ ହରାଇ ଦେଇଛନ୍ତି। ବିଜୟ ଲାଗି ତାଙ୍କୁ ୨ ଘଣ୍ଟା ୮ ମିନିଟ୍ ଧରି ସଂଘର୍ଷ କରିବାକୁ ପଡ଼ିଥିଲା। ୨୨ ବର୍ଷୀୟ ହରିୟାଣା ଖେଳାଳି ଫାଇନାଲ କ୍ୱାଲିଫାଇଂ ରାଉଣ୍ଡରେ ୨୧୨ ର୍‍ୟାଙ୍କ ବ୍ରାଜିଲର ଜୋଆ ମେନେଜେସଙ୍କ ସହ ମୁକାବିଲା କରିବେ। ଗତ ବର୍ଷ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ, ଫ୍ରେଞ୍ଚ ଓପନ ଓ ୱିମ୍ବେଲଡନ ଓପନର ଯୋଗ୍ୟତା ପର୍ଯ୍ୟାୟରେ ଖେଳିଥିଲେ। ହେଲେ କୌଣସି ଥର ପ୍ରଥମ ମୁକାବିଲାକୁ ଜିତିବାକୁ ସକ୍ଷମ ହୋଇ ନ ଥିଲେ। ଏହା ବ୍ୟତୀତ ଦେଶର ଏକମାତ୍ର ସିଙ୍ଗଲ୍ସ ଖେଳାଳି ଭାବେ ପ୍ରଜନେଶ ଗୁଣେଶ୍ୱରନ ସିଧାସଳଖ ୟୁଏସ୍ ଓପନ ମୁଖ୍ୟ ପର୍ଯ୍ୟାୟରେ ଖେଳିବାକୁ ଯାଉଛନ୍ତି। ସେ ପ୍ରଥମ ରାଉଣ୍ଡରେ ୫ମ ସିଡ୍ ଡାନିଏଲ ମେଡଭେଡେଭଙ୍କ ସହ ମୁକାବିଲା କରିବେ।

# ଭାରତକୁ ୨୯୭ରେ ପହଞ୍ଚାଇଲେ ଜାଡେଜା

**ନର୍ଥ ସାଉଣ୍ଡ(ଆଣ୍ଟିଗୁଆ), ୨୩।୮**

ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂର ନମୁନା ଦେଖାଇ ରବୀନ୍ଦ୍ର ଜାଡେଜା ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଛନ୍ତି। ଶେଷ ଭାଗରେ ଛୋଟ ଛୋଟ ପାର୍ଟନରଶିପ୍ ଗଢ଼ି ଏହି ବାମହାତୀ ବ୍ୟାଟ୍ସମ୍ୟାନ ୱେଷ୍ଟଇଣ୍ଡିଜ ବୋଲରଙ୍କୁ ନିରାଶ କରିଛନ୍ତି। ଜାଡେଜାଙ୍କ ଅର୍ଦ୍ଧଶତକ ବଳରେ ଭାରତ ପ୍ରଥମ ଇନିଂସରେ ୨୯୭ ରନ କରିବାକୁ ସକ୍ଷମ ହୋଇଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୦୩/୬ରୁ ଭାରତ ଦ୍ୱିତୀୟ ଦିବସ ଖେଳ ଆରମ୍ଭ କରିଥିଲା। ପୂର୍ବ ଦିନର ସ୍କୋରରେ ଆଉ ମାତ୍ର ୪ ରନ ଯୋଗକରି ରିଷଭ ପନ୍ତ ଆଉଟ ହୋଇ ଯାଇଥିଲେ ହେଁ ଜାଡେଜା ଓ ଈଶାନ୍ତ ଶର୍ମା ଧିମା ବ୍ୟାଟିଂ କରି ଘରୋଇ ବୋଲରଙ୍କ ଧୈର୍ଯ୍ୟର ପରୀକ୍ଷା ନେଇଥିଲେ। ରିଷଭ(୨୪ ରନ)ଙ୍କୁ ଆଉଟ କରି କେମର ରୋଚ୍ ଭାରତ ଇନିଂସକୁ ଶୀଘ୍ର ସାରିଦେବା ଯୋଜନାରେ ଥିଲେ। ମାତ୍ର ୮ମ ଉଇକେଟରେ ଜାଡେଜା ଓ ଈଶାନ୍ତଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ୬୦ ରନର ଭାଗୀଦାରି ସବୁ ଆକଳନକୁ ବିଗାଡ଼ି ଦେଇଥିଲା। ଏହି ଅବସରରେ ଭାରତୀୟ ସ୍କୋର ୨୫୦ ମଧ୍ୟ ଅତିକ୍ରମ କରିଥିଲା। ୬୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଈଶାନ୍ତ ୧ ଚୌକା ସହାୟତାରେ ୧୯ ରନ କରିଥିବାବେଳେ ଶାନନ ଗାବ୍ରିଏଲଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ୨୬୭ ରନରେ ଭାରତର ୮ମ ଉଇକେଟର ପତନ ଘଟିଥିଲା। ମହମ୍ମଦ ସାମି ଖାତା ଖୋଲିବା ପୂର୍ବରୁ ରଷ୍ଟନ ଚେଜ୍‌ଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ। ମାତ୍ର ପରିସ୍ଥିତିକୁ ଦୃଷ୍ଟିରେ ରଖି ଜାଡେଜା ବ୍ୟାଟିଂ ଷ୍ଟାଇଲରେ ପରିବର୍ତ୍ତନ କରି ଦ୍ରୁତ ଖେଳିଥିଲେ। ଯଶପ୍ରୀତ ବୁମ୍‌ରା ୧୫ ବଲ୍‌ରୁ ମାତ୍ର ୪ ରନ କରି ଅପରାଜିତ ରହିଥିଲେ ହେଁ ଜାଡେଜା ଶେଷ ଉଇକେଟ ଯୋଡ଼ିରେ ତାଙ୍କ ସହ ୨୯ ରନ ଯୋଗକରି ଭାରତ ସ୍କୋରକୁ ୩୦୦ର ନିକଟତର କରାଇଥିଲେ। ବଡ଼ ଶଟ୍ ଖେଳିବା ଚକ୍କରରେ ଥିବା ଜାଡେଜା ୧୧୨ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୫୮ ରନ କରିଥିବାବେଳେ ଅଧିନାୟକ ଜାସନ ହୋଲ୍ଡରଙ୍କ ବଲ୍‌ରେ ଶାଇ ହୋପ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାଥିଲା ଜାଡେଜାଙ୍କ କ୍ୟାରିୟରର ୧୧ତମ ଟେଷ୍ଟ ଅର୍ଦ୍ଧଶତକ। ୱେଷ୍ଟଇଣ୍ଡିଜ ବୋଲରଙ୍କ ମଧ୍ୟରେ କେମର ରୋଚ୍ ୪, ଶାନନ ଗାବ୍ରିଏଲ ୩,ରଷ୍ଟନ ଚେଜ୍ ୨ ଓ ଜାସନ ହୋଲ୍ଡର ଗୋଟିଏ ଉଇକେଟ ନେଇଥିଲେ। ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜ ଉଇକେଟ କିପର ଶାଇ ହୋପ୍ ୫ଟି ଡିସମିଶାଲ କରିଥିଲେ। ଭାରତ ବିପକ୍ଷରେ ୪ର୍ଥ ୱେଷ୍ଟଇଣ୍ଡିଜ ଉଇକେଟ କିପରଭାବେ ସେ ଏହି ସଫଳତା ପାଇଥିଲେ। ପୂର୍ବରୁ ୧୯୭୮-୭୯ରେ ଡେଭିଡ ମୁରେ ନୂଆଦିଲ୍ଲୀରେ, ୧୯୮୨-୮୩ରେ ଜେଫ୍ ଦୁଜନ କିଙ୍ଗଷ୍ଟନରେ ଏବଂ ୨୦୦୨-୦୩ରେ ରିଡ୍‌ଲେ ଜ୍ୟାକବ୍ସ ମୁମ୍ବାଇଠାରେ ଏହି ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୯୭/ଅଲଆଉଟ (ଅଜିଙ୍କ୍ୟ ରାହାନେ-୮୧, ରବୀନ୍ଦ୍ର ଜାଡେଜା-୫୮, ଲୋକେଶ ରାହୁଲ-୪୪, ହନୁମା ବିହାରୀ-୩୨, ରିଷଭ ପନ୍ତ-୨୪, ଈଶାନ୍ତ ଶର୍ମା-୧୯, କେମର ରୋଚ୍-୪/୬୬, ଶାନନ ଗାବ୍ରିଏଲ-୩/୭୧,ରଷ୍ଟନ ଚେଜ୍-୨/୫୮, ଜାସନ ହୋଲ୍ଡର-୧/୩୬)।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ରବୀନ୍ଦ୍ର ଜାଡେଜା।

# ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରିକୁ ସସ୍‌ପେଣ୍ଡ କଲା ୱାଡା

**ନୂଆଦିଲ୍ଲୀ, ୨୩।୮ (ପି.ଟି.)**

ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଭାରତର ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରି (ଏନ୍‌ଡିଟିଏଲ୍)କୁ ୬ ମାସ ପାଇଁ ସସ୍‌ପେଣ୍ଡ କରିଛି। ଫଳରେ ଦେଶର ଆଣ୍ଟି ଡୋପିଂ ପ୍ରୋଗ୍ରାମ୍‌କୁ ଶକ୍ତ ଧକ୍କା ଲାଗିଛି। କ୍ରୀଡ଼ା ମନ୍ତ୍ରଣାଳୟ ଏଥିରେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ଅପିଲ କରିବା ଲାଗି ସ୍ଥିର କରିଛି। ଏନ୍‌ଡିଟିଏଲ୍ ୨୦୦୮ରେ ୱାଡା ସ୍ୱୀକୃତି ଲାଭ କରିଥିଲା। ସସ୍‌ପେଣ୍ଡ ଆଦେଶ ଅଗଷ୍ଟ ୨୦ରୁ ଲାଗୁ ହୋଇଛି। ସସ୍‌ପେଣ୍ଡ ଆଦେଶ ନ ଉଠିବା ପର୍ଯ୍ୟନ୍ତ ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରିରେ ଡୋପ୍ ଟେଷ୍ଟ ପାଇଁ ସଂଗ୍ରହ କରାଯାଇଥିବା କୌଣସି ସାମ୍ପଲ ପରୀକ୍ଷା ହୋଇପାରିବ ନାହିଁ। ଟୋକିଓ ଅଲିମ୍ପିକ୍ସ ଆଉ ମାତ୍ର ଏକ ବର୍ଷ ଥିବାବେଳେ ୱାଡାର ଏହି ନିଷ୍ପତ୍ତି ଶକ୍ତ ଧକ୍କା ଦେଇଛି। ୱାଡାର ଏକ ପ୍ରତିନିଧି ଦଳ ନିକଟରେ ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରି ପରିଦର୍ଶନରେ ଆସିଥିଲେ। ଏହା ଇଣ୍ଟରନ୍ୟାଶନାଲ ଷ୍ଟାଣ୍ଡାର୍ଡ ଫର୍ ଲାବରେଟୋରି (ଆଇଏସ୍ଏଲ) ମାନଦଣ୍ଡ ବାହାରେ ବୋଲି ସେମାନେ ରିପୋର୍ଟ ଦେଇଥିଲେ। ଏନ୍‌ଡିଟିଏଲ୍ ଚାହିଁଲେ ୨୧ଦିନ ମଧ୍ୟରେ ୱାଡାର ଏହି ନିଷ୍ପତ୍ତି ବିରୋଧରେ ଅପିଲ କରିପାରିବ। ବ୍ୟବସାୟିକ ସ୍ୱାର୍ଥ ଦୃଷ୍ଟିରୁ ଏହା କରାଯାଇଥାଇପାରେ ବୋଲି ୱାଡା ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିବା କ୍ରୀଡ଼ା ସଚିବ ରାଧେଶ୍ୟାମ ଜୁଲାନିୟା କହିଛନ୍ତି। କାରଣ ଆମ ଲାବରେଟୋରିରେ ସାମ୍ପଲ ଟେଷ୍ଟ କରିବାର ଖର୍ଚ୍ଚ ଅନ୍ୟ ଦେଶର ଲାବରେଟୋରିଗୁଡ଼ିକ ତୁଳନାରେ ଶସ୍ତା। ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ଠାରୁ ଏନ୍‌ଡିଟିଏଲ୍ ବିଚ୍ଛିନ୍ନ ହେବା ଦ୍ୱାରା ଭାରତରେ ଆଣ୍ଟି-ଡୋପିଂ ପ୍ରୋଗ୍ରାମ୍‌ରେ ବାଧା ସୃଷ୍ଟି ହେବ। ସସ୍‌ପେଣ୍ଡ ସମୟରେ କେବଳ ସାମ୍ପଲ ସଂଗ୍ରହ କରିପାରିବ ବୋଲି ନାଡା ମହାନିର୍ଦ୍ଦେଶକ ନବୀନ ଅଗ୍ରୱାଲ ପ୍ରକାଶ କରିଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) କହିଛି ଅନ୍ୟ ଦେଶରେ ସାମ୍ପୁଲର ପରୀକ୍ଷା ପାଇଁ ଆମକୁ ଅତିରିକ୍ତ ବ୍ୟୟଭାର ସମ୍ଭାଳିବାକୁ ପଡ଼ିବ, ଯାହାକି କଷ୍ଟସାଧ୍ୟ। ଯଥାସମ୍ଭବ ଆମକୁ ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଥିବା ୱାଡା ସ୍ୱୀକୃତିପ୍ରାପ୍ତ ଲାବରେଟୋରି ଉପରେ ଆମକୁ ନିର୍ଭର କରିବାକୁ ପଡ଼ିବ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା କହିଛନ୍ତି, ଟୋକିଓ ଗେମ୍ସ ଆଉ ମାତ୍ର ୧୧ ମାସ ରହିଥିବାବେଳେ ୱାଡାର ନିଷ୍ପତ୍ତି ଭାରତରେ ଅଲିମ୍ପିକ ଆନ୍ଦୋଳନକୁ ଶକ୍ତ ଧକ୍କା ଦେଇଛି। ଭାରତର ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ଅତିରିକ୍ତ ବ୍ୟୟଭାର ବହନ କରିବା ସ୍ଥିତିରେ ନାହାନ୍ତି।




ଭୁବନେଶ୍ୱର: ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ୧୦ମ ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍ ପ୍ରଥମ ଦିବସର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ଅବସରରେ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ। ନିକଟରେ ଅଛନ୍ତି ଉତ୍କଳ କରାଟେ ସ୍କୁଲ ମୁଖ୍ୟ ଡ. ହରିପ୍ରସାଦ ପଟ୍ଟନାୟକ।

# ଆମେରିକାରେ ପ୍ରଶିକ୍ଷଣ ନେବେ ଜିନ୍‌ସନ ଜନ୍‌ସନ

**ଚେନ୍ନାଇ,୨୩।୮(ପି.ଟି.)**

ଭାରତୀୟ ମିଡଲ ଡିଷ୍ଟାନ୍ସ ରନର ଜିନସନ ଜନସନ ଶୁକ୍ରବାର ଆମେରିକାରେ ପ୍ରଶିକ୍ଷଣ ନେବେ ବୋଲି କହିଛନ୍ତି। ଆସନ୍ତାବର୍ଷ ଟୋକିଓରେ ଆୟୋଜନ ହେବାକୁଥିବା ଟୋକିଓ ଅଲିମ୍ପିକ୍ସରେ ଯୋଗ୍ୟତା ହାସଲ କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଫଳରେ ଟାଇମିଂରେ ଉନ୍ନତି ଆଣିବାକୁ ଆମେରିକାରେ ସେ କୋଚ୍ ସ୍କଟ୍ ସିମ୍ସନ୍‌ଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଜାତୀୟ ଓ ଏସୀୟ ସ୍ତରରେ ମୋ ଟାଇମିଂ ଠିକ୍ ରହିଛି। ତେବେ ବିଶ୍ୱସ୍ତରୀୟ ଇଭେଣ୍ଟଗୁଡିକରେ ଟାଇମିଂରେ ଉନ୍ନତି ଆଣିବାକୁ ପ୍ରୟାସ କରୁଛି। ଅଲିମ୍ପିକ କ୍ୱାଲିଫାଏ କରିବା ପାଇଁ ସେ ୧,୫୦୦ ମିଟର ଦୌଡରେ ସେ ନିଜର ଜାତୀୟ ରେକର୍ଡ ୩:୩୭.୬୨କୁ ଭାଙ୍ଗିବାର ଜରୁରୀ ହୋଇପଡିଛି। ସେପ୍ଟେମ୍ବର ୧ ତାରିଖରେ ସେ ଜର୍ମାନୀରେ ଏକ ଆମନ୍ତ୍ରଣୀୟ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଏହାପରେ ସେ ଆମେରିକା ଯାତ୍ରା କରିବେ।

୧, ୫୦୦ମି. ଦୌଡ଼ ପାଇଁ ଟୋକିଓ ଅଲିମ୍ପିକ୍ସର କ୍ୱାଲିଫିକେଶନ ମାର୍କ ୩:୩୫.୦୦ ରହିଛି। କଲରୋଡାରେ ପ୍ରଶିକ୍ଷଣ ପରେ ପ୍ରଦର୍ଶନରେ ଉନ୍ନତି ଆସିବ ବୋଲି କୋଝିକୋଡର ଏହି ୨୮ ବର୍ଷୀୟ ଆଥଲେଟ୍ ଜନସନ କହିଛନ୍ତି। ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନରୁ ମୋତେ ୨.୫ ସେକେଣ୍ଡ ଟାଇମ୍ କଟ୍ କରିବାକୁ ପଡିବ। ଅଲିମ୍ପିକ୍ କ୍ୱାଲିଫାଏ କରିବା ନେଇ ମୋର ଆତ୍ମବିଶ୍ୱାସ ରହିଛି। ଗତ ଏସିଆନ ଗେମ୍ସରେ ଜନସନ୍ ୧,୫୦୦ ମିଟର ରେସ୍‌ରେ ୩:୪୪.୭୨ ଟାଇମିଂରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ଇତିମଧ୍ୟରେ ମାରାଥନ ରନର ଗୋପୀ ଥୋନାକାଲ ଦୋହା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଥରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିପାରିଲେ ପରବର୍ତ୍ତୀ ଯୋଜନା ସ୍ଥିର କରିବି ବୋଲି ଗୋପୀ କହିଛନ୍ତି। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ହେଲେ ତାଙ୍କୁ ଶିବନାଥ ସିଂଙ୍କ ଦୀର୍ଘଦିନର ରେକର୍ଡ (୨: ୧୨:୦୦ ସେକେଣ୍ଡ)କୁ ଅତିକ୍ରମ କରିବାକୁ ପଡିବ ଓ ସେ ମଧ୍ୟ ଏ ନେଇ ଅବଗତ ଅଛନ୍ତି।

# ଦୁଲୀପ ଟ୍ରଫି: ନାୟାରଙ୍କ ଲଢୁଆ ବ୍ୟାଟିଂ

**ବେଙ୍ଗାଲୁରୁ, ୨୩।୮(ପି.ଟି.)**

ସ୍ଥାନୀୟ କର୍ଣ୍ଣାଟକ ଷ୍ଟେଟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଦୁଲୀପ ଟ୍ରଫି ମ୍ୟାଚ୍ ଆରମ୍ଭ ହୋଇଛି। ଏହି ୪ ଦିନିଆ ମ୍ୟାଚ୍‌ରେ ପ୍ରିୟଙ୍କ ପଞ୍ଚାଲଙ୍କ ନେତୃତ୍ୱାଧୀନ ଇଣ୍ଡିଆ ରେଡ୍ ଓ ଶୁବମନ ଗିଲଙ୍କ ଇଣ୍ଡିଆ ବ୍ଲୁ ମୁହାଁମୁହିଁ ହୋଇଛନ୍ତି। ଇଣ୍ଡିଆ ବ୍ଲୁ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ରେଡ୍ ୧ମ ଇନିଂସ ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬୮ ଓଭରରେ ୨ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଛି। ବର୍ଷା ଯୋଗୁ ପ୍ରଥମ ଦିନର ଖେଳ ବାଧାପ୍ରାପ୍ତ ହୋଇଥିଲା। ୪୩ ରନରେ ଦୁଇ ଓପନରଙ୍କୁ ହରାଇ ରେଡ୍ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବେଙ୍ଗଲ୍ ଓପନର ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲିବା ପୂର୍ବରୁ ରାଜସ୍ଥାନ ବାମହାତୀ ଦ୍ରୁତ ବୋଲର ଅନିକେତ ଚୌଧୁରୀଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ବରୋଦା ଷ୍ଟାର ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ପଞ୍ଚାଲ ୪୯ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ସହ ୧୫ ରନ କରିଥିବାବେଳେ ଦିୱେଶ୍ ପଠାନିଆଙ୍କ ବଲ୍‌ରେ ଉଇକେଟକିପର ସ୍ନେଲ ପଟେଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ।

ତେବେ ତୃତୀୟ ଉଇକେଟରେ କରୁନ ନାୟାର ଓ ଅଙ୍କିତ୍ କଲସୀ ଲଢୁଆ ବ୍ୟାଟିଂ କରି ଅପରାଜିତ ୧୨୦ ରନର ଭାଗୀଦାରି ସ୍ଥାପନ କରି ସ୍ଥିତି ସମ୍ଭାଳିଥିଲେ। ୨୦୧୭ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପରେ ନାୟାର ଜାତୀୟ ଦଳରୁ ବାଦ୍ ପଡିଥିଲେ। ତେବେ ଏହି ମ୍ୟାଚ୍‌ରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ବର୍ଷା ଓ ଖରାପ ଆଲୋକ ଯୋଗୁ ପ୍ରଥମ ଦିନର ସମ୍ପୂର୍ଣ୍ଣ ଖେଳ ସମ୍ଭବପର ହୋଇପାରି ନ ଥିଲା। ଷ୍ଟମ୍ପ ଅପସାରଣ ବେଳକୁ ନାୟାର ୯୨ ଓ କଲସୀ ୪୮ ରନ କରି ଅପରାଜିତ ରହିଛନ୍ତି। ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ନାୟାର ୧୮୯ଟି ବଲ୍‌ର ସମ୍ମୁଖୀନ ହୋଇ ୯ଟି ଚୌକା ମାରିଥିଲେ। ସେହିପରି ୧୭୧ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ସହ କଲସୀ ୪୮ ରନ କରି ଅପରାଜିତ ରହିଥିଲେ। ନାୟାର ଏକାଧୀକ ଆକର୍ଷଣୀୟ ଶଟ୍ ଖେଳିଥିଲେ। ବୋଲିଂରେ ଚୌଧୁରୀ ଓ ପଠାନିଆ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଉଲ୍ଲେଖଥାଉ କି, ଦୁଲୀପ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଇଣ୍ଡିଆ ବ୍ଲୁ ଓ ଇଣ୍ଡିଆ ଗ୍ରୀନ ପରସ୍ପରକୁ ଭେଟିଥିଲେ। ତେବେ ବର୍ଷା ଯୋଗୁ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଦିନର ଖେଳ ଧୋଇଯାଇଥିଲା। ପ୍ରଥମ ଦିନର ଖେଳ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ କିଛି ଓଭର ଖେଳ ସମ୍ଭବପର ହୋଇଥିଲା।

**ସଂକ୍ଷିପ୍ତ ସ୍କୋର:**

ଇଣ୍ଡିଆ ରେଡ୍ ପ୍ରଥମ ଇନିଂସ: ୬୮ ଓଭରରେ ୧୬୩/୨ (ନାୟାର-୯୨*, କଲସୀ-୪୮*, ପଞ୍ଚାଲ- ୧୫, ଚୌଧୁରୀ- ୧/୨୯, ପଠାନିଆ-୧/୨୭)।

# କମଲେଶଙ୍କୁ ସିଙ୍ଗଲ୍ସ ଟାଇଟଲ

**ଭୁବନେଶ୍ୱର, ୨୩।୮(କ୍ରୀଡ଼ା ପ୍ରତିନିଧି)**

ହରିୟାଣାର କର୍ନାଲଠାରେ ଅନୁଷ୍ଠିତ ଚମୁଣ୍ଡା-ଏଆଇଟିଏ ଚାମ୍ପିୟନଶିପ୍ ସିରିଜ(ସିଏସ୭)ରେ ଓଡ଼ିଶା ଟେନିସ ପ୍ରତିଭା କମଲେଶ ରଥ ୧୨ ବର୍ଷରୁ କମ୍ ବିଭାଗରେ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ କମଲେଶ ଚଣ୍ଡିଗଡ଼ର ଦିବ୍ୟାଂଶ ଶର୍ମାଙ୍କୁ ୭-୫, ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ପୂର୍ବରୁ ୧୪ ବର୍ଷରୁ କମ୍ ବାଳକ ଡବଲ୍ସରେ କମଲେଶ ରନର୍ସଅପ୍ ହୋଇଥିଲେ। ପଞ୍ଜାବର ଗୁନ୍‌ଜିତଙ୍କୁ ସାଥିକରି ଡବଲ୍ସ ଖେଳିଥିବା କମଲେଶ ଫାଇନାଲରେ ଉତ୍ତରପ୍ରଦେଶ ଯୋଡ଼ି ସମର୍ଥ ଶର୍ମା ଓ କାର୍ତ୍ତିକେୟ ତ୍ୟାଗିଙ୍କଠାରୁ ୩-୬, ୩-୬ ସେଟ୍‌ରେ ହାରି ଯାଇଥିଲେ। ସିଙ୍ଗଲ୍ସରେ ଟାଇଟଲ ଲାଭ କରି ସେ ୨୫ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି।



କମଲେଶ ରଥ ପୁରସ୍କାର ସହ।

# କ୍ଲବ ଏନ୍ କ୍ଲବ, ଜୟଦୁର୍ଗା ବିଜୟୀ

**କଟକ ଅଫିସ,୨୩।୮**

କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗର ଶୁକ୍ରବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ କ୍ଲବ ଏନ କ୍ଲବ ଓ ଜୟଦୁର୍ଗା କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ କ୍ଲବ ଏନ କ୍ଲବ ୨-୧ ଗୋଲରେ ରୟାଲ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ସଞ୍ଜୟ ଖାଡ଼ିଆ, ରାଜୀବ ଦାସ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ରୟାଲ ଦଳର ପ୍ରଣବ ବାରିକ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଜୟଦୁର୍ଗା ୨-୧ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇଥିଲା। ଜୟଦୁର୍ଗା ପକ୍ଷରୁ ସେଖ ଜୁବେର, ରାଜ କୁମାର ଦାସ, ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ମନଜିତ କିଷାନ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି।

# ବବଲୁ ମୁଣ୍ଡାଙ୍କୁ ରୌପ୍ୟ ପଦକ

**ଯୋଡ଼ା/କେନ୍ଦୁଝର, ୨୩।୮(ଡି.ଏନ.ଏ.)**

ବ୍ରୁନେଇଠାରେ ଅନୁଷ୍ଠିତ ୧୦ମ ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ସିଆଳିଯୋଡା ଗ୍ରାମର ବବଲୁ ମୁଣ୍ଡା ରୌପ୍ୟ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଗତ ୧୬ରୁ ୨୪ ପର୍ଯ୍ୟନ୍ତ ଆୟୋଜିତ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ୪୫ କେଜି ବର୍ଗରେ ସେ ଏହି ପଦକ ହାସଲ କରିଛନ୍ତି।

ସେମିଫାଇନାଲରେ ବବଲୁ ଭିଏତନାମ୍ ପ୍ରତିଯୋଗୀଙ୍କ ସହିତ କଡା ମୁକାବିଲା କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ୍‌ରେ ଉଚ୍ଚକୋଟୀର କୌଶଳ ପ୍ରଦର୍ଶନ ସତ୍ତ୍ୱେ ବବଲୁ ଇରାନ୍ ପ୍ରତିଯୋଗୀଙ୍କଠାରୁ ହାରିଯାଇଥିଲେ। ବବଲୁ ୨ୟ ସ୍ଥାନରେ ରହି ହାସଲ କରିଥିବା ରୌପ୍ୟ ତାଙ୍କର ଦ୍ୱିତୀୟ ଆନ୍ତର୍ଜାତିକ ପଦକ। ଏଥିପୂର୍ବରୁ ୨୦୧୮ ଜୁଲାଇରେ ବ୍ରାଜିଲଠାରେ ଅନୁଷ୍ଠିତ ୭ମ ବିଶ୍ୱ ଉଷୁ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ହାସଲ କରିଥିଲେ।

ବ୍ରୁନେଇଠାରେ ଅନୁଷ୍ଠିତ ଉଷୁ ଚାମ୍ପିୟନଶିପ୍‌ରେ ୧୬ ଦେଶରୁ ୩୯୮ ପ୍ରତିଯୋଗୀ ଭାଗ ନେଇଥିଲେ। ଏକମାତ୍ର ଓଡିଆ ଭାବେ ବବଲୁ ୨୨ ଜଣିଆ ଭାରତୀୟ ଦଳରେ ସାମିଲ ହୋଇଥିଲେ। ବବଲୁଙ୍କର ଏହି ସଫଳତା ପାଇଁ ତାଙ୍କ ପ୍ରଶିକ୍ଷକ ପଙ୍କଜ ମହାନ୍ତ, ଓଡିଶା ଉଷୁ ଆସୋସିଏଶନ, ଭାରତୀୟ ଉଷୁ ଆସୋସିଏଶନ, କେନ୍ଦୁଝର ଜିଲା ଉଷୁ ଆସୋସିଏସଶନ ଓ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏଥିସହିତ ଜେଏସପିଏଲ ଫାଉଣ୍ଡେଶନର ସହ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ବବଲୁଙ୍କୁ ଶୁଭେଚ୍ଛା ଜଣାଇ ଗ୍ରାମୀଣ ଅଞ୍ଚଳରେ ଥିବା ଏଭଳି ପ୍ରତିଭା ଖେଳାଳିଙ୍କୁ ଆଗକୁ ନେଇ ବିଶ୍ୱସ୍ତରରେ ପହଞ୍ଚାଇବା ଲାଗି ଜେଏସପିଏଲ ଫାଉଣ୍ଡେଶନ ସବୁପ୍ରକାର ସହଯୋଗ ଓ ସୁବିଧା ଯୋଗାଇଦେବ ବୋଲି କହିଛନ୍ତି।

**ଏସିଆନ୍ ଉଷୁ ଚାମ୍ପିୟନଶିପ୍**



ରୌପ୍ୟ ପଦକ ବିଜେତା ବବଲୁ ମୁଣ୍ଡା(ମଝି)।

## ସଂକ୍ଷେପରେ

### କାଟିଚ୍ ଆରସିବି ଦଳର ମୁଖ୍ୟ କୋଚ୍



ନୂଆଦିଲ୍ଲୀ,୨୩।୮(ପିଟି): ଆଇପିଏଲ ଫ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଷ୍ଟ୍ରେଲିଆର ସାଇମନ କାଟିଚ୍‌ଙ୍କୁ ଦଳର ମୁଖ୍ୟକୋଚ୍ ଭାବେ ନିଯୁକ୍ତ କରିଛି। ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍ ମାଇକ ହେସନଙ୍କୁ କ୍ରିକେଟ ଅପରେଶନ୍ସ ନିର୍ଦ୍ଦେଶକ ଦାୟିତ୍ୱ ଦେଇଛି। ମୋଟ ଉପରେ ଆରସିବିର ସମସ୍ତ କ୍ରିକେଟ ଅପରେଶନ ତାଙ୍କ ତତ୍ତ୍ୱାବଧାନରେ ହେବ। ଷ୍ଟ୍ରାଟେଜି ପ୍ରସ୍ତୁତ, ପ୍ରୋଗ୍ରାମ୍ସ, ରକ୍ଷଣାବେକ୍ଷଣ, ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖିବା ସହ ଜଥେଷ୍ଟ ପ୍ରାକ୍ଟିସ ଯୋଗାଇବା ଭଳି କାର୍ଯ୍ୟ ରହିଛି। ସେ ପ୍ରତ୍ୟେକ ଖେଳାଳି ଓ କୋଚିଂ ଷ୍ଟାଫଙ୍କ ସହ କାର୍ଯ୍ୟ କରିବେ। ହେସନଙ୍କ ଅଭିଜ୍ଞତା ବଳରେ ଆରସିବି ଏକ ଶକ୍ତିଶାଳୀ ଦଳ ହୋଇପାରିବ। ଏଥିସହିତ କାଟିଚ୍ ଦଳରେ ବିଜୟୀ ପରମ୍ପରା ଆଣି ପାରିବେ ବୋଲି ବିଶ୍ୱାସ ରଖିଛନ୍ତି ଆରସିବି ଚେୟାରମ୍ୟାନ ସଞ୍ଜୀବ ଚୁରିୱାଲା। ଏହି ନୂଆ ନିଯୁକ୍ତି ଯୋଗୁ ଗ୍ୟାରି କର୍ଷ୍ଟର୍ନ ଓ ଆଶିଷ ନେହେରାଙ୍କ ସହ ଫ୍ରାଞ୍ଚାଇଜ ସମ୍ପର୍କ ଛିନ୍ନ କରିଛି। ଉଲ୍ଲେଖଥାଉ କି, ଭାରତୀୟ ଦଳର ମୁଖ୍ୟ କୋଚ୍ ପଦ ଲାଗି ନିଯୁକ୍ତି ପ୍ରକ୍ରିୟାରେ ହେସନ ଅଳ୍ପକେ ରବି ଶାସ୍ତ୍ରୀଙ୍କ ପଛରେ ପଡ଼ିଯାଇଥିଲେ।



“ସ୍ୱାର୍ଥ ନିହିତ ନିୟମ ବ୍ୟବହାରିକ ହେବା ଉଚିତ। ଉଦାହରଣ ସ୍ୱରୂପ ରିକି ପଣ୍ଟିଂ ଏକସଙ୍ଗେ ଅଷ୍ଟ୍ରେଲିଆ କ୍ରିକେଟ ଏବଂ ଆଇପିଏଲର ଦାୟିତ୍ୱ ତୁଲାଇପାରୁଛନ୍ତି।

–ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ ଅଧିନାୟକ



“ଓଲ୍‌ଭ୍ସ ବିପକ୍ଷ ମ୍ୟାଚରେ ସ୍ପଟ୍ କିକ୍‌ରେ ଅସଫଳ ରହିଥିଲେ ମଧ୍ୟ ପଲ୍ ପୋଗ୍‌ବାଙ୍କୁ ପେନାଲ୍‌ଟି ଶଟ ମାରିବାରୁ ବଞ୍ଚିତ କରାଯିବ ନାହିଁ।

–ଓଲେ ଗନାର ସୋଲ୍‌କଜେର୍, ମାଞ୍ଚେଷ୍ଟର ୟୁନାଇଟେଡ୍ ମ୍ୟାନେଜର

# ଇଂଲଣ୍ଡ ୬୭ରେ ଅଲ୍‌ଆଉଟ୍

## ଆଶେସ ତୃତୀୟ ଟେଷ୍ଟ

ଲିଡ୍ସ,୨୩।୮

ଇଂଲଣ୍ଡ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଚାଲିଥିବା ତୃତୀୟ ଆଶେସ ଟେଷ୍ଟ ମ୍ୟାଚ୍ ମାତ୍ର ଦ୍ୱିତୀୟ ଦିନରେ ରୋମାଞ୍ଚକ ମୋଡ଼ରେ ପହଞ୍ଚିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ଦିବସରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୫୨.୧ ଓଭରରେ ୧୭୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦ୍ୱିତୀୟ ଦିନରେ ଇଂଲଣ୍ଡ ତା’ର ପ୍ରଥମ ଇନିଂସ ଆରମ୍ଭ କରି ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୨୭.୫ ଓଭରରେ ଦଳ ମାତ୍ର ୬୭ ରନ କରି ଅଲଆଉଟ ହୋଇଛି। ଫଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ବୃହତ୍ ୧୧୨ ରନ୍ ପଛରେ ପଡ଼ିଛି। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଦ୍ୱିତୀୟ ଦିନ ଚା’ପାନ ବିରତି ସୁଦ୍ଧା ୨୫ ଓଭରରେ ୩ ଉଇକେଟ ହରାଇ ୮୨ ରନ ସଂଗ୍ରହ କରି ୧୯୪ ରନର ଅଗ୍ରଣୀ ହାସଲ କରି ତା’ର ସ୍ଥିତି ଦୃଢ କରିଛି। ଅଭିଜ୍ଞ ଓପନର ଡେଭିଡ ୱାର୍ନର ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଛନ୍ତି। ସେହିପରି ମାର୍କସ ହାରିସ ୧୯ ଓ ଉସ୍‌ମାନ ଖ୍ୱାଜା ୨୩ ରନ କରି ପ୍ୟାଭିଲିୟନ ଫେରିଛନ୍ତି। ଜ୍ୟାକ ଲିଚ୍, କ୍ରିସ ବ୍ରଡ ଓ କ୍ରିସ୍ ୱୋକ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ମାର୍ନସ ଲାବୁସେନ ୧୩ ଓ ଟ୍ରାଭିସ୍ ହେଡ ୧୭ ରନ କରି ଅପରାଜିତ ରହିଛନ୍ତି। ଶୁକ୍ରବାର ସକାଳୁ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରିଥିଲା। ଅଷ୍ଟ୍ରେଲୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ଇଂଲଣ୍ଡ ସ୍ୱଳ୍ପ ରନରେ ଅଲଆଉଟ ହୋଇଥିଲା। ଘରୋଇ ମାଟିରେ ଏହା ଇଂଲଣ୍ଡର ଚତୁର୍ଥ ସର୍ବନିମ୍ନ ସ୍କୋର ସାବ୍ୟସ୍ତ ହୋଇଛି। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଜୋ ଡେନଲି ମାତ୍ର ୧୨ ରନ କରି ଆଉଟ ହୋଇଥିବା ବେଳେ ଇଂଲଣ୍ଡର ବାକି ୧୦ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନାହାନ୍ତି। ଅଧିନାୟକ ଜୋ ରୁଟ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ରୋରି ବର୍ନ୍ସ ୯, ଜାସନ ରୟ ୯, ବେନ୍ ଷ୍ଟୋକ୍ସ ୮, ଉଇକେଟକିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ୪, ଜୋସ ବଟଲର ୫, କ୍ରିସ୍ ୱୋକ୍ସ ୫, ଜୋଫ୍ରା ଆର୍ଚର ୭, ଜ୍ୟାକ ଲିଚ୍ ୧ ରନ କରି ଆଉଟ ହୋଇଥିଲେ। କ୍ରିସ୍ ବ୍ରଡ ୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଜୋଶ ହାଜେଲଉଡ୍ ୫, ପ୍ୟାଟ କୁମିନ୍ସ ୩, ଜେମ୍ସ ପାଟିନସନ ୨ଟି ଉଇକେଟ ଅକ୍ତିଆର କରିଥିଲେ।



ପ୍ୟାଟ କୁମିନ୍ସ

**ସଂକ୍ଷିପ୍ତ ସ୍କୋର:**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ– ୫୨.୧ ଓଭରରେ ୧୭୯ ରନରେ ଅଲଆଉଟ୍।

ଇଂଲଣ୍ଡ ପ୍ରଥମ ଇନିଂସ– ୨୭.୫ ଓଭରରେ ୬୭ ଅଲଆଉଟ୍ (ଡେନ୍‌ଲି–୧୨, ହାଜଲେଉଡ–୫/୩୦, କୁମିନ୍ସ–୩/୨୩, ପାଟିନସନ– ୨/ ୯)



ଲିଡ୍ସଠାରେ ଚାଲିଥିବା ତୃତୀୟ ଆଶେସ୍ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ୫ ଉଇକେଟ ହାସଲ କରିଥିବା ଅଷ୍ଟ୍ରେଲିଆର ଜୋସ୍ ହାଜେଲଉଡ୍।

## କ୍ଲୁଜନର ଦକ୍ଷିଣ ଆଫ୍ରିକା ଦଳର ବ୍ୟାଟିଂ କୋଚ୍

ଜୋହାନ୍ସବର୍ଗ,୨୩।୮(ପିଟି)

ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ଲାନ୍ସ କ୍ଲୁଜନର ଶୁକ୍ରବାର ଜାତୀୟ ଦଳର ବ୍ୟାଟିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ତେବେ ତାଙ୍କୁ କେବଳ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଦାୟିତ୍ୱ ଦିଆଯାଇଛି। କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍ଏ) ପୂର୍ବତନ ପେସର ଭିନସେଣ୍ଟ ବର୍ନସଙ୍କୁ ବୋଲିଂ କୋଚ୍ ପଦରେ ନିଯୁକ୍ତ କରିଛି। ଫିଲ୍ଡିଂ କୋଚ୍ ଜଷ୍ଟିନ ଅନଟଙ୍ଗ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ନୂଆ ନିୟମ ଅନୁଯାୟୀ ଟିମ୍ ଡିରେକ୍ଟର ତାଙ୍କର ୩ ସହାୟକ କୋଚ୍ ନିଯୁକ୍ତ କରିଛନ୍ତି ବୋଲି ସିଏସ୍ଏ କାର୍ଯ୍ୟକାରୀ ନିର୍ଦ୍ଦେଶକ କୋରି ଭାନ ଜିଲ କହିଛନ୍ତି। କ୍ଲୁଜନର କେବଳ ଭାରତ ବିପକ୍ଷ ଟି୨୦ ସିରିଜ୍‌ରେ ବ୍ୟାଟିଂ କୋଚ୍ ସମ୍ଭାଳିବେ। ସେ ସମସ୍ତ ଫର୍ମାଟ ପାଇଁ ବର୍ତ୍ତମାନ ଉପଲବ୍ଧ ନାହାନ୍ତି। ହ୍ୱାଇଟ୍ ବଲ କ୍ରିକେଟରେ ତାଙ୍କ ରେକର୍ଡ ବହୁତ ଭଲ ରହିଛି, ଯାହା ଜାତୀୟ ଦଳର ଖେଳାଳିଙ୍କୁ ସହାୟକ ହେବ ବୋଲି ଭାନ ଜିଲ କହିଛନ୍ତି। କ୍ଲୁଜନର ଟେଷ୍ଟରେ ୧୯୦୬ ରନ୍ କରିବା ସହ ୮୦ ଉଇକେଟ ନେଇଥିଲେ। ସେହିଭଳି ଦିନିକିଆ ଫର୍ମାଟରେ ୩୫୭୬ ରନ୍ ଓ ୧୯୨ ଉଇକେଟ ଅକ୍ତିଆର କରିଥିଲେ। ଦକ୍ଷିଣ ଆଫ୍ରିକା ଦଳ ସେପ୍ଟେମ୍ବର ୧୫ ତାରିଖରେ ଟି୨୦ ସିରିଜ୍ ଲାଗି ଭାରତ ଗସ୍ତ କରିବ। ଏହାପରେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ।

# ସିନ୍ଧୁ, ପ୍ରଣୀଥ୍ ସେମିଫାଇନାଲରେ

ବାସେଲ,୨୩।୮(ପି.ଟି.)

ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ଭାରତର ପି.ଭି. ସିନ୍ଧୁ ଏବଂ ବି. ସାଇ ପ୍ରଣୀଥ୍ ସେମାନଙ୍କ ପଦକ ପକ୍କା କରିଛନ୍ତି। ଶୁକ୍ରବାର ସେ ଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚରେ ଚାଇନିଜ ତାଇପେର ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ତାଇ ଡିଜୁ ୟିଙ୍ଗଙ୍କୁ ୧୨–୨୧, ୨୩–୨୧, ୨୧–୧୯ରେ ହରାଇ ଦେଇଛନ୍ତି। ୨୪ ବର୍ଷୀୟା ଭାରତୀୟ ଖେଳାଳି ଶନିବାର ସେମିଫାଇନାଲରେ ଚାଇନାର ଚେନ୍ ୟୁ ଫେଇ ଏବଂ ଡେନମାର୍କର ମିଆ ବ୍ଲିଚଫିଲ୍ଡଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଗତ ଦୁଇଟି ସଂସ୍କରଣରେ ସିନ୍ଧୁ ରୌପ୍ୟ ଜିତି ଆସିଛନ୍ତି। ଏହାଛଡ଼ା ପୂର୍ବରୁ ସେ ଦୁଇଟି ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରି ସାରିଛନ୍ତି। ଅନ୍ୟପକ୍ଷରେ ପ୍ରଣୀଥ୍ ୩୬ ବର୍ଷରେ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବେ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ପଦକ ହାସଲ କରିବାକୁ ଯାଉଛନ୍ତି। ବିଶ୍ୱର ୧୯ନମ୍ବର ର୍‍ୟାଙ୍କିଂପ୍ରାପ୍ତ ଏହି ଖେଳାଳି କ୍ୱାର୍ଟର ଫାଇନାଲରେ ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ତଥା ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କୁ ୨୪–୨୨, ୨୧–୧୪ରେ ପରାସ୍ତ କରିଛନ୍ତି। ବ୍ୟାଡମିଣ୍ଟନ କିମ୍ବଦନ୍ତୀ ପ୍ରକାଶ ପାଦୁକୋନ୍ ପ୍ରଥମ ଭାରତୀୟ ଖେଳାଳି ଭାବେ ୧୯୮୩ ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ସୂଚନାଯୋଗ୍ୟ, ପ୍ରଣୀଥ୍ ୨୦୧୭ରେ ସିଙ୍ଗାପୁର ଓପନ ଜିତିଥିବାବେଳେ ଚଳିତବର୍ଷ ପ୍ରାରମ୍ଭରେ ସୁଇସ୍ ଓପନ୍‌ରେ ରନର୍ସଅପ୍ ହୋଇଛନ୍ତି।

### ସାଇନାଙ୍କ ଅଭିଯାନ ଶେଷ

ଅଲିମ୍ପିକ୍ ବ୍ରୋଞ୍ଜ ପଦକଧାରୀ ସାଇନା ନେହ୍ୱାଲଙ୍କ ଅଭିଯାନ ପ୍ରି–କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ୩ ଗେମ୍ ବିଶିଷ୍ଟ ମ୍ୟାଚ୍‌ରେ ସାଇନାଙ୍କୁ ୧୨ତମ ସିଡ୍ ମିଆ ବ୍ଲିଚ୍‌ଫିଲ୍ଡ ପରାସ୍ତ କରିଛନ୍ତି। ୮ମ ସିଡ୍ ଭାରତୀୟ ଶଟଲର ୨୧–୧୫, ୨୫–୨୭, ୧୨–୨୧ ଗେମ୍‌ରେ ମ୍ୟାଚ୍ ହାରିଛନ୍ତି। ଏହି ମାରାଥନ ମ୍ୟାଚ୍ ଏକ ଘଣ୍ଟା ୧୨ ମିନିଟ ଧରି ଚାଲିଥିଲା। ପୂର୍ବରୁ ସାଇନା ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



ପି.ଭି. ସିନ୍ଧୁ



ବି. ସାଇ ପ୍ରଣୀଥ

DADLS-21

ରାଜ୍ୟସ୍ତରୀୟ
ଆତ୍ମୋତ୍ସର୍ଗ ଦିବସ
ତା. ୨୪.୦୮.୨୦୧୯ରିଖ

ସାଧାରଣ ସଭା
ସମୟ – ସଂଧ୍ୟା ୬ ଘଟିକା
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ରଘୁନନ୍ଦନ ଦାସ,
ମାନ୍ୟବର ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ,
ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,
ମାନ୍ୟବର ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ,
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ସପ୍ତଗିରି ଉଲ୍ଲାକା, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ତାରା ପ୍ରସାଦ ବାହିନୀପତି, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମନୋହର ରନ୍ଧାରୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ରଘୁରାମ ପୋଡାଲ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପିତମ ପାଢ଼ୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପ୍ରଭୁ ଜାନୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବାକା, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଆଦିତ୍ୟ ମାଢ଼ି, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମୁନା ଖାନ୍, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଉପଦେଷ୍ଟା
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ଏ.ଭି ସ୍ୱାମୀ, ପୂର୍ବତନ ସାଂସଦ

ସଭା ପରେ କୁଉଲି, ବିଷମ କଟକର ନିୟମଗିରି ଡଙ୍ଗରିଆ ଧାଙ୍ଗଡ଼ା ଧାଙ୍ଗଡି ଡ୍ୟାନ୍ସ ଗ୍ରୁପ୍ ଏବଂ କାକରିଗୁମାର ମୁଡିୟାଲୁମା ଢେମସା ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0032/1920

ମନେ ପଡ଼ନ୍ତି

ଦଶାହ ଅବସରରେ



ସ୍ୱର୍ଗତ କୈଳାସ ନାଥ ରଥ
ଜେନାରୀ ଗଛ ଛକ, ଦୋଳମଣ୍ଡପ ସାହି, ପୁରୀ
ଆବିର୍ଭାବ: ୧୦।୧୦।୧୯୪୭
ତିରୋଧାନ: ୧୫।୦୮।୨୦୧୯
(ପବିତ୍ର ରାକ୍ଷୀ ପୂର୍ଣ୍ଣିମା)
ଆଜି ଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ୍ଭମାନଙ୍କ ପାଇଁ ଦିଗ୍‌ଦର୍ଶନ ହୋଇ ରହିବ।
ହତଭାଗ୍ୟ ଶୋକସନ୍ତପ୍ତ:
ପୁତ୍ର– ସବ୍ୟସାଚୀ ରଥ, ବୋହୂ– ଆରତୀ ଆଚାର୍ଯ୍ୟ, କନ୍ୟା– ସସ୍ମିତା ରଥ, ଜ୍ୱାଇଁ– ଦିବ୍ୟସିଂହ ମିଶ୍ର, ନାତୁଣୀ– ଅଦିତି ରଥ, ଆଦିଶା ମିଶ୍ର ଓ ପରିବାରବର୍ଗ
ଧ–୬୩୭୮୩

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୁଞ୍ଜବିହାରୀ ତ୍ରିପାଠୀ
ଭୁବନେଶ୍ୱର, ଆଚାର୍ଯ୍ୟ ବିହାର, M5/23
ଆବିର୍ଭାବ: ୦୯।୦୫।୧୯୩୬
ତିରୋଧାନ: ୨୪।୦୮।୨୦୧୫
ବାପା, ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ତୁମର ଶୂନ୍ୟତା ଆମ ପାଇଁ ଅପୂରଣୀୟ। ତୁମର ସ୍ମୃତି ଚିର ସ୍ମରଣୀୟ।
ଶ୍ରଦ୍ଧାଞ୍ଜଳି ସହ:
ଝିଅ, ଜ୍ୱାଇଁ– କୁକୁ ଓ ଟୁଟୁ, ନିତୁ ଓ ରାମ
ପୁଅ, ବୋହୂ– ବାବୁନା ଓ ମାମୁନୀ
ନାତି– କୁଟୁ, ଢୁକି ଓ ଫୁକି
ନାତୁଣୀ– ପ୍ରାଚୀ, ଶୈବୀ, ନୈଶା
ବନ୍ଧୁ ଓ ପରିବାରବର୍ଗ
ଧ–୧୪୦୨୦

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଲୋକନାଥ ସେନାପତି
କଣ୍ଟାପଡା, କଟକ
ଆବିର୍ଭାବ: ୦୮।୦୧।୧୯୫୫
ତିରୋଧାନ: ୧୧।୦୮।୨୦୧୯
ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ–୧୩୯୬୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଶୋକତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଜ୍ୟୋତ୍ସ୍ନା ରାଣୀ ପତି
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକ ସନ୍ତପ୍ତ
ଧ–୧୪୦୧୬

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅଗଷ୍ଟ ୨୪/୨୦୧୯ Sambalpur, Saturday, August 24 / 2019

### ବେଦାନ୍ତରେ ପୋଡାଜଳା, ଲାଠିଚାର୍ଜ ମାମଲା

# ବିଚାରାଧୀନ କଏଦୀ ମୃତ

**ଭବାନୀପାଟଣା/ଲାଞ୍ଜିଗଡ଼,୨୩।୮(ଡି.ଏନ୍.ଏ.):** ମାର୍ଚ୍ଚ ୧୮ରେ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ କମ୍ପାନୀ ମୁଖ୍ୟ ଫାଟକ ନିକଟରେ ସ୍ଥାନୀୟ ଲୋକ ଏବଂ ବେଦାନ୍ତ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତ ସୃଷ୍ଟି ହୋଇଥିଲା। ଏହା ଉଗ୍ରରୂପ ଧାରଣ କରିଥିଲା । କମ୍ପାନୀ ପୋଡାଜଳା ହେବା ସହ ପୋଲିସକୁ ଲାଠି ଚାର୍ଜ କରିବାକୁ ପଡିଥିଲା । ଏଥିରେ ଜଣେ ବେଦାନ୍ତ ସୁରକ୍ଷା କର୍ମୀ (ୱାଏସ୍ଏଫ୍ ମେଜର)ଙ୍କ ମୃତ୍ୟୁ ଘଟିଥିବା ବେଳେ ଛତ୍ରପୁର ଗ୍ରାମର ଶ୍ରମିକ ଦାନି ବାତ୍ରାଙ୍କ ମୃତ୍ୟୁ ହେଇଥିଲା। ପୋଲିସ ତଦନ୍ତ ପରେ ସିସିଟିଭି ଫୁଟେଜ ଆଧାରରେ ୨୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଗିରଫ ୨୯ ଜଣକଙ୍କ ମଧ୍ୟରୁ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେଙ୍ଗୋପାଲି ଗ୍ରାମର ପଞ୍ଚନାୟକ ହରିଜନ (୪୫)। ୩ ଦିନ ତଳେ ପଞ୍ଚନାୟକ ଜେଲରେ ଅସୁସ୍ଥ ହୋଇପଡିଥିଲେ। ଜେଲ କର୍ମଚାରୀ ତାଙ୍କୁ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ୨ ଦିନ ଚିକିତ୍ସା ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା। ଏନେଇ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ କମ୍ପାନୀର ୨ କି.ମି. ପରିସୀମା ମଧ୍ୟରେ ୧୪୪ ଧାରା ଜାରି କରିଛି। ପଞ୍ଚନାୟକଙ୍କ ପରିବାର ଲୋକଙ୍କ କହିବା ମୁତାବକ, ଘଟଣା ଦିନ ସେ କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ହେଲେ ପୋଲିସ କୌଣସି ଗୁହାରୀ ନ ଶୁଣି ତାଙ୍କୁ ଗିରଫ କରିଥିଲା ।







# ବୁଦାମୂଳରୁ ଶିଶୁପୁତ୍ର ଉଦ୍ଧାର

**ଉଲୁଣ୍ଡା, ୨୩।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗ୍ରାମପଞ୍ଚାୟତର କୁକିଆ ଗ୍ରାମ ଖେଳପଡିଆ ନିକଟରେ ଥିବା ଏକ ବୁଦାମୂଳରୁ ଶୁକ୍ରବାର ସକାଳେ ଏକ ଶିଶୁପୁତ୍ର ଉଦ୍ଧାର କରାଯାଇଛି। ଶିଶୁଟି ମାତ୍ର ୪ରୁ ୫ ଦିନର। ଗାଁର ରଞ୍ଜନ ବଗର୍ତ୍ତୀ ନାମକ ଜଣେ ବ୍ୟକ୍ତି ଉକ୍ତ ଖେଳପଡ଼ିଆ ଦେଇ ଶୌଚ ପାଇଁ ଯାଉଥିବା ବେଳେ ଶିଶୁର କାନ୍ଦ ଶୁଣିବାକୁ ପାଇଥିଲେ। ପାଖକୁ ଗଲାପରେ ଶିଶୁପୁତ୍ରଟି ତଳେ ପଡି କାନ୍ଦୁଥିବା ଦେଖିଥିଲେ। ଏନେଇ ପଡୋଶୀ ଏବଂ ଗାଁର ଆଶାକର୍ମୀ ଗାୟତ୍ରୀ ପଣ୍ଡାଙ୍କୁ ଖବର ଦେଇଥିଲେ। ପରେ ଶିଶୁକୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଅଧିକ ପରୀକ୍ଷାନିରୀକ୍ଷା ପାଇଁ ଶିଶୁକୁ ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ସେ ଏବେ ଏସଏନସିୟୁରେ ଚିକିତ୍ସିତ ହେଉଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ସମିତିକୁ ଅବଗତ କରାଯାଇଛି। ପିଲାଟି ସୁସ୍ଥ ହେଲା ପରେ ତାକୁ ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥାପିତ କରାଯିବ। ତେବେ ଶିଶୁପୁତ୍ରକୁ ବୁଦାମୂଳେ କିଏ ଓ କାହିଁକି ରଖି ଚାଲିଗଲା ତାହା ସ୍ପଷ୍ଟ ହୋଇନାହିଁ।


ଉଦ୍ଧାର ହୋଇଥିବା ଶିଶୁପୁତ୍ର ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ସୁବର୍ଣ୍ଣପୁରରେ ଜନ୍ମାଷ୍ଟମୀ ପାଳିତ

**ସୋନପୁର,୨୩।୮(ନି.ପ୍ର.):** ଅଷ୍ଟବିଷ୍ଣୁଙ୍କ ସହର ସୁବର୍ଣ୍ଣପୁରରେ ଶୁକ୍ରବାର ପାଳିତ ହୋଇଛି ଶ୍ରୀକୃଷ୍ଣ ଜନ୍ମୋତ୍ସବ। ଅଷ୍ଟବିଷ୍ଣୁଙ୍କ ମନ୍ଦିର ଗୋପାଳଜୀଉ, ଦେବାର୍ଚ୍ଚନ ଗୋପାଳଜୀଉ, ଜଗନ୍ନାଥ, ନୃସିଂହନାଥ, ଦଧିବାମନ, ରାମଜୀ, ଗୋପୀନାଥ ଓ ବୃନ୍ଦାବନ ବିହାରୀ ମନ୍ଦିର ଏବଂ ରାଧାକୃଷ୍ଣ ମନ୍ଦିରରେ ଏଥିପାଇଁ ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ମନ୍ଦିରରେ ବିଶେଷ ପୂଜା ଅନୁଷ୍ଠିତ ହୋଇଥିଲା। ମହିଳାମାନେ ଉପବାସ ରହି ବ୍ରତ ପାଳନ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ହରିବଂଶ ପାରାୟଣ ଶୁଣିବା ପାଇଁ ବ୍ରତଧାରୀଙ୍କର ସମାଗମ ହୋଇଥିଲା। ଜିଲାର ତରଭା ଜଗନ୍ନାଥ ମନ୍ଦିର, ଉଲୁଣ୍ଡା ଗୌଡଗାଁର ଦଧିବାମନ, ନିମ୍ନାର ଦଧିବାମନ ମନ୍ଦିର, ସିନ୍ଦୁରପୁରର ଗୋପାଳଜୀ ମନ୍ଦିର, ବୀରମହାରାଜପୁର ଗୋପିନାଥ ମନ୍ଦିର ଓ ନୃସିଂହ ମନ୍ଦିରରେ ମଧ ମହିଳାଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

### ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

**ଉଲୁଣ୍ଡା, ୨୩।୮(ଡ.ଏନ.ଏ):** ଉଲୁଣ୍ଡା ଶିଶୁ ବିଦ୍ୟା ମନ୍ଦରିରେ ଜନ୍ମଷ୍ଟମୀ ଅବସରରେ ସତୀଶ ଚନ୍ଦ୍ର ନନ୍ଦ ବକ୍ତା ଭାବେ ଯୋଗଦେଇ କୃଷ୍ଣ ଜନ୍ମ ଉପରେ ବକ୍ତବ୍ୟ ରଖିଥିଲେ। ପରେ କୃଷ୍ଣ ବଳରାମ, ରାଧା ବେଶ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱୀତିୟ, ତୃତୀୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଇଥିଲା। ଚଢେଇପଙ୍କ ଶିଶୁ ବିଦ୍ୟାମନ୍ଦିରେ ଜନ୍ମାଷ୍ଟମୀ ପାଳିତ ହୋଇଛି।

### ୨୯ରେ କ୍ୟାନସର ଚିହ୍ନଟ ଶିବିର

**ସୋନପୁର,୨୩।୮(ନି.ପ୍ର.):** ସୁବର୍ଣ୍ଣପୁର ସହରର ଅଗ୍ରସେନ ଭବନରେ ଆସନ୍ତା ୨୯ ତାରିଖ ମାଗଣା କ୍ୟାନସର ଚିହ୍ନଟ ଶିବିର ଅନୁଷ୍ଠିତ ହେବ। ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ଅଖିଳ ଭାରତୀୟ ମାରୱାଡି ଯୁବାମଞ୍ଚ ସହଯୋଗରେ ମାରୱାଡି ଯୁବାମଞ୍ଚ ସୁବର୍ଣ୍ଣପୁର ଶାଖା ଆନୁକୂଲ୍ୟରେ ଏହା ଆୟୋଜିତ ହେଉଛି। ଅଗ୍ରସେନ ଭବନ(ମାରୱାଡି ଧର୍ମଶାଳା)ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଶିବିରରେ ରକ୍ତ ସର୍କରା, ହେମୋଗ୍ଲୋବିନ, ସିଏ ୧୨୫, ଏକ୍ସ ରେ ଓ ଓରାଲ ଚେକ୍‌ଅପ ମାଗଣାରେ କରାଯିବ। ସେହିଭଳି ମୁଖ ଗହ୍ୱର କର୍କଟ, ଗଳା କର୍କଟ, ଫୁସଫୁସ କର୍କଟ, ୟୁଟ୍ରୋସ କ୍ୟାନସର ସହ ବିଭିନ୍ନ କ୍ୟାନସର ରୋଗର ଚିହ୍ନଟ କରାଯିବ ବୋଲି ଯୁବମଞ୍ଚ ଜିଲା ଶାଖା ସଭାପତି ମନୋଜ ଅଗ୍ରୱାଲ, ସମ୍ପାଦକ ଅମିତ ଅଗ୍ରୱାଲ ସୂଚନା ଦେଇଛନ୍ତି।

### କ୍ଲିନ ବୀରମହାରାଜପୁର ଅଭିଯାନ ପାଇଁ ପ୍ରସ୍ତୁତି

# ସେପ୍ଟେମ୍ବର ୫ରୁ ବ୍ୟାନ ହେବ ପ୍ଲାଷ୍ଟିକ

**ଅମରପାଲି, ୨୩।୮ (ଡି.ଏନ.ଏ)**



ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କ୍ଲିନ ବୀରମହାରାଜପୁର ପ୍ରସ୍ତୁତି ବୈଠକ ।

ଏଣିକି ସ୍ୱଚ୍ଛ ହେବ ବୀରମହାରାଜପୁର। ସୁସ୍ଥ ଓ ସ୍ୱଚ୍ଛ ପରିବେଶ ଉଦ୍ଦେଶ୍ୟରେ ଆରମ୍ଭ କରାଯିବ କ୍ଲିନ ବୀରମହାରାଜପୁର ଅଭିଯାନ। ଉପଖଣ୍ଡୀୟ ପ୍ରଶାସନ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ସ୍ଥାନୀୟ ଉପଜିଲାପାଳ ସୁବ୍ରତ କୁମାର ବେହେରାଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହାର ପ୍ରଥମ ପ୍ରସ୍ତୁତି ବୈଠକ ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ସ୍ତରୀୟ ଜନ ପ୍ରତିନିଧି, ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ସଭାର ନିଷ୍ପତ୍ତିକ୍ରମେ ସେପ୍ଟେମ୍ବର ୫ ଗୁରୁଦିବସରୁ ଏହି ଅଭିଯାନ ଆରମ୍ଭ ହେବ। ସେହିଦିନଠାରୁ ବୀରମହାରାଜପୁର ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବରେ ପ୍ଲାଷ୍ଟିକ ବ୍ୟବହାରକୁ ବ୍ୟାନ କରାଯିବ। ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସାଙ୍ଗକୁ ଦୋକାନ ବଜାରରେ ପଲିଥିନ ବର୍ଜନ କରାଯିବ ବୋଲି ସ୍ୱିରୀକୃତ ହୋଇଛି। ଏନେଇ ବ୍ୟାପକ ଜନସଚେତନତା କରାଯିବ। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଡଷ୍ଟବିନ ରଖାଯିବ। ପ୍ରତି ୧୫ ଦିନରେ ଥରେ ଉକ୍ତ ଡଷ୍ଟବିନର ମଇଳାକୁ ଡମ୍ପିଂୟାର୍ଡରେ ପକାଯିବ। ଅଞ୍ଚଳରେ ଡମ୍ପିଂୟାର୍ଡ ପାଇଁ ସ୍ଥାନ ଚୟନ କରିବାକୁ ମୁର୍ଷୁଣ୍ଡୀ ରାଜସ୍ୱ ନିରୀକ୍ଷକଙ୍କୁ ଦାୟିତ୍ୱ ନିଆଯାଇଛି। ସଚେତନତାକୁ ବ୍ୟାପକ କରିବା ପାଇଁ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଲିଫଲେଟ ବଣ୍ଟାଯିବା ସହିତ ଲୋକଙ୍କୁ ସଚେତନ କରାଯିବ। ପଲିଥିନ ବର୍ଜନ ପାଇଁ ଶନିବାର ସ୍ଥାନୀୟ ବ୍ୟବସାୟୀ ଓ ଦୋକାନୀମାନଙ୍କ ସହ ଏକ ବୈଠକ କରାଯିବ। ପ୍ରସ୍ତୁତି ବୈଠକରେ ବିଡିଓ ନିରଞ୍ଜନ ନାଏକ, ତହସିଲଦାର ଖଦାଳ ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଏସଡିପିଓ ଧିରୋଜ ଚୌପଦାର, ଆସିଷ୍ଟାଣ୍ଟ କଲେକ୍ଟର ଅଭିଳାଷ ପୁରୋହିତ, ଆଇଆଇସି ପ୍ରଭା ଧନ, ଜିପିଓ ଗଗନ ବିହାରୀ ନାଏକ, ବିପିସି ମିସନଶକ୍ତି ସୁଜିତ କୁମାର ପତି, ଏପିପି ସଞ୍ଜିବ କୁମାର ଦେହେରୀ, ଆରଓ ଅମୂଲ୍ୟ କୁମାର ସାହୁ, ଉପଖଣ୍ଡୀୟ ସାମ୍ବାଦିକ ସଂଘର ସଭାପତି ସ୍ୱୟଂପ୍ରଭୁନାଥ ଖଣ୍ଡଗିରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଡ୍ରାଇଭରଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

# ଢାବା କର୍ମଚାରୀ ହତ୍ୟାକାରୀ

**ସୋନପୁର,୨୩।୮(ନି.ପ୍ର.)**

ସୋନପୁର-ବିନିକା ରାସ୍ତାପାର୍ଶ୍ୱ ଶରଧାପାଲି ଢାବାରେ ଗୁରୁବାର ଅପରାହ୍ନରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଢାବାକୁ ଖାଇବାକୁ ଯାଇଥିବା ବିନିକା ଥାନା ଜାମଛପର ଗ୍ରାମର ଯଦୁମଣି ଭୁଏ(୩୦)ଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଯଦୁମଣିଙ୍କ ନାକରେ ଲୁହାରଡ ଭୁସି ହତ୍ୟା କରିଥିବା ଅଭିଯୁକ୍ତ ତଥା ଢାବା କର୍ମଚାରୀଙ୍କୁ ପୋଲିସ ବଇରାସରରୁ ଧରିଛି। ତାଙ୍କୁ ଥାନାରେ ଅଟକ ରଖାଯାଇଛି। ଢାବାର ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ପଚରାଉଚୁରା କରାଯାଉଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ଏସ୍‌ପି ଦେବୀପ୍ରସାଦ ଦାଶ ଏକ ଖବରଦାତା ସମ୍ମିଳନୀରେ ଶନିବାର ବିସ୍ତୃତ ସୂଚନା ଦେବେ ବୋଲି ଜଣାପଡିଛି। ପ୍ରକାଶ ଯେ, ଯଦୁମଣି ଜଣେ ଟ୍ରକ୍ ଡ୍ରାଇଭର। ଶୁକ୍ରବାର ସେ ଡ୍ରାଇଭିଂ କରୁ ନ ଥିଲେ । ସାଥିଙ୍କ ସହିତ ସେ ଢାବାକୁ ଖାଇବାକୁ ଯାଇଥିଲେ। ଖାଇବାକୁ ଦେବାରେ ବିଳମ୍ବକୁ ନେଇ ଢାବା କର୍ମଚାରୀଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଢାବା ମ୍ୟାନେଜର ଏହାର ସମାଧାନ କରିଥିଲେ। ପୁନର୍ବାର ଯଦୁମଣି ଓ ଢାବା କର୍ମଚାରୀଙ୍କ ଭିତରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ କର୍ମଚାରୀ ଏକ ଲୁହାରଡ ଯଦୁମଣିଙ୍କ ବାମ ନାକପୁଡାରେ ଜୋରରେ ଭୁସି ଦେଇଥିଲେ। ଏହା ମସ୍ତିଷ୍କରେ କ୍ଷତି ପହଞ୍ଚାଇ ଥିଲା। ନାକ ଓ ମୁଣ୍ଡରୁ ରକ୍ତସ୍ରାବ ହେବା ପରେ ତାଙ୍କର ମୃତ୍ୟୁ ହୋଇଛି । ଢାବାର କର୍ମଚାରୀ ଏକ ବାଇକ୍‌ରେ ଯଦୁମଣିଙ୍କୁ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ପୋଲିସକୁ ଦେଖି ସେମାନେ ଫେରାର ହୋଇ ଯାଇଥିଲେ। ଜିଲାରେ ଢାବାଗୁଡିକ ବାର ପାଲଟିଛି । ଖୁଲମଖୁଲା ଭାବେ ମଦ ବିକ୍ରି ହେଉଛି । ମଦ୍ୟପାନରୁ ଝଗଡା ହୋଇ ଏଭଳି ହତ୍ୟାକାଣ୍ଡ ଘଟୁଛି । କିନ୍ତୁ ପୋଲିସ ଏହି ଦିଗ ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି ।

## ପ୍ରଧାନମନ୍ତ୍ରୀ କିଶାନ ମାନ୍‌ଧନ୍ ଯୋଜନା ସଚେତନତା ଶିବିର

**ଅମରପାଲି, ୨୩।୮(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଗୋପପାଲିଠାରେ ପ୍ରଧାନମନ୍ତ୍ରୀ କିଶାନ ମାନ୍‌ଧନ୍ ଯୋଜନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସିଏସସି ଇ-ଗଭର୍ଣ୍ଣାସ ସୁବର୍ଣ୍ଣପୁର ଦ୍ୱାରା ପରିଚାଳିତ ଜନସେବା କେନ୍ଦ୍ର ତରଫରୁ ଗ୍ରାମର ଜନସାଧାରଣଙ୍କୁ ନେଇ ଏହି ଶିବିର ହୋଇଥିଲା। ଏଥିରେ ଭିଏଲଇ ଅକ୍ରୁର ନାଏକ ସଂଯୋଜନା କରିଥିଲେ। ସୁବର୍ଣ୍ଣପୁର ଜିଲା ସଂଯୋଜକ ଦେବାୟୁଧ ମିଶ୍ର ଓ ଟେକନିସିଆନ୍ ରଜନୀ ରଞ୍ଜନ ସାହୁ ଯୋଗଦେଇ ପ୍ରଧାନମନ୍ତ୍ରୀ କିଶାନ ମନ୍‌ଧନ୍ ଯୋଜନା ଉପରେ ଲୋକଙ୍କୁ ବୁଝାଇଥିଲେ। ୧୮ ବର୍ଷରୁ ୪୦ ବର୍ଷ ବୟସ ମଧରେ ସର୍ବନିମ୍ନ ୫୫ରୁ ଆରମ୍ଭ କରି ୨୦୦ ଟଙ୍କା ପର୍ଯ୍ୟନ୍ତ ପ୍ରିମିୟମ ଦେଲେ ୬୦ବର୍ଷ ପରେ ମାସିକ ୩ ହଜାର ଟଙ୍କା ଲେଖାଏଁ ପେନସନ ମିଳିବ ବୋଲି ସୂଚନା ପ୍ରଦାନ କରିଥିଲେ । ଉକ୍ତ ଶିବିରରେ ମୋଟ ୩୦ଜଣଙ୍କ ନାମ ପଞ୍ଜିକରଣ କରାଯାଇଥିଲା।



ଶିବିରରେ ଉପସ୍ଥିତ ଯୋଜନାରେ ସାମିଲ ଜନସାଧାରଣ ।

## ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

**ଅମରପାଲି, ୨୩।୮ (ଡି.ଏନ.ଏ)**

ବୀରମହାରାଜପୁର ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଅବସରରେ ଛାତ୍ରୀଛାତ୍ର ଶ୍ରୀକୃଷ୍ଣ, ଯଶୋଦା ଓ ଗୋପି ବେଶରେ ସଜ୍ଜିତ ହୋଇଥିଲେ। ତେଲିପାଲି ଉପ୍ରା ସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ ମିଶ୍ର ମୁଖ୍ୟଅତିଥି ଏବଂ ନୂଆଁଗଡ ଉପ୍ରା ସ୍କୁଲର ଶିକ୍ଷକ ସେବକ ବିଶି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ବଳରାମ ପୂଜାହାରୀ ଅତିଥି ପରିଚୟ, ଆଚାର୍ଯ୍ୟା ଧରିତ୍ରୀ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ କୃଷ୍ଣ କଥା ବୁଝାଇଥିଲେ। ଏହି ଅବସରରେ ପ୍ରାୟ ୩୦୦ ଛାତ୍ରୀଛାତ୍ର ଉପସ୍ଥିତ ରହି କୃଷ୍ଣ, ଯଶୋଦା ଓ ଗୋପୀ ବେଶରେ ସଜେଇ ହୋଇଥିଲେ। କୃଷ୍ଣବେଶ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ କୁମାର ଡାଙ୍ଗ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ।

# ଚାକିରି କରାଇ ଦେବା ନାଁରେ ଠକେଇ

### ଜେଲଗଲେ ବୀରମହାରାଜପୁର ତହସିଲ କିରାଣି

**ଅମରପାଲି, ୨୩।୮(ଡି.ଏନ.ଏ.)**



ଗିରଫ ତହସିଲ କିରାଣି ନରୋତ୍ତମ ପଣ୍ଡା ।

ଚାକିରି କରାଇ ଦେବା ନାଁରେ ଠକେଇ। ଆଉ ଠକେଇର ଶିକାର ହୋଇଛନ୍ତି ଜଣେ ଭିନ୍ନକ୍ଷମ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଫିସରେ କାର୍ଯ୍ୟରତ ଜଣେ କିରାଣି ନରୋତ୍ତମ ପଣ୍ଡାଙ୍କୁ ଏହି ଠକେଇ ଅଭିଯୋଗରେ ଗିରଫ ହୋଇ ଜେଲ ଯିବାକୁ ପଡିଛି। ବୀରମହାରାଜପୁର ଥାନା ତଥା ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମର ନେପାଳ ଭୋଇ ନାମକ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ କିରାଣିଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବୀରମହାରାଜପୁର ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ମତେ, ୨୦୧୭ ମସିହାରେ ନେପାଳଙ୍କ ସହିତ କିରାଣୀ ନରୋତ୍ତମ ପଣ୍ଡାଙ୍କ ଭେଟ ହୋଇଥିଲା। ନେପାଳ ବେକାରୀ ଥିବାରୁ ନରୋତ୍ତମ ତାଙ୍କୁ ସୋନପୁର କୃଷି ଅଫିସରେ ଚାକିରି କରାଇ ଦେବେ ବୋଲି କହିଥିଲେ। ଏ ନେଇ ସେ ନେପାଳଙ୍କଠାରୁ ପ୍ରଥମ ଥର ୧୦ହଜାର ଓ ଦ୍ୱିତୀୟ ଥର ୭ ହଜାର ଏହିପରି ମୋଟ ୧୭ ହଜାର ଟଙ୍କା ନେଇଥିଲେ। ନେପାଳ ଚାକିରି କଥା ପଚାରିଲେ ବିଭିନ୍ନ ଆଳ ଦେଖାଇ ଠକି ଚାଲିଥିଲେ ନରୋତ୍ତମ। ଚାକିରି ନ ହେବାରୁ ନେପାଳ ଟଙ୍କା ଫେରାଇବା ପାଇଁ କହିବାରୁ କିରାଣି ଜଣକ ଉକ୍ତ ଟଙ୍କା ଫେରାଇ ନ ଥିଲେ। ଶେଷରେ ନେପାଳ ବାଧ୍ୟ ହୋଇ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଏକ ମାମଲା(ନଂ.୧୪୩/୧୯)ରୁଜୁ କରି କିରାଣି ନରୋତ୍ତମ ପଣ୍ଡାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରିଣୀ ପ୍ରଭା ଧନ ସୂଚନା ଦେଇଛନ୍ତି। ଉକ୍ତ ମାମଲାକୁ ପରିଚାଳନା କରୁଥିବା ଏଏସଆଇ ଚଞ୍ଚଳା ନାଏକ ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଠକେଇର ଶିକାର ହୋଇଥିବା ନେପାଳ ଏବେ ଆଇ ଭଲେଣ୍ଟିଆର ଭାବେ କାର୍ଯ୍ୟ କରୁଛନ୍ତି ।

# ଗାଁଠୁ ସହର ସବୁଠି କୃଷ୍ଣମୟ

**ବୌଦ୍ଧ,୨୩।୮(ସ୍ୱ.ପ୍ର)**

ବୌଦ୍ଧ ସହରର ମଦନ ମୋହନ ମନ୍ଦିରରେ ଜନ୍ମାଷ୍ଟମୀ ପାଇଁ ସନ୍ଧ୍ୟାରେ ଭକ୍ତଙ୍କ ଭିଡ ରହିଥିଲା। ବୌଦ୍ଧ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ପାଇଁ ବିଦ୍ୟାଳୟ ଉତ୍ସବ ମୁଖର ହୋଇ ପଡିଥିଲା । ସେହିପରି ପ୍ରଜାପତି ବ୍ରହ୍ମ କୁମାରୀ ପକ୍ଷରୁ ଏକ ସୁସଜ୍ଜିତ ଦୋଳନରେ କୃଷ୍ଣଙ୍କ ପ୍ରତିମା ସ୍ଥାପନା କରି ପୂଜା କରାଯାଇଥିଲା ।

**ଘଣ୍ଟାପଡା (ଡି.ଏନ.ଏ):** କନ୍ଧମାଳ ବ୍ଲକ ଘଣ୍ଟାପଡା ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ପୂର୍ବତନ ସଭାପତି ହେମନ୍ତ ଭୋଇ, ପୂର୍ବତନ ଉପସଭାପତି ବୀରେନ୍ଦ୍ର ପ୍ରସାଦ ଦେହୁରୀ, ବିଜ୍ଞାନ ଶିକ୍ଷକ ବିଜୟ ଖୁଣ୍ଟିଲି ଓ ନୀଳାଞ୍ଚଳ ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଭାସିନୀ ଗୁରୁମା ପରିଚାଳନା ଓ ପ୍ରଧାନଆଚାର୍ଯ୍ୟ ଶେଷଦେବ ଗୁରୁଜୀ ଅତିଥି ପରିଚୟ ଦେଇଥିଲେ। ସେହିପରି ମସିଣାଗୋରା ଶିଶୁ ମନ୍ଦିରରେ ମୁଖ୍ୟଅତିଥିଭାବେ ଶିକ୍ଷାବିତ କାର୍ତ୍ତିକେଶ୍ୱର ବେହେରା ଓ ଦେବାଧି ମଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ ଓ ସମ୍ପାଦକ ଧର୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଘଣ୍ଟାପଡା, ଆମ୍ବଗାଁ, ସୁଖାମୁଣ୍ଡା, ଖୁଣ୍ଟିଗୋରା, ମସିଣାଗୋରା ଆଦି ଗ୍ରାମର ବ୍ରତଧାରୀମାନେ ଜନ୍ମାଷ୍ଟମୀ ପାଳନ କରିଛନ୍ତି ।

**ମନମୁଣ୍ଡା,(ଡି.ଏନ.ଏ):** ମନମୁଣ୍ଡା ଓ ବିଳାସପୁର ଶିଶୁ ମନ୍ଦିର ଏବଂ ରାମାନୁଜନ ଗ୍ଲୋବାଲ ଇଂଲିଶ ମିଡିୟମ ସ୍କୁଲରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଶିଶୁ ମନ୍ଦିର ପ୍ରଧାନଆଚାର୍ଯ୍ୟ ଅଶୋକ ବଡମାଳିଙ୍କ ତତ୍ତ୍ୱାବଧାନରେ ପରିଚାଳନା ସମିତି ସଭାପତି ସତ୍ୟ ନାରାୟଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ବିଳାସପୁର ଶିଶୁ ମନ୍ଦିରରେ କମିଟି ସମ୍ପାଦକ ହିତେନ୍ଦ୍ର କୁମାର ମେଣ୍ଡିଲି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାନଆଚାର୍ଯ୍ୟ ମିତ୍ରଭାନୁ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ରାମାନୁଜନ ଗ୍ଲୋବାଲ ଇଂରାଜୀ ମିଡିୟମ ସ୍କୁଲରେ ଅଧକ୍ଷ ଚନ୍ଦ୍ରମଣି ସିଂ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ଉପସ୍ଥିତିରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା ।

**କନ୍ଧମାଳ(ଡି.ଏନ.ଏ):** କନ୍ଧମାଳ ବ୍ଲକ ସଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଏହି ଅବସରରେ ଶିଶୁ ବାଟିକାର ଶିଶୁମାନେ ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଭଗବାନ ମନହୀରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡାକ୍ତର ମନବ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।



ଘଣ୍ଟାପଡାରେ ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି ।

## ମାହେଶ୍ୱରୀ ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ

**ବାଉଁଶୁଣୀ, ୨୩।୮ (ଡି.ଏନ.ଏ)**

ବୌଦ୍ଧ ବ୍ଲକର ମାଁ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜନ୍ମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି । ଏହା ମାଁ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ଓ ସବୁଜ ସାହିତ୍ୟ ସଂସଦ ବାଉଁଶୁଣୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗଙ୍ଗାଧର ଜୟନ୍ତୀ କମିଟି ସଭାପତି ଓଡିଆ ଅଧ୍ୟାପକ ଶଶିକାନ୍ତ ଜେନା ସଭାପତିତ୍ୱ କରିଥିଲେ । ଦେଶବନ୍ଧୁ ମହାକୁଳ ସ୍ୱାଗତ ଭାଷଣ ଦେଇଥିଲେ । ଏଥିରେ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳ ମୁଖ୍ୟଅତିଥି, ଅଧ୍ୟାପକ ମକର ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟ ଉପରେ ଆଲୋକପାତ କରିଥିଲେ । ବାବାରାମ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଘଣ୍ଟାପଡା, ୨୩।୮ (ଡି.ଏନ.ଏ)**

କନ୍ଧମାଳ ବ୍ଲକ ଘଣ୍ଟାପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର କୋଷାଧକ୍ଷ ଦେବେନ୍ଦ୍ର ରଣାଙ୍କ ତତ୍ତ୍ୱାବଧାନରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଏଥିରେ ଦିଗୁନମାଳ ହାଇସ୍କୁଲର ପ୍ରଧାନଶିକ୍ଷକ ବାସୁଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନର ଆବଶ୍ୟକତା ମାନବ ସମାଜ ପାଇଁ ଅପରିହାର୍ଯ୍ୟ ବୋଲି କହିଥିଲେ । ଚତୁର୍ଥ ଓ ପଞ୍ଚମ ଶିଶୁ ବର୍ଗଙ୍କୁ ନେଇ ଆୟୋଜିତ ମେଳାରେ ମୋଟ ୫୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା ।

ସେଥିମଧ୍ୟରୁ ୫ମ ଶ୍ରେଣୀର ସୁଶ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶନୀ ସାହୁ ଓ ଉଦିତ ନାରାୟଣ ସାହୁ ଏବଂ ୪ର୍ଥ ଶ୍ରେଣୀର ଅଂଶୁମାନ ସାହୁ, ଲୋପାମୁଦ୍ରା ପୁଟା ଓ ଭାଗ୍ୟଶ୍ରୀ ରଣା ଆଦି ୫ଜଣଙ୍କ ପ୍ରକଳ୍ପକୁ ଆଗାମୀ ବ୍ଲକସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପାଇଁ ମନୋନୀତ କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପ୍ରକଳ୍ପ ପର୍ଯ୍ୟବେକ୍ଷକ ଭାବେ ସମଲେଶ୍ୱରୀ ହାଇସ୍କୁଲ ଶିକ୍ଷୟିତ୍ରୀ ନମିତା ନାଏକ ଏବଂ ଦିଗୁନମାଳ ହାଇସ୍କୁଲ ଶିକ୍ଷକ ଜନ୍ମେଜୟ ମହାକୁଡ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଶେଷଦେବ ସେଠୀ ଅତିଥି ପରିଚୟ ଓ ପ୍ରଭାସିନୀ ଗୁରୁମା ମଞ୍ଚ ପରିଚାଳନା କରିଥଲେ । ପରିଚାଳନା କମିଟି ସଭାପତି ନୀଳାଞ୍ଚଳ ଭୋଇ, ସମ୍ପାଦକ ସୁଶାନ୍ତ କଅଁର, ସଦସ୍ୟ ସୁବର୍ଣ୍ଣ ରଣା ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ ।

### ପିଏମଇଜିପି ସଚେତନତା କାର୍ଯ୍ୟକ୍ରମ

# କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀଙ୍କୁ ପରାମର୍ଶ

**ସୋନପୁର,୨୩।୮(ନି.ପ୍ର.)**



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଜିଲା ଶିଳ୍ପ କେନ୍ଦ୍ର ସୁବର୍ଣ୍ଣପୁର ଆନୁକୂଲ୍ୟରେ ପିଏମଇଜିପି(ପ୍ରାଇମ ମିନିଷ୍ଟର୍ସ ଏମ୍ପ୍ଲୋୟମେଣ୍ଟ ଜେନେରେସନ ପ୍ରୋଗ୍ରାମ) ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାୟକ ଏଥିରେ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଜିଲାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ସୁଯୋଗ ଥିବା ଦୃଷ୍ଟିରୁ ଉଦ୍ୟୋଗୀମାନେ ଆଗକୁ ଆସିବାକୁ ଆହ୍ୱାନ ଦେଇଥିଲେ। ଶିଳ୍ପ ଉଦ୍ୟୋଗୀ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ମୀନା କୁମାରୀ ବେହେରା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ।

ଷ୍ଟେଟବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନର ନିର୍ଦ୍ଦେଶକ ରାଜକୁମାର ରୟ, ଲିଡବ୍ୟାଙ୍କର ଏଫଏଲସି ଟିକେଲାଲ ସେଠ୍ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍ୟୋଗୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଜିଲାର ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲା ଶିଳ୍ପକେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର ପିଏମଇଜିପି ଯୋଜନାର ନିୟମାବଳୀ ଏବଂ ଆବେଦନ କରିବା ପ୍ରଣାଳୀ ଅନଲାଇନ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୨୦ରୁ ଉର୍ଦ୍ଧ୍ୱ ଯୁବତୀଯୁବକ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ତରଫରୁ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଥିରେ ଜିଲାଶିଳ୍ପ କେନ୍ଦ୍ରର ଜୟଦେବ ଦାସ, ଗୋପବନ୍ଧୁ ପ୍ରଧାନ, ଜଗନ୍ନାଥ ଧରୁଆ ଓ ସୁଶିଲ ବାରିକ ସହଯୋଗ କରିଥିଲେ ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ପୋଲିସକୁ ଅଟକ ରଖିଲେ ଗ୍ରାମବାସୀ

**ଗାଇସିଲେଟ୍,୨୩।୮(ଡି.ଏନ.ଏ)**
ବରଗଡ଼ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଅଏଁଲାଭଟା ସ୍କୁଲର ପାଇଖାନା କବାଟ ଚୋରି ଉଦ୍ୟମ କରୁଥିବା ବେଳେ ଶିକ୍ଷକମାନେ ଜଣେ ଅଭିଯୁକ୍ତ କନ୍ଦୁମୁଣ୍ଡା ଗ୍ରାମର ଅକ୍ରୁର ସାହୁଙ୍କୁ ଧରିଥିଲେ। ଏ ନେଇ ଗ୍ରାମବାସୀ ପୋଲିସକୁ ଖବର ଦେବା ସତ୍ତ୍ୱେ ବିଳମ୍ବରେ ଜଣେ ଏଏସଆଇ ସାଙ୍ଗରେ କନଷ୍ଟେବଳ ଧରି ସେଠାକୁ ଆସିଥିଲେ। ପୋଲିସ ଆସିବାରେ ବିଳମ୍ବ କରିବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକ ରଖିଥିଲେ । ପରେ ଖବର ପାଇ ଗାଇସିଲେଟ ଥାନା ଅଧିକାରୀ ଠାକୁର ଦାସ ମୁର୍ମୁ ଘଟଣାସ୍ଥଳକୁ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହିତ ଅଭିଯୁକ୍ତ ଅକ୍ରୁରଙ୍କୁ ଗିରଫ କରି ଥାନାକୁ ନେଇଥିଲେ । ଏହାପରେ ଗ୍ରାମବାସୀ ଅଟକ ଥିବା ପୋଲିସ କର୍ମଚାରୀଙ୍କୁ ଛାଡ଼ିଥିଲେ । ଅକ୍ରୁରଙ୍କ ବିରୋଧରେ ଥାନାରେ ଏକ ମାମଲା (ନଂ.୧୦୮/୧୯) ରୁଜୁ ହୋଇଛି ।



### ଅପରାଧ ନିୟନ୍ତ୍ରଣ ମୂଳଲକ୍ଷ୍ୟ: ଏସ୍‌ପି

**ବରଗଡ଼ ଅଫିସ୍,୨୩।୮**
ବରଗଡ଼ର ନୂତନ ଏସ୍‌ପି ଭାବେ ଶୁକ୍ରବାର ପଦ୍ମିନୀ ସାହୁ ଯୋଗଦାନ କରିଛନ୍ତି । ଜିଲାରେ ଅପରାଧ ନିୟନ୍ତ୍ରଣ ତାଙ୍କର ମୂଳଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି । ସେହିପରି ଜିଲାବାସୀ ଯେଭଳି ସୁରକ୍ଷିତ ରହିବେ, ତାକୁ ପ୍ରାଥମିକତା ଦିଆଯିବ ଏବଂ ନିଜ ସହକର୍ମୀ ଓ ଲୋକଙ୍କୁ ଭେଟି ଜିଲାରେ ଆଇନ ଶୃଙ୍ଖଳା କିଭଳି ଭଲ ରହିବ, ସେ ଦିଗରେ ପଦକ୍ଷେପ ନେବେ ବୋଲି ଏସ୍‌ପି ସାହୁ ପ୍ରକାଶ କରିଛନ୍ତି । ଉଲ୍ଲେଖନୀୟ, ୨୦୧୫ ବ୍ୟାଚ୍‌ର ଆଇପିଏସ ସାହୁ ଏହା ପୂର୍ବରୁ ଭୁବନେଶ୍ୱର ଡିସିପି ଭାବେ କାର୍ଯ୍ୟରତ ଥିଲେ । ସେହିପରି ବରଗଡ଼ରେ କାର୍ଯ୍ୟରତ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ କୋରାପୁଟ ବଦଳି ହୋଇଛି ।

### ବହୁଭାଷୀ କବିତା ପାଠୋତ୍ସବ

**ବରପାଲି, ୨୩।୮ (ଡି.ଏନ.ଏ)**
ବରପାଲି ନୂଆପଡା ସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପରିସରରେ ବହୁଭାଷୀ କବିତା ପାଠୋତ୍ସବ ପ୍ରିୟମ୍ବଦା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଡ. ଘନଶ୍ୟାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପାଠୋତ୍ସବ ଅବସରରେ ପ୍ରିୟମ୍ବଦା ଦ୍ୱାରିକାଧିଶ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହାକୁ ଅବସରପ୍ରାପ୍ତ ପ୍ରଫେସର ଛାୟାକାନ୍ତ ଷଡଙ୍ଗୀ ଉନ୍ମୋଚନ କରିଥିଲେ । ଏଥିରେ ରାମାୟଣ ପ୍ରବଚକ ଯୁଧିଷ୍ଠିର ମହନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱଭାବ କବି ଗଙ୍ଗାଧରଙ୍କ କାବ୍ୟ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଅଧାପକ ବିନୋଦାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।

### ମ୍ୟାଲେରିଆ ନିରାକରଣ ପାଇଁ ଦମନ କାର୍ଯ୍ୟକ୍ରମ

**ପାଇକମାଳ, ୨୩।୮(ଡି.ଏନ.ଏ)**
ପାଇକମାଳ ବ୍ଲକ ବୁକ୍ରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପାଇକମାଳ ଗ୍ରାମପଞ୍ଚାୟତର ରଞ୍ଜିତପୁର, ମିଠାପଲି ଗ୍ରାମପଞ୍ଚାୟତର ମନଭଙ୍ଗ ଓ କେରମେଲାବାହାଲ ଗ୍ରାମପଞ୍ଚାୟତର ହରିଡାଟାଲ ଗ୍ରାମରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଦମନ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ରଞ୍ଜିତପୁରରେ ୧୧୩, ମନଭଙ୍ଗରେ ୧୦୧, ହରିଡାଟାଲରେ ୧୦୦ ଜଣଙ୍କ ମାଗଣାରେ ରକ୍ତ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକର୍ମୀ ଜାମିନୀ ବେହେରା, ଲୀଳାବତୀ ସାହୁ, ଖୁଦେଶ୍ୱରୀ ପ୍ରଧାନ, ମଞ୍ଜୁଲତା କାଲୁ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସୁବାଶ ଦେହୁରୀ, ସୁଶାନ୍ତ ସାହୁ ପରିଚାଳନା କରିଥିଲେ । ବୁକ୍ରାମୁଣ୍ଡା ସିଏଚସିର ଭାରପ୍ରାପ୍ତ ପିଏଚଇଓ କୁସ କୁମାର ଚନ୍ଦ୍ରକାର, ବିପିଏମ ବିଜୟ ସରାଫ, ସାନୁଜ କୁମାର ଦାସ, ରବିନ୍ଦ୍ର କୁମାର ଦାସ ସହଯୋଗ କରିଥିଲେ।





ବିଜେପୁରରେ କୃଷ୍ଣ ବେଶରେ ସଜ୍ଜିତ କୁନି ଶିଶୁ (ବାମ) । ପାଇକମାଳରେ ଶିଶୁମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ବାହାରିଛନ୍ତି (ମଝି) । ପଦ୍ମପୁର ଶିଶୁମନ୍ଦିରରେ ରାଧାକୃଷ୍ଣ ବେଶଧାରୀ ଶିଶୁଙ୍କୁ ଦୋଳିରେ ଝୁଲାଯାଉଛି ।

# ରାଧାକୃଷ୍ଣ ବେଶରେ ସଜେଇ ହେଲେ ଶିଶୁ

**ବରଗଡ଼ ଅଫିସ୍,୨୩।୮**

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା। ଦୟାନନ୍ଦ ଆଶ୍ରମର ନିର୍ଲେପଜୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନ୍ମାଷ୍ଟମୀ ପାଳନର ଉଦ୍ଦେଶ୍ୟ ଉପରେ ମାର୍ଗଦର୍ଶନ କରିଥିଲେ। ଛାତ୍ରୀଛାତ୍ର ରାଧା, ଶ୍ରୀକୃଷ୍ଣ ବେଶଭୂଷାରେ ସଜ୍ଜିତ ହୋଇ ଆସିଥିବାବେଳେ ରାଧାକୃଷ୍ଣଙ୍କ ପୂଜନ, ଦୋଳି ଝୁଲଣ, ଗୋପାଳ ବାଳକଙ୍କ ସହିତ ଶ୍ରୀକୃଷ୍ଣଙ୍କ ଦଧିହାଣ୍ଡି ଭାଙ୍ଗିବା ଆଦି କାର୍ଯ୍ୟକ୍ରମ ହୋଇଥିଲା। କୁଳମଣି ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବରଗଡ଼ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ହିନ୍ଦୀ ବିଭାଗ)ରେ ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ କଳ୍ପନା ଷଡ଼ଙ୍ଗୀ, ବିଦ୍ୟାଳୟର ସଭାପତି ପ୍ରୀତମ ସିଂ, ହରଜିନ୍ଦର କୌର, କାମିନୀ ଦାଶ, ରଶ୍ମିରେଖା ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗରର ବିକାଶ ସ୍କୁଲରେ ଅଧ୍ୟକ୍ଷ ସନାତନ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଛାତ୍ରୀଛାତ୍ର ରାଧାକୃଷ୍ଣରେ ବେଶରେ ସଜ୍ଜିତ ହୋଇଥିବାବେଳେ ଏଠାରେ ମଧ୍ୟ ଦହିହାଣ୍ଡି ଭଗ୍ନ, ଦୋଳିଖେଳ, ଦାଣ୍ଡିଆ ନୃତ୍ୟ ପରିବେଷଣ କରିଥିଲେ।



ବରଗଡ଼ ସରସ୍ୱତୀ ଶିଶୁ ମନ୍ଦିର (ଓଡ଼ିଆ ବିଭାଗ)ରେ ଛାତ୍ରଙ୍କ ଦଧିହାଣ୍ଡି ଭଗ୍ନ ଦୃଶ୍ୟ ।

**ଗାଇସିଲେଟ, (ଡି.ଏନ.ଏ.):**
ଗାଇସିଲେଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୭୫ଜଣ ବାଳିକା ଗୋପୀ ଗୋପାଙ୍ଗନା ଏବଂ ୭୩ଜଣ ବାଳକ କୃଷ୍ଣବେଶରେ ସଜ୍ଜିତ ହୋଇଥିଲେ। ନିରୋଜ କୁମାର ପାଢ଼ୀ ନନ୍ଦ ଏବଂ ତାଙ୍କ ସ୍ତ୍ରୀ ଆନନ୍ଦିନୀ ଯଶୋଦା ଭୂମିକା ନିର୍ବାହ ସହିତ ଗୋପୀ, ଗୋପାଳଙ୍କ ପଦଧୌତ କରିଥିଲେ। ପ୍ରଧାନ ଗୁରୁଜୀ ଅଶ୍ୱିନୀ ବାରିକଙ୍କ ସମେତ ଅନ୍ୟ ଗୁରୁଜୀ, ଗୁରୁମା, ସ୍କୁଲ ପରିଚାଳନା କମିଟିର ସଭ୍ୟବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଦର୍ଶନ ବାରିକ ଓ ସାଥୀ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ।

**ପଦ୍ମପୁର, ୨୩।୮ (ଡି.ଏନ.ଏ)**
ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଉକ୍ତ ଉତ୍ସବରେ ଯୁବରାଜ ପଧାନ ଓ ସତ୍ୟନାରାୟଣ ସାହା ଦୀପ ପ୍ରଜ୍ୱଳନ କରିଥିବା ବେଳେ ମୁଦୀ ରଥ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରିଥିଲେ। ସତ୍ୟନାରାୟଣ ସାହୁ ଶ୍ରୀକୃଷ୍ଣଙ୍କ ଉପରେ ବୌଦ୍ଧିକ ପ୍ରଦାନ ଓ ଦୁର୍ବାଦଳ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଶ୍ରୀକୃଷ୍ଣ ଓ ରାଧା ବେଶରେ ଆସିଥିବା ଶିଶୁ ବାଟିକା ବିଭାଗର ଛାତ୍ରୀଛାତ୍ରମାନଙ୍କ ଦୋଳଣ ପର୍ବ କରାଯାଇଥିଲା। ଏଥିରେ ୧୫୦ ଜଣ ବେଶଧାରୀ ଶିଶୁ ଯୋଗଦାନ କରିଥିଲେ। ଶେଷରେ ସୁଦିରଣ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ । ଚୈତନ୍ୟ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପଦ୍ମପୁର ଉପଖଣ୍ଡ ଲଖମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରିକ୍ରେସନ ସେଣ୍ଟରଠାରେ ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ପାଳନ କରାଯାଇଛି ।

**ଘେଁସ,(ଡି.ଏନ.ଏ ):**
ବରଗଡ ଜିଲା ମେଲଛାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ସମାରୋହରେ ପାଳନ କରାଯାଇଛି । ଏଥିରେ ଦିବ୍ୟ କିଶୋର ପଧାନ ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ସଞ୍ଜୀବ ନାୟକ, ଯୁଗ୍ମ ସମ୍ପାଦକ ଅମୀୟ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ପଧାନ ଅତିଥି ପରିଚୟ ପ୍ରଦାନ ଏବଂ ବୈଦେହୀ ଗୁରୁମା ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସ୍ଥାନୀୟ ଜଗନ୍ନାଥ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ସମୁଦାୟ ୧୬୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଗୁରୁଜୀ ଗୋବିନ୍ଦ ସାହୁ, ଉଦ୍ଧବ ପାତ୍ର, ସରୋଜ କୁଅଁର, ଅକ୍ଷୟ ପଧାନ, ଗୁରୁମା କୁମାରୀ ସେଠ, ଶ୍ରଦ୍ଧାଞ୍ଜଳି ସରାଫ, ଗୀତିକ୍ରିଷ୍ଣା ପଧାନ, ଆରତି ସା, ଲିଲି ସାହୁ ପ୍ରମୁଖ ସହଯୋଗ କରିଥିଲେ। ଗୁରୁଜୀ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ସୋହେଲା,(ଡି.ଏନ.ଏ)**
ସୋହେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। ଏଥିରେ ସମ୍ବଲପୁରୀ କବି ପରାଗ ସାହୁ ମୁଖ୍ୟଅତିଥି ଓ କଳାକାର ଲଳିତ ମୋହନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନ୍ମାଷ୍ଟମୀ ପର୍ବ ପାଳନର ମହତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ଗୁରୁଜୀ ବାବୁଲୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ସ୍କୁଲ ପରିଚାଳନା କମିଟି ସମ୍ପାଦକ ଡକ୍ଟର ତୁଷାରକାନ୍ତ ସାହୁ, ସଭାପତି ବିରେନ୍ଦ୍ର ଠାକୁର, ଉପସଭାପତି ଗୌତମ ପଧାନ, କୋଷାଧ୍ୟକ୍ଷ ଅନୀଲ ସାହୁ, ସଞ୍ଜୀବ କୁମାର ଝାଙ୍କର, ସରୋଜ କୁମାର ସାହୁ, ଯଶୋଦା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

**ପାଇକମାଳ,(ଡି.ଏନ.ଏ):**
ନୃସିଂହନାଥ ମନ୍ଦିର ପରିସରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ସନ୍ଧ୍ୟାରେ ମନ୍ଦିରର ପୂଜା ଆଳତୀ ପରେ ଜନ୍ମାଷ୍ଟମୀ ପୂଜା ହୋଇଥିଲା। ମନ୍ଦିର କୁଳ ପୁରୋହିତ ସୁନୀଲ ପୁରୋହିତ, ପୂଜକ ସୁଜ୍ଞାନ୍ତ ତ୍ରିପାଠୀ ଓ ସିଦ୍ଧାର୍ଥ ପୁରୋହିତ ପୂଜାପାଠ କରିଥିଲେ। ପୂର୍ବାହ୍ନରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଥିଲା। ଆଚାର୍ଯ୍ୟ ସୁଶୀଲ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଦିଲୀପ କୁମାର ସାହୁ ମୁଖ୍ୟଅତିଥି, ବିଦ୍ୟାଳୟର ସମ୍ପାଦକ ତ୍ରିଲୋଚନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ଆଚାର୍ଯ୍ୟ ଅତିଥି ପରିଚୟ ଓ ବ୍ୟାସଦେବ ବଢେଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ସେହିପରି ମହାମାୟା ପବ୍ଲିକ ସ୍କୁଲରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।

ବିଜେପୁର, (ଡି.ଏନ.ଏ): ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ପ୍ରଧାନଆଚାର୍ଯ୍ୟ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଦେବରାଜ ଛତ୍ରିଆ ମୁଖ୍ୟଅତିଥି, କଳାକାର ସନ୍ତୋଷ ଦେହେରୀ ମୁଖ୍ୟବକ୍ତା ଓ ଉମାକାନ୍ତ ଜାଲ ସମ୍ମାନିତବକ୍ତା ଭାବେ ଯୋଗ ଦେଇଥିଲେ। ତୁଳସୀରାମ ପଣ୍ଡା ସଭା ସଂଯୋଜନା ଓ ଗୁରୁମା ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ଭେଡ଼େନ,(ଡି.ଏନ.ଏ):**
ଭେଡ଼େନ ବ୍ଲକ ରେଶମ ଶିଶୁବିକାଶ ବିଦ୍ୟାମନ୍ଦିରରେ ପରିତଚାଳନା କମିଟି କୋଷାଧକ୍ଷ ସୁଜିତ କୁମାର ଶତପଥିଙ୍କ ସଭାପତିତ୍ୱ ତଥା ପ୍ରଧାନ ଆଚାର୍ଯ୍ୟା ବର୍ଷା ପ୍ରଧାନଙ୍କ ପରିଚାଳନାରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଏଥିରେ ସଭାପତି ସୂର୍ଯ୍ୟନାରାୟଣ ପାଢ଼ୀ, ସମ୍ପାଦକ ସୁବିଲ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ପପଙ୍ଗା ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ଦୁଆନଙ୍କ ସଭାପତିତ୍ୱରେ ଅଧ୍ୟାପକ ସନ୍ତୋଷ କୁମାର ତ୍ରୀପାଠୀ ମୁଖ୍ୟ ଅତିଥି, ଶିକ୍ଷକ ଚୁଡ଼ାମଣି ବିଶ୍ୱାଳ ସମ୍ମାନିତ ଅତିଥି ଥିଲେ । ଭେଡ଼େନ ଶିଶୁମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହେନ୍ଦ୍ର ରାୟ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କମିଟି ସଭାପତି ସରୋଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ତେନ୍ତୁଲିଟିକ୍ରା ଶିଶୁ ମନ୍ଦିରରେ ଉପଦେଷ୍ଟା ପରିଷଦର ସଦସ୍ୟ ଲଳିତ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଟିକେଶ୍ୱର ସାହୁ ସଭା ସଂଯୋଜନା, ପ୍ରଧାନ ଆଚାର୍ଯ୍ୟ ରିଙ୍କୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଥୁଆପାଲି ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ବେବିରାଣୀ ବେହେରାଙ୍କ ପରିଚାଳନାରେ ପ୍ରଧାନ ଆଚାର୍ଯ୍ୟ ସଦାନନ୍ଦ ଗରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ମହୁଲପାଲି ଶିଶୁ ମନ୍ଦିରରେ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ ।

## ଡ୍ରେନେଜ୍ ପାଇଁ ବିଧାୟକଙ୍କୁ ଫେରାଦ



ମହିଳାମାନେ ବରଗଡ଼ ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ବରଗଡ଼ ଅଫିସ୍,୨୩।୮**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୧ ଅଧୀନ ଆଇନ ମହାବିଦ୍ୟାଳୟ (ଲ କଲେଜ) ରୋଡ୍‌ରେ ଡ୍ରେନେଜ ବ୍ୟବସ୍ଥା କରିବା ଦାବି ନେଇ ପଡ଼ାର ମହିଳାମାନେ ଶୁକ୍ରବାର ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ତାଙ୍କ ପଡ଼ାରେ ଡ୍ରେନେଜ ବ୍ୟବସ୍ଥା ନ ଥିବା ଯୋଗୁ ଆବର୍ଜନା ପାଣି ରାସ୍ତାରେ ବହୁଛି। ରାସ୍ତା ଶୋଚନୀୟ ହୋଇ ପଡୁଥିବାବେଳେ ଯାତାୟାତରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ମାରକପତ୍ର ଗ୍ରହଣ କରିବା ପରେ ବିଧାୟକ ଆଚାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କୁ ଫୋନ କରି ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡାଙ୍କ ନେତୃତ୍ୱରେ ସରୋଜିନୀ ମେହେର, ରଶ୍ମିରେଖା ନାଏକ, ମୀନତି ଦାଶ, ନେପୁର ପଟେଲ, ଦିବ୍ୟା ନାଏକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ରାଜପଥ ଲୁଟେରାଙ୍କ ଦୌରାତ୍ମ୍ୟ

**ବରଗଡ଼ ଅଫିସ୍,୨୩।୮**

ବରଗଡ଼ ସହର ଉପକଣ୍ଠ ଦେଇ ଯାଇଥିବା ଫୋରଲେନ୍ ରାଜପଥରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି । ଏହି ରାସ୍ତାରେ ରାତ୍ରିବେଳା ଅନେକ ଟ୍ରକ୍ ଚାଳକ ଲୁଟ୍‌ର ସମ୍ମୁଖୀନ ହୋଇଥିବା ସତ୍ତ୍ୱେ ପୋଲିସ ଏଭଳି ଅପରାଧକୁ ରୋକିବାରେ ସକ୍ଷମ ହୋଇପାରିନାହିଁ। ଗୁରୁବାର ବିଳମ୍ବିତ ରାତ୍ରିରେ ସହର ଉପକଣ୍ଠ ବରାହଗୋଡ଼ା ନିକଟରେ କେତେକ ଟ୍ରକ ଉପରକୁ ଢ଼େଲା, ପଥର ମାଡ଼ କରି ଲୁଟ୍‌ପାଟ୍ ହୋଇଥିବା ସୂଚନା ମିଳିଛି । ସହର ଉପକଣ୍ଠ ରାସ୍ତାରେ ଦିନକୁ ଦିନ ଏଭଳି ଅପରାଧ ବୃଦ୍ଧି ପୋଲିସର ଅପାରଗତାକୁ ପଦାରେ ପକାଇ ଦେଇଛି ।

## ଡାଏଲିସିସ୍ ସେବାର ଶୁଭାରମ୍ଭ କଲେ ମନ୍ତ୍ରୀ

**ବରଗଡ଼ ଅଫିସ୍,୨୩।୮**
ବରଗଡ଼ ସହର ଉପଖଣ୍ଡ ଖେଦାପାଲି ନିକଟରେ ନବନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାରରୁ ନିଃଶୁଳ୍କ ଡାଏଲାସିସ୍ ସେବାର ଶୁଭାରମ୍ଭ ହୋଇଛି । ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଶୁଭାରମ୍ଭ ଅବସରରେ କିଛି ରୋଗୀଙ୍କ ଡାଏଲାସିସ୍ କରାଯାଇଥିଲା । ଜିଲାରେ ଡାଏଲାସିସ୍ ବ୍ୟବସ୍ଥା ନ ଥିବାରୁ ରୋଗୀମାନେ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉଥିଲେ ।



ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଡାଏଲିସିସ୍ ସେବାର ଶୁଭାରମ୍ଭ କରୁଛନ୍ତି ।

## ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ନେଇ ବିକାଶରେ ସେମିନାର

**ବରଗଡ଼ ଅଫିସ୍,୨୩।୮**

ବରଗଡ଼ର ବିକାଶ ଡିଗ୍ରୀ କଲେଜ ଆଇନ ବିଭାଗରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି । ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଏହାର ପରିବର୍ତ୍ତିତ ପରିସ୍ଥିତି ତଥା ଏହାର ଆଇନଗତ ଦିଗ ଉପରେ ସେମିନାରରେ ଆଲୋଚନା ହୋଇଥିଲା। ଆଇନ ବିଭାଗର ଛାତ୍ରୀଛାତ୍ର ତୃପ୍ତି ଶର୍ମା, ଆଞ୍ଚଲ ପୁରୋହିତ, ଆର୍ୟନ ପୂଜାରୀ, ଅନ୍ୱେଷ କୁମାର ସାହୁ, ଚର୍ଚ୍ଚିତ ପ୍ରଧାନ, ଦିବ୍ୟପ୍ରକାଶ ପାଣିଗ୍ରାହୀ ପ୍ରମୁଖ ସନ୍ଦର୍ଭକୁ ନିଖୁଣ ଭାବେ ଉପସ୍ଥାପନ କରିଥିଲେ । ଅଧ୍ୟାପକ ଶିବାନନ୍ଦ ସାହୁ, ଜୈମିନୀ କୁମାର ସାହୁ, ମଙ୍ଗଳା ଚରଣ ପାତ୍ର, ନୟନଜ୍ୟୋତି ଦାଶ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସନ୍ଦର୍ଭ ପ୍ରସ୍ତୁତ କରିଥିଲେ। ଏହି ସେମିନାରରେ ଜମ୍ମୁ କଶ୍ମୀର ଏବଂ ଅନୁଚ୍ଛେଦ ୩୭୦ର ଇତିହାସ, ଏହାର ଆଇନଗତ ଦିଗ, ପାକିସ୍ଥାନ, ଚୀନ ଓ ଅନ୍ୟଦେଶର ପ୍ରତିକ୍ରିୟା, ବିଭିନ୍ନ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କ ମତାମତ, ଜାତିସଂଘର ଦୃଷ୍ଟିକୋଣ, ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଏହାର ବିଭିନ୍ନ ଦିଗ ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସଭାପତିତ୍ୱ କରିଥିଲେ । ବିକାଶ ଗ୍ରୁପ୍‌ର ଆଇନ ପରାମର୍ଶଦାତା ପି. କେ ଦାଶ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, କୋ ଅର୍ଡ଼ିନେଟର ଉପସ୍ଥିତ ଥିଲେ । ଏହି ସେମିନାରର ସଫଳତା ପାଇଁ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ । କୋ ଅର୍ଡ଼ିନେଟର ଶିବାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସେମିନାରରେ ଉପସ୍ଥିତ ଆଲୋଚକମାନେ ।



"ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



**ସଂକ୍ଷେପରେ**

## ରାଜେନ୍ଦ୍ର କଲେଜ ପୁରାତନ ଛାତ୍ର ସଂଘ ବୈଠକ ଘୁଞ୍ଚିଲା

**ବଲାଙ୍ଗୀର ଅଫିସ, ୨୩।୮:** ବଲାଙ୍ଗୀର ରାଜେନ୍ଦ୍ର କଲେଜ ପୁରାତନ ଛାତ୍ର ସଂଘ ପକ୍ଷରୁ ଅଗଷ୍ଟ ୨୫ତାରିଖରେ ଏକ ବୈଠକ ସ୍ଥିରୀକୃତ ହୋଇଥିଲା । ଏହି ବୈଠକକୁ ସେପ୍ଟେମ୍ବର ୪ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ବଲାଙ୍ଗୀରର ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ଏବେବି ଜୀବନଯାତ୍ରା ସ୍ୱାଭାବିକ ହୋଇ ନ ଥିବାରୁ ଏହି ବୈଠକକୁ ଘୁଞ୍ଚାଇ ଦିଆଯାଇଥିବା କୁହାଯାଇଛି । ଏହା ସହିତ ଆସନ୍ତା ନୂଆଖାଇରେ ପୁରାତନ ଛାତ୍ରମାନଙ୍କ ବଲାଙ୍ଗୀର ଆଗମନକୁ ନେଇ ସେପ୍ଟେମ୍ବର ୪ ତାରିଖରେ ଏହି ବୈଠକ କରାଯିବ ବୋଲି ସଂଘ ସଭାପତି ଲଳିତ କୁମାର ନାୟକ ଓ ସମ୍ପାଦକ ଅରବିନ୍ଦ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏହି ଅବସରରେ ରାଜ୍ୟ ସରକାର ବଲାଙ୍ଗୀର ରାଜେନ୍ଦ୍ର କଲେଜକୁ ଏକକ ବିଶ୍ୱବିଦ୍ୟାଳୟ ବଦଳରେ ଆଫିଲିଏଟିଂ ବିଶ୍ୱବିଦ୍ୟାଳୟ କରିବାକୁ ଘୋଷଣା କରିଥିବାରୁ ଏହାକୁ ପୁରାତନ ଛାତ୍ର ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିବା ଜଣାଇଛନ୍ତି ।

### ଆବାସ ଯୋଜନାରୁ ବଁଚିତ୍ ଲାଲଦୀପ

# ପରହର ବାରନ୍ଡାରେ ବିତୁଛେ ଜୀବନ୍

**ଖପ୍ରାଖୋଲ, ୨୩।୮(ଡି.ଏନ୍.ଏ.)**

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ବାସହୀନ ପରିବାରମାନକୁ ଅନେକ ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ଅନେକ ଜାଗାରେ ଭିନେ ଭିନେ କାରନ୍‌ରୁ ହକ୍‌ଦାର ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତାଥି ଅନେକ ଗରିବ୍ ଦୁଖି ପରିବାର କିଏ ଭଂଗା ଘରେ ରହୁଛେ ତ ଆର କିଏ ପରହର ବାରନ୍ଡାରେ ଆଶ୍ରେ ନେଉଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ଖପ୍ରାଖୋଲ ବ୍ଲକ ମହରାପଦର ପଁଚେତ୍ ବାଗଝରନ୍ ଗାଁରେ।

ସୂଚନା ଅନ୍‌ସାରେ ବାଗଝରନ୍ ଗାଁର ଲାଲଦୀପ ବରିହା(୪୫)।ଆଗ୍‌ରୁ ସେ କୁଟୁମବସିଆ ଦାଦନ ଯାଉଥିଲେ, ଗାଁରେ ଲୁକ୍‌କର କାମ୍‌ବୁତା କରି କୁଟୁମ ପୁଷୁଥିଲେ। ମୁଡ଼ ଗୁଁଜ୍‌ବାର ଲାଗି ମାଏଟ୍ ଘର ଦୁଇ



ନିଜର ଭଂଗା ଘର ଆଘେ ଲାଲଦୀପ।

ବଖରା ବି ଥିଲା। ହେଲେ ୫ ବଛର ତଲେ ତାକର ମାଏକିନା ଆରପାରକେ ଚାଲିଯାଇଥିଲେ। ତା'ପରେ ସତେ ଯେନ୍‌ତା ଲାଲଦୀପକଁର ଖରାପ ସମିଆ ଆରମ୍ ହେଇଯାଇଥିଲା। ମାଏକିନା ମଲା ଉତାରୁ ଲାଲଦୀପ ଦୁଇ ଛୋଟ ଛୋଟ ପିଲାକୁ ଧରି ଗାଁ ଗାଁ ବୁଲି ଭିଖ୍ ମାଗବାର ସଂଗେ ଅନେକ ସମିଆରେ ହରିଶଙ୍କର ମନ୍ଦିର ଆଘେ ବସି ଭିଖ୍ ମାଗୁଥିଲେ। ଇ ଘଟନା ବାବ୍‌ଦେ ଗଲା ବଛର ଗଣମାଧ୍ୟମରେ ଖବର ବାହାରଲା ଉତାରୁ ଚାଇଲ୍ଡ ଲାଇନ ତରଫୁ ଦୁଇ ଛୁଆକୁ ଉଧାର କରବାର ସଂଗେ ସଟ୍-ଷ୍ଟେ ହୋମରେ ବଛରେ ହେଲା ରଖିଛନ୍। ପରଶାସନ ଦୁଇ ନିଷ୍‌ପାପ ଛୁଆକୁ ସିନା ଉଧାର କରି ଥଇଥାନ କଲା, ହେଲେ ଲାଲଦୀପକଁର କଥା ପାସରି ଦେଲା। ଅଭାବ ଅନାଟନ, ଦରିଦିରିଆ ଅବସ୍‌ତାର ଲାଗି ଲାଲଦୀପ ଆଏଜ୍‌ତକ ତାକର ଦୁଇ ବଖରା ମାଏଟ୍ ଘରର ମରାମତି କରି ନାଇଁପାରି। ଯେନ୍‌ଥିରଲାଗି ସେ ଘର ଦୁଇ ବଖରାକ ବରଷାରେ ଭାଂଗି ଯାଇଛେ। ଏହେଦେ ସେ ଉପେ ଶୁଇନ୍ ହେଇ ଗାଁର ୱାର୍ଡ ମେମ୍ବରକଁର ବାରନ୍ଡାରେ ଦିନ୍ ବିତଉଛନ୍। ଏନ୍‌ତାଥି ଅସାହା ଲାଲଦୀପକୁଁ ସରକାରୀ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ଘଟନାକେ ଗୁରୁତ୍ ଦେଇ ଯେତେ ଜଲଦି ହେବା ତାହାକୁ ଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

### ଡ୍ରାଇଭରଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

# ଢାବା କର୍ମଚାରୀ ହତ୍ୟାକାରୀ

**ସୋନପୁର,୨୩।୮(ନି.ପ୍ର.)**

ସୋନପୁର-ବିନିକା ରାସ୍ତାପାର୍ଶ୍ୱ ଶରଧାପାଲି ଢାବାରେ ଗୁରୁବାର ଅପରାହ୍ନରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଢାବାକୁ ଖାଇବାକୁ ଯାଇଥିବା ବିନିକା ଥାନା ଜାମଛପର ଗ୍ରାମର ଯଦୁମଣି ଭୁଏ(୩୦)ଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଯଦୁମଣିଙ୍କ ନାକରେ ଲୁହାରଡ ଭୁସି ହତ୍ୟା କରିଥିବା ଅଭିଯୁକ୍ତ ତଥା ଢାବା କର୍ମଚାରୀଙ୍କୁ ପୋଲିସ ବଇରାସରରୁ ଧରିଛି। ତାଙ୍କୁ ଥାନାରେ ଅଟକ ରଖାଯାଇଛି। ଢାବାର ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ପଚରାଉଚୁରା କରାଯାଉଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ଏସ୍‌ପି ଦେବୀପ୍ରସାଦ ଦାଶ ଏକ ଖବରଦାତା ସମ୍ମିଳନୀରେ ଶନିବାର ବିସ୍ତୃତ ସୂଚନା ଦେବେ ବୋଲି ଜଣାପଡିଛି। ପ୍ରକାଶ ଯେ, ଯଦୁମଣି ଜଣେ ଟ୍ରକ୍ ଡ୍ରାଇଭର। ଶୁକ୍ରବାର ସେ ଡ୍ରାଇଭିଂ କରୁ ନ ଥିଲେ। ସାଥିଙ୍କ ସହିତ ସେ ଢାବାକୁ ଖାଇବାକୁ ଯାଇଥିଲେ। ଖାଇବାକୁ ଦେବାରେ ବିଳମ୍ବକୁ ନେଇ ଢାବା କର୍ମଚାରୀଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଢାବା ମ୍ୟାନେଜର ଏହାର ସମାଧାନ କରିଥିଲେ। ପୁନର୍ବାର ଯଦୁମଣି ଓ ଢାବା କର୍ମଚାରୀଙ୍କ ଭିତରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ କର୍ମଚାରୀ ଏକ ଲୁହାରଡ ଯଦୁମଣିଙ୍କ ବାମ ନାକପୁଡାରେ ଜୋରରେ ଭୁସି ଦେଇଥିଲେ। ଏହା ମସ୍ତିଷ୍କରେ କ୍ଷତି ପହଞ୍ଚାଇ ଥିଲା। ନାକ ଓ ମୁଣ୍ଡରୁ ରକ୍ତସ୍ରାବ ହେବା ପରେ ତାଙ୍କର ମୃତ୍ୟୁ ହୋଇଛି । ଢାବାର କର୍ମଚାରୀ ଏକ ବାଇକ୍‌ରେ ଯଦୁମଣିଙ୍କୁ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ପୋଲିସକୁ ଦେଖି ସେମାନେ ଫେରାର ହୋଇ ଯାଇଥିଲେ। ଜିଲାରେ ଢାବାଗୁଡିକ ବାର ପାଲଟିଛି। ଖୁଲମଖୁଲା ଭାବେ ମଦ ବିକ୍ରି ହେଉଛି। ମଦ୍ୟପାନରୁ ଝଗଡା ହୋଇ ଏଭଳି ହତ୍ୟାକାଣ୍ଡ ଘଟୁଛି । କିନ୍ତୁ ପୋଲିସ ଏହି ଦିଗ ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି ।

# ଚାକିରି କରାଇ ଦେବା ନାଁରେ ଠକେଇ

### ଜେଲଗଲେ ବୀରମହାରାଜପୁର ତହସିଲ କିରାଣି

**ଅମରପାଲି, ୨୩।୮(ଡି.ଏନ.ଏ.)**

ଚାକିରି କରାଇ ଦେବା ନାଁରେ ଠକେଇ। ଆଉ ଠକେଇର ଶିକାର ହୋଇଛନ୍ତି ଜଣେ ଭିନ୍ନକ୍ଷମ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଫିସରେ କାର୍ଯ୍ୟରତ ଜଣେ କିରାଣି ନରୋତ୍ତମ ପଣ୍ଡାଙ୍କୁ ଏହି ଠକେଇ ଅଭିଯୋଗରେ ଗିରଫ ହୋଇ ଜେଲ ଯିବାକୁ ପଡିଛି। ବୀରମହାରାଜପୁର ଥାନା ତଥା ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମର ନେପାଳ ଭୋଇ ନାମକ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ କିରାଣିଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବୀରମହାରାଜପୁର ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ



ଗିରଫ ତହସିଲ କିରାଣି ନରୋତ୍ତମ ପଣ୍ଡା ।

ମତେ, ୨୦୧୭ ମସିହାରେ ନେପାଳଙ୍କ ସହିତ କିରାଣି ନରୋତ୍ତମ ପଣ୍ଡାଙ୍କ ଭେଟ ହୋଇଥିଲା। ନେପାଳ ବେକାରୀ ଥିବାରୁ ନରୋତ୍ତମ ତାଙ୍କୁ ସୋନପୁର କୃଷି ଅଫିସରେ ଚାକିରି କରାଇ ଦେବେ ବୋଲି କହିଥିଲେ। ଏ ନେଇ ସେ ନେପାଳଙ୍କଠାରୁ ପ୍ରଥମ ଥର ୧୦ହଜାର ଓ ଦ୍ୱିତୀୟ ଥର ୭ ହଜାର ଏହିପରି ମୋଟ ୧୭ ହଜାର ଟଙ୍କା ନେଇଥିଲେ। ନେପାଳ ଚାକିରି କଥା ପଚାରିଲେ ବିଭିନ୍ନ ଆଳ ଦେଖାଇ ଠକି ଚାଲିଥିଲେ ନରୋତ୍ତମ। ଚାକିରି ନହେବାରୁ ନେପାଳ ଟଙ୍କା ଫେରାଇବା ପାଇଁ କହିବାରୁ କିରାଣି ଜଣକ ଉକ୍ତ ଟଙ୍କା ଫେରାଇ ନ ଥିଲେ। ଶେଷରେ ନେପାଳ ବାଧ୍ୟ ହୋଇ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଏକ ମାମଲା(ନଂ.୧୪୩/୧୯)ରୁଜୁ କରି କିରାଣି ନରୋତ୍ତମ ପଣ୍ଡାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରିଣୀ ପ୍ରଭା ଧନ ସୂଚନା ଦେଇଛନ୍ତି। ଉକ୍ତ ମାମଲାକୁ ପରିଚାଳନା କରୁଥିବା ଏଏସଆଇ ଚଞ୍ଚଳା ନାଏକ ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଠକେଇର ଶିକାର ହୋଇଥିବା ନେପାଳ ଏବେ ଆଇ ଭଲେଣ୍ଟିଆର ଭାବେ କାର୍ଯ୍ୟ କରୁଛନ୍ତି ।

## ପ୍ରଧାନମନ୍ତ୍ରୀ କିଶାନ ମାନ୍‌ଧନ୍ ଯୋଜନା ସଚେତନତା ଶିବିର

**ଅମରପାଲି, ୨୩।୮(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଗୋପପାଲିଠାରେ ପ୍ରଧାନମନ୍ତ୍ରୀ କିଶାନ ମାନ୍‌ଧନ୍ ଯୋଜନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସିଏସସି ଇ-ଗଭର୍ଣ୍ଣାସ ସୁବର୍ଣ୍ଣପୁର ଦ୍ୱାରା ପରିଚାଳିତ ଜନସେବା କେନ୍ଦ୍ର ତରଫରୁ ଗ୍ରାମର ଜନସାଧାରଣଙ୍କୁ ନେଇ ଏହି ଶିବିର ହୋଇଥିଲା। ଏଥିରେ ଭିଏଲଇ ଅକ୍ରୁର ନାଏକ ସଂଯୋଜନା କରିଥିଲେ। ସୁବର୍ଣ୍ଣପୁର ଜିଲା ସଂଯୋଜକ ଦେବାୟୁଧ ମିଶ୍ର ଓ ଟେକନିସିଆନ୍ ରଜନୀ ରଞ୍ଜନ ସାହୁ ଯୋଗଦେଇ ପ୍ରଧାନମନ୍ତ୍ରୀ କିଶାନ ମନ୍‌ଧନ୍ ଯୋଜନା ଉପରେ ଲୋକଙ୍କୁ ବୁଝାଇଥିଲେ। ୧୮ ବର୍ଷରୁ ୪୦ ବର୍ଷ ବୟସ ମଧ୍ୟରେ ସର୍ବନିମ୍ନ ୫୫ରୁ ଆରମ୍ଭ କରି ୨୦୦ ଟଙ୍କା ପର୍ଯ୍ୟନ୍ତ ପ୍ରିମିୟମ ଦେଲେ ୬୦ବର୍ଷ ପରେ ମାସିକ ୩ ହଜାର ଟଙ୍କା ଲେଖାଏଁ ପେନସନ ମିଳିବ ବୋଲି ସୂଚନା ପ୍ରଦାନ କରିଥିଲେ ।

# ବନ୍ୟା ବିପନ୍ନଙ୍କୁ ରନ୍ଧା ବାସନ ସାମଗ୍ରୀ ବାଣ୍ଟିଲେ ମହିଳା ସ୍ୱେଚ୍ଛାସେବୀ

**ବଲାଙ୍ଗୀର ଅଫିସ, ୨୩।୮**

ପ୍ରଳୟଙ୍କରୀ ବନ୍ୟାରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବଲାଙ୍ଗୀର ସହରର କିଛି ବନ୍ୟା ପୀଡିତଙ୍କୁ ଶୁକ୍ରବାର ତୁଳସୀନଗରର ମହିଳା ସ୍ୱେଚ୍ଛାସେବୀମାନେ ରନ୍ଧନ ବାସନକୁସନ ବଣ୍ଟନ କରିଛନ୍ତି । ଇତିମଧ୍ୟରେ ବନ୍ୟାକୁ ୯ ଦିନ ବିତିଯାଇଥିଲେ ମଧ୍ୟ ବିପନ୍ନଙ୍କ ଅଣ୍ଟା ସଳଖି ନାହିଁ। ପ୍ରଶାସନ ତରଫରୁ ମାତ୍ର ୭ ଦିନ ପାଇଁ ବିଭିନ୍ନ ପଡାରେ ରିଲିଫ୍ କ୍ୟାମ୍ପ କରାଯାଇ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା । ତେବେ ଅନେକ ପରିବାର ଏହି ରିଲିଫ୍ କ୍ୟାମ୍ପରେ ୭ ଦିନ ଧରି ଖାଇବାକୁ ପାଇ ନ ଥିବା ଅଭିଯୋଗ କରିଛନ୍ତି । ଏବେ ରନ୍ଧା ଖାଦ୍ୟ ବଣ୍ଟନ ବନ୍ଦ କରାଯିବା ପରେ ଅସୁବିଧାରେ ପଡିଛନ୍ତି। ଅଧିକାଂଶ ବନ୍ୟା ପୀଡିତଙ୍କ ଘରଦ୍ୱାର ଭାଙ୍ଗିଯାଇଥିବାରୁ ସେମାନେ ଅନ୍ୟ ଘରେ ଆଶ୍ରିତ ଭାବେ ଦିନ କଟାଉଛନ୍ତି। ଏଭଳି ସମୟରେ ସେମାନେ କିଭଳି ଘର ତିଆରି କରି ପୁଣି ଘରକୁ ଫେରିବେ ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ବହୁ ବ୍ୟକ୍ତିଙ୍କ ଘରେ ଥିବା ଖାଦ୍ୟ ସାମଗ୍ରୀ, ରନ୍ଧା ବାସନକୁସନ୍, ଆସବାବପତ୍ର ବର୍ଷା ପାଣିରେ ଭାସିଯାଇଥିବାରୁ କିମ୍ବା ଘରଭଙ୍ଗିଯିବାରୁ ନଷ୍ଟ ହୋଇଯାଇଛି । ପ୍ରଶାସନ ତରଫରୁ ଏଭଳି ପରିବାରକୁ ଏଯାଏଁ କିଛି ସହାୟତା ମିଳିନାହିଁ । ଏଭଳି କିଛି ପରିବାରକୁ ଚିହ୍ନଟ କରି ତୁଳସୀନଗରପଡାର ମହିଳାମାନେ ରନ୍ଧା ବାସନକୁସନ ସାମଗ୍ରୀ ବଣ୍ଟନ କରିଛନ୍ତି। ସମ୍ପୂର୍ଣ୍ଣ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଗଞ୍ଜା, ଡେକ୍ଚି, ଢ଼ାଙ୍କୁଣି, ଚା ତିଆରି ସସପେନ୍ସ, କଡ଼େଇ, ଷ୍ଟିଲ ଟ୍ରେ, ଗ୍ଲାସ୍, ଚଟୁ ଓ ତୁଆ ବଣ୍ଟନ କରିଛନ୍ତି । ତୁଳସୀନଗରପଡାର ଧୃତରାଷ୍ଟ୍ର ସାହୁ, ଶକୁନ୍ତଳା ଖର୍ସେଲ, ସତ୍ୟନାରାୟଣପଡାର ବନବାସୀ ରାଉତ୍ ଓ ଅନ୍ୟ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ପରିବାରକୁ ରନ୍ଧା ସାମଗ୍ରୀ ବଣ୍ଟନ କରାଯାଇଛି । ତୁଳସୀନଗରର ମହିଳାଙ୍କ ସହ ଭଦ୍ରକ ଜିଲା ବାଙ୍କସାହି ଗ୍ରାମର ସାମାଜିକ କର୍ମୀ ଚିତ୍ରସେନ୍ ମଥାନ ବନ୍ୟା ପୀଡିତଙ୍କୁ ରନ୍ଧନ ସାମଗ୍ରୀ ବଣ୍ଟନ କରିବାରେ ସହାୟତା କରିଛନ୍ତି।



ତୁଳସୀନଗରର ବନ୍ୟା ବିପନ୍ନ ପରିବାରକୁ ମହିଳାମାନେ ରନ୍ଧନ ବାସନକୁସନ ପ୍ରଦାନ କରୁଛନ୍ତି।

### ପିଏମଇଜିପି ସଚେତନତା କାର୍ଯ୍ୟକ୍ରମ

# କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀଙ୍କୁ ପରାମର୍ଶ

**ସୋନପୁର,୨୩।୮(ନି.ପ୍ର.)**

ଜିଲା ଶିଳ୍ପ କେନ୍ଦ୍ର ସୁବର୍ଣ୍ଣପୁର ଆନୁକୂଲ୍ୟରେ ପିଏମଇଜିପି(ପ୍ରାଇମ ମିନିଷ୍ଟର୍ସ ଏମ୍ପ୍ଲୋୟମେଣ୍ଟ ଜେନେରେସନ ପ୍ରୋଗ୍ରାମ) ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଜିଲାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ସୁଯୋଗ ଥିବା ଦୃଷ୍ଟିରୁ ଉଦ୍ୟୋଗୀମାନେ ଆଗକୁ ଆସିବାକୁ ଆହ୍ୱାନ ଦେଇଥିଲେ। ଶିଳ୍ପ ଉଦ୍ୟୋଗୀ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ମୀନା କୁମାରୀ ବେହେରା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଷ୍ଟେଟବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନର ନିର୍ଦ୍ଦେଶକ ରାଜକୁମାର ରୟ, ଲିଡବ୍ୟାଙ୍କର ଏଫଏଲସି ଟିକେଲାଲ ସେଠ୍ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍ୟୋଗୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଜିଲାର ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲା ଶିଳ୍ପକେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର ପିଏମଇଜିପି ଯୋଜନାର ନିୟମାବଳୀ ଏବଂ ଆବେଦନ କରିବା ପ୍ରଣାଳୀ ଅନଲାଇନ ମାଧ୍ୟମରେ ପ୍ରଦର୍ଶନ କରିଥିଲେ।

# ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ

**ବଲାଙ୍ଗୀର ଅଫିସ, ୨୩।୮**

ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ମହୀମୁଣ୍ଡା ଶିଶୁ ମନ୍ଦିର ଓ ବଲାଙ୍ଗୀର ସହର କଦମପଡା ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି । ମହୀମୁଣ୍ଡାଠାରେ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ପଞ୍ଚାନନ ତ୍ରିପାଠୀଙ୍କ ପରିଚାଳନାରେ ଉତ୍ସବ ପାଳିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସଚ୍ଚିଦାନନ୍ଦ ବିଶ୍ୱାଳ ଯୋଗଦେଇ ଜନ୍ମାଷ୍ଟମୀ ଅବସରରେ ଶ୍ରୀକୃଷ୍ଣ ଜନ୍ମ ବିଷୟରେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଗଗନ ବିହାରୀ ପଧାନ ଓ ସଭାପତି ରାମଚନ୍ଦ୍ର ବିଶ୍ୱାଳ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ଗୁରୁଜୀ ତରଣୀସେନ ପାଣ୍ଡେଙ୍କ ନିର୍ଦ୍ଦେଶନାରେ ନାଟକ କଂସବଧ ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ । ଶିଶୁ ଭାଇଭଉଣୀମାନେ ଶ୍ରୀକୃଷ୍ଣ, ରାଧା, ଗୋପାଳ, କଂସ, ବଳରାମ ଓ ଗୋପାଙ୍ଗନା ବେଶରେ ସଜ୍ଜିତ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶୈକ୍ଷିକ ପ୍ରମୁଖ ନୀଳାଚଳବାସୀ ନନ୍ଦ ହରିବଂଶ ପାରାୟଣ କରିଥିଲେ । ଗୁରୁମା ରୀତାଞ୍ଜଳି ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

କଦମପଡା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଶାନ୍ତ କୁଅଁର ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶ୍ରୀକୃଷ୍ଣଙ୍କ ଜନ୍ମବୃତ୍ତାନ୍ତ ଉପରେ କହିଥିଲେ। ପରିଚାଳନା କମିଟି ସମିତି ସଭାପତି ଶଶୀଭୂଷଣ ପୁରୋହିତ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ପରିଚାଳନା କମିଟି ସଭ୍ୟ ସୁରେଶ ଷଡଙ୍ଗୀ, ବୀରେନ୍ଦ୍ର ଧରୁଆ ଉପସ୍ଥିତ ଥିଲେ । ଭାରତୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିଶୁ ଭାଇ ଭଉଣୀମାନେ କୃଷ୍ଣ, ବଳରାମ ଓ ଗୋପାଙ୍ଗନା ବେଶରେ ସଜ୍ଜିତ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ମହୀମୁଣ୍ଡା ସରସ୍ୱତୀ ବିଦ୍ୟାମନ୍ଦିରରେ କୁନି ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

**ଅମରପାଲି, ୨୩।୮ (ଡି.ଏନ.ଏ)**

ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଛାତ୍ରୀଛାତ୍ର ଶ୍ରୀକୃଷ୍ଣ ଓ ଯଶୋଦା ଓ ଗୋପି ବେଶରେ ସଜ୍ଜିତ ହୋଇଥିଲେ। କାର୍ଯ୍ୟକ୍ରମରେ ତେଲିପାଲି ଉପ୍ରା ସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ ମିଶ୍ର ମୁଖ୍ୟଅତିଥି ଏବଂ ନୂଆଁଗଡ ଉପ୍ରା ସ୍କୁଲର ଶିକ୍ଷକ ସେବକ ବିଶି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ବଳରାମ ପୂଜାହାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ଧରିତ୍ରୀ ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସହ ପ୍ରଧାନଆଚାର୍ଯ୍ୟ ଉମେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ କୃଷ୍ଣ କଥା ବୁଝାଇଥିଲେ। ଏହି ଅବସରରେ ପ୍ରାୟ ୩୦୦ ଛାତ୍ରୀଛାତ୍ର ଉପସ୍ଥିତ ରହି କୃଷ୍ଣ, ଯଶୋଦା ଓ ଗୋପୀ ବେଶରେ ସଜେଇ ହୋଇଥିଲେ। କରାଯାଇଥିଲା।

**ଫଟୋରେ ଖବର**





ବଲାଙ୍ଗୀର ମେନ୍ ମାର୍କେଟ ହନୁମାନ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି (ବାମ)। ବଲାଙ୍ଗୀର ତୁଳସୀନଗର ମହାରାଣୀ ସାଗର ଆଡିବନ୍ଧପଡାର ବନ୍ୟା ପୀଡିତଙ୍କୁ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍‌ର ମହିଳା ସ୍ୱେଚ୍ଛାସେବୀମାନେ ରିଲିଫ୍ ବଣ୍ଟନ କରୁଛନ୍ତି। (ଫଟୋ-ସୁନୀଲ)

### କ୍ଲିନ ବୀରମହାରାଜପୁର ଅଭିଯାନ ପାଇଁ ପ୍ରସ୍ତୁତି

# ସେପ୍ଟେମ୍ବର ୫ରୁ ବ୍ୟାନ ହେବ ପ୍ଲାଷ୍ଟିକ

**ଅମରପାଲି, ୨୩।୮ (ଡି.ଏନ.ଏ)**

ଏଣିକି ସ୍ୱଚ୍ଛ ହେବ ବୀରମହାରାଜପୁର। ସୁସ୍ଥ ଓ ସ୍ୱଚ୍ଛ ପରିବେଶ ଉଦ୍ଦେଶ୍ୟରେ ଆରମ୍ଭ କରାଯିବ କ୍ଲିନ ବୀରମହାରାଜପୁର ଅଭିଯାନ। ଉପଖଣ୍ଡୀୟ ପ୍ରଶାସନ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ସ୍ଥାନୀୟ ଉପଜିଲାପାଳ ସୁବ୍ରତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହାର ପ୍ରଥମ ପ୍ରସ୍ତୁତି ବୈଠକ ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ସ୍ତରୀୟ ଜନ ପ୍ରତିନିଧି, ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ସଭାର ନିଷ୍ପତ୍ତିକ୍ରମେ ସେପ୍ଟେମ୍ବର ୫ ଗୁରୁଦିବସରୁ ଏହି ଅଭିଯାନ ଆରମ୍ଭ ହେବ। ସେହିଦିନଠାରୁ ବୀରମହାରାଜପୁର ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବରେ ପ୍ଲାଷ୍ଟିକ ବ୍ୟବହାରକୁ ବ୍ୟାନ କରାଯିବ। ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସାଙ୍ଗକୁ ଦୋକାନ ବଜାରରେ ପଲିଥିନ ବର୍ଜନ କରାଯିବ ବୋଲି ସ୍ଥିରୀକୃତ ହୋଇଛି। ଏନେଇ ବ୍ୟାପକ ଜନସଚେତନତା କରାଯିବ। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଡଷ୍ଟବିନ ରଖାଯିବ। ପ୍ରତି ୧୫ଦିନରେ ଥରେ ଉକ୍ତ ଡଷ୍ଟବିନର ମଇଳାକୁ ଡମ୍ପିଂୟାର୍ଡରେ ପକାଯିବ। ଡମ୍ପିଂୟାର୍ଡ ପାଇଁ ସ୍ଥାନ ଚୟନ କରିବାକୁ ମୁର୍ଷୁଣ୍ଡୀ ଆରଆଇଙ୍କୁ ଦାୟିତ୍ୱ ନିଆଯାଇଛି। ସଚେତନତାକୁ ବ୍ୟାପକ କରିବାକୁ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ଲିଫଲେଟ ବଣ୍ଟନ କରାଯିବ। ପଲିଥିନ ବର୍ଜନ ପାଇଁ ଶନିବାର ସ୍ଥାନୀୟ ବ୍ୟବସାୟୀ ଓ ଦୋକାନୀଙ୍କ ସହ ଏକ ବୈଠକ କରାଯିବ।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା

## ସଂକ୍ଷେପରେ

### ଫୁଟବଲ ଲିଗ୍: ଆଦିବାସୀ ଲୋଇସିଂହା ବିଜୟୀ

**ଲୋଇସିଂହା,୨୩।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଜିଲାସ୍ତରୀୟ ଫୁଟବଲ ଲିଗର 'ବି' ଗ୍ରୁପ ମ୍ୟାଚ ଅନୁଷ୍ଠିତ ହେଉଛି। ଶୁକ୍ରବାର ତୃତୀୟ ଦିବସରେ ଆଦିବାସୀ ଲୋଇସିଂହା ଏବଂ ବିଶାଳପାଲି ଏକାଦଶ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ଆଦିବାସୀ ଲୋଇସିଂହା ଏକାଦଶ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ପ୍ରଦୀପ ବଗର୍ତ୍ତୀ, ବିଜୟ ରଣା, ଅଞ୍ଜନ ବେଶ୍ରା, ଜ୍ୟୋର୍ତିମୟ ରାଉତ ଖେଳ ପରିଚାଳନା କରିଥିଲେ। ଶୁକ୍ରବାର ସ୍ଥାନୀୟ ସରପଞ୍ଚ ସୁନୀଲ ଅଗ୍ରୱାଲ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦିଲୀପ ବେହେରା, ବିଭୂତିଭୂଷଣ ସାହାଣୀ, ଉତ୍ତର ହେର୍ଣ୍ଡାଙ୍କ ସମେତ ଆଥଲେଟିକ ଆସୋସିଏଶନ ଓ ଷ୍ଟାଡିୟମ କମିଟି ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି।

### ଉତ୍କଳ ପବ୍ଲିକ ସ୍କୁଲରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଦେଓଗାଁ,୨୩।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସିଲେଟକାନୀ ଉତ୍କଳ ପବ୍ଲିକ ସ୍କୁଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଣ୍ଡବ ବାରିକଙ୍କ ସଂଯୋଜନା ତଥା ଅଧକ୍ଷ କିଶୋର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଖୁସୀରାମ ପଧାନ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଦିଲ୍ଲିପ ସୁନା ତଥା ଡମ୍ବରୁଧର ବେହେରା, ନୃପରାଜ ମେହେର ଗଣେଷ ମେହେର, ଶିବ ମେହେର, ସରପଞ୍ଚ ଧବଳେ ରାଉତ, ଆନନ୍ଦ ସାଗର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ ଗୋପାଳ ମେହେର, ହୃଦାନନ୍ଦ ମେହେର, ଗୋପାଳ ଛତ୍ରୀୟା ଓ ବଳରାମ ମେହେର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ମଦ ଜବତ, ୨ ଗିରଫ

**ଗୁଡଭେଲା,୨୩।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଗୁଡଭେଲା ବ୍ଲକ ଅନ୍ତର୍ଗତ ସମରା ଗ୍ରାମରେ ଚଢ଼ାଉ କରି ମନୁ ଭୁଏଙ୍କଠାରୁ ୨୦ ଲିଟର ଓ ତ୍ରିଲୋଚନ ଭୋଇଙ୍କଠାରୁ ୨୨ ଲିଟର ଦେଶୀ ମଦ ଜବତ କରାଯାଇଛି। ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସ୍ଥାନୀୟ ଅବକାରୀ ଅଧିକାରୀ ଶଶିକାନ୍ତ ଦତ୍ତ ପ୍ରକାଶ କରିଛନ୍ତି। ବଲାଙ୍ଗୀର ସଦର, ପାଟଣାଗଡ ଓ ଜିଲା ମୋବାଇଲ ୟୁନିଟ ମିଳିତଭାବେ ଏହି ଚଢ଼ାଉ କରିଥିଲେ। ଚଢ଼ାଉରେ ପାଟଣାଗଡ ଅବକାରୀ ଅଧିକାରୀ ଅନ୍ନପୂର୍ଣ୍ଣା ରଥ, ଇନ୍ସପେକ୍ଟର ପ୍ରସନ୍ନ କୁମାର ନାୟକ, ଏସଆଇ ଗିରିଜା ଶଙ୍କର ପାଣିଗ୍ରାହୀ, ପଦ୍ମଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଲଣ୍ଡାପଥର ଗାଁରେ ବଧୂ ଆତ୍ମହତ୍ୟା ଘଟଣା

### ମୃତାଙ୍କ ମା' ଆଣିଲେ ହତ୍ୟା ଅଭିଯୋଗ

**ଦେଓଗାଁ, ୨୩।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଲଣ୍ଡାପଥର ଗାଁରେ ସୋମବାର ଘଟିଥିବା ବଧୂ ଆତ୍ମହତ୍ୟା ଘଟଣା ଏବେ ଭିନ୍ନମୋଡ ନେଇଛି। ଝିଅକୁ ତାଙ୍କ ଶ୍ୱଶୁରଘର ଲୋକେ ହତ୍ୟା କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମୃତାଙ୍କ ମା' ସୁଷମା ଗୁମସ୍ତା। ବନ୍ଧପଡା ପୋଲିସ ମୃତଦେହ ଜବତ କରିବା ପରେ ଅପମୃତ୍ୟୁ ମାମଲା (ନ୍ଂ ୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ସୁଷମାଙ୍କ ଅଭିଯୋଗ ପରେ ଦେଓଗାଁ ଥାନାରେ ହତ୍ୟାଜନିତ ମାମଲା(ନଂ. ୩୫/୧୯) ରୁଜୁ କରାଯାଇ ତଦନ୍ତ ଜାରୀ ରହିଥିବା ଫାଣ୍ଡି ଅଧିକାରୀ କମଳ ଲୋଚନ ମାଝୀ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ବବୁଲୁ ପଟ୍ଟନାୟକ ୬ ବର୍ଷତଳେ ବିନିକା ଥାନା ଅନ୍ତର୍ଗତ କୁଟାପାଲି ଗାଁର ସୁଷମା ଗୁମସ୍ତାଙ୍କ ଝିଅ ନିରୂପମା ଓରଫ ଟିକିଙ୍କୁ ବିବାହ କରିଥିଲେ। ତାଙ୍କର ୨ଟି ପୁତ୍ର ସନ୍ତାନ ରହିଥିବା ବେଳେ ସ୍ୱାମୀ ବବୁଲୁ ଓ ଶ୍ୱଶୁର ଉମାକାନ୍ତ ବାହାର ରାଜ୍ୟକୁ କାମ କରିବାକୁ ଯାଇଥିଲେ। ଶାଶୁ ବୁଇ ପଟ୍ଟନାୟକଙ୍କ କହିବା ଅନୁସାରେ ସୋମବାର ସନ୍ଧ୍ୟା ୫ଟାରେ ୨ ନାତିକୁ ଧରି ଦୋକାନକୁ ଯାଇ ସଉଦା କରି ଫେରିବା ପରେ ବୋହୂ ଟିକିର ମୃତଦେହ ଝୁଲୁଥିବା ଦେଖି ଗାଁଲୋକଙ୍କୁ ଡାକ ପକାଇଥିଲେ। କୌଣସି ସୂତ୍ରରୁ ଖବର ପାଇ ବନ୍ଧପଡା ଫାଣ୍ଡି ଅଧିକାରୀ କମଳ ଲୋଚନ ମାଝୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ।

# ବର୍ଷାରେ କ୍ଷୟ ହେଉଛି ପାହାଡ଼

- ସୁରକ୍ଷା ଚିନ୍ତା କଲେ ପାହଡତଳି ଘୁଙ୍ଗି ଗ୍ରାମବାସୀ
- ପ୍ରଶାସନ, ବନ ବିଭାଗର ହସ୍ତକ୍ଷେପ ଲୋଡିଲେ

**ଲୋଇସିଂହା, ୨୩।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅଧୀନ ଘୁଙ୍ଗି ଗ୍ରାମ ନିକଟରେ ଥିବା ସୁନାଦେଇ ପାହାଡ ମୂଷଳ ବର୍ଷାରେ କ୍ଷୟ ହେବାରେ ଲାଗିଛି। ପାହାଡରୁ ପ୍ରବଳ ବେଗରେ ବର୍ଷା ପାଣି ଖସିବାରେ ବଡବଡ ପଥର ସବୁ ତଳକୁ ଖସୁଛି। ଏଥିଯୋଗୁ ସେଠାରେ ଥିବା ଗଛ ସବୁ ଉପୁଡି ପଡୁଛି। ଏଥିପାଇଁ ଚିନ୍ତାପ୍ରକଟ କରିଛନ୍ତି ପାହଡ ତଳି ଗାଁ ଘୁଙ୍ଗିର ଜନସାଧାରଣ। ଏହି ଐତିହ୍ୟ ସମ୍ପନ୍ନ ପାହାଡର ସୁରକ୍ଷା ଦିଗରେ ଜିଲା ପ୍ରଶାସନ ଏବଂ ବନ ବଭାଗ କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

ଲୋଇସିଂହା ସଦର ମହକୁମାଠାରୁ ୨୦କିମି ଦୂର କୁଶମେଲ ପଞ୍ଚାୟତର ଘୁଙ୍ଗି ଗାଁ। ଗାଁଠାରୁ ୨କିମ ଦୂରରେ ସୁନାଦେଇ ପାହାଡ ଅବସ୍ଥିତ। ପାହାଡରେ ସୁନାଦେଇ ଦେବୀ ବିରାଜମାନ କରିଛନ୍ତି। ଶିଖରକୁ ଚଢିବାକୁ ହେଲେ ୫ କିମି ଅତିକ୍ରମ କରିବାକୁ ହୋଇଥାଏ। ସ୍ଥାନୀୟ ଅଧିବାସୀଙ୍କ କହିବା ମୁତାବକ ସେଠାରେ ସୁନାର ହଳ, ଲଙ୍ଗଳ ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି। ଏହି ଅନୁସାରେ ପାହାଡର ନାମକରଣ ସୁନାଦେଇ ହୋଇଛି। ବହୁ ମୂଲ୍ୟବାନ ଗଛ ସବୁ ଏଠାରେ ରହିଛି। ପାହାଡ ତଳେ ୨ଶହ ଏକର ବିଶିଷ୍ଟ କୁଇଲିମୁଣ୍ଡା ଜଳପ୍ରକଳ୍ପ ରହିଛି। ପାହାଡରୁ ଆସୁଥିବା ଜଳ ଏହି ପ୍ରକଳ୍ପରେ ମିଶିଥାଏ। ପ୍ରକଳ୍ପରୁ ନିର୍ଗତ ଉଦ୍‌ବୃତ୍ତ ପାଣି ୩ କିମି ଦୂରରେ ଥିବା ସୁକତେଲ ନଦୀରେ ପଡିଥାଏ। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ପାହାଡ ଓ ଜଙ୍ଗଲର ଶୋଭାରାଜି ଉପଭୋଗ କରିବା ପାଇଁ ଆଖପାଖ ଓ ଦୂରଦୂରାନ୍ତରୁ ଲୋକଙ୍କ ସୁଅ ଛୁଟିଥାଏ। ଜଙ୍ଗଲରେ ଥିବା ଗଛଲତା ଏବଂ ପାହାଡରେ ଥିବା ମାଙ୍ଗାନିଜ ପଥର ପ୍ରତି ମାଫିଆଙ୍କ ଲୋଲୁପ ଦୃଷ୍ଟି ସବୁବେଳେ ରହିଥାଏ।



ସୁନାଦେଇ ପାହାଡରୁ ମୂଷଳ ବର୍ଷାରେ ଖସିଆସିଥିବା ପଥର ଖଣ୍ଡ।

ଗତ ୩ବର୍ଷ ହେବା ଘୁଙ୍ଗି ଗ୍ରାମବାସୀ ସୁନଦେଇ ପାହାଡର ସୁରକ୍ଷା ଦେଇ ଆସୁଛନ୍ତି। ସୁନାଦେଇ ଜଙ୍ଗଲରୁ ଗତବର୍ଷ ଗଛ ଚୋରିକୁ ନେଇ ସୁରକ୍ଷା ଦେଉଥିବା ଘୁଙ୍ଗି ଏବଂ କୁଶମେଲ ଦୁଇଗ୍ରାମ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏସବୁ ମଧ୍ୟରେ ଗତ ୧୩ ଓ ୧୪ ତାରିଖର ଲଗାଣ ବର୍ଷା ସୁନାଦେଇ ପାହାଡର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଖର ବେଗରେ ବର୍ଷାଜଳ ପାହାଡ ଉପରୁ ଖସି ଥିଲା। ଏଥିରେ ଉପରୁ ବଡବଡ ପଥର ଅତଡା ଖସି ଆସିଛି। ଏଣୁ ଗ୍ରାମର କୌସ୍ତୁବ ସାହୁ, ବିକାଶ ସାହୁ, କାର୍ତ୍ତିକ ସାହୁ, ସନୋଜ ସାହୁ, ତପୋବନ୍ତ ସାହୁ, ଆର୍ତ୍ତ ସାହୁ ପ୍ରମୁଖ ଏହି ଐତିହ୍ୟ ସମ୍ପନ୍ନ ପାହାଡ ଓ ତତ୍ ସଂଲଗ୍ନ ଜଙ୍ଗଲର ସୁରକ୍ଷା ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



ଜରାସିଂହା ମିନିଷ୍ଟାଡିୟମରେ ଜିଲାସ୍ତରୀୟ ନକଆଉଟ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସରେ ଅତିଥିଙ୍କ ଗହଣରେ ଖେଳାଳି ବୃନ୍ଦ।

## ନକ୍‌ଆଉଟ ଫୁଟବଲ: ଚନ୍ଦ୍ରପୁର ବିଜୟୀ

**ଦେଓଗାଁ,୨୩।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲାସ୍ତରୀୟ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଗ୍ରୁପ ଜି ପର୍ଯ୍ୟାୟ ମ୍ୟାଚ ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଶୁକ୍ରବାର ଥିଲା ଏହାର ତୃତୀୟ ଦିବସ। ଏହି ଦିନ ଚନ୍ଦ୍ରପୁର ଓ ଘୁଟିପାଲି ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଚନ୍ଦ୍ରପୁର ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜଗନ ଜେନା ଏକମାତ୍ର ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଲକ୍ଷ୍ମୀ ମହାନ୍ତି, ପ୍ରଶାନ୍ତ ଥନାପତି, କୁନ୍ତେ ମେହେର ଓ କୈଳାସ କର୍ତ୍ତି ଖେଳ ପରିଚାଳନା କରିଥିଲେ। ବିଏନଏଏ ସଭାପତି ସୁନ୍ଦରମଣି ଦଣ୍ଡସେନାଙ୍କ ପରିଚାଳନାରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ସମ୍ମାନୀତ ଅତିଥିଭାବେ ପ୍ରମୋଦ କୁମାର ବହିଦାର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶନିବାର ବର୍ଲା ଓ କୁଲିଆବାହାଲ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ଚାଷୀଙ୍କୁ ବୀମାଟଙ୍କା ମିଳିବାରେ ବିଳମ୍ବ

**ଦେଓଗାଁ,୨୩।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗା ବ୍ଲକର ଅଧିକାଂଶ ପଞ୍ଚାୟତରେ ୨୦୧୮-୧୯ ବର୍ଷରେ ମରୁଡି ଜନିତ କ୍ଷତି ହୋଇଥିଲା। ଏଥିସହ ପେଥାଇ, ଅଦିନିଆ ବର୍ଷା ଓ ଚକଡା ରୋଗ ଯୋଗୁ ଧାନଫସଲ କ୍ଷତି ହୋଇଥିଲା। ସବିଶେଷ ରିପୋର୍ଟ ପରେ ସରକାର କେତେକ ପଞ୍ଚାୟତକୁ ସରକାରୀ ପ୍ୟାକେଜ ଓ ମରୁଡି ଘୋଷଣା କରିଥିଲେ। ହେଲେ ପରିତାପର ବିଷୟ ଉକ୍ତ ପ୍ୟାକେଜ ଓ ବୀମାଟଙ୍କା ଅଦ୍ୟାବଧି ଚାଷୀଙ୍କ ଆକାଉଣ୍ଟକୁ ଆସିନାହିଁ। ପରିସ୍ଥିତି ଏହିପରି ଥିବା ବେଳେ ଚଳିତବର୍ଷର ବନ୍ୟା ଦାଉ ସାଧିଲା। ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଚାଷୀଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ ନକଲେ ସେପ୍ଟେମ୍ବର ୫ତାରିଖରେ ଦେଓଗାଁ ତହସିଲ ଅନ୍ତର୍ଗତ ସମସ୍ତ ଆରଆଇ ଅଫିସମାନଙ୍କରେ ତାଲାବନ୍ଦ ଆନ୍ଦୋଳନ କରାଯିବ ବୋଲି ବ୍ଲକ କୃଷକ ମହାମଞ୍ଚର ଆବାହକ ଶ୍ୟାମସୁନ୍ଦର ଦାଶ ଏକ ପ୍ରେସବିବୃତିରେ ଚେତାବନୀ ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ଚାଷୀମାନଙ୍କୁ ସହାୟତା ରାଶି ମିଳିବାରେ ଦେଓଗାଁ ତହସିଲଦାର କାଳକ୍ଷେପଣ ନୀତି କରୁଛନ୍ତି। ଗତ ଆଠ ମାସରୁ ଉର୍ଦ୍ଧ୍ୱ ହେଲା ଆରଆଇମାନେ ରିପୋର୍ଟ ଦାଖଲ କରି ଜିଲାପାଳଙ୍କ ମଞ୍ଜୁରୀ ଥିଲେ ହେଁ ଗତବର୍ଷର ପ୍ୟାକେଜ ଟଙ୍କା ଚାଷୀଙ୍କୁ ଦିଆଯାଇ ପାରିନାହିଁ ପୁନଶ୍ଚ ୨୦୧୮-୧୯ରେ ଚାଷୀମାନେ କରିଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ଆଇଏଫଏସସି କୋର୍ଡ ନ ଥିବା ଆଳରେ ଚାଷୀଙ୍କ ଖାତାରେ ଟଙ୍କା ପଡି ପାରିନାହିଁ। ଏ ଦିଗରେ ଦଲାଲମାନେ ରହି ଚାଷୀଙ୍କୁ ହଇରାଣ କରୁଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି ବୋଲି ଆବାହକ ଦାଶ ଅଭିଯୋଗ ଉଠାଇଛନ୍ତି।

# କାମ ବନ୍ଦ କଲେ ଶ୍ରମିକ

**ଲାଠୋର, ୨୩।୮(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସଦର ଗ୍ରାମର ଶ୍ରମିକମାନେ ଟଙ୍କପାଣି ରେଳ ଫାଟକ ନିକଟରେ କାର୍ଯ୍ୟ କରୁଥିଲେ। ହେଲେ ଠିକାଦାର ପ୍ରାପ୍ୟ ପ୍ରଦାନରେ ବିଳମ୍ବ କରିଥିବା ଅଭିଯୋଗ କରି ସେମାନେ କାର୍ଯ୍ୟ ବନ୍ଦ କରଛନ୍ତି। ପ୍ରାପ୍ୟ ପ୍ରଦାନ ପରେ କାର୍ଯ୍ୟ ଆରମ୍ଭ କରାଯିବ କହି ଶୁକ୍ରବାର ସେମାନେ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟଙ୍କପାଣି ଗ୍ରାମର ଦିଗ ହଂସ, ରୋହିତ ନାଗ, ଗୌରାଙ୍ଗ ଜଗତ, ଜୟକୃଷ୍ଣ ଷାଣ୍ଢ, ଶତ୍ରୁଘନ ଶବର, ବସନ୍ତ ହଂସ, ଦୀନବନ୍ଧୁ ତାଣ୍ଡି, ରମେଶ ହଂସ, ଗୌରାଙ୍ଗ ହଂସ ପ୍ରମୁଖ ଶ୍ରମିକମାନଙ୍କୁ ଟିଟିଲାଗଡର ଜଣେ ଠିକାଦାର ଦୈନିକ ମଜୁରି ହିସାବରେ ଗତ ଜୁନ ୨୦୧୯ଠାରୁ କାର୍ଯ୍ୟରେ ଲଗାଇଥିଲେ। ହେଲେ ସେ ଶ୍ରମିକମାନଙ୍କୁ ଠିକ୍ ଭାବେ ପ୍ରାପ୍ୟ ପ୍ରଦାନ କରି ନାହାନ୍ତି। କେଉଁ ଶ୍ରମିକଙ୍କ ୧୫ ଦିନ ତ ଆଉ କାହାର ୧୨ ଓ ୧୦ଦିନ ଏହିପରି ପ୍ରାପ୍ୟ ପାଇବା ବାକି ଅଛି। ପ୍ରାପ୍ୟ ପାଇଁ ସେମାନେ କହିଲେ ଦିଆଯିବ କହି ସମୟ ଗଡାଯାଉଛି। ପ୍ରାପ୍ୟ ପାଇଁ ଶ୍ରମିକମାନେ ଅଡି ବସିଲେ ଠିକାଦାରଙ୍କ ମୁନସି ଓଲଟି ଶ୍ରମିକମାନେ ନେଇଥିବା ଅଗ୍ରୀମ ଟଙ୍କା ଫେରସ୍ତ ନକଲା ପର୍ଯ୍ୟନ୍ତ ମଜୁରି ଦିଆଯିବ ନାହିଁ ବୋଲି କହୁଛନ୍ତି। ଏଥିରେ ଅସନ୍ତୋଷ ପ୍ରକାଶ କରି ଶ୍ରମିକମାନେ ଶୁକ୍ରବାର କାର୍ଯ୍ୟବନ୍ଦ କରି ରେଳ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯେଉଁ ଶ୍ରମିକ ଅଗ୍ରୀମ ଟଙ୍କା ନେଇଛନ୍ତି ସେମାନଙ୍କଠାରୁ ଠିକାଦାର ଅସୁଲି କରିବା ପରିବର୍ତ୍ତେ ସେମାନଙ୍କୁ ମଜୁରି ନଦେବା କେତେ ଯୁକ୍ତିଯୁକ୍ତ ବୋଲି ଶ୍ରମିକମାନେ ଯୁକ୍ତି ବାଢ଼ିଛନ୍ତି। ପୁନଶ୍ଚ ଦୈନିକ ମଜୁରି ୩୫୦ ଟଙ୍କା ଦିଆଯାଉଥିବା ବେଳେ ଟଙ୍କପାଣିର ଶ୍ରମିକମାନଙ୍କୁ କାହିଁକି ୨୫୦ ଟଙ୍କା ଦିଆଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଠିକାଦାର ଶ୍ୟାମଲାଲ ଗୋଏଲଙ୍କୁ ପଚାରିବାରୁ ଶ୍ରମିକମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରି ସାରିଛୁ ବୋଲି କହିଛନ୍ତି। ଠିକାଦାର ପ୍ରାପ୍ୟ ଦିଆଯାଇଛି ବୋଲି କହୁଥିବା ବେଳେ ଶ୍ରମିକମାନେ ଅଧା ପ୍ରାପ୍ୟ ପାଇଥିବା କହୁଛନ୍ତି। ଉଭୟ ପକ୍ଷର କଥାରେ ତାଳମେଳ ନ ଥିବାରୁ ତଦନ୍ତ କରି ଶ୍ରମିକମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ ପାଇଁ ଦାବି ହେଉଛି।



ପ୍ରାପ୍ୟ ପ୍ରଦାନ ପ୍ରତିବାଦରେ ଶ୍ରମିକମାନେ ଟଙ୍କପାଣି ରେଳ ଫାଟକଠାରେ ପ୍ରତିବାଦ କରୁଛନ୍ତି।







ଟିକ୍ରାପଡା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ରାଧାକୃଷ୍ଣ, ଗୋପୀଗୋପାଳ ବେଶରେ ଗ୍ରାମ ପରିକ୍ରମା କରୁଛନ୍ତି (ବାମ)। ଜନ୍ମାଷ୍ଟମୀ ଅବସରରେ ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଏକତ୍ରିତ ପିଲାମାନେ (ମଝି)। ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ପିଲାମାନେ ରାଧାକୃଷ୍ଣ ବେଶରେ ଗାଁ ପରିକ୍ରମା କରୁଛନ୍ତି।

ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜନ୍ମାଷ୍ଟମୀ ପାଳିତ

# ରାଧାକୃଷ୍ଣ ବେଶରେ ସଜେଇ ହେଲେ ଛାତ୍ରୀଛାତ୍ର

**ଗୁଡଭେଲା, ୨୩।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲାର ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ତୁଷୁରା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆକାଶବାଣୀ କଳାକାର ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦଶରଥ ସାମଲ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ଜମ୍ବୁକୁମାର ଜୈନ, ସାଧୁ ଚରଣ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଜନ୍ମାଷ୍ଟମୀର ମହାତ୍ମ୍ୟ ସମ୍ପର୍କରେ ଅବଗତ କରିଥିଲେ। ଗଣେଶ୍ୱର ମେହେର ଭାଗବତ ପଠନ କରିଥିବା ବେଳେ ଶିଶୁମାନଙ୍କ ଦ୍ୱାରା କୃଷ୍ଣ ଜନ୍ମାଷ୍ଟମୀ ନାଟକ ପରିବେଷଣ ହୋଇଥିଲା। କଂସ ଭୂମିକାରେ ଶୁଭଙ୍କର ପାଢୀ, ବାସୁଦେବ ଶିବ ପ୍ରସାଦ ଅଗ୍ରୱାଲ, ଉଗ୍ରସେନ ହରିହର ସାହୁ ଚମତ୍କାର ଅଭିନୟ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ରାଧା, କୃଷ୍ଣ, ଗୋପୀଗୋପାଳ ବେଶରେ ସଜେଇ ହୋଇ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସୌଦାମିନୀ ଷଡଙ୍ଗୀ ସଂଯୋଜନା କରିଥିବାବେଳେ ବରିଷ୍ଠ ଆଚାର୍ଯ୍ୟ ଦେବାଶିଷ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବୃନ୍ଦାବନ ମେହେର,ରମେଶ ଚନ୍ଦ୍ର ଘିବେଲା, ଲିଙ୍ଗରାଜ ପ୍ରଧାନ, ଦେବାଶିଷ ସାହୁ ଓ ବିଦ୍ୟାଳୟର ଗୁରୁମା, ଗୁରୁଜୀ, ସେବିକା, ସେବକ ସହଯୋଗ କରିଥିଲେ। ସେହିପରି ତେନ୍ତୁଲିଖୁଣ୍ଟି ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଥବିର ମନହିରାଙ୍କ ଅଧକ୍ଷତାରେ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଦେଉଳଗୁଡି ପଞ୍ଚାୟତର ସରପଞ୍ଚ ସରୋଜ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ଉପସଭାପତି ସନକ ମହାନନ୍ଦ, ଶିଶୁବାଟିକା ପ୍ରମୁଖ ଟେମନ୍ତ ମନହିରା ପ୍ରମୁଖ ଉପସ୍ଥିତ ଥିଲେ।

**ଟିକ୍ରାପଡା(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଲୋକନାଥ ସେଠଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉପସଭାପତି ଅରକ୍ଷିତ କଲେତ, କମିଟି ସମ୍ପାଦକ ଅଜିତ କୁମାର ମେହେର ଅତିଥିଭାବେ ଯୋଗ ଦେଇଥିଲେ। ମଣ୍ଟୁ ବାଗ ସଭା ସଂଯୋଜନା କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଜିଲା ସତ୍‌ସଙ୍ଗ ପ୍ରମୁଖ ଲିଙ୍ଗରାଜ ବେହେରା ପ୍ରବଚନ ଦେଇଥିଲେ। ହୃଷିକେଶ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଛାତ୍ରୀଛାତ୍ର ଶ୍ରୀକୃଷ୍ଣ, ରାଧା, ଗୋପୀ, ଗୋପାଳ ବେଶରେ ଗ୍ରାମ ପରିକ୍ରମା କରିଥିଲେ।

**ଲୋଇସିଂହା(ଡି.ଏନ.ଏ.):** ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଶିକ୍ଷକ ହିମାଂଶୁଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତୀୟ ସଂସ୍କୃତିରେ ଜନ୍ମାଷ୍ଟମୀର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଚାଳନା ସମିତି ସମ୍ପାଦକ ବେଲାରସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟପରେ ଶିଶୁ ପ୍ରାରମ୍ଭ ଓ ଶିଶୁବୋଧ ଶ୍ରେଣୀର ଛାତ୍ରୀଛାତ୍ର କୃଷ୍ଣ ଓ ଯଶୋଦା ବେଶର ସଜ୍ଜିତ ହୋଇ ଗୁରୁମା ଗୁରୁଜୀଙ୍କ ସହ ବାଦିବାହାଲ ଗ୍ରାମକୁ ଶୋଭାଯାତ୍ରାରେ ଯାଇଥିଲେ।

**ଖପ୍ରାଖୋଲ, (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ରମାନେ ସଜ୍ଜିତ ହୋଇ ବିଦ୍ୟାଳୟରେ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ପାଳନ କରିଥିଲେ। ପରେ ରାଧାକୃଷ୍ଣ ବେଶରେ ସଜ୍ଜିତ ସେମାନେ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସନ୍ୟାସୀ କଡୁଆ, ଚିତ୍ତରଞ୍ଜନ ବେହେରା, ନବୀନ ଦାଶ, ଜ୍ୱାଳାଧାର ମିଶ୍ର, ସୁନିତା ନାଏକ, ଅନୁଷ୍ଠାନ ସଭାପତି ପଞ୍ଚାନନ ସାହୁ, ସମ୍ପାଦକ ଗୋପିକୃଷ୍ଣ ଥନାପତି, ଅଜୟ ଭୋଇ ସମେତ ଆଚାର୍ଯ୍ୟା, ଆଚାର୍ଯ୍ୟ , ଅଭିଭାବକ ଉପସ୍ଥିତ ଥିଲେ।

**ଦେଓଗାଁ(ଡି.ଏନ.ଏ.):** ଦେଓଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଶୁଶିଳ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଶିଶୁ ଭଉଣୀ ଭାଇମାନେ ଶ୍ରୀକୃଷ୍ଣ, ବଳରାମ, ଶ୍ରୀରାଧା, କଂସ, ଗୋପି ଆଦି ବିଭିନ୍ନ ଚରିତ୍ରରେ ସଜ୍ଜିତ ହୋଇ ନାଟ୍ୟାଭିନୟ କରିଥିଲେ। ଜରାସିଂହାରେ ପ୍ରଧାନ ଆଚାର୍ଯ୍ୟ ବିଶ୍ୱମୋହନ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟିସଭାପତିଅମୂଲ୍ୟ କୁମାର ମେହେର ଯୋଗଦେଇଥିଲେ। ସମ୍ମାନୀତ ଅତିଥି ସମ୍ପାଦକ କାମେଶ୍ୱର ମେହେର, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରବୀର ସିଂ ନିନା ଯୋଗଦେଇ ଶ୍ରୀକୃଷ୍ଣଙ୍କ ଜନ୍ମ ଓ ତାଙ୍କ ଲୀଳା ଉପରେ ମାର୍ଗଦର୍ଶନ କରିଥିଲେ। ଆଚାର୍ଯ୍ୟ ତପସ୍ୱିନୀ ନାଏକ ଅତିଥି ପରିଚୟ ଓ ଆଚାର୍ଯ୍ୟା ନେତ୍ରମଣି ସିଂ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ୭୦ଜଣ ଶିଶୁ ଭଉଣୀଭାଇ ବିଭିନ୍ନ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ।

**କଣ୍ଟାବାଞ୍ଜି (ଡି.ଏନ.ଏ.):** କଣ୍ଟାବାଞ୍ଜି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରର ଛାତ୍ରୀଛାତ୍ର ଶ୍ରୀକୃଷ୍ଣ, ଶ୍ରୀରାଧା ବେଶରେ ସଜ୍ଜିତ ହୋଇ ବିଦ୍ୟାଳୟକୁ ଆସିଥିଲେ। ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ ଆରମ୍ଭ କରି କଂସବଧ ଏବଂ ଦଧିହାଣ୍ଡି ଭାଙ୍ଗିବା ଯାଏ ସେମାନେ ଦୃଶ୍ୟ ଅଭିନୟ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସାଧାରଣ ସମ୍ପାଦକ ବ୍ରଜଶ୍ୟାମ ଗୁରୁ, ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ସହ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ଉପସ୍ଥିତ ଥିଲେ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବିଧାୟକଙ୍କ କଲେଜ ପରିଦର୍ଶନ

**ରିଷିଡା,୨୩।୮(ଡି.ଏନ.ଏ)-** ବିଧାୟକ ଭୁପିନ୍ଦର ସିଂ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଜେ.କେ. କଲେଜ (ଜୁନିୟର) ପରିଦର୍ଶନ କରିଥିଲେ। ବିଧାୟକ ସିଂ ଅଧାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏପରି କି ବିଧାୟକ ସିଂ ଛାତ୍ରୀଛାତ୍ରମାନଙ୍କୁ କଠିନ ପରିଶ୍ରମ କରି ନିଜ ଲକ୍ଷ୍ୟ ହାସଲ କରିବାକୁ ବୁଝାଇଥିଲେ। କଲେଜର ପାଠପଢ଼ା ଏବଂ ପରିବେଶ ଦେଖି ସେ ସନ୍ତୋଷ ବ୍ୟକ୍ତ କରିଥିଲେ। କଲେଜ ପ୍ରିନ୍ସିପାଲ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀଙ୍କ ସହ ସମସ୍ତ ଆଧାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

### ସାକ୍ଷୀପଡ଼ା କ୍ୟାଥୋଲିକ୍ ଚର୍ଚ୍ଚରେ ସଦ୍‌ଭାବନା ଦିବସ

**ସମ୍ବଲପୁର, ୨୩।୮ (ବ୍ୟୁରୋ)-** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସାକ୍ଷୀପଡା କ୍ୟାଥେଲିକ ଚର୍ଚ୍ଚ ପରିସରରେ ସଦ୍‌ଭାବନା ଦିବସ ଅନୁଷ୍ଠିତ ହୋଇଯାଇଛି । ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ମାରିଆନୁସ ବିଲୁଙ୍ଗଙ୍କ ପରିଚାଳନାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଇନ୍ଦୁ ଭୂଷଣ ମହାପାତ୍ର, ବିଜୟ ସାହୁ, ଶେଖ ସୁଫିଆନ୍ ଉଲ୍ଲା ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଅନୁରାଗ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆକର୍ଷଣ ସାଜିଲା ରାଧାକୃଷ୍ଣ ବେଶ ପ୍ରତିଯୋଗିତା

**ସିନାପାଲି, ୨୩।୮ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍‌ର ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଓ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିନାପାଲି ସଦର ସ୍ଥିତ ଶିଶୁ ବିଦ୍ୟା ମନ୍ଦିରରେ ବେଶ ହର୍ଷୋଲ୍ଲାସର ସହିତ ଜନ୍ମାଷ୍ଟମୀ ଓ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ସମସ୍ତ ଭାଇ ଭାଉଣୀ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଶ୍ରୀକୃଷ୍ଣ ଓ ରାଧାଙ୍କ ପୂଜନ କାର୍ଯ୍ୟ ହୋଇଥିଲା । ଏଥିରେ ସିନାପାଲି ଅଞ୍ଚଳର ଅନେକ ବରିଷ୍ଠ ନାଗରିକ, ଅଭିଭାବକ ଯୋଗଦାନ କରି ଭାଇଭଉଣୀଙ୍କୁ ଉତ୍ସାହିତ କରିବା ସହ ଜନ୍ମାଷ୍ଟମୀ ପାଳନ ଉପରେ ସମ୍ୟକ ବର୍ଣ୍ଣନା କରିଥିଲେ। ଯାହାକି ଆଗାମୀ ପିଢି ପାଇଁ ଶ୍ରୀକୃଷ୍ଣ ଗାଥାବଳୀ ବେଶ୍ ଉପଯୋଗୀ ହୋଇପାରିବ। ଏହି ଅବସରରେ ମୁଖ୍ୟଅତିଥି ଭାବରେ ହାତୀବନ୍ଧା ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପର୍ଶୁରାମ ମେହେର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶିଶୁମନ୍ଦିର ସଭାପତି ତୁଳସୀରାମ ମେହେର, କୋଷାଧ୍ୟକ୍ଷ ବୈଷ୍ଣବ ମେହେର, ସମ୍ପାଦକ ନନ୍ଦକୁମାର ପାତ୍ର, ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ବାବୁ ଯୋଗଦାନ କରି ଜନ୍ମାଷ୍ଟମୀର ମହତ୍ତ୍ୱ ଉପରେ ବୁଝାଇଥିଲେ। ଏହି ସମାରୋହରେ ଗୁରୁଜୀ ପଞ୍ଚାନନ ନାଏକ ସଂଯୋଜନା କରିଥିବା ବେଳେ ସ୍ୱପ୍ନ କୁମାର କାଣ୍ଡ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପରେ ଭାଇଭଉଣୀମାନଙ୍କୁ ନେଇ ସିନାପାଲି ସହର ପରିକ୍ରମା କରାଯାଇଥିଲା । ଏଥିରେ ଗୁରୁଜୀ ରୋହିତାଶ୍ୱ ନାଏକ, ଲଳିତ ନାଏକ, ଲକ୍ଷ୍ମଣ ବାଗ, ସୁରେଶ କୁମାର ନାଏକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସିଂଗଝର ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ମଧ୍ୟ ହର୍ଷଉଲ୍ଲାସର ସହିତ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପ୍ରାୟ ଅପରାହ୍ନ ୨ ଟାରେ ପରିଚାଳନା କମିଟିର ଚଣ୍ଡୀଚରଣ ବିଶି, ଚନ୍ଦ୍ରଭାନୁ କଶ୍ୟପ, ଶତୃଘ୍ନ ପ୍ରଧାନ, ଶ୍ରୀରାମ ଦାସ ଉପସ୍ଥିତ ରହି ଭାଇଭଉଣୀଙ୍କୁ ଉତ୍ସାହିତ କରୁଥିଲେ। ଏଥିରେ ପ୍ରଧାନ ଆଚାର୍ଯ୍ୟ ଶଙ୍କରଲାଲ ରାଉତଙ୍କ ସମେତ ସମସ୍ତ ଗୁରୁଜୀଗୁରୁମା ଉପସ୍ଥିତ ରହି ପୂଜନ କାର୍ଯ୍ୟ ସରିବା ପରେ ନଗର ପରିକ୍ରମା କରିଥିଲେ। ପରେ ଶ୍ରୀକୃଷ୍ଣ ଓ ବଳରାମ ଭାଇମାନଙ୍କ ଦ୍ୱାରା ଦଧିହାଣ୍ଡି ଭଙ୍ଗାଯାଇଥିଲା । ସେହିଭଳି ନିଲଜୀ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ମଧ୍ୟ ଜନ୍ମାଷ୍ଟମୀ ଓ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସିନାପାଲି ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ୍ ସରୋଜିନୀ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ନିଲଜୀ ହାଇସ୍କୁଲ ବିଜ୍ଞାନ ଶିକ୍ଷକ କପିଳେଶ୍ୱର ପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ । ଅନ୍ୟତମ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ୍ ସତ୍ୟବ୍ରତ ଗହିର, ଅଶୋକ ପ୍ରଧାନ, ତାରାଚନ୍ଦ୍ର ପ୍ରଧାନ ଯୋଗଦାନ କରି ଭାଇଭଉଣୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସମାରୋହରେ ପ୍ରଧାନଆଚାର୍ଯ୍ୟ ରସାନନ୍ଦ କୁମାର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରୀ ଦୀପକ ସା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ଅତିଥିମାନଙ୍କ ଦ୍ୱାରା ଶିଶୁ ଭାଇଭଉଣୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ପରିଚାଳନା ସମିତି ଓ ସମସ୍ତ ଗୁରୁଜୀ ଗୁରୁମାଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ହାତୀବନ୍ଧା ଓ ଗଣ୍ଡାବାହାଲିରେ ମଧ୍ୟ ବେଶ ଯାକଜମକର ଜନ୍ମାଷ୍ଟମୀ ଓ ରାଧାକୃଷ୍ଣ ବେଶ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।



ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ପିଲାମାନେ ସାମିଲ ହୋଇଛନ୍ତି।

**ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ**



ଜ୍ଞାନବିଜ୍ଞାନ ମେଳାରେ ଜଣେ ଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**କୋମନା,୨୩।୮(ଡି.ଏନ.ଏ.)**

କୋମନା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି କ୍ଷମାସାଗର ଭୋଇ, ଯୁଗ୍ମ ସମ୍ପାଦକ ରମେଶ ପାତ୍ର ଓ ଉପଦେଷ୍ଟା ଈଶ୍ୱର ଚନ୍ଦ୍ର ପଟେଲ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଥମ ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୭୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁରେଶ୍ୱର ହାଇସ୍କୁଲ ବିଜ୍ଞାନ ଶିକ୍ଷକ କଇଲାସ ଚନ୍ଦ୍ର ନାଏକ, ଜିତାମିତ୍ର ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଅଶୋକ ମିଶ୍ର ଓ ବାଳିକା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ରତନ ତିବାରୀ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରକଳ୍ପଗୁଡିକ ପରିଦର୍ଶନ କରି ମୂଲ୍ୟାୟନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା କମିଟିର ସଭାପତି ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ସୋବିନ ଛତ୍ରିଆଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରମୁଖ ଗଉର ଚନ୍ଦ୍ର ରାଉତ, ଗୁରୁଜୀ ବିଶ୍ୱକାନ୍ତ ପଟେଲ, କପିଲ ଅଦା, ଗୁରୁମା ପ୍ରତିଭା ଭୋଇ, ଅବୟନ୍ତୀ ଦାସ, ନିଶି ଛତ୍ରିଆ ପ୍ରମୁଖ ପରିଚାଳନା କରିଥିଲେ। ମେଳାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ

**ବୋଡେନ, ୨୩।୮ (ଡି.ଏନ.ଏ.)**

ବୋଡେନ ସରସ୍ୱତୀ ଶିଶୁ ମନ୍ଦିରଠାରେ ଭାଦ୍ରବ ମାସର ଅଷ୍ଟମ ତିଥିଦିନରେ ଶ୍ରୀକୃଷ୍ଣଜନ୍ମାଷ୍ଟମୀ ପର୍ବପାଳନ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଦଣ୍ଡେଇବସା ଅଷ୍ଟପଲ୍ଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୋହିତ କୁମାର ସାମନ୍ତ, ସମ୍ମାନିତ ଅତିଥି ଭାବରେ ପାଣ୍ଡବ ଭୋଇ, ବିଦ୍ୟାଳୟର ପରିଚାଳନା ସମିତି ସଭାପତି ସୁଜନେଶ୍ୱର ସିଂ ମଲ୍ଲିକ, ଯୁଗ୍ମ ସମ୍ପାଦକ ଟିକେଶ୍ୱର ନାଗ, ଉପଦେଷ୍ଟା ରୋହିତ କୁମାର ଦଣ୍ଡସେନା ପ୍ରମୁଖ ସମସ୍ତେ ଉପସ୍ଥିତ ହୋଇଥିଲେ । ବିଦ୍ୟାଳୟର ପ୍ରଧାନ ଗୁରୁଜୀ ତ୍ରିନାଥ ନାଗ ସ୍ୱାଗତ ସମ୍ବର୍ଦ୍ଧନା ସହ ପରିଚାଳନା କରିଥିଲେ । ଏହି ଅବସରରେ ଅତିଥିମାନେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହତ୍ତ୍ୱବାଣୀ ଉପରେ ବୁଝାଇଥିଲେ। ଏଥିରେ ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ର ବିଭିନ୍ନ ପୋଷାକ ପରିବେଶରେ ଶ୍ରୀକୃଷ୍ଣ, ଯଶୋଦା, ରାଧା, କଂଶ ବେଶରେ ସୁସଜ୍ଜିତ ଭାବରେ ଆସିଥିଲେ । ଶ୍ରୀକୃଷ୍ଣଙ୍କର ଦହିହାଣ୍ଡି ଭଙ୍ଗାକାର୍ଯ୍ୟକ୍ରମ ଶେଷ ପରେ ସମସ୍ତ ଶିଶୁମାନଙ୍କୁ ନେଇ ବୋଡେନ ବସ୍ତି ପରିକ୍ରମା କରାଯାଇଥିଲା। ଏଥିରେ ବିଦ୍ୟାଳୟର ଗୁରୁଜୀ ଗୁରୁ ମା'ମାନେ ସହଯୋଗ କରିଥିଲେ। ସେହିପରି ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ପାଳନ କରିବା ସହିତ ତିର୍ଥକ୍ଷେତ୍ର ପାତଳଗଙ୍ଗା ରାଧାକୃଷ୍ଣ ମନ୍ଦିରଠାରେ ମଧ୍ୟ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପର୍ବ ପାଳନ କରାଯାଉଛି। ଏଠାରେ ପୂଜା କରିବା ସହିତ ଶ୍ରୀକୃଷ୍ଣ ଚରିତ୍ର ଉପରେ ପୁରାଣ ପଠନ କରାଯାଇଥାଏ । ଏହି ରାଧାକୃଷ୍ଣ ମନ୍ଦିରରେ ବୋଡେନ ବ୍ଲକ ଯାଦବ ସମାଜ ଆନୁକୁଲ୍ୟରେ ମହାସମାରୋହରେ ପାଳନ ହୋଇଥାଏ। ଏଥିରେ ନୂଆପଡା ଜିଲାର ଯାଦବ ସମାଜର କର୍ମକର୍ତ୍ତା ତଥା ଅନ୍ୟ ବର୍ଗର ଲୋକମାନେ ଉପସ୍ଥିତ ହୋଇଥିଲେ। ଏଠାରେ ଭଜନ କୀର୍ତ୍ତନ କରି ଦିନତମାମ ସହିତ ରାତିରେ ଉଜାଗର ରହି ପୂଜା କରିଥିଲେ। ମନ୍ଦିରର ପରିଚାଳନା କମିଟି ହିତେଶ ବର୍ଗତି, ଲମ୍ବୋଦର ନିଆଲ, ସୁରେଶ ବାଗ, ବେଦବ୍ୟାସ ନାଗ, କିଶୋର ନାଗ, ରିଖିରାମ କାଣ୍ଡ, ଗୌରୀଶଙ୍କର ନାଗ ପ୍ରମୁଖ ସମସ୍ତେ ସହଯୋଗ କରିଥିଲେ।

**ନୂଆପଡା ଅଫିସ/ତରବୋଡ:** ଶୁକ୍ରବାର ନୂଆପଡା ଜିଲାର ପୁରପଲ୍ଲୀରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଧୂମଧାମରେ ପାଳିତ ହୋଇଥିବାବେଳେ ନୂଆପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ପୂଜା ଆକର୍ଷଣୀୟ ହୋଇଥିଲା । ଏହିଭଳି ତରବୋଡରେ ହୋଇଥିବା ପୂଜାରେ ଶିଶୁ ଶ୍ରୀକୃଷ୍ଣ ସମସ୍ତଙ୍କ ମନମୋହିଥିଲା ।

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସକାଳ ଠିକ ୮ଟାବେଳେ ପୂଜାରମ୍ଭ ହୋଇଥିଲା । ଏଥିରେ ପୂଜକ ଶ୍ରୀବତ୍ସ ପଣ୍ଡା ବିଧିମୁତାବକ ପୂଜା କରିଥିଲେ । ଏଥିରେ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ଆସି ଯୋଗ ଦେଇଥିଲେ। ପ୍ରଥମେ ଶିଶୁମାନେ ରାଧାକୃଷ୍ଣ ବେଶରେ ଆସି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୋଟ ୧୨୨ଜଣ ରାଧାକୃଷ୍ଣ ବେଶରେ ଆସିଥିଲେ । ଏମାନଙ୍କୁ ନେଇ ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ହୋଇଥିଲା। ଗୁରୁମାମାନେ ଲଡୁ ଗୋପାଳ କାର୍ଯ୍ୟକ୍ରମ କରିଥିଲେ। ଏହା ସମସ୍ତଙ୍କ ପାଇଁ ଉପଭୋଗ୍ୟ ହୋଇଥିଲା । ଶେଷରେ ସମସ୍ତଙ୍କୁ ପ୍ରସାଦ ସେବନ ହୋଇଥିଲା। ଏଥିରେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଚାର୍ଯ୍ୟ କନ୍ଦର୍ପ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା, ଗୁରୁମା ଗୁରୁଜୀମାନେ ଯୋଗ ଦେଇଥିଲେ । ଏହିଭଳି ତରବୋଡସ୍ଥିତ ଶିଶୁ ମନ୍ଦିରରେ ମଧ୍ୟ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମଧ୍ୟ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ହୋଇଥିଲା । ରାଧାକୃଷ୍ଣ ଗୀତରେ କ୍ୟାମ୍ପସ ଦୁଲୁକିଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ପରମାନନ୍ଦ ହଂସ, ସମ୍ପାଦକ ବିଶ୍ୱମ୍ଭର ରାଉତରାୟ, ପ୍ରଧାନଚାର୍ଯ୍ୟ ରବୀନ୍ଦ୍ର ସାହୁଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀମାନେ ଯୋଗ ଦେଇଥିଲେ । ଏହିଭଳି ବିଭିନ୍ନ ଶିଶୁ ବିଦ୍ୟାମନ୍ଦିରରେ କାର୍ଯ୍ୟକ୍ରମମାନ ଧୂମଧାମରେ ପାଳିତ ହୋଇଛି।



ବୋଡ଼େନରେ ଶ୍ରୀକୃଷ୍ଣଜନ୍ମାଷ୍ଟମୀ ଉତ୍ସବ ପାଳନରେ ପିଲାମାନେ ସାମିଲ ହୋଇଛନ୍ତି।

### ବାଂଲାଦେଶୀ ଅନୁପ୍ରବେଶ ବଢୁଛି

# ଧର୍ମାନ୍ତରୀକରଣରେ ସରକାର ନୀରବ

**ସମ୍ବଲପୁର, ୨୩।୮ (ବ୍ୟୁରୋ)**

ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି । ଜିଲା ପ୍ରଶାସନ ପାଖରେ କୌଣସି ତଥ୍ୟ ରହୁନାହିଁ। ଅପରପକ୍ଷେ ସମ୍ବଲପୁର ସହର ସମେତ ଜିଲାର ବିଭିନ୍ନ ଆଦିବାସୀ ଅଧୁଷିତ ଅଞ୍ଚଳରେ ଧର୍ମାନ୍ତିକରଣ ହେଉଛି । ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପାଖରେ ଅଭିଯୋଗ କଲେ ମଧ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରା ଯାଉନି। ଏଣୁ ହିନ୍ଦୁ ଧର୍ମ ପ୍ରତି ବିପଦ ରହିଛି। ସ୍ୱର୍ଗତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଧର୍ମ ପରିବର୍ତ୍ତନ ଦିଗରେ ସ୍ୱର ଉତ୍ତୋଳନ କରିଥିଲେ । କିନ୍ତୁ ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଶୁକ୍ରବାର ସମ୍ବଲପୁର ଭିଏସ୍‌ଏସ୍ ମାର୍ଗସ୍ଥିତ ଏକ ହୋଟେଲର ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସଂଗଠନ ମହାମନ୍ତ୍ରୀ ବିନାୟକ ରାଓ ଦେଶପାଣ୍ଡେ ଏହା କହିଛନ୍ତି ।

ଜାମ୍ମୁକାଶ୍ମୀରରେ ୩୭୦ ଧାରା ଓ ୩୫ (ଏ) ଧାରା ଉଚ୍ଛେଦ କରିବାକୁ ପୂର୍ବରୁ ବିଶ୍ୱ ହିନ୍ଦୁ ପରିଷଦ ଦାବି କରି ଆସୁଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଶେଷରେ ଉଚ୍ଛେଦ କରିଛନ୍ତି। ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଅପରପକ୍ଷେ ଅଯୋଧ୍ୟା ରାମମନ୍ଦିର ନିର୍ମାଣ ପ୍ରସଙ୍ଗ ସୁପ୍ରିମ କୋର୍ଟରେ ବିଚାରାଧୀନ ଚାଲିଛି । ଖୁବ ଶୀଘ୍ର ରାୟ ପ୍ରକାଶ ପାଇବ। ହିନ୍ଦୁ ଧର୍ମ ସପକ୍ଷରେ ଯିବ ବୋଲି ଆଶା ଅଛି। ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣ କରାଯିବ । ୧୦ ବର୍ଷ ତଳେ ଦେଶରେ ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟିଆନ୍ଙ୍କ ସଂଖ୍ୟା ଯେତିକି ଥିଲା, ତାହା ବର୍ତ୍ତମାନ ଅସନ୍ତୁଳନ ହୋଇଛି । ହିନ୍ଦୁ ଧର୍ମାବଲମ୍ବୀଙ୍କ ତୁଳନାରେ ଅନ୍ୟମାନଙ୍କ ସଂଖ୍ୟା ଅନେକ ଗୁଣ ବଢ଼ିଛି । ଏହା ଦେଶ ପାଇଁ ବିପଦ। କେନ୍ଦ୍ର ସରକାର ଅସନ୍ତୁଳ ଜନସଂଖ୍ୟା ରୋକିବା ଦିଗରେ ଯତ୍ନଶୀଳ ହେବା ସମୟ ଆସିଛି ବୋଲି ଦେଶପାଣ୍ଡେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ବିଶ୍ୱ ହିନ୍ଦୁ ପରିଷଦ ସଭାପତି ସୁଶୀଲ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରାନ୍ତ ସହସମ୍ପାଦକ ରାଜୀବ କୁମାର ଶତପଥୀ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋ- ସୁରକ୍ଷା ପ୍ରମୁଖ ବିଜୟ ସାହୁ, ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।



ଶୁକ୍ରବାର ସମ୍ବଲପୁରରେ ଭିଏଚପି କେନ୍ଦ୍ରୀୟ ସଂଗଠନ ମହାମନ୍ତ୍ରୀ ବିନାୟକ ରାଓ ଦେଶପାଣ୍ଡେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

### ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# କୋମନା ଇଲେଭେନ ଫାଇନାଲରେ ପ୍ରବେଶ

**କୋମନା,୨୩।୮ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ତରବୋଡସ୍ଥିତ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମରେ ଚାଲିଥିବା ଦ୍ୱାଦଶ ଇଣ୍ଡିପେଣ୍ଡେଣ୍ଟ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ସେମି ଫାଇନାଲ ମ୍ୟାଚରେ କୋମନା ଫାଇନାଲକୁ ପ୍ରବେଶ କରିଛି। ତରବୋଡ ଫୁଟବଲ ସଂଘ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ପୂର୍ବାହ୍ନରେ କୋମନା ଓ ତରବୋଡ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟଙ୍କ ମଧ୍ୟରେ କଡା ମୁକାବିଲା ହେବା ପରେ କେହି କାହାକୁ ଗୋଲ ଦେଇ ନ ଥିଲେ। ଫଳରେ ପେନାଲଟି ଶୁଟ ଆଉଟର ଆଶ୍ରୟ ନିଆଯାଇଥିଲା। ଏଥିରେ କୋମନା ଦଳ ତରବୋଡ ଦଳକୁ ୪-୩ ଗୋଲରେ ହରାଇ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚରେ ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପସିଂ ମାଝି, ସଆଲଟି ସରପଞ୍ଚ ରୁଦ୍ରସିଂ ମାଝୀ, ପଲସିପାଣି ସରପଞ୍ଚ ଓନମ ଶବର,ସମାଜସେବୀ ଦୟାନିଧି ଶବର, ଶିକ୍ଷକ ସରଜୁ ନିଆଲ ଓ ନରେଶ ଅହିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେମିଫାଇନାଲ ମ୍ୟାଚକୁ ହରିହର ସାହୁ, ବଲରାମ ସରାଫ,ଚଇତନ୍ୟ ମାଝୀ ଓ ଅମନ ଛତ୍ରିଆ ଖେଳ ପରିଚାଳନା କରିଥିବା ବେଳେ ଭୋଜରାମ ଅହିର,ପର୍ଶୁରାମ ଅହିର ଏବଂ ଦୟାଲାଲ ଅହିର ଧାରା ବୀବରଣୀ ପ୍ରଦାନ କରିଥିଲେ।



ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଖେଳାଳିଙ୍କ ସହ ଅତିଥି।

### ନୂଆଁଖାଇ ଆଗ୍‌ରୁ ମାତ୍‌ଲେନ ଦାଦନ ଦଲାଲ

# ଶ୍ରମିକଙ୍କୁ ବଏନା ଦେବାକେ ଗାଁ ଗାଁ ବୁଲୁଛନ୍

**ଭବାନୀପାଟଣା, ୨୩।୮ (ଡି.ଏନ୍.ଏ.)**

**କଳାହାଣ୍ଡି ଜିଲା**

ନୂଆଁଖାଇ ଯେତେ ପାସ୍‌କେ ପାସ୍‌କେ ଆସୁଛେ ଦାଦନ ଦଲାଲମାନକର ଭିଡ଼ ଗାଁଗଁଲିରେ ସେତେ ଜମ୍‌ବାରେ ଲାଗିଛେ। ଦାଦନ ଶ୍ରମିକ୍‌ମାନକୁ ଦଲାଲ୍‌ମାନେ ଗାଁଗାଁ ବୁଲି ବଏନା ଦେଇବାର ସଂଗେ ଆବ୍‌ରୁଛନ୍। ନୂଆଁଖାଇ ସରତେ ସରତେ କେନ୍‌ଥେଇ ସୁବିଧାରେ ସେମାନେ ଦାଦନ ଖଟିଯିବେ ସେଥିରଲାଗି ତାକର ସଂଗେ କଥାବାରତା ଛିଡ଼ଉଛନ୍। ହେଲେ ଇ ଦାଦନ ସମସିଆ ଉପରେ ଲଗାମ୍ କସ୍‌ବାକେ ଜିଲା ପରଶାସନ କି ଶ୍ରମ ବିଭାଗର ଦରଦ୍ ଥିଲାଲେଖେଁ ନାଇଁ ଲାଗ୍‌ବାର। ଯେନ୍‌ଥିରଲାଗି ଇ ସମସିଆଟା କଳାହାଣ୍ଡି ଜିଲାରେ ଦିନୁଦିନ୍‌କେ କମ୍‌ବାର ଜାଗାରେ ବଢ଼ତେଲ ଯାଉଛେ। ଫିବଛର ଅନେକ ଦାଦନ ଶ୍ରମିକ୍‌ମାନକର ଶବ୍ ଗାଁକେ ଫିରୁଥିଲାବେଲେ, କେତେ ଭିନେ ଭିନେ କାରନ୍‌ରୁ ଗୋଡ଼ହାତ୍ ହରେଇ ଅପାରୁ ହେଇ ଗାଁକେ ଫିରୁଛନ୍।

ସୂଚନା ହିସାବେ ଗଲା ୫ ବଛର ଭିତରେ ଜିଲାରେ ପାଖାପାଖି ୨ଶହ ଦାଦନ୍ ଶ୍ରମିକ୍‌କଁର ମୁର୍‌ତୁ ହେଇଛେ। ସେନ୍‌ତା ୨୦୧୮ ଗୁଟେ ବଛର୍‌ରେ ଖାଲି ୨୩ରୁ ଅଧିକା ଦାଦନ୍ ଶ୍ରମିକ୍‌କର ଶବ ଗାଁକେ ଫିରିଛେ। କଳାହାଣ୍ଡି ଜିଲାରେ ନୂଆଁଖାଇ ସଏଲା ଉତାରୁ ଦାଦନ୍ ଖଟିଯିବାର ଗୁଟେ ରିବ୍‌ମା ଅନେକ ଦିନୁ ଚଲିଆସୁଛେ। ଅନେକ୍ ଗରିବ୍ ଦୁଖି କୁଟୁମ ପୁଷ୍‌ବାର ଲାହାଁସେ, ଭଲ ଦୁଇ ପଏସା କମାବାର ଆଶ୍‌ରେ ଉନିଆ ରାଏଜ୍‌କେ ଦାଦନ ଖଟିଯାଉଛନ୍। ଅଂଚଲରେ କାମ୍‌ଧଁଦା ଅଭାବ୍‌କେ କେତେ ଲାଗ୍‌ବାଡ଼ି ସୁଝବାର ଲାଗି ବି ଉନିଆ ରାଏଜ୍‌କେ ଦାଦନ ଖଟିଯାଉଛନ୍। ଇଆଡ଼େ ରାଏଜ୍ ସରକାର ଇ ଦାଦନ ସମସିଆର ମୁକାବିଲାର ଲାଗି ଅନେକ ଆଇନ୍, ଯୋଜନା ତିଆର କରିଛନ୍। ହେଲେ ପରଶାସନ ଆର ଶ୍ରମ ବିଭାଗର ଖାମଖିଆଲି ମନଭାବ ଲାଗି ଆଏଜ୍‌ବି କଳାହାଣ୍ଡି ଲେଖେଁ ଗୁଟେ ଆଦିବାସୀ ବହୁଲ ଜିଲାରେ ଦାଦନ ସମସିଆ କମ୍‌ବାର ନାଁ ନାଇଁଧରବାର। ଅଂଚଲର ଅନେକ ଗରିବ୍ ପରିବାର ପେଟପାଟନାର ଲାଗି କୁଟୁମବସିଆ ଉନିଆ ରାଏଜ୍‌କେ ଦାଦନ ଖଟିଯାଇ ନାନା ଯାତନା ଭୁଗୁଛନ୍। ସୂଚନା ଅନ୍‌ସାରେ ୨୦୧୮ରେ ୨୩ରୁ ଅଧିକା ଦାଦନ ଶ୍ରମିକକଁର ଶବ ଗାଁକେ ଫିରିଥିଲାବେଲେ ଆହୁରି ଅନେକ ଦାଦନକଁର ଶବ ଟଁକା ପଏସା ଅଭାବୁ ଗାଁକେ ଫିରି ନାଇଁପାରି।

ପାଖାପାଖି ୬ ଝନ୍ ଦାଦନ ଶ୍ରମିକକଁର ଅତାପତା ଆଏଜ୍‌ତକ ଜନା ନାଇଁପଡ଼ବାର, ସେମାନେ ଜିଁଛନ୍ କି ମରିଛନ୍ ସେଟା ବି ପରିବାର ଲୋକ୍ ନାଇଁ ଜାନିପାରବାର। ସେନ୍‌ତା ୨୦୧୯ ଅଗଷ୍ଟ ତକ୍ ୧୪ ଦାଦନ ଶ୍ରମିକକଁର ଶବ ଗାଁକେ ଫିରିଥିଲାବେଲେ ୬ ଲୁକ୍‌କର ଶବ ଟଁକା ପଏସା ଅଭାବୁ ଭିଟାମାଟିକେ ଫିରି ନାଇଁପାରି। ଏଭେ ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର ପଁଚେତ୍‌ର ବୋରପଦର ଗାଁର ଲଛମନ ମାଝି(୨୬)କଁର ଶବ କେରଳରୁ ନାଇଁ ଆସି ପାରିଥିବାର ତାକର ପରିବାର ଲୋକ୍ କହିଛନ୍। ସେନ୍‌ତା କଲମପୁର ବ୍ଲକର କସାବରା ଗାଁର ଦିବାକର ହରିଜନ(୩୫)କଁର ସୁରତରେ ମୁର୍‌ତୁ ହେଇଥିଲେ ବି ତାକର ଶବ ସେଠାନେ ପଡ଼ିରହିଛେ। ଜିଲାରେ ଦାଦନ ଶ୍ରମିକ ସମସିଆ ଉପରେ ଲଗାମ୍ କସବାକେ ହେଲେ ଆଘ ଦଲାଲ୍‌ମାନକୁ ଖୁଜି ତାକର ଉପରେ ପରଶାସନ କଡ଼ା ପଦକ୍ଷେପ ନେବାର କଥା ବଲି ବୁଧିଜୀବୀ ମହଲରେ ଦାବି ହେଉଛେ।



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ

ରିଷିଡ଼ା,୨୩।୮(ଡି.ଏନ.ଏ:)- କଳାହାଣ୍ଡି ଜିଲା ରିଷିଡ଼ାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ କର୍ଲାମୁଣ୍ଡା ଭ୍ରାମ୍ୟମାଣ ୟୁନିଟ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ଆଲୁମାଲୁ ଭୀମରାଜ, ଡା. ସୁଧାଂଶୁ ବେଦବାଗକେ, ରଞ୍ଜନ ସାହୁ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

### ରିଷିଡ଼ା ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ

ରିଷିଡା,୨୩।୮(ଡି.ଏନ.ଏ.)- କର୍ଲାମୁଣ୍ଡା ବ୍ଲକ ରିଷଡ଼ା ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଥିବା ଅଭିଯୋଗ ହୋଇଛି। ଏନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମସ୍ୟାର ସମାଧାନ ନେଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

## କଳାହାଣ୍ଡି ଜିଲାରେ ପ୍ରଥମ ବନ୍ୟା କ୍ଷୟକ୍ଷତି
# ରିଲିଫ୍ କମିଶନରଙ୍କୁ ରିପୋର୍ଟ ଦେଲା ଜିଲା ପ୍ରଶାସନ

ଭବାନୀପାଟଣା, ୨୩।୮ (ଡି.ଏନ୍.ଏ.)

- ଅଗଷ୍ଟ ୭ ଓ ୮ ତାରିଖରେ ଲଘୁଚାପ ଜନିତ ଲଗାଣ ବର୍ଷା
- ଥୁ.ରାମପୁର, ନର୍ଲା, କୋକସରା, ଲାଞ୍ଜିଗଡ଼, ଜୟପାଟଣା, ଭବାନୀପାଟଣା ବ୍ଲକ ପ୍ରଭାବିତ
- ଅଗଷ୍ଟ ୧୨ ଓ ୧୩ ତାରିଖରେ ଜିଲାରେ ଦ୍ୱିତୀୟ ବନ୍ୟା
- ହୋଇ ପାରିନି କ୍ଷୟକ୍ଷତି ରିପୋର୍ଟ ଆକଳନ
- ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ

ଚଳିତ ବର୍ଷ ପ୍ରାରମ୍ଭିକ ପର୍ଯ୍ୟାୟରେ କଳାହାଣ୍ଡି ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାର ଅଧିକାଂଶ ଅଞ୍ଚଳରେ ଧାନ ବୁଣା, ରୁଆ ଓ ବେଉଷଣ କାର୍ଯ୍ୟ ପଛରେ ପଡିଥିଲା। ଏନେଇ ଜିଲାର ବିଭିନ୍ନ ସ୍ଥାନରେ ଗଜାମରୁଡି ପରିସ୍ଥିତ ସୃଷ୍ଟି ହୋଇଥିଲା। ହେଲେ ଅଗଷ୍ଟ ୭ ଓ ୮ ତାରିଖରେ କଳାହାଣ୍ଡି ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ୧୨ ଓ ୧୩ ତାରିଖରେ ଅତ୍ୟଧିକ ବର୍ଷା ଯୋଗୁ ଜିଲାର ଅଧିକାଂଶ ବ୍ଲକରେ ଦ୍ୱିତୀୟ ବନ୍ୟା ହୋଇ ବହୁ ଘର ଭାଙ୍ଗିବା ସହ ରାସ୍ତା, କଲଭର୍ଟ ଓ ପୋଲ ଭଶୁଡି ପଡିଥିଲା।

ହେଲେ ପ୍ରଥମ ବନ୍ୟାର କ୍ଷୟକ୍ଷତି ଆକଳନ କରି ଜିଲା ପ୍ରଶାସନ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ରିପୋର୍ଟ ପ୍ରଦାନ କରିଛି। ରିପୋର୍ଟ ମୁତାବକ, ୭ ଏବଂ ୮ ତାରିଖରେ ବର୍ଷା ଯୋଗୁ ଜିଲାର ଥୁ.ରାମପୁର, ନର୍ଲା, କୋକସରା, ଲାଞ୍ଜିଗଡ଼, ଜୟପାଟଣା ଓ ଭବାନୀପାଟଣା ବ୍ଲକ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ଏଥିରେ ଜିଲାର ୩୮ଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ୨୦ଟି ପକ୍କାଘର ଓ ୧୧୮୫ ଟି କଚ୍ଚାଘର ଆଂଶିକ ଭାବେ ଭାଙ୍ଗିଯାଇଛି। ଏଥିରେ ୨୦ଟି ଗାଈ ଗୁହାଳ ଏବଂ ୨୪ଟି କୁଡିଆ ଘର ଭାଙ୍ଗି ଯାଇଥିବା ଜିଲା ଶାସନ ପକ୍ଷରୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଦିଆଯାଇଥିବା ରିପୋର୍ଟରେ ଅବଗତ କରାଯାଇଛି। ଏପରି କି ବନ୍ୟାରେ ପ୍ରଭାବିତ ହୋଇଥିବା ୧୨୮୭ଘରର କ୍ଷତିପୂରଣ ସହାୟତା ବାବଦକୁ ୮୦ ଲକ୍ଷ ୫୩ ହଜାର ଟଙ୍କା ଆବଶ୍ୟକ ବୋଲି ଜିଲା ପ୍ରଶାସନ ପକ୍ଷରୁ ରିପୋର୍ଟରେ କୁହାଯାଇଛି। ସେହିପରି ବନ୍ୟାରେ ୫୭୮ଜଣ ଚାଷୀଙ୍କ ୯୨.୮୭ ହେକ୍ଟର ଜମି ବାଲିଚର ହୋଇ କ୍ଷତିଗ୍ରସ୍ତ ହୋଇଛି। ବାଲିଚର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ନିମନ୍ତେ ୧୧ ଲକ୍ଷ ୩୩ ହଜାର ୧୪ ଟଙ୍କା ଆବଶ୍ୟକ ବୋଲି ଜିଲା ପ୍ରଶାସନ ରିପୋର୍ଟରେ ଉଲ୍ଲେଖ କରିଛି। ଚଳିତ ବର୍ଷ ପ୍ରଥମ ବନ୍ୟାରେ କଳାହାଣ୍ଡି ଜିଲାର ଘରଭଙ୍ଗା ସହାୟତା ବାବଦକୁ ୮୦ ଲକ୍ଷ ୫୩ ହଜାର ଓ ବାଲିଚର ବାବଦକୁ ୧୧ ଲକ୍ଷ ୩୩ ହଜାର ଟଙ୍କା ମୋଟ ୯୧ ଲକ୍ଷ ୮୬ ହଜାର ଟଙ୍କା ଆବଶ୍ୟକ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ପ୍ରକାଶ ଯେ, ଅଗଷ୍ଟ ୧୧ ଓ ୧୨ ତାରିଖରେ ଲଘୁଚାପ ଜନିତ ଲଗାଣ ବର୍ଷାରେ କଳାହାଣ୍ଡି ଜିଲାର କର୍ଲାମୁଣ୍ଡା, ମ.ରାମପୁର, କେସିଙ୍ଗା ଓ ନର୍ଲା ବ୍ଲକରେ ବନ୍ୟା ପରିସ୍ଥିତ ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅନ୍ୟପକ୍ଷେ ଅଗଷ୍ଟ ୭ ଓ ୮ ତାରିଖରେ ହୋଇଥିବା ପ୍ରଥମ ବନ୍ୟାର ସମ୍ପୂର୍ଣ୍ଣ କ୍ଷୟକ୍ଷତି ଆକଳନ ହୋଇ ନ ଥିବା ବିଭିନ୍ନ ସ୍ଥାନରେ ଅଭିଯୋଗ ହେଉଥିବା ବେଳେ ଅଗଷ୍ଟ ୧୧ ଓ ୧୨ ତାରିଖରେ ହୋଇଥିବା ଦ୍ୱିତୀୟ ବନ୍ୟାର କ୍ଷୟକ୍ଷତି ରିପୋର୍ଟ ଆକଳନ କେବେ କରାଯିବ ତାହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ବିଶ୍ୱନାଥପୁରରେ ମାଓବାଦୀ ପୋଷ୍ଟର, ଲୋକେ ଭୟଭୀତ

ଲାଞ୍ଜିଗଡ଼,୨୩।୮ (ଡି.ଏନ୍.ଏ)



ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ମାଓବାଦୀ ପୋଷ୍ଟର।

କିଛିଦିନର ନୀରବତା ପରେ ପୁଣି ନିଜ ଉପସ୍ଥିତି ଜାହିର କରିଛନ୍ତି ମାଓବାଦୀମାନେ। ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରୁ ପୋଲିସ ଶୁକ୍ରବାର ଏକ ମାଓବାଦୀ ପୋଷ୍ଟର ଜବତ କରି ଅଧିକ ତଦନ୍ତ ଚଳାଇଛି। ଏ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ପୋଷ୍ଟରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବଂଶଧାରା ଘୁମସର ନାଗାବଳୀ ଡିଭିଜନ ଉଲ୍ଲେଖ ଥିବା ବେଳେ ପୋଷ୍ଟର ତଳେ ସମ୍ପାଦକ ଉମାକାନ୍ତଙ୍କ ନା ରହିଛି । ଏପରି କି ପୋଷ୍ଟରରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଜନସାଧାରଣଙ୍କୁ ଅତ୍ୟାଚାର କରୁଥିବା ଉଲ୍ଲେଖ ରହିଥିବା ବେଳେ ସେମାନଙ୍କୁ ଦଣ୍ଡ ଦିଆଯିବ ବୋଲି ପୋଷ୍ଟରରେ ଲେଖା ହୋଇଛି। ଅନ୍ୟପକ୍ଷେ ଅଞ୍ଚଳରେ ମାଓବାଦୀ ରହିଥିବା ଜଣାପଡିଛି।

## ଉଚ ଚିକିଛା ଲାଗି ଟଁକା ଅଭାବ୍
# ୧୨ ବଛର ହେଲା ଖଟେ ପଡ଼ିଛନ୍ ଦ୍ରୌପଦୀ

ଭବାନୀପାଟଣା,୨୩।୮(ସ୍ୱ.ପ୍ର.)

ଦିନେ ନୁହେ କି ଦୁଇ ଦିନ ନୁହେ, ଗଲା ୧୨ ବଛର ହେଲା ଅଜନା ରୋଗ୍‌ରେ ଖଟେ ପଡ଼ି ଅସାହା ଜୀବନ୍ ବିତଉଛନ୍ ଦ୍ରୌପଦୀ ମାଝି(୧୪)। ଇ ବଏସେ ସେ ପାଠ୍‌ପଢ଼ା ସଂଗେ ସାଂଗସାଥିକର ସଂଗେ ଖେଲକୁଦରେ ସମିଆ ବିତାବାର କଥା। ହେଲେ ଅଜନା ରୋଗ୍ ପରଭାବରେ ସେ ସବୁବେଲେ ଖଟେ ପଡ଼ିରହିଛନ୍। ଦ୍ରୌପଦୀକେ କାଏଁ ରୋଗ୍ ହେଇଛେ ସେଟା ଡାକ୍ତର ବି ଫଟିକ୍ କହି ନାଇଁପାରବାର। ଏନ୍ତା ଗୁଟେ ଦୁଖଦ୍ ଘଟନା ଦେଖିବାକେ ମିଲିଛେ କଳାହାଣ୍ଡି ଜିଲା ଥୁଆମୂଲ ରାମପୁର ବ୍ଲକ ପାଡ଼େପଦର ପଁଚେତ୍ ସାନଛତ୍ରଙ୍ଗ ଗାଁରେ। ସୂଚନା ହିସାବେ ସାନଛତ୍ରଙ୍ଗ ଗାଁର ହାମଡୁ ମାଝି ଆର ସୀତାମଣିକଁର ମଝିଆଁ ଝିଅ ଦ୍ରୌପଦୀ ଗଲା ୧୨ ବଛର ହେଲା ଅଜଣା ରୋଗ୍‌ରେ ପୀଡ଼ିତ ହେଇ ଖଟେ ପଡ଼ି ରହିଛନ୍। ଛୁଆବେଲେ ତାକର ଇ ଲକ୍ଷନ ଦେଖଲା ଉତାରୁ ମା'ବାପ୍ ତାହାକୁ ଭବାନୀପାଟଣା ଜିଲା ମୁଖିଆ ଡାକ୍ତରଖାନାକେ ଚିକିଛା ଲାଗି ନେଇଥିଲେ। ହେଲେ ଡାକ୍ତର ଦ୍ରୌପଦୀର କାଣା ହେଇଛେ ଫଟିକ୍ କହି ନାଇଁପାରଲେ। ଯେନ୍‌ଥିରଲାଗି ଗରିବ୍ ମା'ବାପ୍ ଦ୍ରୋପଦୀକେ ଧରି ଘରକେ ଫିରି ଆଏଲେ। ଦିନୁଦିନ୍‌କେ ରୋଗ୍ ପରଭାବରେ ଦ୍ରୌପଦୀ ଦୁରବଲ ହେଇଯିବାର ସଂଗେ ତାକର ଗୋଡ଼ହାତ୍ ସଁପୁର ହେଇ ସେ ଉଠିବସି ନାଇଁପାରଲେ। ପଛେ ପଛେ ଆହୁରି ଦୁରବଲ ହେଇ ସେ ଠିକ୍ ହିସାବେ କଥାବାରତା ବି କରି ନାଇଁପାରଲେ। ଶେଷେ ଖଟ୍ ନ ତାକର ସାହାଭରସା ପାଲଟିଥିଲା। ଜନ୍ମୁ ସୀତାମଣି ଦ୍ରୌପଦୀର ଖାଏବା ପିଇବାରନୁ ଆରମ୍ କରି ସବୁ କାମ୍ ତୁଲଉଛନ୍। ଇଆଡ଼େ ବାପ୍ ହାମଡୁ ଫିଦିନ୍ କୁଲି ମଜୁରି କଲେ ଯାଇ ଘରର ଚୁଲି ଜଲୁଛେ। ପରିବାରର ପେଟ୍ ପାଲବାର ଲାଗି ହେଲେ ହାମଡୁକୁଁ ଫିଦିନ୍ ଯୁଝିବାକେ ପଡୁଛେ। ଏନ୍ତାଥି ଟଁକା ପଏସା ଅଭାବୁ ଆମେ ଝିଅ ଉଚ ଚିକିଛା କଥା ଚିନ୍ତା ବି କରି ନାଇଁ ପାରବାର ବଲି ଦ୍ରୌପଦୀର ମା'ବାପ୍ କହିଛନ୍। ଯେତେ ଜଲଦି ହେବା ଜିଲା ପରଶାସନ ଇ ଦୁଖି ଗରିବ୍ ପରିବାର ଉପରେ ଦୁରୁଷ୍ଟି ଦେଇ ଦ୍ରୌପଦୀକୁଁ ଚିକିଛା ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଜିଲା ମୁଖିଆ ଚିକିଛା ଅଧିକାରୀ ଡା.ବନଲତା ଦାଶଙ୍କୁ ପଚରାଲାରୁ ବହୁତ୍ ଜଲଦି ଇ ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

ରିପୋର୍ଟ: ଉତ୍ତମ କୁମାର ଦାଶ



ଦ୍ରୌପଦୀ ପଡ଼ି ରହିଥିବାର ଖଟ୍‌ପାସେ ମା'ବାପ୍ ଠିଆ ହେଇଛନ୍।





କୋକସରାଠାରେ ଅତିଥିଙ୍କ ସହ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ (ବାମ)। ଖୁର୍ସେଲଗୁଡା କାର୍ଯ୍ୟକ୍ରମରେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଉତ୍ସବ

କୋକସରା,୨୩।୮ (ଡି.ଏନ.ଏ.)

କୋକସରା ବ୍ଲକରେ ଥିବା ସରସ୍ୱତୀ ଶିଶୁମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚାରାରୋପଣ କରାଯାଇଥିଲା। କୋକସରା ଶିଶୁମନ୍ଦିରରେ ଆୟୋଜିତ ଜନ୍ମାଷ୍ଟମୀ ଉତ୍ସବରେ ବ୍ଲକ ଅଧକ୍ଷା ସବ୍ୟରାଣୀ ବାଗ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଦେବେନ୍ଦ୍ର ମେହେର, ଅବସରପ୍ରାପ୍ତ ଅଧ୍ୟାପକ ଡ.ଅଜୟ କୁମାର ମଲ୍ଲୀକ, ସୁନୀଲ କୁମାର ପ୍ରଧାନୀ, ଅମିତ କୁମାର ମହାନ୍ତି, ଜିତାମିତ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଆଚାର୍ଯ୍ୟ ଗୌରୀଶଙ୍କର ଖର୍ସେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଧର୍ମରାଜ ସାହୁ ଶିଶୁମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ କରିଥିଲେ। ସେହିପରି ଲଡୁଗାଁ ସରସ୍ୱତୀଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବନମାଳୀ ମାଝି, ସଭାପତି ଗରୁଡ଼ ବାଗ, ଉପସଭାପତି ଶ୍ରୀମନ୍ତ ପାଢୀଙ୍କ ସହ ପରିଚାଳନା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ଦୁର୍ଗା ପରିଚୟ ପ୍ରଦାନ କରିଥିଲେ। କୁସୁମଖୁଣ୍ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଜନାର୍ଦ୍ଦନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବୈଦିକ ଧର୍ମର ମହାନତା ଓ ରୀତିନୀତି ଉପରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ରାଧେଶ୍ୟାମ ଗୋପାଳ, ଘନଶ୍ୟାମ ନାଏକ, ପ୍ରମୋଦ ପଣ୍ଡା, ଶେଖର ଜେନା, ବୃନ୍ଦାବନ ପୂଝାରୀ, ପ୍ରଦୀପ ପ୍ରଧାନୀ, ହରେକୃଷ୍ଣ ନାଏକ ପ୍ରମୁଖ ଉପସ୍ଥିତି ଥିଲେ। ଭାବାନୀଶଙ୍କର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ।

**କର୍ଲାମୁଣ୍ଡା,(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଶୁକ୍ରବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ସରସ୍ୱତୀ ଶିଶୁ ମନ୍ଦିର କର୍ଲାମୁଣ୍ଡାଠାରେ ଆୟୋଜିତ ଜନ୍ମାଷ୍ଟମୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷକ ସୋମନାଥ ସାହୁ, ସମ୍ମାନିତ ଅତିଥି ଭାବେ ଶିଶୁ ମନ୍ଦିର କୋଷାଧ୍ୟକ୍ଷ ଡୋଳାମଣି ଭୋଇ, ସମ୍ପାଦକ ଗୁରୁବାରୁ ସାହୁ, ମୁଖ୍ୟବକ୍ତା ଭାବେ ଗୁରୁଜୀ ତୁମେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଜନ୍ମାଷ୍ଟମୀ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୁରୁଜୀ ଲକ୍ଷ୍ମୀକାନ୍ତ ଜ୍ୟୋତିଷ ସଂଯୋଜନା କରିଥିଲେ। ସେହିପରି ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ, କୁର୍ଣ୍ଣୁଲା ସରସ୍ୱତୀ ଶିଶୁ ମନ୍ଦିର, ଭଟାପଲା ସରସ୍ୱତୀ ଶିଶୁ ମନ୍ଦିର, ରିଷିଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।

**ଜୁନାଗଡ, (ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଗୌଡଛେଣ୍ଡିଆ ପଞ୍ଚାୟତ ଖୁର୍ସେଲଗୁଡ଼ା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଯାଦବ ସମ୍ପ୍ରଦାୟ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବତନ ଜିଲା ଯାଦବ ସଭାପତି ଡମ୍ବରୁଧର ଲହଜଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଯାଦବ ନେତା ଟିକଚନ ନାଗ, ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ରଥ, ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ ନାଗ, ବୈକୁଣ୍ଠ ନାଗ, ଭବାନୀ ଖଡିକାର, ଭାଗ୍ୟବନ୍ତ ବେମାଲ, ଅଜିତ ବେମାଲ, ସଦାଶିବ ବେମାଲ ପ୍ରମୁଖ ଯୋଗଦେଇଥିଲେ।

**କଲମପୁର, (ଡି.ଏନ.ଏ.) :** କଳାହାଣ୍ଡି ଜିଲା କଲମପୁର ବ୍ଲକ ମୀନଗୁର ପଞ୍ଚାୟତ ମୀନଗୁର ଭାରତୀୟ ବିଦ୍ୟା ନିକେତନଠାରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ରାଧା, କୃଷ୍ଣ ବେଶରେ ସୁସଜ୍ଜିତ ହୋଇ ନଗର ପରିକ୍ରମା କରାଯାଇଥିଲା। ଏପରି କି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତ, ବକ୍ତୃତା, ସାଧାରଣଜ୍ଞାନ, ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୀନଗୁର ସରପଞ୍ଚ ହରିପ୍ରିୟା ରଣା, ମୁଖ୍ୟବକ୍ତା ଭାବେ ମୀନଗୁର ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ପଣ୍ଡା, ସମ୍ମାନିତ ଅତିଥି ଭାବେ କଲମପୁର ସିଆର୍‌ସିସି ରୁଦ୍ରାକ୍ଷ ନିଆଲ, ମୀନଗୁର ସମିତି ସଭ୍ୟା ଫୋଲତୋଲା ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୁକ୍ମନ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ଡମ୍ବରୁଧର ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ଅନିସା ପୂଝାରୀ, ଝରଣା ଲେନ୍‌ଜିଆ, ବିଭୂତୀ ବାଗ, ଉମାକାନ୍ତ ମହାନନ୍ଦ, ପୂର୍ଣ୍ଣଚନ୍ଦ୍ର ମାଝି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅତିଥିମାନଙ୍କ ଦ୍ୱାର ଛାତ୍ରୀଛାତ୍ରମାନଙ୍କୁ ପୁରୁଷ୍କାର ପ୍ରଦାନ କରାଯାଇଥିଲା। ସେହିପରି କଲମପୁର ବ୍ଲକର ବିଭିନ୍ନ ଗ୍ରାମରେ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛି।

**ଧର୍ମଗଡ, (ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଧର୍ମଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଗୁରୁଜୀ ଶ୍ରବଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ କିଶୋର ଚନ୍ଦ୍ର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅଂଶୁମାନ ପାତ୍ର, ପରିଚାଳନା କମିଟି ସଭାପତି ସୁନୀଲ କୁମାର ପାତ୍ର, ସମ୍ପାଦକ ବେଣୁଧର ନାଏକ ପ୍ରମୁଖ ଯୋଗଦେଇ ଜନ୍ମାଷ୍ଟମୀ ପାଳନର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗୁରୁଜୀ କୋକିଳ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୃଷ୍ଣ ବେଶ ପ୍ରତିଯୋଗିତାରେ ୨୨ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିଶୁ ପ୍ରାରମ୍ଭ/ଶିଶୁ ବୋଧ ବିଭାଗରେ ଆଶୁତୋଷ ବେହେରା, ଦେବାଶିଷ ବେହେରା, ଛାତ୍ରୀ ସାଇପ୍ରିୟଦର୍ଶନୀ ଜେନା ଏବଂ ଶିଶୁ ବର୍ଗରେ ସିତାରାମ ପ୍ରାସଦ ସାମଲ, ଦେବାଶିଷ ପଟ୍ଟନାୟକ, ସାଇଅରବିନ୍ଦ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତିୟସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

## ଜନ୍ମାଷ୍ଟମୀରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା

ରିଷିଡା,୨୩।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ଅବସରରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ପରିଚାଳନା କମିଟି ସମ୍ପାଦକ କରୁଣାକର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ନେମିଚନ୍ଦ ଜୈନ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ବିଜୁ କୁମାର ସାହୁ, ବାସୁଦେବ ସେଲମା, ରଞ୍ଜନ ଗୁରୁ, ପ୍ରସନ୍ନ କୁମାର ସାହୁ, ପରିକ୍ଷିତ ନାଗ ପ୍ରମୁଖ ସହାଯତା କରିଥିଲେ ।

## ୭ ବଛର ହେଲା ଇନ୍ଦିରା ଆବାସ ତିଆରି କାମ୍
# ବକିଆ ବିଲ୍ ଲାଗି ହିତାଧିକାରୀ ହଟ୍‌ହଟା

ଭବାନୀପାଟଣା/ପର୍ଲା, ୨୩।୮ (ଡି.ଏନ୍.ଏ.)



ଝନେ ହିତାଧିକାରୀ ଇନ୍ଦିରା ଆବାସ କାର୍ଯ୍ୟାଦେଶ ଦେଖଉଛନ୍।

ବଛରେ ନେଇସେ ୭ ବଛର ହେଲା ପଁଚେତ୍‌ରୁ ବ୍ଲକ ତକ୍ ନରଦି ନରଦି ନିହାଲ ହେଇଗଲୁଁନ, ହେଲେ ଘରବନା ପଏସା ନେଇମିଲୁଛେ। ଇ ଦୁଖର କଥା ବଖାନିଛନ୍ କଳାହାଣି ଜଲା କୋକସରା ବ୍ଲକରେ ନୂତନ୍ ହିସାବେ ଗଠିତ୍ ସୋନପୋଡ଼ାଗୁଡ଼ା ପଁଚେତ୍ ନେଗିଗୁଡ଼ା ଗାଁର ଦୁଇଝନ୍ ହିତାଧିକାରୀ। ସୂଚନା ଅନ୍‌ସାରେ ସୋନପୋଡ଼ାଗୁଡ଼ା ପଁଚେତ୍ ଅଧୀନ ନେଗିଗୁଡ଼ା ଗାଁର କ୍ଷୀର ଦେଇ ଆର କ୍ଷୀର ସୁନା ଅକ୍ଟୋବର ୨୬, ୨୦୧୨ରେ ଇନ୍ଦିରା ଆବାସ ତିଆରି ଲାଗି କାର୍ଯ୍ୟାଦେଶ ପାଇଥିଲେ। ଘର ୩ ମାସ ଭିତରେ ତିଆର କରବାର ଲାଗି ବି ନିରଦେଶ ରହିଥିଲା। ସେ ହିସାବେ ଦୁଇ ହିତାଧିକାରୀ ଧାର ଉଧାର କରି ଘର ତିଆରି କଲେ। କ୍ଷୀର ସୁନା ୨ଟା କିସ୍‌ତିରେ ୨୬ ହଜାର ଟଁକା ପାଇଥିଲାବେଲେ କ୍ଷୀର ଦେଇକୁଁ ଗୁଟେ କିସ୍‌ତିରେ ୫ ହଜାର ଟଁକା ନ ମିଲିଥିଲା। ହେଲେ ୨୦୧୨–୧୩ ସାଲେ ଇନ୍ଦିରା ଆବାସ ବାବ୍‌ଦେ ସରକାର ୪୮ ହଜାର ୫ଶହ ଟଁକାକେ ୪ଟା କିସ୍‌ତିରେ ଦେଉଥିଲେ। ସେନ୍ତା ସରକାରୀ ନିୟମ ହିସାବେ ପହେଲା କିସ୍‌ତିରେ ୧୫ ହଜାର ଟଁକା, ଦୁତିଅ କିସ୍‌ତିରେ ୧୦ ହଜାର ୫ଶହ, ତୁରତିଅରେ ୧୨ ହଜାର ଆର ଚତୁରଥ କିସ୍‌ତିରେ ୧୧ ହଜାର ଟଁକା ଦେବାର ବେବସ୍‌ତା ରହିଥିଲା। ହେଲେ ଝନେ ହିତାଧିକାରୀ ୨ଟା କିସ୍‌ତିରେ ୨୬ ହଜାର ଟଁକା ପାଇଥିଲାବେଲେ ଆରଝନେ ଗୁଟେ କିସ୍‌ତିରେ ୫ ହଜାର ଟଁକା ନ ପାଇଛନ୍। ଇଥିରୁ ଫଟିକ ବୁଝାପଡୁଛେ ଯେ ସରକାରୀ ନୀତି ନିୟମକେ ବେଖାତିର କରାଯାଇଛେ। ଆଏଜ୍‌କେ ୭ ବଛର ହେଲା ଦୁଇ ହିତାଧିକାରୀ ବକିଆ ବିଲ୍ ପାଏବାର ଲାଗି ପଁଚେତ୍‌ନୁ ବ୍ଲକ ତକ୍ ଦଉଡି ଦଉଡି ନିରାଶ ହେଇଛନ୍। ଶେଷେ ଦୁଇ ହିତାଧିକାରୀ ଗହନାଗାଁଠି, ବାସନକୁସନ ବିକି ଦରଖଁଡ଼ିଆ ଘରକେ ପୂରା କରିଥିବାର କହିଛନ୍। ଇ ବାବ୍‌ଦେ କୋକସରା ବିଡିଓ ବସନ୍ତ କୁମାର ସେଠିକୁଁ ପଚରାଲାରୁ ଫାଇଲ ଦେଖିଲେ ଜନାପଡ଼ବା ବଲି ସେ କହିଥିଲେ।

## ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଭବାନୀପାଟଣା,୨୩।୮ (ଡି.ଏନ୍.ଏ.)



ଅଧୀକ୍ଷଣ ଯନ୍ତ୍ରୀ ଧନଞ୍ଜୟ ରଣାଙ୍କୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ କଳାହାଣ୍ଡି ଶାଖା ପକ୍ଷରୁ ସ୍ୱାଗତ କରାଯାଉଛି।

କଳାହାଣ୍ଡି ବିଦ୍ୟୁତ୍ ସର୍କଲର ନୂତନ ଭାବେ ଯୋଗଦେଇଥିବା ଅଧୀକ୍ଷଣ ଯନ୍ତ୍ରୀ ଧନଞ୍ଜୟ ରଣାଙ୍କୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ କଳାହାଣ୍ଡି ଶାଖା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସଂଘର ବରିଷ୍ଠ କର୍ମକର୍ତ୍ତା ତଥା ମହାସଂଘ ଉପସଭାପତି ପଦ୍ମନାଭ ପାଢୀଙ୍କ ଅଧ୍ୟକ୍ଷତାରେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଏବଂ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ଏବଂ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା। ଅଧୀକ୍ଷଣ ଯନ୍ତ୍ରୀ ରଣା ତୁରନ୍ତ ସମସ୍ୟାର ସମାଧାନ କରିବାକୁ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସଂଘ ଉପସଭାପତି ଦାନିଏଲ ବାଗ, ଖଗପତି ସାହା, ଦିଲୀପ କୁମାର ମୁଣ୍ଡ, ସଂଘ ଯୁଗ୍ମ ସମ୍ପାଦକ ଦୁର୍ଗାମାଧବ ପଣ୍ଡା, ଭବାନୀ ଶଙ୍କର ସାହୁ, ଶତ୍ରୁଘ୍ନ ପାଣିଗ୍ରାହୀ, ନିଗମାନନ୍ଦ ଦାସ, ମନୋଜ କୁମାର ମିଶ୍ର, ମନୋଜ କୁମାର ସାହୁ, ଶରତ ଚନ୍ଦ୍ରଜେନା, ଅଖିଳ କୁମାର ପାଣିଗ୍ରାହୀ, ପ୍ରସାଦ ବାବୁ, ପରମେଶ୍ୱର ବେହେରା, ଚିତ୍ତରଞ୍ଜନ ପଣ୍ଡା, ସୋମ୍ୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୪ ଅଗଷ୍ଟ, ୨୦୧୯



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



**ସଂକ୍ଷେପରେ**

## ୨୧୬ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

ବଡଗାଁ, ୨୩।୮ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ଅଞ୍ଚଳର ୨୧୬ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ କ୍ଷମାନିଧି ଭୋଇ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଉପାଧକ୍ଷ ସାରଥି ପାଣ୍ଡେ ଯୋଗଦେଇଥିଲେ। ସେଠାରେ ବିଡିଓ ଭୋଇ, ହିତାଧିକାରୀ ମାନେ କିପରି ଘର ତିଆରି କରିବେ ଓ ନିର୍ଦ୍ଧାରିତ ସମୟରେ କାମ ସମ୍ପୂର୍ଣ୍ଣ କଲେ ସରକାରଙ୍କ ଦ୍ୱାରା କଣ ସୁବିଧା, ସହାୟତା ମିଳିବ ବୁଝାଇଥିଲେ । ଲେ ଆଉଟ୍ ପ୍ରଦର୍ଶିତ କରି ଘର ନିର୍ମାଣ କିପରି କରାଯିବ ଓ ୪ ମାସ ମଧରେ କାମ ସମ୍ପୂର୍ଣ୍ଣ କଲେ ୨୦ ହଜାର ଟଙ୍କା ଅଧିକ ଓ ୬ ମାସ ମଧରେ ସମ୍ପୂର୍ଣ୍ଣ କଲେ ୧୦ ହଜାର ଟଙ୍କା ମିଳିବ ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ସରପଞ୍ଚ ଅହଲ୍ୟା ଲାକ୍ରାଙ୍କ ସହିତ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ ।

# ଜିଲା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ରାଉରକେଲା ଅଫିସ,୨୩।୮

୨୩ଦଫା ଦାବିରେ ଓଡ଼ିଶା କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ (ସିଆଇଟିୟୁ) ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଗୁରୁବାର ଉଦିତନଗରସ୍ଥିତ ଜିଲା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ନିର୍ମାଣ ଶ୍ରମିକଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ଶ୍ରମ ଦପ୍ତର ଯାଏ ଆସିଥିଲା। ସେଠାରେ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଶ୍ରମିକ ନେତା ପ୍ରଭାତ ପଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ୟୁନିୟନ ରାଜ୍ୟ ସାଧାରଣ ସମ୍ପାଦକ ବିମାନ ମାଇତି, ସିଆଇଟିୟୁ ରାଜ୍ୟ ଉପସଭାପତି ପ୍ରମୋଦ ସାମଲ. ଜାହାଙ୍ଗୀର ଅଲ୍ଲି, ସଂଗଠନ ଉପସଭାପତି ସୁରେନ୍ଦ୍ର ଦାସ, ଶ୍ରୀମନ୍ତ ବେହେରା, ଅଜୟ ଶର୍ମା, ସାଧାରଣ ସମ୍ପାଦକ ଯଯାତି ସାହୁ, କୋଷାଧକ୍ଷ ବି.ପି. ମହାପାତ୍ର, ସମ୍ପାଦକ ବାଣେଶ୍ୱର ସାହୁ, ଗୌରୀଶଙ୍କର ପାତ୍ର



ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ କରାଯାଉଛି।

ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କେନ୍ଦ୍ର ଭାଜପା ଓ ରାଜ୍ୟ ବିଜେଡି ବିରୋଧରେ ଏଥିରେ ବିଷୋଦ୍‌ଗାର କରାଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କିପରି ଶ୍ରମିକବିରୋଧୀ ପଦକ୍ଷେପ ନେଉଛନ୍ତି ସେ ନେଇ ସାମାଲୋଚନ କରାଯାଇଥିଲା। କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନ ଉଚ୍ଛେଦ କରି ଏହାକୁ ମାତ୍ର ୪ଟି କୋଡ୍‌ରେ ସୀମିତ କରିଛନ୍ତି। ଯାହା ଅତ୍ୟନ୍ତ ନିନ୍ଦନୀୟ। ଗତ ଜୁଲାଇ ୨୩ରେ ୱେଜ୍ କୋଡ୍ ବିଲ ଓ ସେଫ୍‌ଟି କୋଡ୍ ବିଲ ପାଲାମେଣ୍ଟରେ ଆଗତ କରାଯାଇଛି। ଏହାଦ୍ୱାରା ଶ୍ରମିକ ଶ୍ରେଣୀ ତାଙ୍କ ଅଧିକାର ହରାଇବେ ବୋଲି ଉପସ୍ଥିତ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ। ଏହି ଅବସରରେ ୨୩ ଦଫା ଦାବି ନେଇ ଯୁଗ୍ମ ଶ୍ରମ କମିଶନର ପି.କେ. ବଳିଆରସିଂ, ଜିଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ରଙ୍କ ସହ ଆଲୋଚନା କରାଯାଇଥିଲା। ଏଥିରେ କିଶୋର ତନ୍ତୀ, ବିଶ୍ୱଜିତ ମାଝି, ଏନ୍.ଏନ୍. ଯାଦବ, ଅରୁ ଦାସ, ଅକ୍ଷୟ ମହନ୍ତ, ଦିବାକର ମହାରଣା, ପ୍ରଭାତ ମହାନ୍ତି, ବିନୟ ବେହୁରିଆ, ମନୋଜ ମିର୍ଦ୍ଧା, ଲକ୍ଷ୍ମୀଧର ନାୟକ, ଡି. ତିରୁପତି ପାତ୍ର, ବିଶ୍ୱନାଥ ଲେଙ୍କା. ବାସନ୍ତୀ ବଡ଼ାଇକ, ଲଳିତା କିଷାନ, ଝିନୁ ପ୍ରଧାନ, ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ, ସୁଶିଳା ଖାଡ଼ିଆ, ଅଞ୍ଜନା ସାଗର, ଲୁଦ୍ଦୁ ପ୍ରଧାନ ଓ ବିଶ୍ୱେଶ୍ୱର ଘୋଷ ପ୍ରମୁଖ ଉପସ୍ଥିତ

## ଶହୀଦ ସ୍ମାରକୀ ଫୁଟବଲ ଫାଇନାଲ ୨୫ରେ

ରାଉରକେଲା ଅଫିସ,୨୩।୮

ଆସନ୍ତା ୨୫ ତାରିଖ ରବିବାର ଅପରାହ୍ନ ୩ଟାରେ କୁଆଁରମୁଣ୍ଡା ତେଲିପୋଷଠାରେ ଶହୀଦ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଦକ୍ଷିଣ-ପୂର୍ବ ରେଲୱେ ମଜଦୁର ସଂଘ କେନ୍ଦ୍ରୀୟ ଉପାଧକ୍ଷ ଡ. ସୁବାସ ଚନ୍ଦ୍ର ଲେଙ୍କାଙ୍କ ସମେତ ବହୁ କ୍ରୀଡ଼ାବିତ୍ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ବେଦବ୍ୟାସସ୍ଥିତ ବ୍ୟାସାୟନର ନିର୍ଦ୍ଦେଶକ ଡ. ଉମାକାନ୍ତ ପଣ୍ଡା, ଅଧାପକ ଚନ୍ଦ୍ରଧ୍ୱଜ ମାଝି, ଇଂ. ରବୀନ୍ଦ୍ର ପ୍ରଧାନ, ସଂଯୋଜକ ସୁଜିତ ମିଶ୍ର ଓ ଗ୍ରୀନ କ୍ଲବର ସମସ୍ତ କର୍ମକର୍ତ୍ତା ଏଥିରେ ଉପସ୍ଥିତ ରହିବେ। ସମ୍ମାନିୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ମହେଶ ନାଗ, ଗୁରୁକୁଳ ଆଶ୍ରମର ପଣ୍ଡିତ ଧନେଶ୍ୱର ବେହେରା, ସ୍ୱାମୀ ଅଗ୍ନିବାବା, ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଶ୍ରୀନିବାସ ପାଠୀଶର୍ମା ମଧ ଏଥିରେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି।

## ପ୍ରଶାସନିକ ନିଷ୍କ୍ରିୟତା ଗୋଚାଲାଣକୁ ପ୍ରୋତ୍ସାହିତ କରୁଛି

ସୁନ୍ଦରଗଡ଼, ୨୩।୮(ଡି.ଏନ୍.ଏ)

ଗୁରୁବାର ସନ୍ଧ୍ୟାରେ ସୁନ୍ଦରଗଡ଼ ସହରରେ ବେଆଇନ ଗୋଚାଲାଣ ଧରାପଡିବା ପରେ ସହରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାରେ ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ଓଡିଶା ଧର୍ମପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲାରେ ବୃଦ୍ଧି ପାଉଥିବା ଗୋ-ଚାଲାଣ ପାଇଁ ଜିଲା ପୋଲିସ ଓ ପ୍ରଶାସନର ନିଷ୍କ୍ରିୟତାକୁ ସେ ଦାୟୀ କରି ଗୋରୁ ମାଫିଆଙ୍କ ପାଖରେ ପ୍ରଶାସନ ବିକ୍ରୀ ହୋଇଯିବା ଦୁର୍ଭାଗ୍ୟଜନକ ବୋଲି କୁସୁମ କହିଛନ୍ତି। ଏହି ଅବସରରେ କୁସୁମ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ଯେ, ପ୍ରାଣୀ ନିଷ୍ଠୁରତା ତଥା ଗୋଚାଲାଣ ରୋକିବା ପାଇଁ ଦୀର୍ଘଦିନରୁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପ୍ରୟାସ ଜାରି ରହିଥିବା ବେଳେ ପ୍ରଶାସନିକ ଅସହଯୋଗ ଯୋଗୁ ଗୋଚାଲାଣକୁ ରୋକାଯାଇପାରୁ ନାହିଁ। ବିଗତ ଦିନରେ ବାଲିଶଙ୍କରା, ସବଡେଗା ବ୍ଲକରେ ଗୋଚାଲାଣକୁ ରୋକିବା ସକାଶେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଗୋ ଚାଲାଣକୁ ରୋକାଯାଇପାରିଥିଲା। ହେଲେ ପ୍ରଶାସନିକ ଅସହଯୋଗ କାରଣରୁ ବର୍ତ୍ତମାନ ଜିଲାରେ ଗୋଚାଲାଣ ଉଗ୍ରରୂପ ଧାରଣ କଲାଣି। ଗୋରକ୍ଷକଙ୍କୁ ଅଣଦେଖା କରି ପ୍ରଶାସନ ଗୋଚାଲାଣକାରୀଙ୍କ ସୁରକ୍ଷା କବଚ ସାଜିବା ଦୁର୍ଭାଗ୍ୟପୂର୍ଣ୍ଣ ଅଟେ ବୋଲି କୁସୁମ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପ୍ରାଣୀ ନିଷ୍ଠୁରତା ବିରୋଧରେ ଓଡିଶାରେ ୧୯୬୦ ରୁ ସୋସାଇଟି ଫର ପ୍ରିଭେନସନ୍ କ୍ରୁଏଲିଟି ଟୁ ଆନିମଲସ୍ ନାମରେ ସଶକ୍ତ ଆଇନ ରହିଥିଲେ ସୁଦ୍ଧା ପ୍ରଶାନିକ ନିଷ୍କ୍ରିୟତା ଯୋଗୁ ଗୋସମ୍ପଦ ଆଜି ବିପଦରେ ପଡିଛି। ଯଦି ଏ ପ୍ରକାର ଗୋ ଚାଲାଣ ଚାଲୁ ରହେ ତାହା ହେଲେ ଆଉ କିଛି ବର୍ଷ ପରେ ଜିଲାରେ ଗୋସମ୍ପଦ ଲୁପ୍ତ ହେବା ସୁନିଶ୍ଚିତ। ତେଣୁ ପ୍ରଶାସନ ବେଳ ଥାଉଥାଉ ଗୋଚାଲାଣକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଉଚିତ୍ । ନଚେତ ଗୋମାତାର ସୁରକ୍ଷା ପାଇଁ ଜନସାଧାରଣ ଆଇନକୁ ହାତକୁ ନେବାକୁ ବାଧ୍ୟ ହେବେ ବୋଲି କୁସୁମ ଚେତାବନୀ ଦେଇଛନ୍ତି।

## ଗୋପୀନାଥ ମହାନ୍ତି, ସଚ୍ଚି ରାଉତରାୟଙ୍କ ତିରୋଧାନ ଦିବସ

ରାଉରକେଲା ଅଫିସ,୨୩।୮

ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ଡୁମକେଲା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଗାଳ୍ପିକ ଗୋପୀନାଥ ମହାନ୍ତି ଓ କବି ସଚ୍ଚି ରାଉତରାୟଙ୍କ ତିରୋଧାନ ଦିବସ ବୁଧବାର ସ୍କୁଲ ପରିସରରେ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ପ୍ରବୀର ଦୁବେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଅଧାପକ ନଗେନ ଦାସ, ମୁଖ୍ୟବକ୍ତା ରୂପେ ଆର୍ତ୍ତତ୍ରାଣ ମହାପାତ୍ର ଯୋଗଦେଇଥିଲେ। ଉଭୟ ସାହିତ୍ୟ ସାଧକଙ୍କ ଉଚ୍ଚକୋଟୀର ସୃଷ୍ଟି ସମ୍ଭାର ଉପରେ ଆଲୋକପାତ କରିଥିଲେ ଅତିଥି। ଅଧକ୍ଷ ଦୁବେ ନିଜ ସଭାପତୀୟ ଅଭିଭାଷଣରେ କହିଥିଲେ, ଏହି ଦୁଇ ସାହିତ୍ୟ ସ୍ରଷ୍ଟାଙ୍କ ରଚନା ଆମ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି। ମୁଖ୍ୟ ଅତିଥି ଡ. ଦାସ କହିଥିଲେ. ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ଉପରୋକ୍ତ ଦୁଇ ପ୍ରତିଭାଙ୍କ ଅନବଦ୍ୟ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ମୁଖ୍ୟବକ୍ତା ମହାପାତ୍ର କହିଥିଲେ, ଗୋପୀନାଥ ମହାନ୍ତି ଓଡ଼ିଆ ସାହିତ୍ୟ ଜଗତର ଜଣେ ଶ୍ରେଷ୍ଠ ସାରସ୍ୱତ ସାଧକ। ସେ ଏକାଧାରାରେ ଜଣେ ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଓ ଅନୁବାଦକ ଭାବେ ସାହିତ୍ୟ ଜଗତରେ ନିଜ ସ୍ଥିତି ଦୃଢ଼ କରିପାରିଥିଲେ। ସେହିଭଳି କବି ସଚ୍ଚି ରାଉତରାୟଙ୍କ ରଚନାରେ ମାଟିରୁ ଆକାଶ ଯାଏ ମୁକ୍ତିର ବାଟ ପ୍ରସାରିତ ବୋଲି ମହାପାତ୍ର ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଛୋଟ ମୋର ଗାଁଟି କବିତାରେ ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ, ଛାତ୍ରୀ ସୋନାଲି ଖାଡ଼ିଆ, ଅନୀତା ଖାଡ଼ିଆ, ବର୍ଷା ଖାଡ଼ିଆ ଓ ସୋନାଲି ସମାସୀ ପ୍ରମୁଖ ଭାଗ ନେଇଥିଲେ। ଶିକ୍ଷୟିତ୍ରୀ ପ୍ରେମଲତା ଧଳ, ସରସ୍ୱତୀ ପଟେଲ, ରଶ୍ମିତା ଜେନା, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୀମାଶ୍ରୀ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।


ଗୋପୀନାଥ ମହାନ୍ତି ଓ ସଚ୍ଚି ରାଉତରାୟଙ୍କ ତିରୋଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।


ଭାଜପା ପକ୍ଷରୁ ରାଉରକେଲା ହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଏମ୍‌ପିଙ୍କ ସହ ଦଳୀୟ କର୍ମକର୍ତ୍ତା।

## ଭୁବନେଶ୍ୱର ଏମ୍‌ପିଙ୍କ ରାଉରକେଲା ଗସ୍ତ

ରାଉରକେଲା ଅଫିସ, ୨୩।୮

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଶୁକ୍ରବାର ଦିନିକିଆ ରାଉରକେଲା ଗସ୍ତରେ ଆସି ଏନ୍‌ଆଇଟିର ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଦେଶର ବିଭିନ୍ନ ଏନ୍‌ଆଇଟିରୁ ୫ଜଣ ଲେଖାଏଁ ଛାତ୍ର ପ୍ରତିନିଧି ଏଥିରେ ଯୋଗଦେଇଥିଲେ। ପ୍ରାୟ ୫ଶହ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ଷଡ଼ଙ୍ଗୀ ବିଭିନ୍ନ ବୈଷୟିକ ଶିକ୍ଷା ଉପରେ କହିଥିଲେ। ଏହା ପୂର୍ବରୁ ସେ ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ, ଗୁରୁକୁଳ ଆଶ୍ରମ ଆଦି ସ୍ଥାନ ପରିଦର୍ଶନ କରିବା ସହ ଭଲ ମନ୍ଦ ପଚାରି ବୁଝିଥିଲେ। ଏହି ଅବସରରେ ତାଙ୍କୁ ଲାଠିକଟା ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳର ମହିଳା ମୋର୍ଚ୍ଚା, ଯୁବ ମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ଭେଟି ଷଡ଼ଙ୍ଗୀ ସାଂଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଦଳୀୟ କାର୍ଯ୍ୟାଳୟକୁ ଆସି ସଦସ୍ୟତା ଅଭିଯାନର ସଫଳତା, ଦଳୀୟ ସଂଗଠନକୁ କ୍ରିୟାଶୀଳ କରିବା ନେଇ ବିଚାରବିମର୍ଶ କରିଥିଲେ। ସନ୍ଧ୍ୟାରେ ରାଉରକେଲା ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଥିଲେ, ଆଗାମୀ ଦିନରେ ଦଳକୁ ସୁଦୃଢ଼ କରାଯିବ। ଲୋକାଭିମୁଖୀ କାର୍ଯ୍ୟରେ କର୍ମୀମାନେ ସାମିଲ ହେବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଗ୍ରାମୀଣ ଲୋକଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରଚେଷ୍ଟା ଜାରି ରହିଛି। ଏ ଦିଗରେ ସବୁ ବର୍ଗର ଲୋକଙ୍କ ସହଯୋଗ ଆବଶ୍ୟକ। ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ଚିତ୍ର ବଦଳିବାକୁ ଯାଉଛି ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ସେ ଅଭିଯୋଗ କରି କହିଥିଲେ, ରାଉରକେଲା ସ୍ମାର୍ଟ ସିଟିକୁ କେନ୍ଦ୍ର ପକ୍ଷରୁ ଯୋଗାଇ ଦିଆଯାଇଥିବା ପ୍ରଚୁର ଅର୍ଥ ଖର୍ଚ୍ଚ କରା ନ ଯାଇ ପଡ଼ି ରହିଛି। ଉନ୍ନୟନ ପଛରେ ପଡ଼ିଛି। ରାଉରକେଲା ଏକ ସୁନ୍ଦର ସହର ହୋଇଥିବା ବେଳେ କେତେକ ସ୍ଥାନରେ ଆବର୍ଜନା ଗଦା ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡୁଛି। ଏଠି ସ୍ୱଚ୍ଛତାକୁ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିବା ଷଡ଼ଙ୍ଗୀ ଅଭିଯୋଗ କରିଥିଲେ। ରାସ୍ତାରେ ମାଳ ମାଳ ବୁଲା କୁକୁର ବୁଲୁଥିବା ବେଳେ ଏ ଦିଗରେ ଧ୍ୟାନ ଦିଆଯାଉନି। ଏହା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସେ କହିଥିଲେ। ଏଠାରେ ଯାହା ସମସ୍ୟା ରହିଛି ତାକୁ କେନ୍ଦ୍ରୀୟ ନେତାଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ଚେଷ୍ଟା କରାଯିବ ବୋଲି ଷଡ଼ଙ୍ଗୀ କହିଥିଲେ। ଏହି ଅବସରରେ ମେଡିକାଲ କଲେଜ, ଏୟାର କନେକ୍ଟିଭିଟି, ପାସ୍‌ପୋର୍ଟ, ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନେଇ ତାଙ୍କ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଏ ଦିଗରେ ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ସଭାପତି ଜଗବନ୍ଧୁ ବେହେରା, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ତଳସରା ବିଧାୟକ ଭବାନୀ ଭୋଇ, ନିହାର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ସର୍ବଭାରତୀୟ ୧୦ମ କରାଟେ ଚାମ୍ପିୟନଶିପ୍

## ରାଉରକେଲାରୁ ଯୋଗଦେଇଛନ୍ତି ୩୪ ଜଣିଆ ଦଳ

ରାଉରକେଲା ଅଫିସ,୨୩।୮

ଉତ୍କଳ କରାଟେ ସ୍କୁଲ ଓ ସୁନକାଇ କରାଟେ ୟୁନିୟନ ଇଣ୍ଡିଆ ପକ୍ଷରୁ ୧୦ମ ଇଣ୍ଡିଆ କରାଟେ ଚମ୍ପିୟନଶିପ୍ ଭୁବନେଶ୍ୱର ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୨୫ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ରାଉରକେଲାରୁ ୩୪ଜଣିଆ ଦଳ ଭାଗ ନେଇଛି। ସେହିପରି ଓଡ଼ିଶା ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡର ପ୍ରତିଯୋଗୀ ଭାଗ ନେଇଛନ୍ତି। ରାଉରକେଲାରୁ ସୁହାନୀ ମିଶ୍ର, କବିର ସାହୁ, ସମ୍ଭବ ପଣ୍ଡା, ରିତେଶ ଦାସ, ସାଇମୋହନ ପାଲ, ସୂର୍ଯ୍ୟ ଘଡ଼େଇ, ଅର୍ପିତା ପଣ୍ଡା, କୁମାର ଶୁଭମ, ଆୟୁଷ ସିଂ, ଅନୁରାଗ ମିଶ୍ର, ଅନନ୍ୟା ପାତ୍ର, ଚନ୍ଦନ ରାଉତ, ଅର୍ଯ୍ୟବ୍ରତ ବିଶ୍ୱାଳ, ପୁଲକ ପାଢ଼ୀ, ସୋହମ ଘୋଷ, ହିମାଂଶୁ ନାୟକ, ଅର୍ପିତା ସିଂ, ପ୍ରିୟମ୍ବଦା ସୁତାର, ଅନୁଷ୍କା ଜେନା, ଲିଙ୍ଗରାଜ ଓଝା, ଦେବାଶିଷ ଖାଲକୋ, ଚେତନ ସ୍ୱାଇଁ, ନିଶିକାନ୍ତ ସାହୁ, ସେଜଲ ପ୍ରିୟଦର୍ଶିନୀ, ଅଭିଷେକ ପ୍ରସାଦ ଓ ସ୍ୱାଗତିକା ସାହୁ ପ୍ରମୁଖ ଟିମ୍‌ରେ ସାମିଲ ଅଛନ୍ତି।



ସର୍ବଭାରତୀୟ କରାଟେ ଚାମ୍ପିୟନଶିପ୍‌ରେ ଭାଗନେଇଥିବା ରାଉରକେଲାର ପ୍ରତିଯୋଗୀ।

## ଜାଗୃତି ପକ୍ଷରୁ କ୍ୟାନ୍‌ସର ଚିହ୍ନଟ ଶିବିର ୨୬ରେ

ରାଉରକେଲା ଅଫିସ,୨୩।୮

ମାରୱାଡି ଯୁବ ମଞ୍ଚ ପରିଚାଳିତ ଜାଗୃତି ରାଉରକେଲା ଶାଖା ପକ୍ଷରୁ ଅସନ୍ତା ୨୬ ତାରିଖରେ ମେଗା କ୍ୟାନସର ଚିହ୍ନଟ ଶିବିର ଅନୁଷ୍ଠିତ ହେବ। ୫ ବର୍ଷ ହେଲା ଅଖିଳ ଭାରତୀୟ ମାରୱାଡି ଯୁବମଞ୍ଚ କ୍ୟାନସରମୁକ୍ତ ଭାରତ ଗଠନ ନେଇ କାର୍ଯ୍ୟାରମ୍ଭ କରିଛି। ଏଥିପାଇଁ ବର୍ଷକରେ ପ୍ରାୟ ୩ ମାସ ବ୍ୟାପୀ ବିଭିନ୍ନ ରାଜ୍ୟରେ ସଚେତନତା ରଥ ପରିକ୍ରମା କରିଥାଏ ବୋଲି ପାନପୋଷ ବ୍ରାହ୍ମଣୀ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହାର ମହିଳା ଶାଖା ଜାଗୃତି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସଂଗଠନର ୯୨ଟି ଶାଖା ରାଜ୍ୟର ବିଭିନ୍ନ ସ୍ଥାନରେ ରହିଥିବା ବେଳେ ଏବେ ବଲାଙ୍ଗୀର, ତୁଷରା, କଣ୍ଟାବାଞ୍ଜି. ସୋହେଲା ଓ ଟିଟିଲାଗଡ଼ ଭଳି କେତେକ ସ୍ଥାନରେ କ୍ୟାନସର ଚିହ୍ନଟ ଶିବିର ଅନୁଷ୍ଠିତ ହେଉଛି। ଏଥିରେ ଗୋଟିଏ ଦିନରେ ଶହେରୁ ୧୫୦ ପର୍ଯ୍ୟନ୍ତ ରୋଗୀଙ୍କ ପରୀକ୍ଷା ବ୍ୟବସ୍ଥା ରହିଛି। ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ପରେ ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଉଛି। ୨୬ ତାରିଖରେ ରାଉରକେଲାରେ ଅନୁଷ୍ଠିତ ହେବାକୁ ଯାଉଥିବା ଶିବିରରୁ ଲୋକେ କିପରି ସୁଫଳ ପାଇବେ ସେ ନେଇ ସଂଗଠନ ବ୍ୟବସ୍ଥା କରିଛି। ଖବର ଲୋକଙ୍କ ପାଖରେ ପହଞ୍ଚାଇବାକୁ ବିଭିନ୍ନ ସ୍ତରରେ ପଦକ୍ଷେପ ନିଆଯାଇଛି। ୯ଟି କ୍ରମରେ ପରୀକ୍ଷଣ ବ୍ୟବସ୍ଥା କରାଯାଇଛି। ଗରିବ ଜନତା ନିଜ ଘର ପାଖରେ ଏହି ରୋଗ ଚିହ୍ନଟ ସୁବିଧା ସହ ଭବିଷ୍ୟତରେ ଏହାର ନିଦାନ ନେଇ ସଚେତନ ହେବାକୁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି। ଖବରଦାତା ସମ୍ମିଳନୀରେ ମହିଳା ସଂଗଠନ ଅଧକ୍ଷା ନୈନା ଅଗ୍ରୱାଲ, ମାରୱାଡି ଯୁବ ମଞ୍ଚ ରାଜ୍ୟ ସମ୍ପାଦକ ଅଜୟ ଶର୍ମା, ମୀନା ମିତ୍ତଲ, ଅନ୍ନପୂର୍ଣ୍ଣା ମାରୋଠିଆ, ସୁନୀତା ଗୁପ୍ତା, ନୀରା ଜିନ୍ଦଲ, ମୃଦୁଳା ମାରୋଠିଆ ଓ ଗଣେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରସଂସଦ ନିର୍ବାଚନ ବାତିଲ ନିଷ୍ପତ୍ତି ନେଇ ଏବିଭିପିର ଅଭିଯୋଗ

## ସରକାର ଛାତ୍ରଙ୍କ ଅଧିକାର କ୍ଷୁଣ୍ଣ କରିବାକୁ ବସିଛନ୍ତି

ରାଉରକେଲା ଅଫିସ,୨୩।୮

ଓଡ଼ିଶା ସରକାର ଛାତ୍ର ସମାଜର ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ କରିବାକୁ ବସିଛନ୍ତି। ସେମାନଙ୍କ ହାତଗୋଡ଼ ବାନ୍ଧି ଘରେ ବସାଇଦେବାକୁ ଚାହୁଁଛନ୍ତି। ଛାତ୍ରସଂସଦ ନିର୍ବାଚନ ବାତିଲ ନିଷ୍ପତ୍ତି ପଛରେ ସରକାରଙ୍କ ସ୍ୱାର୍ଥ ନିହିତ ବୋଲି ଶକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଅଭିଯୋଗ କରାଯାଇଛି। ସରକାରଙ୍କ ଆଭିମୁଖ୍ୟକୁ ସଂଗଠନ ତୀବ୍ର ସମାଲୋଚନା କରି ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ପ୍ରତିବାଦ କରିଛି। ଏଥିରେ ଉପସ୍ଥିତ ଛାତ୍ର ନେତା କହିଥିଲେ, ବିଜୁ ଜନତା ଦଳ (ବିଜେଡି) ନେତୃତ୍ୱାଧିନ ସରକାର ନିଜ ଦୋଷ ଲୁଚାଇବାକୁ ଏଭଳି ଛାତ୍ରବିରୋଧୀ ପଦକ୍ଷେପ ନେବାକୁ ଯୋଜନା କରିଛନ୍ତି। ରାଜ୍ୟର ବିଭିନ୍ନ କଲେଜରେ ବିଜେଡି ସଂଗଠନ ଗୋଷ୍ଠୀକନ୍ଦଳରେ ବୁଡ଼ି ରହିଛି। ନିର୍ବାଚନ ହେଲେ ନିଜ ଦୁର୍ବଳତା ପଦାରେ ପଡ଼ିଯିବ। ଏଣୁ ମୂଳୁ ମାଇଲେ ଯିବ ସରି ନ୍ୟାୟରେ ସରକାର ନିର୍ବାଚନ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯିବା ଭଳି ପରିସ୍ଥିତି ଉତ୍ପନ୍ନ ହେବ। ଆଜି ଯେଉଁମାନେ ନିଜକୁ ବରିଷ୍ଠ ନେତା ଭାବେ ପ୍ରତିଷ୍ଠିତ କରିଛନ୍ତି ସେମାନଙ୍କ ମଧ୍ୟରୁ ଅନେକେ ଛାତ୍ରସଂସଦ ନିର୍ବାଚନରୁ ହିଁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ଏକ ଶିକ୍ଷିତ, ସଭ୍ୟ ସମାଜରେ ସରକାର ନିର୍ବାଚନକୁ ଡରିବା ହାସ୍ୟାସ୍ପଦ ଘଟଣା। ପରିବର୍ତ୍ତିତ ପରିସ୍ଥିତରେ ସରକାର ନିଜ ମତିଗତି ବଦଳାଇବା ଆବଶ୍ୟକ ବୋଲି ଏବିଭିପି ପ୍ରକାଶ କରିଛି। ବିଭାଗୀୟ ମନ୍ତ୍ରୀ ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ସହ ତୁରନ୍ତ ବଦଳାନ୍ତୁ। ଅନ୍ୟଥା ସଂଗଠନ ପକ୍ଷରୁ ସାରା ରାଜ୍ୟରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଛାତ୍ର ନେତା ଆଶିଷ ଦାସ, ଚନ୍ଦନ ପ୍ରଧାନ, ଘନଶ୍ୟାମ ଦୀପ, ଅନୁରାଗ ବେହେରା, ମନୋରଞ୍ଜନ ରାଉତ, ୟୁନାଲ ସାହୁ, ଲଗ୍ନଜିତ ମଲ୍ଲିକ ଓ ହେମାନନ୍ଦ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।



ଛାତ୍ରସଂସଦ ନିର୍ବାଚନ ବାତିଲ ନେଇ ଏବିଭିପି ପକ୍ଷରୁ ବିକ୍ଷୋଭ କରାଯାଉଛି।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ

## ସଂକ୍ଷେପରେ

### ଭାରସାମ୍ୟ ହରାଇ ସିମେଣ୍ଟ ବୋଝେଇ ଟ୍ରକ ଓଲଟିଲା

**ବେଦବ୍ୟାସ, ୨୩।୮ (ଡି.ଏନ.ଏ)** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଛକରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଛି । ଅଳ୍ପକେ ବର୍ତ୍ତି ଯାଇଛନ୍ତି ଟ୍ରକ ଚାଳକ। ପ୍ରାପ୍ତ ସୂଚନାନୁଯାୟୀ ବେଦବ୍ୟାସ ରାଜ୍ୟ ରାଜପଥ ୧୦ର ବେଦବ୍ୟାସ ଛକରେ ଶୁକ୍ରବାର ରାତି ୮ଟାରେ ସୁନ୍ଦରଗଡ ପାର୍ଶ୍ୱରୁ ରାଉରକେଲା ଆଡକୁ ଯାଉଥିବା ସିମେଣ୍ଟ ବୋଝେଇ ଟ୍ରକ ଯାହାର ଓଆର୍ ୧୬ ଡି– ୩୧୯୮ ବେଦବ୍ୟାସ ଗୋଲେଇ ଛକର ଏକ ଗାତରେ ପଡି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ଟ୍ରକ ଚାଳକ ଓ ହେଲପର ଆଘାତ ପାଇ ଗୁରୁତର ଆହତ ହୋଇଛନ୍ତି । ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ହେଲପର ଓ ଟ୍ରକ ଚାଳକଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଆରଜିଏଚରେ ଭର୍ତ୍ତି କରିଛନ୍ତି । ଟ୍ରକ ଛକ ଉପରେ ପଡିରହିଥିବା ଯୋଗୁଁ ସାଧାରଣ ଜନଜୀବନ ଯାତାୟତ କ୍ଷେତ୍ରରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗୁରୁତର ହୋଇଥିବା ଟ୍ରକ ଚାଳକ ଓ ହେଲପରର ନାମ ଜଣାପଡିନି ।

# ୬ ମାସ ହେଲା ଯେଉଁଠି କି ସେଇଠି

- ଆଗେଇ ପାରୁନି ରାସ୍ତା କାମ
- ବଢୁଛି ଦୁର୍ଘଟଣା, ଶୁଣୁନାହିଁ ଗ୍ରାମ୍ୟ ଉନ୍ନୟନ ବିଭାଗ
- ମଣ୍ଡପ- ନୂଆଗାଁ ରାସ୍ତା କାମ ଚାଲିଛି ମନ୍ଥରଗତିରେ

ପ୍ରଦୀପ ତ୍ରିପାଠୀ

**ନୂଆଗାଁ, ୨୩।୮ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ (ଆର୍‌ଡ଼ି) ଦ୍ୱାରା କରାଯାଉଥିବା କାମକୁ ନେଇ ବ୍ୟାପକ ଅନିୟମିତତା ତଥା କାର୍ଯ୍ୟରେ ମନ୍ଥରତା ନେଇ ନିକଟରେ ବୀରମିତ୍ରପୁର ବିଧାୟକଙ୍କ ବ୍ଲକସ୍ତରୀୟ ସମୀକ୍ଷା ବୈଠକରେ ଗାଁ ଲୋକେ ଗୁରୁତର ଅଭିଯୋଗ ଆଣିଥିଲେ। ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି ଯୋଗୁ ନୂଆଗାଁ ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଚାଲିଥିବା ଅନେକ କାର୍ଯ୍ୟ ଉପରେ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ବିଭାଗୀୟ ଅଧିକାରୀ ଲୋକଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ଅଣଦେଖା କରିଆସୁଛି। ନିକଟରେ ମିଟକୁନ୍ଦୁରୀ– କାର୍କାଟା ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ତଥା ନିମ୍ନମାନର କାର୍ଯ୍ୟକୁ ନେଇ ନୂଆଗାଁ ବ୍ଲକ ବିଜେଡି ସଭାପତି ଦିଗାମ୍ବର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଇସନ ତିର୍କି, ଯୁବନେତା ସୁଲେମାନ କାଲଡିଆ ପ୍ରମୁଖ ଗୁରୁତର ଅଭିଯୋଗ ମଧ୍ୟ ଆଣିଥିଲେ। ଅଭିଯୋଗ ପରେ ନୂତନ କରି ନିର୍ମାଣ ହୋଇଥିବା ରାସ୍ତାକୁ ଇତି ମଧ୍ୟରେ ୨ ଥର ମରାମତି କରାଗଲାଣି। ତଥାପି ରାସ୍ତା ଅବସ୍ଥା ସୁଧୁରୁ ନାହିଁ। ନିକଟରେ ଉକ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଦିଆଯାଇଥିବା ମାଟି ବର୍ତ୍ତମାନ ଲୋକଙ୍କ ପାଇଁ ଦୁର୍ଘଟଣାର କାରଣ ପାଲଟିଛି। ଉଭୟ ପାର୍ଶ୍ୱରେ ମାଟି ଦେବା ଯୋଗୁ ସେଗୁଡିକ ଏମିତି ଶୋଚନୀୟ ହୋଇଛି ଯେ, ଚାରି ଚକିଆ ଗାଡି ଗୋଟେ ଗଲେ ଅପରପାର୍ଶ୍ୱରୁ ଆସୁଥିବା ଲୋକ ସାଇଡ ଦେଲେ ଦୁର୍ଘଟଣା ନିଶ୍ଚିତ ଏଥିରେ ଦ୍ୱିମତ ନାହିଁ। ଏନେଇ ବିଭାଗୀୟ ଅଧିକାରୀମାନଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଲୋକଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି। ଓଲଟା ସମ୍ପୃକ୍ତ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଆସୁଛନ୍ତି । ଅନୁରୂପ ଭାବେ ଗତ ୬ ମାସ ପୂର୍ବରୁ ମଣ୍ଡପ– ନୂଆଗାଁ ଆରଡି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଛି । ସେହି କାମକୁ ମଧ୍ୟ ସମ୍ପୃକ୍ତ ଠିକାଦାର ହିଁ ନେଇଛନ୍ତି। ହେଲେ କାର୍ଯ୍ୟ କରିବାର ମାନ ନିମ୍ନମାନର ସାଙ୍ଗକୁ କାର୍ଯ୍ୟର ମନ୍ଥରତ ଯୋଗୁ ଉକ୍ତ ରାସ୍ତା ଦେଇ ପ୍ରତିଦିନ କିଛିନା କିଛି ଦୁର୍ଘଟଣା ଘଟୁଛି। ନିକଟରେ ଉକ୍ତ ରାସ୍ତା ଉପରେ ଏକ ପୋଲ ନିର୍ମାଣ ନେଇ ଅହେତୁକ ବିଳମ୍ବ କରାଯାଇଥିଲା। ତାପୂର୍ବରୁ ରାସ୍ତାକୁ ଖୋଳି ଠିକାଦାର ଜଣଙ୍କ ହାରାହାରି ୨ ମାସ ନୀରବ ବସିଥିଲେ। ସେହି ଖାଲରେ ଏତୁଆ ଏକ୍କା ନାମକ ଜଣେ ଲୋକ ଅନ୍ଧାର ରାତିରେ ପଡିଯାଇ ଗୁରୁତର ହୋଇଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବ୍ରିଜ କାମ ଯଥାଶୀଘ୍ର କରାଯାଇଥିଲା । ହେଲେ ବ୍ରିଜ କାମ ପରେ ଠିକାଦାର ପୁଣି ଚୁପ ହୋଇ ବସିଗଲେ। ରାସ୍ତାର ସମ୍ପ୍ରସାରଣ ପାଇଁ ଗୋଟିଏ ପଟେ ଲମ୍ବ ଭାବରେ ଗାତ ଖୋଳି ଛାଡି ଦେଇଥିବା ବେଳେ କୌଣସି ଚାରି ଚକିଆ ଗାଡି ଯିବା ଆସିବା କଲେ ଅନ୍ୟ ଗାଡିଗୁଡିକୁ ସାଇଡ ଦେବାକୁ ସମସ୍ୟା ସୃଷ୍ଟି ହେଉଛି। ମଣ୍ଡପ– ନୂଆଗାଁ ରାସ୍ତା ବିଶ୍ରାଠାରୁ ସୋରଡା ହୋଇ ଝାଡଖଣ୍ଡକୁ ସଂଯୋଗ କରୁଥିବା ବେଳେ ଏହା ବାରିଲେପ୍ଟା ହୋଇ ନୂଆଗାଁ ସଦର ମହକୁମାକୁ ମଧ୍ୟ ସଂଯୋଗ କରୁଛି। ସବୁ ସମୟରେ ଏହି ରାସ୍ତା ଦେଇ ଗାଡି ମୋଟର ଯିବାଆସିବା କରୁଛି। ନୂଆଗାଁ ଅଞ୍ଚଳର ଛାତ୍ରୀଛାତ୍ରଠାରୁ ଆରମ୍ଭ କରି ଚାଷୀ, ମୂଲିଆ, ଚାକିରିଆ ସହ ବିଭିନ୍ନ ରୋଗୀ ମଧ୍ୟ ଏହି ରାସ୍ତା ଦେଇ ରାଉରକେଲା, ବିଶ୍ରା ଅଞ୍ଚଳକୁ ଯାଉଛନ୍ତି। ନୂଆଗାଁ ଏକ ପିଏଲଏଫଆଇ ପ୍ରବେଶ ଅଞ୍ଚଳ ହୋଇଥିବାରୁ ବିଶ୍ରା ପୋଲିସ ପାଇଁ ମଧ୍ୟ ଏହି ରାସ୍ତା ଗୁରୁତ୍ୱ ରଖୁଛି । ହେଲେ ରାସ୍ତାର ସମ୍ପ୍ରସାରଣ ନାଁରେ ୬ମାସ ହେବ ରାସ୍ତାର ଗୋଟିଏ ପାର୍ଶ୍ୱରେ ଖୋଳି ଛାଡି ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣ ଅଭିଯୋଗ ହେଉଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ନାଏକଙ୍କୁ ପଚାରିବାରେ ସେ କହିଲେ ବର୍ଷା ଯୋଗୁ କାମ ବନ୍ଦଥିଲା । ଏବେ ଆରମ୍ଭ ହେବ ଏବଂ ଶୀଘ୍ର କାମ ଶେଷ ହେବ ବୋଲି କହିଥିଲେ।



ମଣ୍ଡପ– ନୂଆଗାଁ ରାସ୍ତାରେ ମେଟାଲ ପକାଇ କାମ ବନ୍ଦ ।

### ବିନୟ ଟପ୍ପୋ ଏସଡିସି ଅଧ୍ୟକ୍ଷ ନିଯୁକ୍ତି ପାଇବାପରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ବାଲିଶଙ୍କରା, ୨୩।୮ (ଡି.ଏନ.ଏ)**

ତଲସରା ନିର୍ବାଚନ ମଣ୍ଡଳୀରେ ବିଜେଡି ପରାଜିତ ହୋଇଥିବାରୁ କର୍ମୀମାନେ ନିରାଶ ହୋଇ ହତାଦର ହୋଇଥିଲେ। ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଞ୍ଚଳର ବିକାଶ ପାଇଁ ତଲସରା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇ ୨୦୧୪ ମସିହାରେ କଂଗ୍ରେସ ପ୍ରାର୍ଥୀ ଡା. ପ୍ରଫୁଲ୍ଲ ମାଝିଙ୍କଠାରୁ କମ୍ ଭୋଟ ବ୍ୟବଧାନରେ ହାରିଥିବା ଓକିଲ ବିନୟ ଟପ୍ପୋଙ୍କୁ ସୁନ୍ଦରଗଡ ଜିଲାର ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଚୟନ କରିଥିବାରୁ ବାଲିଶଙ୍କରା ବ୍ଲକ ବିଜେଡିର ସମର୍ଥକ ମହଲରେ ଖୁସିର ଲହରୀ ଖେଳିଯାଇଥିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିରେ ସାମିଲ ହୋଇଥିଲେ ପୂର୍ବତନ ବ୍ଲକ ସଭାପତି ଜଗଦିଶ କର, ବରିଷ୍ଠ ଆଇନଜୀବି ରାଜକୁମାର ଶତପଥି, ରଞ୍ଜନ ବେସନ, କପିଳେଶ୍ୱର ଦାନୀ, ସୁଶାନ୍ତ ଦାନୀ ପ୍ରମୁଖ କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ସଙ୍ଗଠନ ମଜଭୁତ ରହିବା ସହିତ ଅଞ୍ଚଳରେ ବିକାଶ ହୋଇ ପାରିବ ବୋଲି ଆଶା ପ୍ରକଟ କରିଛନ୍ତି। ବିନୟ ସୁନ୍ଦରଗଡ଼ର ବିକାଶ ପାଇଁ ଉଦ୍ୟମ କରିବେ ବୋଲି ବାଲିଶଙ୍କରା ବ୍ଲକର ବିଜେଡ଼ି କର୍ମୀମାନେ ଆଶା କରିଛନ୍ତି।

### ଲହୁଣିପଡା ଜାତୀୟ ରାଜପଥ ୨୧୫ ପାଲଟିଛି ମରଣଯନ୍ତା

## ଦୁର୍ଘଟଣା, ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକେ

**ଲହୁଣୀପଡା, ୨୩।୮ (ଡି.ଏନ.ଏ)**

ଜାତୀୟ ରାଜପଥ ନଂ. ୨୧୫ର ଲହୁଣୀପଡା ମୁଖ୍ୟ ବଜାରରେ ଦୂରାବସ୍ଥା କହିଲେ ନସରେ। ଯେଉଁ ରାସ୍ତାଟି ଲୋକମାନଙ୍କ ଯାତାୟତ ଓ ପରିବହନ ନିମନ୍ତେ ଥିଲା ଆଜି ସେହି ରାସ୍ତା ଲୋକମାନଙ୍କ ପାଇଁ ପାଲଟିଛି ମରଣଯନ୍ତା। ସଡକ ଦୁର୍ଘଟଣା, ଗାଡି ଜାମ୍ ଓ ଅସହ୍ୟ ଧୂଳିକୁ ସହ୍ୟ କରି ସାଧାରଣ ଲୋକେ ଏଠାରେ ଜୀବନଯାପନ କରୁଛନ୍ତି। ସ୍ଥାନୀୟ ପ୍ରଶାସନ ମଧ୍ୟ ସବୁ ଦେଖି ହାତବାନ୍ଧି ବସିଛି। କେତେବେଳେ ସଡକ ଦୁର୍ଘଟଣାରେ ଲୋକଙ୍କ ଜୀବନ ଗଲାଣି ତ କେତେବେଳେ ଅସହ୍ୟ ଧୂଳି ଯୋଗୁ ଶ୍ୱାସ, ଯକ୍ଷ୍ମା ଭଳି ମାରାତ୍ମକ ରୋଗରେ ସାଧାରଣ ଲୋକେ ପିଡିତ ହେଉଛନ୍ତି। କିଛି ବର୍ଷ ପୂର୍ବରୁ ବଣାଇରେ ପୂର୍ବତନ ଉପଜିଲାପାଳ ସୁରେନ୍ଦ୍ର କୁମାର ମୀନା ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାସ୍ତାଟିକୁ ଓସାରିଆ କରିବା ପାଇଁ ସ୍ଥିର କରି କାମ ମଧ୍ୟ ଆରମ୍ଭ କରି ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟ ବସତଃ ତାଙ୍କରି ବଦଳି ଅନ୍ୟ ସ୍ଥାନକୁ ହୋଇ ଯାଇଥିଲା ଏବଂ କାମଟି ଅଧାରେ ରହିଯାଇଥିଲା। ବରସୁଆଁ, କୋଇଡା ଅଞ୍ଚଳରୁ ଆସୁଥିବା କଞ୍ଚାମାଲ ରାଉରକେଲା ସ୍ଥିତ ଲୌହ ଇସ୍ପାତ କାରଖାନାକୁ ଯିବାର ଏକମାତ୍ର ରାସ୍ତା ହେଉଛି ଲହୁଣୀପଡା ସ୍ଥିତ ୨୧୫ ନମ୍ବର ଜାତୀୟ ରାଜପଥ ଯାହାକି ଲହୁଣୀପଡାଠାରୁ ରାଜାମୁଣ୍ଡା ଦେଇ ୧୪୩ ନମ୍ବର ଜାତୀୟ ରାଜପଥ ସହିତ ମିଶିଛି। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଭାରିଯାନ ଚଳାଚଳ ସହିତ ଯାତ୍ରୀବାହୀ ବସ ମଧ୍ୟ ଯିବା ଆସିବା କରିଥାଏ। ପ୍ରତିଦିନ ଏହି ରାସ୍ତାରେ ଶହ ଶହ ଲୋକ ନିଜ ନିଜ କାମ ପାଇଁ ଆସିଥାନ୍ତି। ଛାତ୍ରୀଛାତ୍ର ବିଦ୍ୟାଳୟ, କଲେଜ ଆଦି ସ୍ଥାନକୁ ରୋଗୀମାନେ ଡାକ୍ତରଖାନାକୁ, ବ୍ୟବସାୟୀ ଓ ଚାଷୀମାନେ ବଜାରକୁ ଓ ସାଧାରଣ ଜନତା ମଧ୍ୟ ଅନେକ କାମ ପାଇଁ ଏହି ରାସ୍ତା ଦେଇ ଯାଇଥାନ୍ତି। ଏହାଛଡା ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଏହି ରାସ୍ତା ଦେଇ ଯାଇଥାନ୍ତି। ତଥାପି ସବୁ ଦେଖି ଅଣଦେଖା ଭଳି ହାତବାନ୍ଧି ବସିବା ପ୍ରଶାସନିକ ଅଧିକାରୀ ତଥା ଦାୟୀତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ରାସ୍ତା ନିର୍ମାଣ କାର୍ଯ୍ୟକୁ ପ୍ରାଥମିକତା ଦେବା ସହିତ ଯଥାଶୀଘ୍ର କାମ ଆରମ୍ଭ କରିବା ପାଇଁ ସାଧାରଣ ଓ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି।

## ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ସୁନ୍ଦରଗଡ଼, ୨୩।୮ (ଡି.ଏନ୍.ଏ)**

ଲଙ୍କାହୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଶାରଦୀୟ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କବାଡି, ଖୋଖୋ, ଫୁଟବଲ, ହକି, ବକ୍ସିଂ ଓ ଯୋଗ ପାଇଁ ଉଭୟ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ ବାଳିକା, ବାଳକ ବର୍ଗରେ ଚୟନ ପ୍ରକ୍ରିୟା କରାଯାଇଥିଲା। କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ରୀତା ଗିରି ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୩୨୫ ପ୍ରତିଯୋଗୀ ଭାଗ ନେଇଥିଲେ। ୨୮ଜଣ କ୍ରୀଡା ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତା ଲାକ୍ରା ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଗୋପବନ୍ଧୁ ନାଏକ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ କ୍ରୀଡା ଶିକ୍ଷୟିତ୍ରୀ ସଂଯୁକ୍ତା ବହିଦାର ବାର୍ଷିକ ବିବରଣୀ ପାଠ କରିଥିଲେ। ବୀରେନ୍ଦ୍ର ପ୍ରତାପ କେଶରୀ କ୍ରୀଡା ପରିଚାଳନାର ନେତୃତ୍ୱ ନେଇଥିଲେ।




ଶାରଦୀୟ କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

## ଏମ୍‌ପିଙ୍କ ବେଦବ୍ୟାସ ଅଞ୍ଚଳ ପରିଦର୍ଶନ

**ବେଦବ୍ୟାସ, ୨୩।୮ (ଡି.ଏନ.ଏ)**

ରାଉରକେଲା ଜାତୀୟ ବୈଷୟିକ ପ୍ରତିଷ୍ଠାନର ୯ତମ ସମାବର୍ତ୍ତନ ଉତ୍ସବରେ ଅତିଥି ଭାବେ ଯୋଗଦେବାକୁ ଆସିଥିବା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଶୁକ୍ରବାର ପଶ୍ଚିମ ଓଡିଶା ପ୍ରସିଦ୍ଧ ବ୍ୟାସପୀଠ ବେଦବ୍ୟାସ ସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଏହା ସହ ଗୁରୁକୂଳ ଆଶ୍ରମ ଓ ବେଦବ୍ୟାସ ଗୋଶାଳା ପରିଦର୍ଶନ କରିଛନ୍ତି । ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଟ୍ରଷ୍ଟି ତଥା ଯୁବନେତା ପ୍ରମୋଦ କୁମାର ପ୍ରଧାନ, ଯୁବ ଶିଳ୍ପବ୍ୟୋପୀ ତଥା ଟ୍ରଷ୍ଟି ରମାକାନ୍ତ ବିଶ୍ୱାଳ ପ୍ରମୁଖଙ୍କ ସମେତ ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତା ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇଥିଲେ। ମନ୍ଦିରରୁ ଫେରିବା ବେଳେ ବେଦବ୍ୟାସ ବୈଦିକ ଗୁରୁକୁଳ ଆଶ୍ରମକୁ ଯାଇଥିଲେ। ପରେ ବେଦବ୍ୟାସ ଗୋଶାଳା ସମିତିକୁ ଯାଇ ଜନ୍ମାଷ୍ଟମୀ ଅବସରରେ ଗୋମାତା ମାନଙ୍କୁ ଖାଦ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କ୍ରାନ୍ତିକାରୀ ଲେଖକ ରମେଶ ଚନ୍ଦ୍ର ଜେନାଙ୍କ ଦ୍ୱାରା ଲିଖିତ କ୍ରାନ୍ତୀକାରୀ ସହିଦ ମାନଙ୍କ ଜୀବନୀ ଉପରେ ଆଧାରିତ ଏକ ପୁସ୍ତକ ପ୍ରଦାନ କରାଯାଇଥିଲା । ଏହି ଅବସରରେ ରାଉରକେଲା ଭାଜପା ସଭାପତି ଜଗବନ୍ଧୁ ବେହେରା, ନିହାର ରାୟ, ରାଜଗାଙ୍ଗପୁରର ନରସିଂହ ମଞ୍ଜି, ଉପେନ୍ଦ୍ର ପ୍ରଧାନ, ଯୁବନେତା ସଞ୍ଜିତ ସାହୁ, ଆସିଫ ଇକବାଲ, ଇଂ. ଦାଶରଥି କିଶାନ, ବିଷ୍ଣୁଚରଣ ସ୍ୱାଇଁ, ସମାଜସେବୀ ଆକୁଳ ଚନ୍ଦ୍ର ପ୍ରଧାନ, ଡ. ଅଭିଲାଷ ପାଢ଼ୀ, ଯୁବ ସମାଜସେବୀ ମନୋଜ ଚୌଧୁରୀ, ଡ. ଉମାକାନ୍ତ ପଣ୍ଡା, ରାମଚନ୍ଦ୍ର ସାହୁ, ପଣ୍ଡିତ ଧନେଶ୍ୱର ବେହେରା ଉପସ୍ଥିତ ରହି ଥିଲେ।

## ବୀଣାପାଣି ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

**ବେଦବ୍ୟାସ, ୨୩।୮ (ଡି.ଏନ.ଏ)**

ଦୟାନନ୍ଦ ନଗର, ଦଣ୍ଡିଆପାଲି ସ୍ଥିତ ବୀଣାପାଣି ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଥିଲା । ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ପରେ ପିଲାମାନଙ୍କ ଭିତରେ ନାଚ, ଗୀତ, ବେଶ ପ୍ରତିଯୋଗିତା ହୋଇଥିଲା। ସମୀକ୍ଷକ ଭାବରେ ବର୍ଷାରାଣୀ ଦାଶ, ସଭାପତି ଝୁନୁରାଣୀ ମହାପାତ୍ର, ସମ୍ପାଦକ ସୁଦର୍ଶନ ମହାପାତ୍ର ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ନାଚ, ଗୀତ, ବିଭିନ୍ନ ବେଶରେ ପିଲାମାନଙ୍କୁ ସହଯୋଗ କରିଥିଲେ ଗୁରୁମା ଅନିତା, ବିମଳା, ପ୍ରାଚୀ, ରୀତା, ବିନୁ ମୁଣ୍ଡାରୀ, ପାର୍ବତୀ ମୁଣ୍ଡାରୀ ପ୍ରମୁଖ। ଗୁରୁମା ନିରୁପମା ମହାପାତ୍ର ସଭା ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ।

## ଗିରିଙ୍ଗକେଲାରେ ଆଇନ ସଚେତନତା ଶିବିର



ଆଇନ୍ ସଚେତନତା ଶିବିରରେ ଉପସ୍ଥିତ ଅତିଥି।

**ସୁନ୍ଦରଗଡ, ୨୩।୮ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଗିରିଙ୍ଗକେଲା କଲ୍ୟାଣମଣ୍ଡପ ଠାରେ ଏକ ଆଇନ୍ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନ୍ ସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଧରଣୀଧର ପ୍ରଧାନ, ଆଡଭୋକେଟ ଅଞ୍ଜନା ସାହୁ, ଅଶୋକ କୁମାର ପୃଷେଠ, ଲେଫ୍ରିପଡା ବ୍ଲକ ଉପାଧ୍ୟକ୍ଷ ଅମୀର କୁମାର ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସାମାଜିକ ଜନମଙ୍ଗଳ ଯୋଜନା ଓ ଏହାର କିଭଳି ସଫଳ ରୂପାୟନ ହୋଇ ଜନସାଧାରଣଙ୍କ ସେବାରେ ଲାଗିପାରିବ ସେ ଦିଗରେ ସରକାରୀ ଅଧିକାରୀ, ଜନପ୍ରତିନିଧି, ଜନସାଧାରଣଙ୍କର ଦାୟିତ୍ୱ ସମ୍ପର୍କରେ ସଚିବ ରାଉଳ ବୁଝାଇଥିଲେ। ସେହିପରି ବିଭିନ୍ନ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ସହକାରୀ ଜିଲା ପରିବହନ ଅଧିକାରୀ ବିକାଶ ଚନ୍ଦ୍ର ମିଶ୍ର ଲୋକମାନଙ୍କୁ ବୁଝାଇବା ସହ ଦୁର୍ଘଟଣାରେ ମୃତାହତ ଲୋକ କିଭଳି ଆର୍ଥିକ ସାହାର୍ଯ୍ୟ ପାଇବେ ସେ ଦିଗରେ ଆଇନଜୀବୀ ପୃଷେଠ ବୁଝାଇଥିଲେ। ଆଇନ୍ ସେବା ପ୍ରାଧିକରଣର ରିଟେନର କିରଣ ପ୍ରଭା ସିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ଅଭିରାମ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ରାଧାକୃଷ୍ଣ ବେଶ ପ୍ରତିଯୋଗିତା ମନମୋହିଲା

**କୁଆଁରମୁଣ୍ଡା,୨୩।୮(ଡି.ଏନ.ଏ.)**

ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଉତ୍ସବ ପାଳନ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ଶ୍ରେଣୀ ପ୍ରାରମ୍ଭରୁ ଆରମ୍ଭ କରି ୪ର୍ଥ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶେଷକରି କୁନି ଛାତ୍ରୀଛାତ୍ର ଶ୍ରୀକୃଷ୍ଣଙ୍କ ଲବଣୀଖିଆ,ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ବେଶରେ ପ୍ରତିଯୋଗିତା କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୪୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳନର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶୈଳେଶ ତିୱାରୀ(ରାଜୁ ଭାଇ),ସମ୍ପାଦକ ଗୌରାଙ୍ଗ ଚରଣ ସାହୁ, କୋଷାଧ୍ୟକ୍ଷ ଘନଶ୍ୟାମ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ପ୍ରଶାନ୍ତ ମହାନ୍ତି ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଜନ୍ମେଜୟ ସୁଆରଙ୍କ ତତ୍ତ୍ୱାବଧାନରେ ଅନ୍ୟ ଗୁରୁମା,ଗୁରୁଜୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ। ଅନୁରୂପ ଭାବେ ସରସ୍ୱତୀ ସଂସ୍କାର କେନ୍ଦ୍ର, ଡୁମେରଯୋରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି ।ଏହି ଉତ୍ସବରେ ଡୁମେରଯୋର ଗ୍ରାମର ସାମାଜିକ କର୍ମୀ ଚାମରା କୁଜୁର ଓ ମନୋଜ ବାର୍ଲା ଅତିଥିଭାବେ ଯୋଗ ଦେଇ ରାଧାକୃଷ୍ଣ ବେଶ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ରିଧିଶ୍ରୀ ସାହୁ ପ୍ରଥମ ହୋଇଥିବା ବେଳେ ଅର୍ଚ୍ଚିତା କୁଜୁର ଓ ଶ୍ରେୟା କୁଜୁର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂସ୍କାର କେନ୍ଦ୍ରର ଗୁରୁମା ମମତା ରାଣୀ ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁମା ଶ୍ରାବଣୀ ରଜକ,ପ୍ରତିମା କେର୍କେଟା,ଗୁରୁଜୀ ମୁସ୍କୁ ନନ୍ଦ, ପ୍ରବୋଧ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଛନ୍ତି।



କୁଆଁରମୁଣ୍ଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ।



 କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍

## ସଂକ୍ଷେପରେ

### ଝାରସୁଗୁଡ଼ା ଥାନାରୁ ଅଭିଯୁକ୍ତ ଚମ୍ପଟ

**ଝାରସୁଗୁଡ଼ା ଅଫିସ/ ଲଖନପୁର, ୨୩।୮ (ଡି.ଏନ୍.ଏ.)** ଚୋରି ଅଭିଯୋଗରେ ଝାରସୁଗୁଡ଼ା ଥାନାରେ ଅଟକ ଥିବା ଜଣେ ଅଭିଯୁକ୍ତ ଗୁରୁବାର ବିଳମ୍ବିତ ରାତିରେ ପୋଲିସକୁ ଚକମା ଦେଇ ଥାନାରୁ ଚମ୍ପଟ ମାରିଛନ୍ତି। ସେ ହେଲେ ସୁନ୍ଦରଗଡ଼ ଜିଲା ପତରାପାଲି ଗ୍ରାମର ସାଗିର ଶେଖ। ସାଗିର ଗୁରୁବାର ରାତିରେ ଝାରସୁଗୁଡ଼ା ମଙ୍ଗଳବଜାର ହଟିଲପଡ଼ାର ଜଣେ ବ୍ୟକ୍ତିଙ୍କ ଘରେ ଚୋରି କରିବା ଉଦ୍ଦେଶ୍ୟରେ ପଶିଥିଲେ। ସେ ଘରର ଆସବାବପତ୍ର ଏଣେତେଣେ ଖୋଜୁଥିବାବେଳେ ପରିବାର ଲୋକେ ଉଠିପଡ଼ି ତାଙ୍କୁ କାବୁ କରିନେଇଥିଲେ। ପରେ ପଡ଼ାବାସୀ ଏକଜୁଟ ହୋଇ ସାଗିରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଗିରଙ୍କୁ ଥାନାକୁ ଆଣିଥିଲା। ହେଲେ କିଛି ସମୟ ପରେ ସାଗିର କୌଶଳ କ୍ରମେ ଥାନାରୁ ଫେରାର ହୋଇଯାଇଛନ୍ତି। ଏନେଇ ଆଇଆଇସି ସାବିତ୍ରୀ ବଳ କହିଛନ୍ତି, ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ଡାକ୍ତରୀ ପରୀକ୍ଷା ପାଇଁ ତାଙ୍କୁ ଡାକ୍ତରଖାନା ନିଆଯାଉଥିବାବେଳେ ସେ ଥାନା ସମ୍ମୁଖରୁ ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିବା ବଳ କହିଛନ୍ତି।

### ବାଇକ୍-ସାଇକେଲ ଧକ୍କା, ବାଇକ୍ ଚାଳକ ମୃତ

**ଲଖନପୁର, ୨୩।୮ (ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ବନହରପାଲି ଥାନା ସିଂହେଇପାଲି ଗ୍ରାମ ନିକଟରେ ଗୁରୁବାର ରାତିରେ ଏକ ବାଇକ୍ ଓ ସାଇକେଲ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ବରଙ୍ଗାମାଲ ଗ୍ରାମର ସନ୍ତୋଷ ଭୋଇ (୪୨) ଓ ସାଇକେଲ ଆରୋହୀ ପୁଡ଼ିପାଲି ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ (୬୦) ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ବେଲପାହାଡ଼ ଟାଟା କ୍ରୋସାକି ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଚନ୍ଦ୍ର ଏବେ ବିପଦମୁକ୍ତ ଥିବା ମେଡିକାଲ ପକ୍ଷରୁ କୁହାଯାଇଛି। କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ସରୋଜ ଦାନୀ ସନ୍ତୋଷଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୦୫/୧୯) ରୁଜୁକରି ତଦନ୍ତ ଚଳାଇଛି। ଦୁର୍ଘଟଣାଗ୍ରସ୍ତ ଓଡି୧୫-କେ୮୬୪୭ନଂ ବାଇକ୍ ଓ ସାଇକେଲକୁ ପୋଲିସ ଜବତ କରିଛି।

### ରାଜପଥ ଲୁଟେରାଙ୍କ ଦୌରାତ୍ମ୍ୟ

**ବରଗଡ଼ ଅଫିସ୍, ୨୩।୮:** ଗୁରୁବାର ବିଳମ୍ବିତ ରାତ୍ରିରେ ସହର ଉପକଣ୍ଠ ବରାହଗୋଡ଼ା ନିକଟରେ କେତେକ ଟ୍ରକ ଉପରକୁ ଢ଼େଲା, ପଥର ମାଡ଼ କରି ଲୁଟ୍‌ପାଟ୍ ହୋଇଥିବା ସୂଚନା ମିଳିଛି। ସହର ଉପକଣ୍ଠ ରାସ୍ତାରେ ଦିନକୁ ଦିନ ଏଭଳି ଅପରାଧ ବୃଦ୍ଧି ପୋଲିସର ଅପାରଗତାକୁ ପଦାରେ ପକାଇ ଦେଇଛି।

# ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବା ଏକ ଷଡ଼ଯନ୍ତ୍ର

**ସମ୍ବଲପୁର, ୨୩।୮ (ବ୍ୟୁରୋ)**

- ଜିଏମ୍‌ୟୁ ଫାଟକରେ ଏବିଭିପିର ବିକ୍ଷୋଭ
- ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବିରୋଧରେ ନାରାବାଜି
- ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି

ଚଳିତ ବର୍ଷ କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ମଧ ହେବ ନାହିଁ ବୋଲି ରାଜ୍ୟ ସରକାର ସ୍ଥିର କରିଛନ୍ତି। ହେଲେ ଏହାକୁ ବିରୋଧ ଓ ପ୍ରତିବାଦ କରି ଶୁକ୍ରବାର ରାଜ୍ୟ ସରକାର ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବିରୋଧରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ୟୁନିଟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଏମୟୁ ଫାଟକ ସମ୍ମୁଖରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ବିରୋଧରେ ପରିଷଦ ନାରାବାଜି କରିଥିଲା। ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବା ଏକ ଷଡଯନ୍ତ୍ର। ଏହା ଦ୍ୱାରା କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଅଧିକାରକୁ ରାଜ୍ୟ ସରକାର ଜାଣିଶୁଣି ଚପାଇ ଦେଉଛନ୍ତି। ରାଜ୍ୟ ଓ ଦେଶରେ ବରିଷ୍ଠ ରାଜନେତା ହେବାକୁ ହେଲେ କଲେଜ ସ୍ତରରୁ ନିର୍ବାଚନର ସମ୍ମୁଖୀନ ହେବାକୁ ପଡିଥାଏ। ପରବର୍ତ୍ତୀ ସମୟରେ ଛାତ୍ରନେତାମାନେ ରାଜନେତା ଭାବେ ପ୍ରତିଷ୍ଠା ଲାଭ କରିଥାନ୍ତି ବୋଲି ଆନ୍ଦୋଳନକାରୀ ଯୁକ୍ତି ବାଢିଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ସେମାନେ ଗର୍ଜି ଥିଲେ। ଛନ୍ଦାଚରଣ ଦଳପଦ, ରାଜନ ବିଶ୍ୱାଳ, ସୌମ୍ୟରଞ୍ଜନ ବଡପଣ୍ଡା, ଜିତୁରାଜ ଚାନ୍ଦ, ନିଖିଳ ଅଗ୍ରୱାଲ, ରାଜଗୋପାଳ ଚୌଧୁରୀ, ଚନ୍ଦନ ମୁଦୁଲି, ଶ୍ୱେତାଂଶୁ ଶେଖର ବରେଇ, ଜଗମୋହନ ନାୟକ, ଅମୂଲ୍ୟ ତାଣ୍ଡିଆ, ରୁଦ୍ରେଶ ନାଥ, ପୁଷ୍ପକାନ୍ତ ସାହୁ, ସୁଗମ ମିଶ୍ର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।



ଶୁକ୍ରବାର ଜିଏମୟୁ ଫାଟକ ସମ୍ମୁଖରେ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଟାଟା ମ୍ୟାଜିକ୍ ଧକ୍କାରେ ଛାତ୍ର ମୃତ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୩।୮ (ଡି.ଏନ୍.ଏ.)**

୪୯ନଂ ଜତୀୟ ରାଜପଥର ଝାରସୁଗୁଡ଼ା ବିଟିଏମ୍ ଛକରେ ଶୁକ୍ରବାର ମଧାହ୍ନରେ ଏକ ସ୍କୁଟିକୁ ଟାଟା ମ୍ୟାଜିକ୍ ପଛରୁ ଧକ୍କା ଦେଇଥିଲା। ଏଥିରେ ସ୍କୁଟି ଚୂରମାର ହୋଇଯାଇଥିବାବେଳେ ସ୍କୁଟିରେ ଥିବା ୨ଜଣ ଛାତ୍ର ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ନିଆଯାଉଥିବାବେଳେ ରାସ୍ତାରେ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ବଡ଼ ମେଡିକାଲ୍ ସ୍ଥାନନ୍ତର କରାଯାଇଛି। ମୃତ ଛାତ୍ର ହେଲେ ବିଟିଏମ୍ ହାଉସିଂ ବୋର୍ଡ କଲୋନୀର ଦୀପକ ସିଂହ (୧୭)। ଆହତ ଛାତ୍ର ହେଲେ ଏକତାଳି ଗ୍ରାମର ବିଟୁ ଯାଦବ (୧୭)। ବିଟିଏମ୍ ଫାଣ୍ଡି ପୋଲିସ ଦୀପକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଘଟାଇଥିବା ଓଡି୨୩-୫୨୮୫ନଂ ଟାଟା ମ୍ୟାଜିକ୍ ଓ ଓଡି୨୩-ଜି୯୭୫୬ନଂ ସ୍କୁଟିକୁ ପୋଲିସ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୫୨୯/୧୯) ରୁଜୁକରି ତଦନ୍ତ ଚଳାଇଛି। ଦୀପକ ଓ ବିଟୁ ବ୍ଲାକ୍ ଡାଇମଣ୍ଡ ସ୍କୁଲରେ ଯୁକ୍ତ୨ ପଢୁଥିଲେ। ଉଭୟ ସ୍କୁଟିରେ ଘରୁ ବାହାରି କୌଣସି କାମରେ ବିଟିଏମ୍ ଛକକୁ ଯାଉଥିବା ସମୟରେ ଆର୍‌ଟିଓ ଅଫିସ୍ ପଟୁ ଝାରସୁଗୁଡ଼ା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଟାଟା ମ୍ୟାଜିକ୍ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ଟାଟା ମ୍ୟାଜିକ୍‌ଚାଳକ ଫେରାର ହୋଇଯାଇଛନ୍ତି।




ଯୁବକମାନେ ଏଟିଏମ୍ ପରିସର ସଫେଇ କରୁଛନ୍ତି।

# ଏଟିଏମ୍ ପରିସର ସଫେଇ

**କୋଲାବିରା, ୨୩।୮ (ଡି.ଏନ୍.ଏ.)**

କୋଲାବିରାର କେତେଜଣ ସ୍ୱେଚ୍ଛାସେବୀ ଯୁବକ ସ୍ଥାନୀୟ ଏଟିଏମ୍ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଛନ୍ତି। ଦୀର୍ଘଦିନରୁ ଅପରିଷ୍କାର ଭାବରେ ପଡ଼ିରହିଥିବା ଏହି ଏଟିଏମ୍‌କୁ ଦାସ ମେଡିକାଲ ଷ୍ଟୋର ମାଲିକ ରାକେଶ ଦାସଙ୍କ ନେତୃତ୍ୱରେ ରୋହିତ ଚୌଧୁରୀ, କ୍ରୀଷ୍ଣା ବିଜାର, କୁନାଲ ମହାପାତ୍ର, ଅମିତ ବିଜାର, ଦୀପକ ଖରସେଲ, ଉତ୍ତମ ସିଂ ପ୍ରମୁଖ ସଫେଇ କରିଥିଲେ।

## ଫଟୋରେ ଖବର



ଝାରସୁଗୁଡ଼ା ଡିଏଭି ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ଅବସରରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।

# କୋଲାବିରା ଅଞ୍ଚଳରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

**କୋଲାବିରା, ୨୩।୮ (ଡି.ଏନ୍.ଏ.)**

କୋଲାବିରା ଅଞ୍ଚଳରେ ଶୁକ୍ରବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଛି। ଶ୍ରଦ୍ଧାଳୁମାନେ ଦିନତମାମ ଉପବାସ ରହି ରାତିର ଚତୁର୍ଥ ପ୍ରହର ଭଗବାନଙ୍କ ଜନ୍ମ ସମାରୋହ ପରେ ପ୍ରସାଦ ସେବନ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା। ଏଠାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରବଚନ, ଭଜନ, ସଙ୍ଗୀତ, ଭାଗବତ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗଦେଇଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭ୍ୟ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟତଃ ଖୀର, ସର ଓ ଦହିରୁ ପ୍ରସ୍ତୁତ ପ୍ରସାଦ ପ୍ରଭୁଙ୍କ ପାଖରେ ଅର୍ପଣ କରାଯାଇଥିଲା।

# ଡାଏଲିସିସ୍ ସେବାର ଶୁଭାରମ୍ଭ କଲେ ମନ୍ତ୍ରୀ

**ବରଗଡ଼ ଅଫିସ୍, ୨୩।୮**

ବରଗଡ଼ ସହର ଉପଖଣ୍ଡ ଖେଦାପାଲି ନିକଟରେ ନବନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାରରୁ ନିଃଶୁଳ୍କ ଡାଏଲାସିସ୍ ସେବାର ଶୁଭାରମ୍ଭ ହୋଇଛି । ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶୁଭାରମ୍ଭ ଅବସରରେ କିଛି ରୋଗୀଙ୍କ ଡାଏଲାସିସ୍ କରାଯାଇଥିଲା। ଜିଲାରେ ଡାଏଲାସିସ୍ ବ୍ୟବସ୍ଥା ନ ଥିବାରୁ ରୋଗୀମାନେ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉଥିଲେ ।



ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଡାଏଲିସିସ୍ ସେବାର ଶୁଭାରମ୍ଭ କରୁଛନ୍ତି ।

# ବେଦାନ୍ତ ପକ୍ଷରୁ ଗେଣ୍ଡୁ ଫୁଲ ଚାଷ ତାଲିମ ଶିବିର

**ସମ୍ବଲପୁର, ୨୩।୮ (ବ୍ୟୁରୋ)**

ଝାରସୁଗୁଡା ସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ଶୁଭଲକ୍ଷ୍ମୀ ବହୁମୁଖୀ ମହିଳା ସମବାୟ ସମିତି ଦ୍ୱାରା ବ୍ୟବସାୟିକ ଭିତ୍ତିକ ଗେଣ୍ଡୁ ଫୁଲ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋଲାବିରା ଓ କିର୍ମିରା ବ୍ଲକର ୨୬ଟି ଗୋଷ୍ଠୀର ୮୭ ଜଣ ସଭ୍ୟ ଯୋଗ ଦେଇଥିଲେ । ବରିହାପଡା, କୁମୁଟାପାଲି ଓ ସିଆଲରାମା ଗ୍ରାମରେ ୩ଦିନ ତାଲିମ ଦିଆଯିବ । କୃଷି ବିଜ୍ଞାନ କେନ୍ଦ୍ରର ପ୍ରୋଗ୍ରାମ କୋ-ଅର୍ଡିନେଟର୍ ଡ. ଜ୍ୟୋତିର୍ମୟୀ ଉଦ୍‌ଗାତା ଓ ସମ୍ବଲପୁର ଜିଲାର ଫୁଲ ଚାଷୀ ସନ୍ତୋଷ ଧରୁଆ ଯୋଗଦେଇ ବ୍ୟବସାୟିକ, ଆଧୁନିକ ପ୍ରଣାଳୀରେ ଗେଣ୍ଡୁଫୁଲ ଚାଷ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଶୁଭଲକ୍ଷ୍ମୀ ସମବାୟ ସମିତିର ଅଧ୍ୟକ୍ଷ ପୁଷ୍ପାଞ୍ଜଳି ସେଠ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ୩୭୦୦ରୁ ଊର୍ଦ୍ଧ୍ୱ ସଭ୍ୟାସଭ୍ୟମାନଙ୍କ ନିମନ୍ତେ ଜରୁରି ଥିବା ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଲାଗି ସର୍ବେକ୍ଷଣ କରାଯାଇଛି । ଏଥିରେ ୮୬୦ ଜଣ ସଭ୍ୟାଙ୍କ ପାଇଁ ୩୧ଟି ତାଲିମ ଶିବିର ଯୋଜନା କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚୀତ କରାଯାଇଛି ।

# ଲଇକେରାରେ ଜନ୍ମାଷ୍ଟମୀ ପାଳିତ

**ଲଇକେରା, ୨୩।୮ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଶିଶୁମାନେ ରାଧା-କୃଷ୍ଣ ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ଆୟୁର୍ବେଦ ଚିକିତ୍ସା ଅଧିକାରୀ ଗୌତମ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ କେଦାର ମହାନନ୍ଦଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ। ସେହିପରି ଲଇକେରା ଗ୍ରାମର ଜଗନ୍ନାଥ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଗ୍ରାମର ଶତାଧିକ ଯୁବତୀ, ଯୁବକ, ମହିଳା ଓ ପୁରୁଷ ସକାଳୁ ଉପବାସ ରଖିଥିଲେ। ଏହି ଅବସରରେ ଶ୍ରୀକୃଷ୍ଣ ଜନ୍ମ ବୃତାନ୍ତ ପାଠ କରିଥିଲେ ପୂଜକ ବନମାଳୀ ମିଶ୍ର। ହରିବୋଲ ହୁଳହୁଳି ଧ୍ୱନିରେ ରେ ପ୍ରକମ୍ପିତ ହୋଇଥିଲା ପରିବେଶ। ଉଗ୍ରେସନ ଭାବେ ନିଖୁଣ ଅଭିନୟ କରିଥିଲେ ଗ୍ରାମର ସୁଶାନ୍ତ ସାହୁ। ପରେ ଭଗବାନଙ୍କ ବିଶ୍ୱରୂପ ଦର୍ଶନ କରି ବାଳକୃଷ୍ଣଙ୍କୁ ଦଧି ଖୁଆଇ ଦୋଳିରେ ଖଳାଇଥିଲେ।



ଶିଶୁମନ୍ଦିରରେ ଆୟୋଜିତ ଜନ୍ମାଷ୍ଟମୀ ଉତ୍ସବ କାର୍ଯ୍ୟକ୍ରମରେ ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।



ଝାରସୁଗୁଡ଼ା ପଞ୍ଚପଡ଼ା ଶୁଶୁ ବିକାଶ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ।



ଚାରପାଲି ବରପାଲି ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ।

# ବିଭିନ୍ନ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୩।୮ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଜନ୍ମାଷ୍ଟମୀ ପାଳନ କରାଯାଇଛି। ଏଥିପାଇଁ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଜିଲାର ଝାରସୁଗୁଡ଼ା, ବ୍ରଜରାଜନଗର, ବେଲପାହାଡ଼, ବନ୍ଧବାହାଲ, ଲଖନପୁର, ସମରବଗା, କନକତୋରା, ଅତାବିରା, ପଞ୍ଚଗାଁ, ଚାରପାଲି ବରପାଲି ଆଦି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଗୋପୀଙ୍କ ମେଳରେ କୃଷ୍ଣଙ୍କ ଦଧିଭାଣ୍ଡ ଭଞ୍ଜନ ମୁଖ୍ୟ ଆକର୍ଷଣ ହୋଇଥିଲା। ଝାରସୁଗୁଡ଼ା ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟାମନ୍ଦିର ପକ୍ଷରୁ ବେହେରାମାଲ ରାଧାମାଧବ ମନ୍ଦିର ପରିସରରେ ଜନ୍ମାଷ୍ଟମୀ ପାଳନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ କାଉନସିଲର ପ୍ରତାପ ନନ୍ଦ, ସମ୍ମାନିତ ଅତିଥି ଭାବେ ହାଇସ୍କୁଲ ପ୍ରଧାନ ଶିକ୍ଷକ ଲଳିତ ହୋତା, ବିଶ୍ୱନାଥ ଦେହୁରୀ, ଖବରଦାତା ପ୍ରଶାନ୍ତ ମିଶ୍ର, ମଞ୍ଜୁଲତା ପଟେଲ, ଓମ୍ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ସମ୍ପାଦକ ଦିଗମ୍ବର ମାଝି ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁମାନଙ୍କୁ ନେଇ କୌତୁକ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ବର୍ଗରେ ଅଙ୍କିତା ନାହାକ ପ୍ରଥମ, ସାଇକ୍ରିଷ୍ଣା ମାଝି ଦ୍ୱିତୀୟ ଓ ସ୍ନେହା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ପ୍ରୟଙ୍କା ମହାରଣା, ପ୍ରିୟା ମଲ୍ଲିକ ଓ ସୃଷ୍ଟି ସିଂହ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମାଆମାନଙ୍କୁ ନେଇ ହୁଳହୁଳି, ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ଚାରପାଲି ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ତିଲିଆ ଗ୍ରାମ ଜଗନ୍ନାଥ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ ସେମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ଦାସ, ସମ୍ମାନିତ ଅତିଥି ଭାବେ ବିକ୍ରମ ଖମାରୀ, ସ୍କୁଲ ପରିଚାଳନା କମିଟି ସଭାପତି ଅମରେଶ କୁମାର ନାୟକ, ଉପସଭାପତି ବିକାଶ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଗୁରୁମା ରୀନା ପାଣ୍ଡେ, କବିତା ଭୋଇ ଓ ମାଣିକ ସେଠ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।